# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୨୮/୨୦୨୩ (୧୮ ପୃଷ୍ଠା) | Bhubaneswar, Friday, July 28/2023 | Page 18 | ₹ 7.00

୪୯ଶ ଭାଗ ୨୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 243 | ମୂଲ୍ୟ ₹୭/-





**ନୋମାନଙ୍କୁ ୭ ଉଇକେଟ ସଫଳତା**
ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ନୋମାନ ଅଲି ୭ ଉଇକେଟ ସଫଳତା ହାସଲ କରିଛନ୍ତି। ୧୬

୧୨ **କ୍ୟାଟ୍ରିନାଙ୍କ ସହ ତୁଳନା ମୋ କ୍ୟାରିୟର ନଷ୍ଟ କଲା**
ଅଭିନେତ୍ରୀ କ୍ୟାଟ୍ରିନା କୈଫ୍‌ଙ୍କ ସହ ତୁଳନା ହେବାରୁ ମୋ କ୍ୟାରିୟର ନଷ୍ଟ ହୋଇଗଲା ବୋଲି ନିକଟରେ ଏକ ସାକ୍ଷାତ୍‌କାରରେ ଅଭିନେତ୍ରୀ ଜରିନ ଖାନ୍ କହିଛନ୍ତି।






ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଦୁଧିଆଣି ରେଞ୍ଜ ଅଞ୍ଚଳରେ ଜଣେ ଯୁବକ ମଶାଲ ନିଆଁରେ ହାତୀକୁ ପିଟୁଛନ୍ତି।

# ଦେଶରେ କ'ଣ କେହି ଯୋଗ୍ୟ ନାହାନ୍ତି

## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

### ଇଡି ନିର୍ଦ୍ଦେଶକ ସଞ୍ଜୟ ମିଶ୍ରାଙ୍କ କାର୍ଯ୍ୟକାଳ ସେପ୍ଟେମ୍ବର ୧୫ ଯାଏ ବୃଦ୍ଧି

**ନୂଆଦିଲ୍ଲୀ, ୨୭।୭(ପି.ଟି.)**

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମୁଖ୍ୟ ସଞ୍ଜୟ କୁମାର ମିଶ୍ରାଙ୍କ କାର୍ଯ୍ୟକାଳ ତୃତୀୟ ଥର ବୃଦ୍ଧି ନିମନ୍ତେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା କେନ୍ଦ୍ର ସରକାରଙ୍କୁ ଗୁରୁବାର ଜଷ୍ଟିସ୍ ବି.ଆର୍. ଗଭାଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଭର୍ତ୍ସନା କରିଛନ୍ତି। ସଞ୍ଜୟଙ୍କୁ ଛାଡ଼ିଦେଲେ ଦେଶ ତଥା ଇଡିରେ ଥିବା ସମସ୍ତ ଅଧିକାରୀ ଅଯୋଗ୍ୟ କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଏଥିସହ ତାଙ୍କ କାର୍ଯ୍ୟକାଳ ଅକ୍ଟୋବର ୧୫ ପରିବର୍ତ୍ତେ ସେପ୍ଟେମ୍ବର ୧୫ ମଧ୍ୟରାତ୍ରି ପର୍ଯ୍ୟନ୍ତ ବୃଦ୍ଧି ପାଇଁ ଦୟା କଲା ଭଳି ଅନୁମତି ଦେଇଛନ୍ତି। ଏହି ଅବଧି ବୃଦ୍ଧି ପରେ ଆଗକୁ ତାଙ୍କୁ ଅଧିକ ଦିନ ଚାକିରିରେ ରଖାଯାଇପାରିବ ନାହିଁ ଏବଂ ଏଥିପାଇଁ କୌଣସି ଆବେଦନକୁ ଗ୍ରହଣ କରାଯିବ ନାହିଁ ବୋଲି ଶୀର୍ଷ ଅଦାଲତ ସ୍ପଷ୍ଟ କରିଛନ୍ତି।

ଇଡି ନିର୍ଦ୍ଦେଶକ ସଞ୍ଜୟ ମିଶ୍ରାଙ୍କ କାର୍ଯ୍ୟକାଳ ତୃତୀୟ ଥର ବୃଦ୍ଧିକୁ ବେଆଇନ ଦର୍ଶାଇ ଜୁଲାଇ ୩୧ରେ ପଦ ଛାଡ଼ିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ଅବଧି ପୂରିବାକୁ ଆଉ ୫ ଦିନ ବାକି ଥିବାବେଳେ ସଞ୍ଜୟଙ୍କୁ ଇଡି ନିର୍ଦ୍ଦେଶକ ପଦରେ ଆସନ୍ତା ଅକ୍ଟୋବର ୧୫ ପର୍ଯ୍ୟନ୍ତ ରହିବାକୁ ଅନୁମତି ଦେବା ପାଇଁ ବୁଧବାର କେନ୍ଦ୍ର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲା। ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) ଚଳିତ ବର୍ଷର ସମୀକ୍ଷା କରୁଥିବାରୁ ଏହି ସମୟରେ ସଞ୍ଜୟଙ୍କ ଅନୁପସ୍ଥିତି ଜାତୀୟ ସ୍ୱାର୍ଥକୁ ଗଭୀର ପ୍ରଭାବିତ କରିବ ବୋଲି କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଯୁକ୍ତି ବାଢ଼ିଥିଲେ। ଜଷ୍ଟିସ୍ ବିକ୍ରମ ନାଥ ଏବଂ ସଞ୍ଜୟ ☞ **ପୃଷ୍ଠା-୨**



ସଞ୍ଜୟ କୁମାର ମିଶ୍ରା

### ସଞ୍ଜୟ ମିଶ୍ରା କିଏ

ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଏକ ମଧ୍ୟବିତ୍ତ ପରିବାରରେ ଜନ୍ମିତ ସଞ୍ଜୟ କୁମାର ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟରେ ବାୟୋକେମେଷ୍ଟ୍ରିରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ୧୯୮୪ରେ ସେ ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍)ରେ ଯୋଗଦେବା ପରେ ଗୋରଖପୁର ଆୟକର (ଆଇଟି) ବିଭାଗରେ ଆସିଷ୍ଟାଣ୍ଟ ଡାଇରେକ୍ଟର ଭାବେ ନିଯୁକ୍ତି ପାଇଥିଲେ। ପରେ ତାଙ୍କୁ ଦିଲ୍ଲୀ ଆଇଟି ବିଭାଗ ମୁଖ୍ୟ ଭାବେ ଅବସ୍ଥାପିତ କରାଯାଇଥିଲା। ସେହି ସମୟରେ ସଞ୍ଜୟ ଅନେକ ହାଇପ୍ରୋଫାଇଲ ମାମଲାର ତଦନ୍ତ କରି ଚର୍ଚ୍ଚାକୁ ଆସିଥିଲେ। ୨୦୧୮ ଅକ୍ଟୋବରରେ କେନ୍ଦ୍ର ସରକାର ସଞ୍ଜୟଙ୍କୁ ଜଣେ ଅର୍ଥନୀତି ବିଶେଷଜ୍ଞ ଭାବେ ଅଭିହିତ କରି ୩ ମାସ ପାଇଁ ଇଡିର ଅନ୍ତରୀଣ ନିର୍ଦ୍ଦେଶକ ରୂପେ ନିଯୁକ୍ତି ଦେଇଥିଲେ।

# ଫେବୃୟାରୀ ୨୦ରୁ ମାଟ୍ରିକ ପରୀକ୍ଷା

**କଟକ, ୨୭।୭(ସୁପ୍ରିୟା ପ୍ରିୟଦର୍ଶିନୀ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ତାରିଖ ଗୁରୁବାର ଘୋଷଣା କରାଯାଇଛି। ୨୦୨୪ ଫେବୃୟାରୀ ୨୦ରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୪ ପର୍ଯ୍ୟନ୍ତ ଚାଲିବ। ମାଟ୍ରିକ ସହ ମଧ୍ୟମା, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ମଧ୍ୟ ହେବ। ସେହିପରି ମାର୍ଚ୍ଚ ୧୨ରୁ ମାଟ୍ରିକ ଖାତା ଦେଖା ଆରମ୍ଭ ହେବ ବୋଲି ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ମାଟ୍ରିକ ପରୀକ୍ଷା ପୁରୁଣା ପଦ୍ଧତିରେ ହେବ ବୋଲି କୁହାଯାଇଛି। ପରୀକ୍ଷାକୁ ବ୍ୟବସ୍ଥିତ ଏବଂ ତ୍ରୁଟିଶୂନ୍ୟ କରିବାକୁ ୭ମାସ ପୂର୍ବରୁ ପରୀକ୍ଷା ତାରିଖ ଘୋଷଣା କରାଯାଇଛି ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ବୋର୍ଡ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ହାଇସ୍କୁଲ, ମଧ୍ୟମା, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଫେବୃୟାରୀ ୨୦ରୁ ☞ **ପୃଷ୍ଠା-୨**

# ସିବିଆଇକୁ ତଦନ୍ତ ଭାର

**ମଣିପୁର ମହିଳାଙ୍କୁ ଉଲଗ୍ନ ପରେଡ୍**

**ନୂଆଦିଲ୍ଲୀ, ୨୭।୭**

ଦେଶ ତଥା ବିଶ୍ୱକୁ ସ୍ତବ୍ଧ କରିଦେଇଥିବା ମଣିପୁର ଉଲଗ୍ନ ପରେଡ୍ ଘଟଣାର ତଦନ୍ତ ଭାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଦିଆଯାଇଛି। କେବଳ ଏହି ମାମଲା ନୁହେଁ, ଜାତିଆଣ ହିଂସା ଓ ଯୌନହିଂସା ପ୍ରଭାବିତ ଦକ୍ଷିଣ ପୂର୍ବାଞ୍ଚଳ ରାଜ୍ୟରେ ଘଟିଥିବା ସବୁବର୍ବର ଅପରାଧର ଅଭିଯୁକ୍ତମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗୁରୁବାର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ମଣିପୁରରେ ମେଇତି ସମ୍ପ୍ରଦାୟର ଲୋକେ ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ମାନ୍ୟତା ଦାବି କରିବା ପରେ ମେ' ୩ରୁ ଏହି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟରେ କୁକି ସମ୍ପ୍ରଦାୟ ଉପରେ ☞ **ପୃଷ୍ଠା-୨**

**ଆଜିର ସମ୍ପାଦକୀୟ** | ଆମେରିକା ଗଣତନ୍ତ୍ର ପ୍ରତି ବିପଦ







**'ଇଣ୍ଡିଆ'ର ପରବର୍ତ୍ତୀ ବୈଠକ ମୁମ୍ବାଇରେ**

୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାଜିତ କରିବା ପାଇଁ ୨୬ ବିରୋଧୀ ଦଳର ମେଣ୍ଟ ଇଣ୍ଡିଆର ପରବର୍ତ୍ତୀ ବୈଠକ ଅଗଷ୍ଟ ୨୫ ଓ ୨୬ରେ ମୁମ୍ବାଇରେ ବସିବ। ଉକ୍ତ ବୈଠକରେ ସହଯୋଗୀ ଦଳଗୁଡ଼ିକ ମଧ୍ୟରେ ଆସନ ଭାଗବଣ୍ଟା, ନିର୍ବାଚନ ପ୍ରସ୍ତୁତି ଏବଂ ପ୍ରଚାର ପରିଚାଳନା ନେଇ ଆଲୋଚନା ହୋଇପାରେ। ଲୋକ ସଭା ନିର୍ବାଚନ ପୂର୍ବରୁ ଦେଶର ବିଭିନ୍ନ ସହରରେ ବିରୋଧୀ ମେଣ୍ଟର ଅନେକ ବୈଠକ କରିବାକୁ ଯୋଜନା ହୋଇଛି।



## ସଂକ୍ଷେପରେ

### କୁଏତ୍‌ରେ ୫ ଜଣଙ୍କୁ ଫାଶୀ

**ଦୁବାଇ,୨୭।୭ :** କୁଏତ୍ କର୍ତ୍ତୃପକ୍ଷ ଗୁରୁବାର ୫ ବନ୍ଦୀଙ୍କୁ ଫାଶୀ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ୨୦୧୫ ମସ୍‌ଜିଦ ବିସ୍ଫୋରଣରେ ଦୋଷୀସାବ୍ୟସ୍ତ ଜଣେ ବନ୍ଦୀ ରହିଛନ୍ତି। ଉକ୍ତ ବିସ୍ଫୋରଣରେ ୨୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଆଇଏସ୍ ଆତଙ୍କବାଦୀ ସଂଗଠନ ଏଥିପାଇଁ ନିଜକୁ ଦାୟୀ କରିଥିଲା। କେନ୍ଦ୍ରୀୟ ଜେଲ୍‌ରେ ୫ ବନ୍ଦୀଙ୍କୁ ଫାଶୀରେ ଝୁଲାଇ ଦିଆଯାଇଥିବା କୁଏତ୍‌ର ସରକାରୀ ଓକିଲ ଏକ ବିବୃତିରେ କହିଛନ୍ତି। ସେମାନେ ହେଲେ ମସ୍‌ଜିଦ ଆକ୍ରମଣକାରୀ ଅବଦୁଲରହମାନ ସବାହ ଇଡାନ, ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ୩ ଜଣ ଏବଂ ଶ୍ରୀଲଙ୍କାର ଜଣେ ଦୋଷୀସାବ୍ୟସ୍ତ ନିଶା ବ୍ୟବସାୟୀ।

### ସ୍ୱାମୀ କରଜ ନ ଶୁଝିବାରୁ ସ୍ତ୍ରୀଙ୍କୁ ବଳାତ୍କାର

**ପୁଣେ,୨୭।୭ :** ମହାରାଷ୍ଟ୍ରର ପୁଣେ ସହରରେ ଜଣେ ଋଣ ଲଗାଣକାରୀ ଜଣେ ମହିଳାଙ୍କୁ ବଳାତ୍କାର କରିଛନ୍ତି। ମହିଳାଙ୍କ ସ୍ୱାମୀ ଅଭିଯୁକ୍ତଙ୍କଠାରୁ ଟଙ୍କା କରଜ ନେଇ ଶୁଝିପାରି ନ ଥିଲେ। ଏଥିରେ ଉତ୍‌କ୍ଷିପ୍ତ ମହାଜନ ସ୍ୱାମୀଙ୍କୁ ଛୁରି ଦେଖାଇ ଧମକ ଦେବା ସହ ତାଙ୍କ ସମ୍ମୁଖରେ ସ୍ତ୍ରୀଙ୍କୁ ବଳାତ୍କାର କରିଥିଲେ। ଗତ ଫେବୃୟାରୀରେ ଏହି ଘଟଣା ଘଟିଥିଲା। ଅଭିଯୁକ୍ତ ଉକ୍ତ ବଳାତ୍କାର ସମୟ ଦୃଶ୍ୟକୁ ମୋବାଇଲ ଫୋନ୍‌ରେ ରେକର୍ଡିଂ କରି ଏହାକୁ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଛାଡ଼ିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଆଇପିସି ଏବଂ ସୂଚନା ପ୍ରଯୁକ୍ତି ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରିଛି।

### ଆଇଏନ୍‌ଏସ୍ ବିକ୍ରାନ୍ତରେ ନୌସେନା ନାବିକଙ୍କ ଆତ୍ମହତ୍ୟା

**କୋଚି,୨୭।୭ :** ନୌସେନା ଯୁଦ୍ଧଜାହାଜ ଆଇଏନ୍‌ଏସ୍ ବିକ୍ରାନ୍ତରେ ଜଣେ ୧୯ ବର୍ଷୀୟ ନାବିକଙ୍କ ମୃତଦେହ ଗୁରୁବାର ଭୋର ସମୟରେ ଝୁଲନ୍ତା ଅବସ୍ଥାରେ ମିଳିଛି। ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ମୃତକଙ୍କ ଘର ବିହାର ମୁଜାଫରପୁରରେ ଓ ସେ ଅବିବାହିତ ଥିଲେ। ୨୦୨୧ରେ ସେ ଭାରତୀୟ ନୌସେନାରେ ଯୋଗଦେଇ ଆଇଏନ୍‌ଏସ୍ ବିକ୍ରାନ୍ତରେ ନିୟୋଜିତ ଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ ନିଆଯାଇଥିବାବେଳେ ହାର୍ବର ପୋଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଛି। ନାବିକଙ୍କର କିପରି ମୃତ୍ୟୁ ଘଟିଲା ତାହାର ତଦନ୍ତ ପାଇଁ ନୌସେନା ପକ୍ଷରୁ ତଦନ୍ତ ବୋର୍ଡ ଗଠନ କରାଯାଇଛି। ଗତ ୫ ବର୍ଷରେ ନୌସେନାର ୨୯ କର୍ମଚାରୀ ଆତ୍ମହତ୍ୟା କରିଛନ୍ତି।

### ଜାହାଜରେ ନିଆଁ: ଭାରତୀୟ ନାବିକ ମୃତ

**ନୂଆଦିଲ୍ଲୀ,୨୭।୭(ପି.ଟି.) :** ନେଦରଲାଣ୍ଡସ ଉପକୂଳରେ ୩,୦୦୦ କାର୍ ଭର୍ତ୍ତି ହୋଇଥିବା ଏକ ମାଲ୍‌ବାହୀ ଜାହାଜରେ ନିଆଁ ଲାଗି ଜଣେ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୨୦ ଜଣ ଆହତ ହୋଇଛନ୍ତି। ପାନାମାରେ ପଞ୍ଜୀକୃତ ହୋଇଥିବା ଫ୍ରେମାଣ୍ଟଲ୍ ହାଇୱେ ନାମକ ୧୯୯ ମିଟର ଜାହାଜ ଜର୍ମାନୀରୁ ଇଜିପ୍ଟ ଯାଉଥିବାବେଳେ ମଙ୍ଗଳବାର ରାତିରେ ନିଆଁ ଲାଗିଯାଇଥିଲା।



ଅନେକ ନାବିକ ଜାହାଜରୁ ଡେଇଁ ପଡ଼ିଥିଲେ। ନିଆଁରେ ଜଣେ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟିଥିବା ନେଦରଲାଣ୍ଡସସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି। ନାବିକଙ୍କ ମୃତଦେହ ପଠାଇବା ପାଇଁ ତାଙ୍କ ପରିବାର ସହ ଯୋଗାଯୋଗ କରାଯାଉଥିବା ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି। ଆହତ ୨୦ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯିବା ସହ ସେମାନଙ୍କ ପରିବାରକୁ ଜଣାଇଦିଆଯାଇଛି।

### ୩ ଦଶନ୍ଧି ପରେ ଶ୍ରୀନଗରରେ ମହରମ ଶୋଭାଯାତ୍ରା

**ଶ୍ରୀନଗର,୨୭।୭:** ଜମ୍ମୁ-କଶ୍ମୀରର ଶ୍ରୀନଗରରେ ଦୀର୍ଘ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ବର୍ଷ ପରେ ଶିୟା ସମ୍ପ୍ରଦାୟ ପକ୍ଷରୁ ଗୁରୁବାର ମହରମ ଶୋଭାଯାତ୍ରା ବାହାର କରାଯାଇଛି। କଡ଼ା ସୁରକ୍ଷା ମଧ୍ୟରେ ଆୟୋଜିତ ଶୋଭଯାତ୍ରାରେ ହଜାର ହଜାର ଲୋକ ସାମିଲ ହୋଇଛନ୍ତି। ଲାଲ୍‌ଚୌକ ଅଞ୍ଚଳ ଦେଇ ଏହା ଅତିକ୍ରମ କରିବ। ସକାଳ ୬ରୁ ୮ ମଧ୍ୟରେ ଶୋଭାଯାତ୍ରା ବାହାର କରିବା ଲାଗି ପ୍ରଶାସନ ବୁଧବାର ଅନୁମତି ଦେଇଥିଲା। ଆତଙ୍କବାଦ ଯୋଗୁ ଦୀର୍ଘବର୍ଷ ହେଲା ଶୋଭାଯାତ୍ରା ବାହାରି ପାରୁ ନ ଥିଲା। ଏବେ ସ୍ଥିତିରେ ଉନ୍ନତି ଆସିଥିବାରୁ ମହରମର ଅଷ୍ଟମ ଦିନରେ ଶୋଭାଯାତ୍ରା ପାଇଁ ଅନୁମତି ମିଳିଛି।




ମଣିପୁର ହିଂସା ପ୍ରତିବାଦରେ ଗୁରୁବାର ଇମ୍ଫାଲରେ ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ମୋଦି ଶୋଇଛନ୍ତି, ସିବିଆଇ ପାରିବ ତ

**ନୂଆଦିଲ୍ଲୀ/ଲଣ୍ଡନ/ଇମ୍ଫାଲ,୨୭।୭**
**(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**

ଗୁଳିଗୋଳା ଫୁଟିବାର ଶବ୍ଦ ସହ ସକାଳ ହୁଏ। ବଞ୍ଚିବା ପାଇଁ ଦିନସାରା ସଂଘର୍ଷ ଏବଂ ମୃତ୍ୟୁ ଆତଙ୍କରେ ରାତି ପାହେ। ଭାରତୀୟ ଜନତା ପାର୍ଟି (ଭାଜପା) ଶାସିତ ଏହି ଉତ୍ତର-ଭାରତୀୟ ରାଜ୍ୟର ନାମ ମଣିପୁର, ଯେଉଁଠି ମେ' ୩ରୁ ଜାତିଆଣ ହିଂସାରେ ଅନେକ ଶହ ଲୋକ ନିହତ ହେଲେଣି। ବହୁ ଯୁବତୀ, ମହିଳାଙ୍କୁ ବଳାତ୍କାର କରାଯାଉଛି। ହେଲେ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ହାତବାନ୍ଧି ବସିଛନ୍ତି। ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ମାନ୍ୟତା ଦାବି କରୁଥିବା ଅଣଆଦିବାସୀ ମେଇତି ସମ୍ପ୍ରଦାୟର ଲୋକେ କୁକି ବର୍ଗ ଉପରେ ଅକଥନୀୟ ଅତ୍ୟାଚାର କରିଚାଲିଥିବାବେଳେ ଗତ ସପ୍ତାହରେ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଭାଇରାଲ ହୋଇଥିଲା। ମେ' ୪ରେ କୁକି-ଜୁ ସମ୍ପ୍ରଦାୟର ୨ ଜଣ ସ୍ୱଳ୍ପବୟସ୍କା ମହିଳାଙ୍କ ଦେହରୁ ପୋଷାକ ଖୋଲି ଉଲଗ୍ନ ପରେଡ୍ କରାଯିବା ଦୃଶ୍ୟ ଏଥିରେ ଦେଖାଯାଇଥିଲା। ଦୁହିଁଙ୍କ ମଧ୍ୟରୁ ଜଣଙ୍କୁ ଏକ ଚାଷଜମିରେ ଗଣବଳାତ୍କାର କରାଗଲା। ତାଙ୍କ ବାପା ଓ ଭାଇ ପ୍ରତିବାଦ କରିବାରୁ ଉଭୟଙ୍କୁ ହତ୍ୟା କରାଗଲା। ସେହିଦିନ ଆଉ ୨ ଜଣ ମହିଳାଙ୍କୁ ମଧ୍ୟ ଅନ୍ୟତ୍ର ଗଣବଳାତ୍କାର ପରେ ହତ୍ୟା କରାଯାଇଥିଲା। ପ୍ରାୟ ୩ ମାସ ଧରି ଚାଲିଥିବା ଏହି ବର୍ବରତା କେବଳ ଦେଶରେ ଜାତୀୟ ଲଜ୍ଜା ପାଲଟି ନାହିଁ, ବରଂ ବିଦେଶରେ ମଧ୍ୟ ଭାରତର ଛବିକୁ କଳଙ୍କିତ କରିଛି। ଏତେ ସବୁ ଘଟିଯିବା ପରେ ମଧ୍ୟ ପାର୍ଲାମେଣ୍ଟ ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଣିପୁର ପ୍ରସଙ୍ଗରେ ମୁହଁ ନ ଖୋଲିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବିରୋଧୀ ଦଳଗୁଡ଼ିକ ମୋଦି ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିବାବେଳେ ଜଣେ ଅଧିକାରୀ କହୁଛନ୍ତି, ଭାଇରାଲ ଭିଡିଓର ତଦନ୍ତ ସିବିଆଇ କରିବ। ଅସଂଖ୍ୟ ପୁରୁଣା ମାମଲାର ବୋଝ ସମ୍ଭାଳିପାରୁ ନ ଥିବା ସିବିଆଇ ମଣିପୁର ଘଟଣାର ତଦନ୍ତ କିପରି ଓ କେତେ ଶୀଘ୍ର କରିବ ତାକୁ ନେଇ ଉଠିଛି ପ୍ରଶ୍ନବାଚୀ।

## ୨୯ରେ ମଣିପୁର ଯିବେ ଇଣ୍ଡିଆ ଏମ୍‌ପି

୨୬ ଦଳକୁ ନେଇ ଗଠିତ ବିରୋଧୀ ମେଣ୍ଟ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ପକ୍ଷରୁ ନିମ୍ନ ସଦନରେ କଂଗ୍ରେସ ଉପନେତା ଗୌରବ ଗୋଗୋଇ ବୁଧବାର କେନ୍ଦ୍ରର ମୋଦି ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଛନ୍ତି। ଲୋକ ସଭା ବାଚସ୍ପତି ତାଙ୍କ ନୋଟିସକୁ ଗ୍ରହଣ କରିଛନ୍ତି। କିନ୍ତୁ ପ୍ରସ୍ତାବ ଉପରେ କେବେ ବିତର୍କ ହେବ ସେନେଇ କିଛି ସ୍ପଷ୍ଟ କରିନାହାନ୍ତି। ଫଳରେ ଏହି ପ୍ରସଙ୍ଗରେ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଏକପ୍ରକାର ଅଚଳ ହୋଇଯାଇଛି। ଇଣ୍ଡିଆର ଏମ୍‌ପିମାନେ ଆସନ୍ତା ୨୯ ଓ ୩୦ରେ ମଣିପୁର ଗସ୍ତ କରି ସ୍ଥିତି ସମୀକ୍ଷା କରିବେ। ଏଥିରେ ଟିଏମ୍‌ସିର ସୁସ୍ମିତା ଦେବ, ଜେଏମ୍‌ଏମ୍‌ର ମହୁଆ ମାଝି ଏବଂ ଏନ୍‌ସିପିର ବନ୍ଦନା ଚଭନଙ୍କ ସମେତ ୨୦ ଦଳର ଏମ୍‌ପି ସାମିଲ ହେବେ ବୋଲି ଲୋକ ସଭାରେ କଂଗ୍ରେସ ସଚେତକ ମଣିକମ୍ ଟାଗୋର ସୂଚନା ଦେଇଛନ୍ତି।



### ସୁପ୍ରିମକୋର୍ଟରେ ପିଟିଶନ

ମଣିପୁର ହିଂସାର ନିରପେକ୍ଷ ତଦନ୍ତ ପାଇଁ ଏକ ନିରପେକ୍ଷ ତଥା ସ୍ୱାଧୀନ କମିଟି ଗଠନ କରାଯାଉ। ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କୁ ଏହାର ମୁଖ୍ୟ କରାଯାଉ। ଏଭଳି ଦାବିକରି ଗୁରୁବାର ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ କରାଯାଇଛି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଏହାର ଶୁଣାଣି କରିବା ପାଇଁ ଆବେଦନକାରୀ ଆଇନଜୀବୀ ବିଶାଲ ତିୱାରୀ ଏଥିରେ ନିବେଦନ କରିଛନ୍ତି।

### ବିଷ୍ଣୁପୁରରେ ଫୁଟିଲା ଗୁଳି, ଚୂରାଚାନ୍ଦପୁରରେ ଜଣେ ମୃତ, ୩ ଆହତ

ମଣିପୁରର ବିଷ୍ଣୁପୁର ଜିଲା ମୋଇରାଙ୍ଗ ଗ୍ରାମରେ ଗୁରୁବାର ସକାଳେ ମେଇତି ଓ କୁକି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟିଛି। ସଂଘର୍ଷ ବେଳେ ଗୁଳି ଫୁଟିଛି। ବୁଧବାର ରାତିରୁ ଚାଲିଥିବା ଏହି ହିଂସାକାଣ୍ଡ ବେଳେ ଗୁଳିର ଶବ୍ଦରେ ଆମେ ଏତେ ଆତଙ୍କିତ ହୋଇଯାଇଥିଲୁ ଯେ, କେହି ଶୋଇପାରି ନ ଥିଲୁ ବୋଲି ଜଣେ ଗ୍ରାମବାସୀ କହିଛନ୍ତି। ବୁଧବାର କାଙ୍ଗ୍‌ପୋକ୍‌ପିରେ ୨ଟି ବସ୍‌ରେ ବିକ୍ଷୋଭକାରୀମାନେ ନିଆଁ ଲଗାଇ ଦେଇଥିଲେ। ଚୂରାଚାନ୍ଦପୁରରେ ଗୁଳିମାଡ଼ରେ ଆଉ ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଅନ୍ୟ ୩ ଜଣ ଆହତ ହୋଇଛନ୍ତି।

### ଅନାସ୍ଥା ପ୍ରସ୍ତାବ ବେଳେ ଏନ୍‌ଡିଏକୁ ସମର୍ଥନ କରିବ ୱାଇଏସ୍‌ଆର୍‌ସିପି

**ବିଜୟୱାଡା,୨୭।୭**

ମଣିପୁର ପ୍ରସଙ୍ଗରେ ବିରୋଧୀ ଇଣ୍ଡିଆ ମେଣ୍ଟ ପକ୍ଷରୁ ପାର୍ଲାମେଣ୍ଟରେ ଆଗତ ଅନାସ୍ଥା ପ୍ରସ୍ତାବ ବିରୋଧରେ ଏବଂ ଶାସକ ଏନ୍‌ଡିଏ ସପକ୍ଷରେ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀଙ୍କ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ଭୋଟ ଦେବ। ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଏଯାଏ ନିଜ ନିଷ୍ପତ୍ତି ଘୋଷଣା କରିନାହିଁ।

### 'ବୀରେନ୍ ସିଂଙ୍କୁ ହଟାଇବା ସାହସ ମୋଦିଙ୍କର ନାହିଁ'



**ଇସ୍ତଫା ଦେଲେ ଭାଜପା ନେତା ବିନୋଦ ଶର୍ମା**

ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କୁ ହଟାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାହସ ନାହିଁ ବୋଲି ବିହାର ଭାଜପା ମୁଖପାତ୍ର ବିନୋଦ ଶର୍ମା ଗୁରୁବାର ସମାଲୋଚନା କରିଛନ୍ତି। ଏଥିସହ ସେ ମଣିପୁର ହିଂସା ପ୍ରସଙ୍ଗରେ ଭାଜପାର ନିଷ୍କ୍ରିୟତାକୁ ନେଇ ଦଳରୁ ଇସ୍ତଫା ଦେଇଛନ୍ତି। ବିନୋଦଙ୍କ ମତରେ ମଣିପୁର ଭଳି ଘଟଣା କେବେ କୌଣସି ରାଜ୍ୟରେ ଘଟିନାହିଁ। ଏହା ଏକ ଜାତୀୟ କଳଙ୍କ। ଏଥିଲାଗି ଭାରତ ନିନ୍ଦିତ ହୋଇଛି। ବୀରେନ୍ ସିଂଙ୍କୁ ବହିଷ୍କାର କରିବା ଦାବିରେ ସେ ପ୍ରଧାନମନ୍ତ୍ରୀ ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ପତ୍ର ଲେଖିଥିଲେ। ଏହାସତ୍ତ୍ୱେ ମୋଦି ଶୋଇଛନ୍ତି। ମର୍ମାହତ ହୋଇ ମୁଁ ଭାଜପାରୁ ଇସ୍ତଫା ଦେଇଛି ବୋଲି ବିନୋଦ କହିଛନ୍ତି।




**ଲଣ୍ଡନରେ ନୀରବ ବିକ୍ଷୋଭ**
ମଣିପୁର ହିଂସା ପ୍ରତିବାଦରେ ଲଣ୍ଡନସ୍ଥିତ ଭାରତୀୟ ଉଚ୍ଚାୟୁକ୍ତ ବାହାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଉଲଗ୍ନ ପରେଡ୍ ଏବଂ ଯୌନହିଂସାର ଶିକାର ହୋଇଥିବା ମହିଳାମାନଙ୍କ ସମର୍ଥନରେ ବିକ୍ଷୋଭକାରୀମାନେ ପାର୍ଲାମେଣ୍ଟ ସ୍କୋୟାର ପର୍ଯ୍ୟନ୍ତ ଶୋଭାଯାତ୍ରା କରିଥିଲେ। ସେମାନେ ଅହିଂସା ଓ ସାମାଜିକ ନ୍ୟାୟର ପ୍ରତୀକ ସ୍ୱରୂପ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ନୀରବରେ ଛିଡ଼ା ହୋଇଥିଲେ।

## ସିନେମାଟୋଗ୍ରାଫ ସଂଶୋଧନ ବିଲ୍ ରାଜ୍ୟ ସଭାରେ ଗୃହୀତ

**ନୂଆଦିଲ୍ଲୀ,୨୭।୭(ପି.ଟି.)**

**ସିନେମା କାହାଣୀର ନକଲ ରୋକିବ**

ସିନେମାଟୋଗ୍ରାମ୍ (ସଂଶୋଧନ) ବିଲ୍ ଗୁରୁବାର ରାଜ୍ୟ ସଭାରେ ଗୃହୀତ ହୋଇଛି। ସିନେମା କାହାଣୀର ନକଲ ରୋକିବା ଏବଂ ଲାଇସେନ୍ସ ପ୍ରକ୍ରିୟାର ସରଳୀକରଣ ଏହି ବିଲ୍‌ର ଉଦ୍ଦେଶ୍ୟ। ଭାରତ କଥାକାରମାନଙ୍କ ଦେଶ ହୋଇଥିବାରୁ ଏହା ବିଶ୍ୱର ବିଷୟବସ୍ତୁଗୁଡ଼ିକର କେନ୍ଦ୍ର ହେବା ଆବଶ୍ୟକ ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ଏହି ଅବସରରେ କହିଛନ୍ତି। ଦ୍ରୁତ ବଢୁଥିବା ଚଳଚ୍ଚିତ୍ର ଶିଳ୍ପକୁ ଦକ୍ଷ ଶ୍ରମଶକ୍ତି ଯୋଗାଇଦେବା ଲାଗି ସରକାର ଖୁବ୍‌ଶୀଘ୍ର ଆନିମେଶନ, ଭିଜୁଆଲ ଇଫେକ୍ଟସ୍, ଗେମିଂ ଓ କମିକ୍ସ(ଏଭିଜିସି) ନିମନ୍ତେ ଶିକ୍ଷାନୁଷ୍ଠାନ ଖୋଲିବେ ବୋଲି ବିଲ୍ ଉପରେ ଆଲୋଚନା ବେଳେ ଉତ୍ତର ରଖିଥିଲେ ଅନୁରାଗ। ସଂକ୍ଷିପ୍ତ ଆଲୋଚନା ପରେ ବିଲ୍‌ଟି ବାଚନିକ ଭୋଟରେ ଗୃହୀତ ହୋଇଥିଲା। ଏହାକୁ ଲୋକ ସଭାର ଅନୁମୋଦନ ପାଇଁ ପଠାଯିବ। ତେବେ ବିଲ୍ ଆଗତ ବେଳେ ମଣିପୁର ହିଂସା ପ୍ରସଙ୍ଗରେ ଆଲୋଚନା ଦାବି କରି ବିରୋଧୀ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ।

# ହିମାଳୟରେ ରହିଛି ପ୍ରାଚୀନ ସମୁଦ୍ର

**ନୂଆଦିଲ୍ଲୀ,୨୭।୭**

**ଭାରତୀୟ ବୈଜ୍ଞାନିକଙ୍କ ଆବିଷ୍କାର**



ହିମାଳୟ ପର୍ବତମାଳାରେ ପ୍ରାଚୀନ ହିମାଳୟର ଅବଶେଷ ରହିଥିବା ବେଙ୍ଗାଲୁରୁର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ (ଆଇଆଓଏସ୍‌ସି) ଏବଂ ଜାପାନର ନିଗାଟା ୟୁନିଭର୍ସିଟିର ବୈଜ୍ଞାନିକମାନେ ଆବିଷ୍କାର କରିଛନ୍ତି। ହିମାଳୟ ଆଭ୍ୟନ୍ତରରେ ଥିବା ଖଣିଜ ମଧ୍ୟରୁ ବୈଜ୍ଞାନିକମାନେ ଜଳବିନ୍ଦୁର ସନ୍ଧାନ ପାଇଛନ୍ତି, ଯାହା ପ୍ରାୟ ୬୦ କୋଟି ବର୍ଷର ପୁରୁଣା। ପୃଥିବୀ ଅତୀତର ଗୁରୁତ୍ୱପୂର୍ଣ୍ଣ ଅକ୍ସିଜେନେଶନ ପ୍ରକ୍ରିୟା ଉପରେ ଏହା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଇପାରେ ବୋଲି କୁହାଯାଉଛି। ପ୍ରିକାମ୍ବ୍ରିଆନ ରିସର୍ଚ୍ଚରେ ପ୍ରକାଶିତ ଅଧ୍ୟୟନ ଅନୁଯାୟୀ ହିମାଳୟ ଆଭ୍ୟନ୍ତରରେ ଗଚ୍ଛିତ ଖଣିଜ ସାମଗ୍ରୀ ମଧ୍ୟରେ କାଲ୍‌ସିୟମ ଏବଂ ମାଗ୍ନେସିୟମ କାର୍ବୋନେଟ୍ ରହିଛି। ପାଲେଓ ଓସନ ପାଇଁ ଏହା ଟାଇମ୍ କ୍ୟାପ୍‌ସୁଲ ସଦୃଶ ବୋଲି ଆଇଆଇଏସ୍‌ସିରେ ସେଣ୍ଟର ଫର୍ ଆର୍ଥ ସାଇନ୍ସର ପିଏଚ୍.ଡି. ଛାତ୍ର ପ୍ରକାଶ ଚନ୍ଦ୍ର ଆର୍ଯ୍ୟ କହିଛନ୍ତି। ବୈଜ୍ଞାନିକମାନଙ୍କ ଅନୁଯାୟୀ ୫୦୦ରୁ ୭୦୦ ନିୟୁତ ବର୍ଷ ପୂର୍ବେ ପୃଥିବୀ ଦୀର୍ଘ ସମୟ ହିମାଚ୍ଛାଦିତ ଥିଲା, ଯାହା ସ୍ନୋବଲ୍ ଆର୍ଥ ଗ୍ଲାସିଏଶନ ଭାବେ ଜଣାଶୁଣା। ଏହା ପରେ ଦ୍ୱିତୀୟ ଗ୍ରେଟ ଅକ୍ସଜେରେରେଶନ ଇଭେଣ୍ଟ ବାୟୁମଣ୍ଡଳୀୟ ଅମ୍ଳଜାନ ସ୍ତର ସୃଷ୍ଟି କରିବା ସହ ଜଟିଳ ଜୈବ ବିବର୍ତ୍ତନ ହୋଇଥିଲା। ତେବେ ଉତ୍ତର ସଂରକ୍ଷିତ ଜୀବାଶ୍ମର ଅଭାବ ଏବଂ ପ୍ରାଚୀନ ସମୁଦ୍ର ଅନ୍ତର୍ଦ୍ଧାନ ହୋଇଯିବାରୁ ଏହିସବୁ ପ୍ରକ୍ରିୟା ସହ ସମ୍ପୃକ୍ତ ରହସ୍ୟମୟ ହୋଇ ରହିଯାଇଥିବା ବୈଜ୍ଞାନିକମାନେ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୨୮/୨୦୨୩ | Bhubaneswar, Friday, July 28/2023 | ପୃଷ୍ଠା-୧



ଭୁବନେଶ୍ୱର ତମାଣ୍ଡୋ ଠାରେ ଡିଭାଇନ ଲାଇଟ୍ ହାଉସ୍ ଶିଳାନ୍ୟାସ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ଏବଂ ଅନ୍ୟ ଅତିଥିମାନେ।

# ‘ବ୍ୟକ୍ତି ବଦଳିଲେ ସମାଜ ବଦଳିବ’

## ଡିଭାଇନ ଲାଇଟ୍ ହାଉସ୍ ଶିଳାନ୍ୟାସ କଲେ ରାଷ୍ଟ୍ରପତି

**ଭୁବନେଶ୍ୱର,୨୭।୭(ଅନୁରାଧା ମହାରଣା)**

ମଣିଷ ଜୀବନ ଏକ ‘ପିଆଜ’ ସଦୃଶ, ଯେତେ ଛଡ଼ାଇବ ଭିତରେ କିଛି ନ ଥିବ। ସେମିତି ମଣିଷ ଜୀବନ ଏକ ପାନିଆ ଭଳି, ମୁଣ୍ଡରୁ ଚୁଟି ଝଡ଼ିଗଲେ ପାନିଆର ମୂଲ୍ୟ କିଛି ନ ଥିବ। ରାଜଧାନୀ ଉପକଣ୍ଠ ତମାଣ୍ଡୋ ଦଶବାଟିଆଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ଏପରି ଅଭିଭାଷଣ ରଖିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରପତି ‘ଡିଭାଇନ ଲାଇଟ ହାଉସ’ ବା ‘ଦୈବିକ ଆଲୋକ ଭବନ’ ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ସେମିନାର ଓ ସମ୍ମିଳନୀ ଆୟୋଜନ ନେଇ ଚଳିତ ବର୍ଷର ବିଷୟବସ୍ତୁ ‘ସକାରାତ୍ମକ ପରିବର୍ତ୍ତନର ବର୍ଷ’ କାର୍ଯ୍ୟକ୍ରମର ସେ ଶୁଭାରମ୍ଭ କରିଛନ୍ତି। ରାଷ୍ଟ୍ରପତି ଉଦ୍‌ବୋଧନ ଦେଇ କହିଥିଲେ, ମାନବ ଜଗତ ପାଇଁ ଉଭୟ ଭୌତିକ ଓ ଆଧାତ୍ମିକ ବିକାଶ ଜରୁରୀ। ☞ପୃଷ୍ଠା-୨

## ୩ ଦିନିଆ ଗସ୍ତ ସାରି ଫେରିଗଲେ ରାଷ୍ଟ୍ରପତି


ଭୁବନେଶ୍ୱର ବିମାନବନ୍ଦରରେ ରାଷ୍ଟ୍ରପତିଙ୍କୁ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ ବିଦାୟ ଦେଉଛନ୍ତି।

**ଭୁବନେଶ୍ୱର,୨୭।୭(ଅନୁରାଧା ମହାରଣା)**

୩ଦିନିଆ ଓଡ଼ିଶା ଗସ୍ତ ସାରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ନୂଆଦିଲ୍ଲୀ ଫେରି ଯାଇଛନ୍ତି। ଗସ୍ତର ଶେଷଦିନରେ ରାଜଭବନରେ ବିଭିନ୍ନ ଜନଜାତିର ଲୋକଙ୍କ ସହିତ ସେ ଆଲୋଚନା କରିଥିଲେ। ରାଜଧାନୀ ଉପକଣ୍ଠ ତମାଣ୍ଡୋ ଦଶବାଟିଆଠାରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଯୋଗଦେଇ ଜୀବନ ଦର୍ଶନ ସମ୍ପର୍କିତ ଅଭିଭାଷଣ ରଖିବା ସହ ଚାରା ରୋପଣ କରିଥିଲେ। ରାଷ୍ଟ୍ରପତିଙ୍କୁ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ଖୁବ୍ ଉତ୍ସାହ ପ୍ରକାଶ ପାଇଥିଲା। ଗୁରୁବାର ଅପରାହ୍ନରେ ରାଷ୍ଟ୍ରପତି ଏକ ସ୍ୱତନ୍ତ୍ର ବିମାନ ଯୋଗେ ନୂଆଦିଲ୍ଲୀ ଫେରିଯାଇଥିଲେ। ☞ପୃଷ୍ଠା-୨






**ଆଜିର ମନ୍ତବ୍ୟ**

"ଆଇନଶୃଙ୍ଖଳା କ୍ଷେତ୍ରରେ ଦେଶରେ ପଶ୍ଚିମବଙ୍ଗ ସର୍ବୋତ୍ତମ। ରାଜ୍ୟକୁ ନ୍ୟୂନ ଦର୍ଶାଇବା ପାଇଁ ଭାଜପା ନେତାମାନେ ମିଥ୍ୟା ଖବର ବିସ୍ତାର କରି ବିଭ୍ରାଟ ସୃଷ୍ଟି କରୁଛନ୍ତି।
– ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ଗଲା ବୋହୂ ଅଇଲା
ଯୋଉ ତିନିକୁ ସେଇ ତିନି।**

ଝିଅ ବାହାହୋଇ ଶାଶୂଘରକୁ ଚାଲିଗଲେ ତା'ସ୍ଥାନରେ ଯଦି ବୋହୂଟିଏ ଆସେ, ତେବେ ସେ ଘର ପୁଣି ପୂରି ଉଠେ। ଝିଅ ଚାଲିଗଲା ପରେ ସୃଷ୍ଟି ହୋଇଥିବା ଖାଲି ସ୍ଥାନକୁ ବୋହୂ ପୂରଣ କରେ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଝିଲିମିଲି ଶାଢ଼ି ସାଇତି ରଖିଲେ
ଦିନେ ହେଲେ ଚିରିଯିବ
ସ୍ନେହ ମମତାକୁ ସାଇତି ରଖିଲେ
ଚିରଦିନ ପାଇଁ ଥିବ।**

କୌଣସି ସୌଖୀନ ସାମଗ୍ରୀ କେବେହେଲେ ଚିରସ୍ଥାୟୀ ହୋଇପାରେନାହିଁ। ପରନ୍ତୁ ସ୍ନେହ ମମତାକୁ ବଞ୍ଚାଇ ରଖିଲେ ତାହା ଚିରଦିନ ପାଇଁ କାମ ଦେଇଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଭିସି ଦ୍ୱାରା କୋର୍ଟରେ ହାଜର ହେଲେ ୩ ଅଭିଯୁକ୍ତ

**ବାହାନଗା ଟ୍ରେନ୍ ଦୁର୍ଘଟଣା**

**ଜାମିନ ଖାରଜ କଲେ କୋର୍ଟ**

ଭୁବନେଶ୍ୱର,୨୭।୭ (ସତ୍ୟଜିତ୍ ରାଉତ)

ବାଲେଶ୍ୱର ଜିଲାର ଚର୍ଚ୍ଚିତ ବାହାନଗା ଟ୍ରେନ ଦୁର୍ଘଟଣା ମାମଲାରେ ସିବିଆଇ ଅଧିକ ଖୋଳତାଡ଼ ଚଳାଇଛି। ଗିରଫ ହୋଇ ଝାରପଡ଼ା ଜେଲରେ ଥିବା ସିନିୟର ସେକ୍ସନ ଇଞ୍ଜିନିୟର ଅରୁଣ କୁମାର ମହାନ୍ତ, ସେକ୍ସନ ଇଞ୍ଜିନିୟର ମହମ୍ମଦ ଅମିର ଖାନ୍ ଓ ଟେକ୍ନିସିଆନ୍ ପପୁ କୁମାରଙ୍କ ୧୪ ଦିନିଆ ବିଚାର ବିଭାଗୀୟ ହାଜତ ସରିଛି। ତେଣୁ ଅଭିଯୁକ୍ତମାନେ ଗୁରୁବାର ଜେଲରେ ଥାଇ ଭିଡିଓ କନ୍‌ଫରେନ୍ସ (ଭିସି) ଜରିଆରେ ସିବିଆଇ କୋର୍ଟରେ ହାଜର ହୋଇଥିଲେ। ଏହି ସମୟରେ ଅଭିଯୁକ୍ତମାନେ ନିଜ ନିଜ ପକ୍ଷ ରଖିଥିଲେ। ଅନ୍ୟପକ୍ଷରେ ସିବିଆଇ ଦ୍ୱାରା ମଧ କୋର୍ଟଙ୍କ ନିକଟରେ ପକ୍ଷ ରଖାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଅଭିଯୁକ୍ତମାନେ ଜେଲରେ ରହିବାକୁ କୋର୍ଟ କହିଛନ୍ତି। ଏପରିକି ସିନିୟର ସେକ୍ସନ ଇଞ୍ଜିନିୟର ଅରୁଣ କୁମାର ମହାନ୍ତ, ସେକ୍ସନ ଇଞ୍ଜିନିୟର ମହମ୍ମଦ ଅମିର ଖାନ୍‌ଙ୍କ ପକ୍ଷରୁ ପୂର୍ବରୁ ଜାମିନ ଆବେଦନ ହୋଇଥିବାବେଳେ ଏହାକୁ କୋର୍ଟ ଖାରଜ କରିଦେଇଥିବା ସୂଚନା ମିଳିଛି। ସିବିଆଇ ୩ ଅଭିଯୁକ୍ତଙ୍କୁ ଗତ ଜୁଲାଇ ୭ରେ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ସମସ୍ତଙ୍କୁ ପ୍ରଥମ ପର୍ଯ୍ୟାୟରେ ୫ ଦିନିଆ ରିମାଣ୍ଡରେ ଆଣି ମାରାଥନ୍ ଜେରା କରିଥିଲା। ଏହି ଅବଧି ସରିବା ପରେ ପୁଣି ଦ୍ୱିତୀୟ ପର୍ଯ୍ୟାୟରେ ସିବିଆଇ ଅଭିଯୁକ୍ତମାନଙ୍କୁ ୪ଦିନିଆ ରିମାଣ୍ଡରେ ଆଣି ଭୟଙ୍କର ଦୁର୍ଘଟଣା ପଛର ପ୍ରକୃତ ସତ ଜାଣିବା ପାଇଁ ପ୍ରୟାସ କରିଥିଲା। ଏହି ଦୁର୍ଘଟଣାକୁ ସେମାନେ ଜାଣିଜାଣି କରିଥିଲେ କି, ଏହା ପଛରେ ବଡ଼ ଷଡ଼ଯନ୍ତ୍ର ରହିଛି କି, ଆଉ କେତେଜଣ ରେଳ ଅଧିକାରୀ ଏହି ଦୁର୍ଘଟଣାରେ ସମ୍ପୃକ୍ତ ଅଛନ୍ତି କି ଏଭଳି ବିଭିନ୍ନ ଦିଗକୁ ନେଇ ସିବିଆଇ ଖୋଳତାଡ଼ କରିଥିଲା। ତେବେ ରିମାଣ୍ଡ ସରିବା ପରେ ଜୁଲାଇ ୧୧ରେ ଅଭିଯୁକ୍ତମାନେ ଜେଲ ଫେରିଥିଲେ। ଅନ୍ୟପକ୍ଷରେ ଏହି ମାମଲାରେ ସିବିଆଇ ବହୁ ପ୍ରମାଣ ଏକଜୁଟ କରି ଏକ ବଳିଷ୍ଠ ଚାର୍ଜଶିଟ୍ କୋର୍ଟରେ ଦାଖଲ କରିବାକୁ ପ୍ରୟାସ ଜାରି ରଖିଛି।

# ଶନିବାର ମହରମ ଛୁଟି ଘୋଷଣା କଲେ ସରକାର

ଭୁବନେଶ୍ୱର, ୨୭।୭(ସୁନିତ୍ ମିଶ୍ର)

'ମହରମ୍' ଆସନ୍ତା ୨୯ ତାରିଖରେ ପଡୁଥିବାରୁ ରାଜ୍ୟ ସରକାର ଏହି ଦିନଟିକୁ ଛୁଟି ଘୋଷଣା କରିଛନ୍ତି। ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାରକୁ 'ମହରମ୍' ନିମନ୍ତେ ଛୁଟି ଘୋଷଣା କରାଯାଇଥିଲା। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପ୍ରକାଶିତ ପରିବର୍ତ୍ତିତ ବିଜ୍ଞପ୍ତି ଅନୁସାରେ ଜୁଲାଇ ୨୮ ପରିବର୍ତ୍ତେ ଶନିବାର ୨୯ ତାରିଖ 'ମହରମ୍' ନିମନ୍ତେ ଛୁଟି ଘୋଷଣା କରାଯାଇଛି। ଏହି ଘୋଷଣା ଅନୁଯାୟୀ ଶନିବାର ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟାଳୟ ଏବଂ ରାଜସ୍ୱ ଓ ମାଜିଷ୍ଟ୍ରେଆଲ୍ କୋର୍ଟ (ଏକ୍‌ଜିକ୍ୟୁଟିଭ୍) ବନ୍ଦ ରହିବ।




# ପ୍ରିଣ୍ଟିଂ ପ୍ରେସ୍‌ରୁ ପ୍ରଶ୍ନପତ୍ର ପ୍ରଘଟ

**ଓଏସ୍ଏସ୍‌ସି ଜେଇ ସିଭିଲ ମେନ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲା**

**ବିହାରରୁ ମାଷ୍ଟର ମାଇଣ୍ଡ ସମେତ ଆଉ ୮ ଗିରଫ**

ବାଲେଶ୍ୱର,୨୭।୭(ମାନସ ବିଶ୍ୱାଳ)

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ (ଓଏସ୍ଏସ୍‌ସି) ଜେଇ ସିଭିଲ୍ ମେନ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ପ୍ରିଣ୍ଟିଂ ପ୍ରେସ୍‌ରୁ ହିଁ ହୋଇଥିଲା। ଏଥିସହିତ ଏହି ମାମଲାରେ ପୋଲିସ ବିହାରରୁ ମାଷ୍ଟରମାଇଣ୍ଡଙ୍କ ସମେତ ଆଉ ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ମୋଟ ଗିରଫ ସଂଖ୍ୟା ୧୭ ହେଲାଣି। ଗିରଫ ଅଭିଯୁକ୍ତମାନେ ବିହାର, ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ରାଜ୍ୟର ବୋଲି ବାଲେଶ୍ୱର ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି।

ଗୁରୁବାର ଅପରାହ୍ଣରେ ଏସ୍‌ପି ଅଫିସ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ନାଥ ସୂଚନା ଦେଇ କହିଛନ୍ତି ଯେ, ଏହି ମାମଲାରେ ପୂର୍ବରୁ ୯ଜଣ ଗିରଫ ହୋଇଥିବାବେଳେ ଗୁରୁବାର ମାଷ୍ଟରମାଇଣ୍ଡଙ୍କ ସମେତ ୮ଜଣଙ୍କୁ ଗିରଫ କରାଯାଇଛି। ଏବେ ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ପ୍ରଶ୍ନପତ୍ର ଲିକ୍ ଘଟଣାର ମାଷ୍ଟରମାଇଣ୍ଡ ବିହାରର ବିଶାଲ କୁମାର ଚୌରାସିଆ (୩୫), ବିକାଶ କୁମାର (୩୦), ପ୍ରିଣ୍ଟିଂପ୍ରେସ୍‌ର କର୍ମଚାରୀ ପଶ୍ଚିମବଙ୍ଗର ବୀରେନ୍ଦ୍ର ସିଂହ(୫୩), ଗଞ୍ଜାମର ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ(୩୩), ପଟ୍ଟ ସୁନୀଲ (୩୩), ଯାଜପୁରର ସୁଶାନ୍ତ କୁମାର ସାହୁ (୪୨), ବାଲେଶ୍ୱରର ବଟକୃଷ୍ଣ ବେହେରା (୩୯) ଓ ପ୍ରସନ୍ନଜିତ ସାହୁ (୨୮)। ସେମାନଙ୍କ ନିକଟରୁ ୧୦ଟି ମୋବାଇଲ ସହ କିଛି ନଗଦ ଟଙ୍କା ଜବତ କରାଯାଇଛି। ପ୍ରାଥମିକ ତଦନ୍ତରୁ ମିଳିଥିବା ସୂଚନା ଅନୁସାରେ ଅଭିଯୁକ୍ତମାନେ ନିଜର କନ୍‌ସଲଟାନ୍ସି ସର୍ଭିସେସ୍ ମାଧ୍ୟମରେ କଥାବାର୍ତ୍ତା କରନ୍ତି। କିନ୍ତୁ ଛାତ୍ରୀଛାତ୍ରଙ୍କ ସହ କିପରି କଥାବାର୍ତ୍ତା କଲେ ସେନେଇ ତଦନ୍ତ ଜାରି ରହିଛି, ଖୁବ୍‌ଶୀଘ୍ର ଜଣାପଡ଼ିବ। ବର୍ତ୍ତମାନ ଓଏସ୍ଏସ୍‌ସିର ଏହି ପରୀକ୍ଷାକୁ ଛାଡ଼ିଦେଲେ ଅନ୍ୟ କୌଣସି ପ୍ରଶ୍ନପତ୍ର ଲିକ୍ ହୋଇଥିବା ଜଣାପଡ଼ି ନାହିଁ। କିନ୍ତୁ ଜବ୍ ଫ୍ରଡ୍ ନେଇ ଜଣାପଡୁଛି। ପ୍ରିଣ୍ଟିଂ ପ୍ରେସ୍‌ର କର୍ମଚାରୀ ବୀରେନ୍ଦ୍ର ପ୍ରଶ୍ନପତ୍ର ଲିକ୍ କରିଥିଲେ। ପ୍ରେସ୍‌ରୁ ପ୍ରଶ୍ନପତ୍ର ଆଣି ସେ ମାଷ୍ଟରମାଇଣ୍ଡ ବିଶାଲ୍‌ଙ୍କୁ ଦେଇଥିଲେ। ବିଶାଲ ବିହାରର ଜଣେ ସରକାରୀ ଅଧିକାରୀ। ତାଙ୍କୁ ଜୁଲାଇ ୯ରୁ ୧୧ତାରିଖ ମଧ୍ୟରେ ବୀରେନ୍ଦ୍ର ପ୍ରେସରୁ ପ୍ରଶ୍ନପତ୍ର ଆଣି ଦେଇଥିଲେ। ଉଭୟ ବିଶାଲ୍ ଏବଂ ବୀରେନ୍ଦ୍ର ଗୋଟିଏ ଗ୍ରାମର ବୋଲି ଜଣାପଡ଼ିଛି। ସମ୍ପୃକ୍ତ ପ୍ରିଣ୍ଟିଂ ପ୍ରେସ୍ ଓଡ଼ିଶା ବାହାରେ ରହିଛି। ଓଡ଼ିଶାରୁ ଗିରଫ ଲୋକ କେବଳ ମଧ୍ୟସ୍ଥ କାମ କରୁଥିଲେ। ଏହି ଘଟଣାରେ ଓଡ଼ିଶାରୁ କୌଣସି ସରକାରୀ ଅଧିକାରୀଙ୍କ ସମ୍ପୃକ୍ତି ଜଣାପଡ଼ିନି। ଅଧିକ ତଦନ୍ତ ଜାରି ରହିଛି। ପୂରା ମାମଲାକୁ ଆଧାର କରି ସୋର୍ସରୁ କ୍ୟାଣ୍ଡିଡେଟ୍ ପର୍ଯ୍ୟନ୍ତ ସମସ୍ତଙ୍କୁ ଚିହ୍ନଟ କରାଯାଉଥିବା ନାଥ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ୧୬ ତାରିଖରେ ଓଏସ୍ଏସ୍‌ସି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ନେଇ ସୂଚନା ମିଳିଥିଲା। ଲୋକାଲ ଇଣ୍ଟେଲିଜେନ୍ସ ରିପୋର୍ଟକୁ ଆଧାର କରି ବାଲେଶ୍ୱର ପୋଲିସର ସ୍ୱତନ୍ତ୍ର ଟିମ୍ ସହଦେବଖୁଣ୍ଟା ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ବାରୁଣୀ ବ୍ରିଜ୍‌ଠାରେ ଏକ ଗ୍ରୁପ୍‌କୁ ଠାବ କରିଥିଲା। ସେମାନଙ୍କ ନିକଟରୁ ଅଧିକ ତଥ୍ୟ ସଂଗ୍ରହ କରି ଦୀଘା ନିକଟରେ ଏକ ହୋଟେଲରୁ ଘଟଣାରେ ସମ୍ପୃକ୍ତ ୯ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ନିକଟରୁ ୧୫ଟି ମୋବାଇଲ, ୩ଟି ଦସ୍ତଖତ ଥିବା ବ୍ଲାଙ୍କ ଚେକ୍, ୩ଟି ଅରିଜିନାଲ ସାର୍ଟିଫିକେଟ୍, ଗୋଟିଏ ବସ୍, ଗୋଟିଏ ସ୍କର୍ପିଓ, ୩ଟି କାର୍, ୨ଟି ଟ୍ରାଭେଲର୍ସ, ନଗଦ ୨୨ହଜାର ୫ଶହ ଟଙ୍କା ଜବତ କରାଯାଇଥିଲା। ଏନେଇ ସହଦେବଖୁଣ୍ଟା ଥାନାରେ ମାମଲା (ନଂ. ୩୦୩/୨୩) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିଲା। କିନ୍ତୁ ସେତେବେଳେ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଛି କି ନାହିଁ ଜଣାପଡ଼ି ନ ଥିଲା। ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବା ପରେ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଥିବା ଜଣାପଡ଼ିଥିଲା। ଏନେଇ ଗତ ୨୩ତାରିଖରେ ଜିଲା ଆରକ୍ଷୀ ଅଧୀକ୍ଷକ ଏକ ଖବରଦାତା ସମ୍ମିଳନୀ କରି ପ୍ରଶ୍ନପତ୍ର ଲିକ୍ ହୋଇଥିବାର ସୂଚନା ଦେବା ସହ ଓଏସ୍ଏସ୍‌ସିକୁ ଏକ ରିପୋର୍ଟ ପ୍ରଦାନ କରାଯାଇଥିବା କହିଥିଲେ। ଫଳରେ ଆଗାମୀ ଦିନରେ ହେବାକୁ ଥିବା ଓଏସ୍ଏସ୍‌ସି ଜେଇ ସିଭିଲ୍ ମେନ୍ ପରୀକ୍ଷା ବାତିଲ୍ କରାଯାଇଥିଲା।



## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ନୀଚରାଶିରେ ଅଷ୍ଟମସ୍ଥ ଚନ୍ଦ୍ର ହେତୁ କୌଣସି କାମ ସକାଶେ ପରିବାରରୁ ପୂର୍ଣ୍ଣ ଅନୁମତି କିମ୍ବା ସମର୍ଥନ ପାଇବେ ନାହିଁ। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ବିଭିନ୍ନ ମନ୍ତବ୍ୟ ଦେବେ। ସହକର୍ମୀଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। ବିଗତ ଦିନର କୌଣସି ସମସ୍ୟାର ସମାଧାନ ସମ୍ଭାବନା ରହିଛି।

**ବୃଷ** – ଆଜିର କର୍ମକ୍ଷେତ୍ରରେ ବିବାଦୀୟ ଘଟଣାରେ ନୀରବ ରହିବା ପାଇଁ ବାଧ୍ୟ ହେବେ। ପରିବହନରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା ସାଧାରଣ କଥାରେ କଳହର ସମ୍ଭାବନା ରହିଛି। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ପୁରାତନ ରୋଗର ପୀଡ଼ାଜନିତ କଷ୍ଟ ଅନୁଭବ କରିପାରନ୍ତି।

**ମିଥୁନ** – ଆକସ୍ମିକ ଭାବରେ ସ୍ଥାନାନ୍ତର ସାଙ୍ଗକୁ ଖର୍ଚ୍ଚର ଆବଶ୍ୟକତା ଦେଖାଦେବ ଯାହାକି ଦୁଶ୍ଚିନ୍ତା ବୃଦ୍ଧିର କାରଣ ହୋଇପାରେ। ପରିବାରରେ ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରନ୍ତୁ। ପ୍ରଶାସନିକ ସ୍ତରରେ, ରାଜନୀତିରେ ଏବଂ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**କର୍କଟ** – ରାଶିରେ ରବିଙ୍କ ସ୍ଥିତି ହେତୁ ଆଜି ଯେଉଁ କାମରେ ହାତ ଦେବେ ତାହା ବ୍ୟର୍ଥ ହେବ ନାହିଁ। ଏହା ସାଙ୍ଗକୁ ଆତ୍ମୀୟସ୍ୱଜନ ଓ ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଗବେଷଣା, ଅନୁସନ୍ଧାନ, ସାହିତ୍ୟ ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ସିଂହ** – ବୁଧ ଓ ଶୁକ୍ର, ମଙ୍ଗଳଙ୍କ ସଂଯୋଗରୁ ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି ସାଙ୍ଗକୁ କର୍ମ ପରିସର ବୃଦ୍ଧି ପାଇବ। କିନ୍ତୁ ପୂର୍ବରୁ ଚାଲି ଆସିଥିବା ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ତଥା ନିର୍ମାଣ କାମରେ ପ୍ରତିବନ୍ଧକ ଲାଗିରହିବ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା** – ବନ୍ଧୁ ଗହଣରେ କିମ୍ବା ସଭାସମିତିରେ ଆଜି ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ସାହାଯ୍ୟ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିବେ। ବିବାଦୀୟ ଘଟଣା କିମ୍ବା ଆଇନ ଅଦାଲତରୁ ସୁଫଳ ପାଇବେ। କୌଣସି ଫାଇଲ୍ ସମ୍ବନ୍ଧୀୟ ଆଲୋଚନା କ୍ଷେତ୍ରରେ ପରିସ୍ଥିତି ଗୋଳମାଳିଆ ଦେଖାଦେଇପାରେ।

**ତୁଳା** – କର୍ମକ୍ଷେତ୍ରରେ ପୂର୍ବରୁ ଯେଉଁ ପ୍ରତିରୋଧର ସମ୍ଭାବନା ରହିଥିଲା ତାହା ଦୂରେଇ ଯାଇଥିବାର ଅନୁଭବ କରିବେ। ଆଜି ସଭାସମିତିରେ ସମ୍ମାନିତ ହେବେ ଓ ବ୍ୟବସାୟିକ ଦିଗରୁ ମଧ୍ୟ ଲାଭବାନ ହେବେ। ମାତ୍ର ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ସନ୍ତାନମାନଙ୍କ କୌଣସି ଅଭାବ ଓ ଅସୁବିଧା ଚିନ୍ତାର କାରଣ ପାଲଟିଯିବ।

**ବିଛା** – ପରିବାରରେ ସମସ୍ୟା ଦେଖାଦେଲେ ମଧ୍ୟ ତାହାର ସମାଧାନ ଦିଗରେ ଯତ୍ନବାନ୍ ହେବେ। କେତେକ ଭୁଲ୍‌ରୁ ହାତକୁ ନେଇଥିବା କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ସାମାଜିକ ସ୍ତରରେ ଖଳ ଲୋକମାନଙ୍କ ଦ୍ୱାରା ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। କୌଣସି ବ୍ୟକ୍ତି ଦ୍ୱାରା ପ୍ରରୋଚିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ଧନୁ** – ଆଜି ହଠାତ୍ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ପାରିବାରିକ ଜଞ୍ଜାଳ ବୃଦ୍ଧି ମନରେ ଅସ୍ଥିରତା ସୃଷ୍ଟି କରିବ। ଗଠନ ମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପୁରାତନ ରୋଗରେ କଷ୍ଟ ପାଇବେ।

**ମକର** – ଆଜିର କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ। ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗିରହିଲେ ମଧ୍ୟ ପରକ୍ଷଣରେ ସୁଧୁରିଯିବାର ସମ୍ଭାବନା ରହିଛି। ସଭାସମିତିରେ ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଓ ଚଳଚ୍ଚିତ୍ରାଦି ମନୋରଞ୍ଜନ କାମ ପ୍ରୀତିପ୍ରଦ ହେବ। ବିବାଦୀୟ ଘଟଣାରେ ଆଶଙ୍କା କରି ମାନସିକ ସ୍ତରରେ ଅସୁସ୍ଥତା ଅନୁଭବ କରିବେ।

**କୁମ୍ଭ** – ଉପରିସ୍ଥଙ୍କ ଆଦେଶାନୁସାରେ ଅଫିସ କାମରେ ଆକସ୍ମିକ ଯାତ୍ରା କରିବାକୁ ପଡିପାରେ। ପାରିବାରିକ କ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧହୋଇପାରନ୍ତି।

**ମୀନ** – ଆଜି ଆପଣ ଜଟିଳ କାମକୁ ମଧ୍ୟ ଅତି ସହଜରେ ସମାଧାନ କରିପାରିବେ। ପ୍ରତ୍ୟେକ କ୍ଷେତ୍ରରେ ଟେନ୍‌ସନ୍ କମିଯିବ, ସହଯୋଗଭିତ୍ତିରେ କାମ କଲେ ଉପକାର ପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ନିଜର ତ୍ରୁଟି ବିଚ୍ୟୁତିକୁ ସୁଧାରି ନେବା ବୁଦ୍ଧିମାନର କାମ ହେବ।

ଆଜି ଶ୍ରାବଣ(ମଳ)ଶୁକ୍ଳପକ୍ଷ ଦଶମୀ ଯୁକ୍ତ ଏକାଦଶୀ ଶୁକ୍ରବାର, ଜୁଲାଇ ୨୮ ତାରିଖ, ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ, ବିଶ୍ୱ ହେପାଟାଇଟିସ୍ ଦିବସ, ରାଶି ନକ୍ଷତ୍ର-ଅନୁରାଧା/ବିଛା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଏକାଦଶୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୪ ଗତେ ଘ.୦୬।୧୬ ମଧ୍ୟେ, ଘ.୦୭।୦୮ ଗତେ ଘ.୦୮।୩୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୫ ଗତେ ଘ. ୧୧।୫୩ ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

### ଦେଶରେ କ'ଣ କେହି...

କାରୋଲ ସାମିଲ ଥିବା ଏହି ଖଣ୍ଡପୀଠ ଗୁରୁବାର ଶୁଣାଣି ବେଳେ ସରକାରଙ୍କୁ ପ୍ରଶ୍ନ କରିଥିଲେ, ୧୪୦ କୋଟି ଭାରତୀୟଙ୍କ ମଧ୍ୟରୁ ଆମେ କ'ଣ କେବଳ ଜଣେ ଅଧିକାରୀଙ୍କ ଉପରେ ନିର୍ଭରଶୀଳ ହୋଇ ରହିବା? ତାଙ୍କ ବ୍ୟତୀତ ଇଡିରେ ଆଉ କେହି ଯୋଗ୍ୟ ଅଧିକାରୀ ନାହାନ୍ତି କି? ସମ୍ପୂର୍ଣ୍ଣ ବିଭାଗରେ କ'ଣ ସବୁ ଅଯୋଗ୍ୟ ଲୋକ ଭର୍ତ୍ତି ହୋଇଛନ୍ତି ବୋଲି ମେହେଟ୍ଟାଙ୍କୁ ଖଣ୍ଡପୀଠ ପଚାରିଥିଲେ। ଇଡି ପକ୍ଷରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ କହିଥିଲେ, ଏଫ୍ଏଟିଏଫ୍‌ର ଗ୍ରେ ଲିଷ୍ଟ (ଧୂସର ତାଲିକା)ରେ ଭାରତକୁ ସ୍ଥାନିତ କରିବା ପାଇଁ କେତେକ ପଡ଼ୋଶୀ ରାଷ୍ଟ୍ର ଚାହୁଁଛନ୍ତି। ତେଣୁ ଇଡି ମୁଖ୍ୟ ଭାବେ ସଞ୍ଜୟ ରହିବା ଜରୁରୀ।

**ଅବଧି ବୃଦ୍ଧିକୁ ବେଆଇନ ଦର୍ଶାଇଥିଲେ ସୁପ୍ରିମକୋର୍ଟ**

ବିରୋଧୀ ଦଳଗୁଡ଼ିକର ମୁହଁ ବନ୍ଦ ପାଇଁ କେନ୍ଦ୍ରର ମୋଦି ସରକାର କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରୁଥିବା ନେଇ ଅଭିଯୋଗ ବଢ଼ିବାରେ ଲାଗିଥିବାବେଳେ ସଞ୍ଜୟ ମିଶ୍ରାଙ୍କୁ ପୂର୍ଣ୍ଣକାଳୀନ ମୁଖ୍ୟ ଭାବେ ନିଯୁକ୍ତ କରାଯାଇଥିଲା। ୨୦୨୦ ନଭେମ୍ବରରେ ସଞ୍ଜୟ ୬୦ ବର୍ଷରେ ଉପନୀତ ହୋଇ ଅବସର ନେବାର ଥିଲା। କିନ୍ତୁ ତାଙ୍କ ୨ ବର୍ଷିଆ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ କେନ୍ଦ୍ର ସରକାର ଏହି ଅବଧିକୁ ଆଉ ବର୍ଷେ ବଢ଼ାଇଦେଇଥିଲେ, ଯାହାକୁ ବେସରକାରୀ ସଙ୍ଗଠନ (ଏନ୍‌ଜିଓ) କମନ୍ କଜ୍ ପକ୍ଷରୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ତେବେ କେନ୍ଦ୍ର ସରକାର ଏହା ପୂର୍ବରୁ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ଆଇନ ଏବଂ ଦିଲ୍ଲୀ ପୋଲିସ ଏଷ୍ଟାବ୍ଲିଶ୍‌ମେଣ୍ଟ ଆକ୍ଟରେ ସଂଶୋଧନ ଆଣିଥିବାରୁ ୨୦୨୧ରେ ସୁପ୍ରିମକୋର୍ଟ ସଞ୍ଜୟଙ୍କ ନିଯୁକ୍ତି ଅବଧି ବୃଦ୍ଧିକୁ ଅନୁମତି ଦେଇଥିଲେ। ଏହି ଅବଧି ୨୦୨୧ ନଭେମ୍ବରରେ ଶେଷ ହେବାକୁ ଥିବାବେଳେ ସରକାର ଏହାକୁ ପୁଣି ୨୦୨୨ ନଭେମ୍ବର ପର୍ଯ୍ୟନ୍ତ ବଢ଼ାଇଥିଲେ। ସଞ୍ଜୟଙ୍କ ଶେଷ ବର୍ଦ୍ଧିତ ଅବଧି ୨୦୨୩ ନଭେମ୍ବର ପର୍ଯ୍ୟନ୍ତ ରହିଥିଲା। ୩ ଥର ଅବଧି ବୃଦ୍ଧି ମଧ୍ୟରେ ସଞ୍ଜୟ ଅନେକ ହାଇ-ପ୍ରୋଫାଇଲ ରାଜନେତା ବିଶେଷକରି ବିରୋଧୀ ନେତାମାନଙ୍କ ବିରୋଧରେ ତଦନ୍ତ ଚଳାଇ ଚର୍ଚ୍ଚିତ ଓ ବିବାଦୀୟ ହୋଇଥିଲେ। ତେଣୁ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ବିରୋଧରେ ସରକାର ଇଡିକୁ ଅସ୍ତ୍ର ଭାବେ ବ୍ୟବହାର କରୁଥିବା ଅଭିଯୋଗ ବଢ଼ିଥିଲା। ଇତିମଧ୍ୟରେ କଂଗ୍ରେସ ନେତା ରଣଦୀପ ସୁର୍ଯ୍ୟେୱାଲା, ଜୟା ଠାକୁର ଏବଂ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ରଙ୍କ ସମେତ ଆଉ କେତେଜଣ ବ୍ୟକ୍ତି ସଞ୍ଜୟଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ବି.ଆର୍. ଗଭାଇଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ବିକ୍ରମ ନାଥ ଏବଂ ସଞ୍ଜୟ କାରୋଲଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ମେ' ୮ରେ ଉକ୍ତ ଆବେଦନଗୁଡ଼ିକର ଶୁଣାଣି ଶେଷକରି ରାୟ ସଂରକ୍ଷିତ ରଖିଥିଲେ। ଜୁଲାଇ ୧୧ରେ ଖଣ୍ଡପୀଠ ରାୟ ପ୍ରକାଶ କରି ସଞ୍ଜୟଙ୍କ ତୃତୀୟ କାର୍ଯ୍ୟକାଳ ବୃଦ୍ଧିକୁ ବେଆଇନ ଦର୍ଶାଇଥିଲେ। ଖଣ୍ଡପୀଠ କହିଥିଲେ, ସଞ୍ଜୟଙ୍କ ବର୍ଦ୍ଧିତ କାର୍ଯ୍ୟକାଳ ୨୦୨୧ରେ ଦିଆଯାଇଥିବା ରାୟରେ ଥିବା ନିୟମକୁ ଉଲ୍ଲଂଘନ କରୁଛି। ତେବେ ଆତଙ୍କବାଦ ପାଇଁ ପାଣ୍ଠି ଯୋଗାଣ ନିରୋଧୀ ବୈଶ୍ୱିକ ଜଗୁଆଳି ସଂସ୍ଥା ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍ଏଟିଏଫ୍) ଚଳିତ ବର୍ଷର ସମୀକ୍ଷା ଚଳାଇଥିବାରୁ ଏହାକୁ ଦୃଷ୍ଟିରେ ରଖି ସହଜ ଦାୟିତ୍ୱ ହସ୍ତାନ୍ତର ପାଇଁ ସଞ୍ଜୟ ଜୁଲାଇ ୩୧ ପର୍ଯ୍ୟନ୍ତ ଇଡି ନିର୍ଦ୍ଦେଶକ ପଦରେ ରହିପାରିବେ। ଏହା ପରେ କେନ୍ଦ୍ର ସରକାର ତଦନ୍ତକାରୀ ସଂସ୍ଥାର ମୁଖ୍ୟ ଭାବେ ଅନ୍ୟ ଜଣଙ୍କୁ ନିଯୁକ୍ତି ଦେବାକୁ ବାଧ୍ୟ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ। ଏହା ସତ୍ତ୍ୱେ ସରକାର ଆସନ୍ତା ଅକ୍ଟୋବର ୧୫ ପର୍ଯ୍ୟନ୍ତ ସଞ୍ଜୟଙ୍କୁ ଇଡି ମୁଖ୍ୟ ପଦରେ ରହିବାକୁ ଦିଆଯାଉ ବୋଲି ଶୀର୍ଷ ଅଦାଲତରେ ପିଟିଶନ ଦାଖଲ କରିଥିଲେ।

### ଫେବୃୟାରୀ ୨୦ରୁ...

ମାର୍ଚ୍ଚ ୪ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଛାତ୍ରୀଛାତ୍ରମାନେ ୨୦୨୩ ଅକ୍ଟୋବରରେ ଫର୍ମ ପୂରଣ କରିବେ। ପରୀକ୍ଷା ପରେ ମାର୍ଚ୍ଚ ୧୨ରୁ ଖାତା ଦେଖା ଆରମ୍ଭ ହେବ ଏବଂ ୧୨ଦିନ ମଧ୍ୟରେ ଖାତା ଦେଖା ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପରୀକ୍ଷା ସମ୍ପର୍କିତ ବିସ୍ତୃତ ବିବରଣୀ ପରେ ଘୋଷଣା କରାଯିବ ବୋଲି କୁହାଯାଇଛି। ସେହିପରି ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଅର୍ଦ୍ଧବାର୍ଷିକ ପରୀକ୍ଷା ଆସନ୍ତା ସେପ୍ଟେମ୍ବର ୧୩ ରୁ ୧୬ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାକୁ ନେଇ ବୋର୍ଡ ପକ୍ଷରୁ ଖୁବ୍‌ଶୀଘ୍ର ତାରିଖ ଘୋଷଣା କରାଯାଇଛି। ସେହିପରି ପୂର୍ବ ବର୍ଷ ଅପେକ୍ଷା ଚଳିତ ଶିକ୍ଷା ବର୍ଷରେ ଖୁବଶୀଘ୍ର ପରୀକ୍ଷା ମଧ୍ୟ ହେବାକୁ ଯାଉଛି। ପ୍ରତ୍ୟେକ ବର୍ଷ ମାର୍ଚ୍ଚ, ଏପ୍ରିଲ ବେଳକୁ ପରୀକ୍ଷା ଅନୁଷ୍ଠିତ ହୋଇଥାଏ।

ପ୍ରକାଶ ଥାଉକି ମାଟ୍ରିକ ପରୀକ୍ଷା ଢାଞ୍ଚା ପରିବର୍ତ୍ତନ କରାଯାଇ ପୁରୁଣା ପଦ୍ଧତିରେ ପରୀକ୍ଷା କରାଯିବ ବୋଲି ପୂର୍ବରୁ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। କୋଭିଡ୍ ପାଇଁ ହେଉଥିବା ୨ଟି ସମ୍ମେଟିଭ ପରୀକ୍ଷା ଆଉ ହେବନାହିଁ। ଏବେ କେବଳ ଦଶମରେ ଗୋଟିଏ ପରୀକ୍ଷା କରାଯିବ ବୋଲି ଘୋଷଣା କରାଯାଇଛି। କରୋନା ପାଇଁ ସମ୍ମେଟିଭ ବ୍ୟବସ୍ଥା ହୋଇଥିଲା। କରୋନା ପରେ ପୁଣି ପୁରୁଣା ପରୀକ୍ଷା ପଦ୍ଧତିରେ ପରୀକ୍ଷା କରିବା ଲାଗି ବୋର୍ଡ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

### ସିବିଆଇକୁ ତଦନ୍ତ...

ଆକ୍ରମଣ ଏବଂ ଜାତିଆଣ ହିଂସା ଲାଗିରହିଛି। ମେ' ୪ରେ ସେନାପତି ଜିଲା କାଙ୍ଗ୍‌ପୋକ୍‌ପିଠାରେ କୁକି-ଜୁ ସମ୍ପ୍ରଦାୟର ଜଣେ ମହିଳାଙ୍କୁ ଏକ ବିଲକୁ ନେଇ ମେଇତି ସମ୍ପ୍ରଦାୟର ସଶସ୍ତ୍ରଲୋକେ ଗଣବଳାତ୍କାର କରିଥିଲେ। ତାଙ୍କ ସହ ଆଉ ଜଣେ ମହିଳାଙ୍କୁ ଉଲଗ୍ନ କରି ରାସ୍ତାରେ ପରେଡ୍ ମଧ୍ୟ କରିଥିଲେ, ଯାହାର ଭିଡିଓ ମେ' ୧୯ରୁ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଚାଲିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିବୃତି ଦାବିରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ପାର୍ଲାମେଣ୍ଟ ଅଚଳ ହୋଇଯାଇଥିବାବେଳେ କେନ୍ଦ୍ର ସରକାର ଏହି ମାମଲାର ତଦନ୍ତ ମଣିପୁର ବାହାରେ କରାଇବା ପାଇଁ ଶୁକ୍ରବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବେ। ମଣିପୁରରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଉଭୟ ମେଇତି ଓ କୁକି ସମ୍ପ୍ରଦାୟ ସହ ଆଲୋଚନା କରୁଛନ୍ତି। ଭାଇରାଲ ଭିଡିଓ ଶୁଟ୍ କରିଥିବା ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ତାଙ୍କ ମୋବାଇଲକୁ ମଧ୍ୟ ଜବତ କରାଯାଇଛି। ସମ୍ପୂର୍ଣ୍ଣ ଘଟଣାକ୍ରମ ସେହି ମୋବାଇଲରୁ ଜଣାପଡ଼ିବ ବୋଲି ଅଧିକାରୀ ଜଣକ କହିଛନ୍ତି। ସମ୍ପୃକ୍ତ ଅଧିକାରୀଙ୍କ ମତରେ ମଣିପୁର ହିଂସାରେ ପ୍ରାୟ ୧୫୦ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୬ଟି ସମ୍ବେଦନଶୀଳ ମାମଲାର ତଦନ୍ତ ମଧ୍ୟ ସିବିଆଇକୁ ଦିଆଯାଇଛି ବୋଲି ଅଧିକାରୀ ଜଣକ କହିଛନ୍ତି।

### ୩ ଦିନିଆ ଗସ୍ତ...

ବିମାନବନ୍ଦରରେ ତାଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଦାୟ ଜଣାଇଥିଲେ। ଏହି ସମୟରେ ମୁଖ୍ୟ ଶାସନ ସଚିବ, ପୋଲିସ କମିଶନର ଏବଂ ଭୁବନେଶ୍ୱର ମେୟର ପ୍ରମୁଖ ଉପସ୍ଥିତ ଥିଲେ।

### 'ବ୍ୟକ୍ତି ବଦଳିଲେ...

ପ୍ରଯୁକ୍ତି ପରିବର୍ତ୍ତନର ବାହକ ଏବଂ ସେହି ପରିବର୍ତ୍ତନକୁ ଅଣଦେଖା କରାଯାଇ ପାରିବ ନାହିଁ, କାରଣ ବିକାଶ ପାଇଁ ଏହା ଜରୁରୀ। ଭୌତିକ ପରିବର୍ତ୍ତନ ଆମକୁ ଖୁସି ଦେଇପାରେ, କିନ୍ତୁ ଆଧାତ୍ମିକ ମାର୍ଗରେ ଚାଲିଲେ ମାନସିକ ଶାନ୍ତି ମିଳିଥାଏ। ଧ୍ୟାନ ଏବଂ ଏକ ଶୃଙ୍ଖଳିତ ଜୀବନଶୈଳୀ ଜରିଆରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆଧ୍ୟାତ୍ମିକତାର ମାର୍ଗ ଦେଖାଉଥିବାରୁ ରାଷ୍ଟ୍ରପତି ଖୁସି ବ୍ୟକ୍ତ କରିଥିଲେ। ରାଷ୍ଟ୍ରପତି ମୁର୍ମୁ କହିଥିଲେ, ବିଭିନ୍ନ ସମୟରେ ଅନେକ ନକାରାତ୍ମକ ଚିନ୍ତାଧାରା ଆମ ମାନସିକତାକୁ ପ୍ରଭାବିତ କରିଥାଏ। କିନ୍ତୁ ଆତ୍ମସମୀକ୍ଷା ନ କରିବା କାରଣରୁ, ଆମେ ନକାରାତ୍ମକ ବିଚାରର ଶିକାର ହୋଇଥାଉ। ଆମ ଭିତରେ ଈର୍ଷା ଓ ଘୃଣା ଭାବନା ବଢ଼ିଚାଲିଛି। ନକାରାତ୍ମକ ଚିନ୍ତାଧାରାର ମୁକାବିଲା କରିବା ବର୍ତ୍ତମାନ ସମୟର ବଡ଼ ଆହ୍ୱାନ। ବ୍ୟକ୍ତି ବଦଳିଲେ ପରିବାର ଏବଂ ସମାଜର ବିକାଶ ହୋଇଥାଏ। ତେଣୁ ସମସ୍ତଙ୍କୁ ସକାରାତ୍ମକତା ଦିଗରେ ଅଗ୍ରସର ହେବା ପାଇଁ ସେ ପରାମର୍ଶ ଦେଇଥିଲେ। ମାନବ ଜାତିକୁ ସଚେତନ କରିବା ଓ ସକାରାତ୍ମକ ଦିଗରେ ଅଗ୍ରସର ହେବା ଲାଗି ଲୋକଙ୍କୁ ସହାୟତା କରିବା ନେଇ ସେ ବ୍ରହ୍ମାକୁମାରୀ ସଙ୍ଗଠନର ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି ଏକ ଆମ୍ରପଲ୍ଲୀ ଆମ୍ବ ଗଛ ଚାରା ଲଗାଇଥିବାବେଳେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏକ ସପେଟା ଗଛ ଚାରା ଲଗାଇଥିବା ଦେଖିବାକୁ ମିଳିଥିଲା।

# ସ୍ତ୍ରୀଙ୍କୁ ଭିଡିଓ କଲ୍ କରି ଡ୍ରାଇଭରଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର,୨୭।୭(ସତ୍ୟଜିତ୍ ରାଉତ)**

**ପାରିବାରିକ କଳହର କରୁଣ ପରିଣତି**

- ସ୍ତ୍ରୀଙ୍କ ସହ ହେଉଥିଲା ଝଗଡ଼ା, ଗିରଫ ହୋଇ ଯାଇଥିଲେ ଜେଲ
- ସ୍ତ୍ରୀ କରିଥିଲେ ଛାଡ଼ପତ୍ର ଆବେଦନ
- ପୂର୍ବରୁ ସାନଭାଇ ବିଷ ଖାଇ ଆତ୍ମହତ୍ୟା କରିଥିଲେ

ପାରିବାରିକ କଳହ ପାଇଁ ରାଜଧାନୀରେ ଆଉ ଜଣଙ୍କ ଜୀବନ ଯାଇଛି। ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ଭିଡିଓ କଲ୍ କରି ଗାମୁଛାରେ ଫ୍ୟାନ୍ ଦ୍ୱାରା ଝୁଲି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଘୁଣ୍ଟୁଣୀ ଅଞ୍ଚଳର ଅଭିମନ୍ୟୁ ସାମନ୍ତରାୟ (୩୩)। ନୟାପଲ୍ଲୀ ଥାନା ଅନ୍ତର୍ଗତ ଏକ ମାର୍ବଲ ଦୋକାନର ରେଷ୍ଟ ରୁମ୍‌ରୁ ଗୁରୁବାର ସକାଳୁ ସାଇଣ୍ଟିଫିକ୍ ଟିମ୍ ଉପସ୍ଥିତିରେ ପୋଲିସ ଅଭିମନ୍ୟୁଙ୍କ ମୃତଦେହ ଜବତ କରିଛି। ବୁଧବାର ବିଳମ୍ବିତ ରାତିରେ ଅଭିମନ୍ୟୁ ଆତ୍ମହତ୍ୟା କରିଥିବା କୁହାଯାଉଛି। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୬୪/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଅଭିମନ୍ୟୁ ୪ବର୍ଷ ତଳେ ନିଜ ଗାଁରେ ବିବାହ କରିଥିଲେ। ସେହି ସମୟରେ ପରିବାରରେ ଝଗଡ଼ା ହୋଇଥିଲା ଓ ତାଙ୍କ ସାନଭାଇ ବିଷ ଖାଇ ଆତ୍ମହତ୍ୟା କରିଥିଲେ। ଏହାପରେ ପରିବାରରେ ଝଗଡ଼ା ଲାଗିରହିବାରୁ ଉକ୍ତ ଦମ୍ପତି ଘର ଛାଡ଼ି ବାହାରେ ରହିଥିଲେ। ହେଲେ ଏହାପରେ ଅଭିମନ୍ୟୁ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଏଥିପାଇଁ ତାଙ୍କ ସ୍ତ୍ରୀ ବାପଘରେ ଯାଇ ରହିଥିଲେ। ଗତ ବର୍ଷ ପଞ୍ଚାୟତ ନିର୍ବାଚନ ସମୟରେ ଏପରିକି ଅଭିମନ୍ୟୁଙ୍କ ବିରୋଧରେ ସ୍ତ୍ରୀ ଯୌତୁକ ନିର୍ଯାତନା ଅଭିଯୋଗ ଆଣିଥିଲେ। ସ୍ଥାନୀୟ ପୋଲିସ ଅଭିମନ୍ୟୁଙ୍କୁ ଗିରଫ କରି ଜେଲ ପଠାଇଥିଲା। ୩ ମାସ ପରେ ସେ ଜାମିନ୍‌ରେ ଆସିଥିଲେ। ପରେ ତାଙ୍କ ସ୍ତ୍ରୀ ଖୋର୍ଦ୍ଧା କୋର୍ଟରେ ଛାଡ଼ପତ୍ର ପାଇଁ ଆବେଦନ କରିଥିଲେ। ଏହାକୁ ନେଇ ଅଭିମନ୍ୟୁ ମାନସିକ ଚାପରେ ରହୁଥିଲେ। ଅଭିମନ୍ୟୁ କିଛି ମାସ ହେଲା ଭୁବନେଶ୍ୱର ଇସ୍କନ ମନ୍ଦିର ନିକଟସ୍ଥ ଏକ ମାର୍ବଲ ଦୋକାନରେ ନିୟୋଜିତ ଥିବା ଜଣେ ମାଲିକଙ୍କ ମାଲବୁହା ଅଟୋ ଚଳାଉଥିଲେ। ସେ ଉକ୍ତ ଦୋକାନର ରେଷ୍ଟ


ଅଭିମନ୍ୟୁ ସାମନ୍ତରାୟ

ରୁମ୍‌ରେ ରହୁଥିଲେ। ବୁଧବାର ବିଳମ୍ବିତ ରାତିରେ ସେ ସ୍ତ୍ରୀଙ୍କୁ ଭିଡିଓ କଲ୍ କରି ଆତ୍ମହତ୍ୟା କରୁଥିବା କହିଥିଲେ। ସକାଳେ ସ୍ଥାନୀୟ ରୁମ୍‌ରେ ରହୁଥିବା ଅନ୍ୟ କର୍ମଚାରୀମାନେ ଘର ଫାଙ୍କରେ ତାଙ୍କ ଝୁଲନ୍ତା ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ବନ୍ଦ ରୁମ୍‌ର କାନ୍ଥ ଭାଙ୍ଗି କବାଟ ଭିତର ପାଖ ତାଲା ଭାଙ୍ଗି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲା। ଅନ୍ୟପକ୍ଷରେ କ୍ୟାପିଟାଲ ହସ୍ପିଟାଲରେ ଅଭିମନ୍ୟୁଙ୍କ ଭଉଣୀ ଓ ସମ୍ପର୍କୀୟମାନେ ପହଞ୍ଚିଥିଲେ। ଭଉଣୀଙ୍କ କାନ୍ଦରେ ସ୍ଥାନୀୟ ଅଞ୍ଚଳ ଫାଟିପଡ଼ିଥିଲା। ସେଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

# ଟିଟିଲାଗଡ଼ରେ ଶିଶୁବିକ୍ରି ଅଭିଯୋଗ

**ଥାନାର ଦ୍ୱାରସ୍ଥ ହେଲେ ଶିଶୁର ବାପା**

**ଟିଟିଲାଗଡ଼, ୨୭।୭ (ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହର ପଦ୍ମନାଭପୁରର ଜଣେ ମହିଳା ନିଜ ଅଢ଼େଇ ବର୍ଷର ଶିଶୁପୁତ୍ରକୁ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଶିଶୁର ବାପା ଅକ୍ଷୟ ପଟେଲ ଗୁରୁବାର ଟିଟିଲାଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ଅକ୍ଷୟଙ୍କ ସ୍ତ୍ରୀ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ର ଜଣେ ବ୍ୟକ୍ତିଙ୍କୁ ୧୦ ହଜାର ଟଙ୍କାରେ ପୁଅକୁ ବିକ୍ରି କରି ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଖବର ପାଇ ଟିଟିଲାଗଡ଼ ନାରୀଶକ୍ତି ସଭାନେତ୍ରୀ ଅଞ୍ଜଳି ବେହେରା, ବିକାଶ ସେନା ସଭାପତି ଅମ୍ଲାନ ଷଡ଼ଙ୍ଗୀ ଥାନାରେ ପହଞ୍ଚି ଅଭିଯୋଗର ଉଚିତ ତଦନ୍ତ କରିବାକୁ ଦାବି କରିଛନ୍ତି।

ଅଭିଯୋଗରୁ ପ୍ରକାଶ ଯେ, ଟିଟିଲାଗଡ଼ ସହର ପଦ୍ମନାଭପୁରର ଅକ୍ଷୟ ୪ ବର୍ଷ ତଳେ କଳାହାଣ୍ଡିର ମାନସୀ ବାଗଙ୍କୁ ବିବାହ କରିଥିଲେ। ତାଙ୍କର ଏକ ପୁତ୍ର ଜନ୍ମ ହୋଇଥିଲା। କୌଣସି କାରଣରୁ ସ୍ତ୍ରୀ-ସ୍ୱାମୀଙ୍କ ମଧ୍ୟରେ କଳହ ଲାଗିବାରୁ କିଛିଦିନ ଉଭୟେ ଅଲଗା ରହୁଥିଲେ। ତେବେ ପୁଅ ଅକ୍ଷୟଙ୍କ ପାଖରେ ରହୁଥିଲା। ଦୁଇଦିନ ତଳେ ମାନସୀ ତାଙ୍କ ଘରକୁ ଆସି ପୁଅକୁ ବୁଲାଇ ନେବାକୁ କହି ସାଙ୍ଗରେ ନେଇଯାଇଥିଲେ। ଏହାପରେ ସେ ପୁଅକୁ ଆଉ ଆଣି ତାଙ୍କ ପାଖରେ ଛାଡି ନ ଥିଲେ। ପଚାରିଲେ କୌଣସି ଉତ୍ତର ନ ଦେବାରୁ ଅକ୍ଷୟଙ୍କର ସନ୍ଦେହ ହୋଇଥିଲା। ଖୋଳତାଡ଼ ପରେ ମାନସୀ ପୁଅକୁ ଲାଞ୍ଜିଗଡ଼ ଅଞ୍ଚଳର କପିଳ ବାଗ ନାମକ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରି ଦେଇଥିବା ଜଣାପଡିଥିଲା ବୋଲି ଅକ୍ଷୟ କହିଛନ୍ତି। ଅଭିଯୋଗ ଆଧାରରେ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଟିଟିଲାଗଡ଼ ଥାନା ଆଇଆଇସି ମନୋଜ ପ୍ରଧାନ କହିଛନ୍ତି।


## ସର୍ବସାଧାରଣ ବିଜ୍ଞପ୍ତି

ପୂର୍ବତନ କର୍ମଚାରୀଙ୍କ ଦ୍ୱାରା ଲାଲ୍‌ଚାନ୍ଦ୍ ଜୁଏଲର୍ସ ନାମର ଅପବ୍ୟବହାର

LALCHND
Trusted Brand Since 1948



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚିତ କରାଯାଉଛି ଯେ, **କିଶନ ଲାଲ୍ ଗୁପ୍ତା**, ପିତା: ରାମେଶ୍ୱର ଲାଲ୍ ଗୁପ୍ତା, ଠିକଣା: ନାଗେଶ୍ୱର ରେସିଡେନ୍ସି, ବ୍ଲକ ଏ, ଫ୍ଲାଟ୍ ଏ୨୦୫, କଳାରାହାଙ୍ଗ, ଭୁବନେଶ୍ୱର ନାମକ ଜନୈକ ବ୍ୟକ୍ତି **ଲାଲ୍‌ଚାନ୍ଦ୍ ଜୁଏଲର୍ସ ପ୍ରାଇଭେଟ୍ ଲିମିଟେଡ୍**‌ରେ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ, ଯାହାଙ୍କୁ କମ୍ପାନୀର ନିର୍ଦ୍ଦେଶକ ପଦରୁ ବୋର୍ଡ ପକ୍ଷରୁ ୨୪.୦୭.୨୩ ତାରିଖରେ ଅନୁମୋଦିତ ପ୍ରସ୍ତାବ କ୍ରମେ ବହିଷ୍କୃତ କରାଯାଇଛି ଏବଂ କଟକସ୍ଥିତ କମ୍ପାନୀ ରେଜିଷ୍ଟ୍ରାର୍‌ଙ୍କୁ ଏ ସମ୍ପର୍କରେ ସୂଚୀତ କରାଯାଇଛି। **ଶ୍ରୀ ଗୁପ୍ତା** କମ୍ପାନୀର ନିର୍ଦ୍ଦେଶକ ପଦରୁ ବହିଷ୍କାର ଆଦେଶକୁ ଅମାନ୍ୟ କରି ଏବଂ କମ୍ପାନୀ ସହ କୌଣସି ପ୍ରକାରେ ସଂଶ୍ଳିଷ୍ଟ ନ ଥାଇ ମଧ୍ୟ ବିଭିନ୍ନ ପ୍ରକାର ଅନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କୁ କମ୍ପାନୀର ନିର୍ଦ୍ଦେଶକ ଭାବେ ପରିଚୟ ଦେଇ ଭ୍ରମିତ କରୁଥିବା ମ୍ୟାନେଜମେଣ୍ଟର ଦୃଷ୍ଟିଗୋଚର ହୋଇଛି। ଅତ୍ୟନ୍ତ ଅନୈତିକ ଓ ନିନ୍ଦନୀୟ ହେବା ସହ ତାଙ୍କର ଆଚରଣ କମ୍ପାନୀର ପ୍ରତିଷ୍ଠିତ ମୂଲ୍ୟବୋଧ ଓ ଆଦର୍ଶର ସମ୍ପୂର୍ଣ୍ଣ ପରିପନ୍ଥୀ। ତାଙ୍କର ବେଆଇନ୍ କାର୍ଯ୍ୟକଳାପ କମ୍ପାନୀର ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରୁଛି। ଏଣୁ, ଏହି ସର୍ବସାଧାରଣ ବିଜ୍ଞପ୍ତି ଦ୍ୱାରା **ଶ୍ରୀ ଗୁପ୍ତା**ଙ୍କ ସହ ଲାଲ୍‌ଚାନ୍ଦ୍ ଗ୍ରୁପ୍ ସମ୍ପର୍କିତ କୌଣସି ପ୍ରକାର ବ୍ୟବସାୟ ନ କରିବାକୁ ସମସ୍ତଙ୍କୁ କମ୍ପାନୀ ପକ୍ଷରୁ ଦୃଢ଼ ଏବଂ ବିନମ୍ର ପରାମର୍ଶ ଦିଆଯାଉଛି। ଭବିଷ୍ୟତରେ **ଶ୍ରୀ କିଶନ ଲାଲ୍ ଗୁପ୍ତା**ଙ୍କ ସହ ଲାଲ୍‌ଚାନ୍ଦ୍ କମ୍ପାନୀ ସମୂହ ପାଇଁ ବା ତରଫରୁ କରାଯାଇଥିବା ଯେ କୌଣସି ପ୍ରକାର ନେଣଦେଣ କାରବାରକୁ ମୂଲ୍ୟହୀନ ଓ ଅମାନ୍ୟ ଭାବେ ଗ୍ରହଣ କରାଯିବ ଏବଂ କମ୍ପାନୀ ଏଥିପ୍ରତି ଦାୟୀ ରହିବ ନାହିଁ। ଯଦି କୌଣସି ବ୍ୟକ୍ତି ଲାଲ୍‌ଚାନ୍ଦ୍ କମ୍ପାନୀ ସମୂହ ବାବଦରେ ଶ୍ରୀ ଗୁପ୍ତାଙ୍କ ସହ କୌଣସି ପ୍ରକାର ନେଣଦେଣ କରନ୍ତି ତେବେ, ତାହା ତାଙ୍କର ନିଜସ୍ୱ ଦାୟିତ୍ୱବୋଧ ଅନ୍ତର୍ଗତ ହେବ ଏବଂ ଏଥିପାଇଁ କମ୍ପାନୀ ଉତ୍ତରଦାୟୀ ରହିବ ନାହିଁ।

ଭୁବନେଶ୍ୱର ରଘୁନାଥପୁର ୦୬୭୪-୨୪୬୯୧୪୯/୧୫୦/୧୫୧
ଭୁବନେଶ୍ୱର ମାଷ୍ଟର୍ କ୍ୟାଣ୍ଟିନ୍ ୦୬୭୪-୨୫୩୪୦୧୬/୧୭/୧୮
ବ୍ରହ୍ମପୁର ଧର୍ମ ନଗର ୦୬୮୦-୨୨୨୯୪୦୧/୦୨/୦୪
କଟକ କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ ୦୬୭୧-୨୩୦୨୫୦୫/୩୫୦୫/୪୫୦୫
ନୂଆଦିଲ୍ଲୀ ଲାଜ୍‌ପତ୍ ନଗର ୦୧୧-୪୫୭୬୯୫୬୪


# ସିତାଂଶୁ ମୋହନ ଦ୍ୱିବେଦୀ ଚତୁର୍ଥଥର ପାଇଁ ନିର୍ବାଚିତ

**ଭୁବନେଶ୍ୱର, ୨୭।୭**

ରାଜ୍ୟ ବାର୍ କାଉନ୍‌ସିଲ ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ବାର୍ ଆସୋସିଏଶନର ଆଇନଜୀବୀ ସିତାଂଶୁ ମୋହନ ଦ୍ୱିବେଦୀ କ୍ରମାଗତ ଭାବେ ଚତୁର୍ଥ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ଏନେଇ ଗୁରୁବାର ଘୋଷଣା କରାଯାଇଛି। ୨୦୦୨ ଏବଂ ୨୦୦୮ ମସିହାରେ ହୋଇଥିବା ରାଜ୍ୟ ବାର୍ କାଉନ୍‌ସିଲ ନିର୍ବାଚନରେ ଦ୍ୱିବେଦୀ ପ୍ରଥମ ପସନ୍ଦ ରେକର୍ଡ ସଂଖ୍ୟକ ଭୋଟ୍ ପାଇ ନିର୍ବାଚିତ ହୋଇଥିଲେ। ଏପରି କି ୨୦୧୩ ଏବଂ ୨୦୨୩ରେ ମଧ୍ୟ ଦ୍ୱିବେଦୀ ଆବଶ୍ୟକ ମୁତାବକ ପ୍ରଥମ ପସନ୍ଦ ମ୍ୟାଜିକ ନମ୍ବର ଭୋଟ ପାଇ ଚତୁର୍ଥଥର ପାଇଁ ନିର୍ବାଚିତ ହୋଇଥିବାରୁ ରାଜ୍ୟର ସମସ୍ତ ଆଇନଜୀବୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ବର୍ଷ ରାଜ୍ୟ ବାର୍ କାଉନ୍‌ସିଲ ନିର୍ବାଚନ ଗତ ଏପ୍ରିଲ୍ ୧୫


ସିତାଂଶୁ ମୋହନ ଦ୍ୱିବେଦୀ

ତାରିଖରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୯୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

ସୂଚନାଯୋଗ୍ୟ, ରାଜ୍ୟ ବାର କାଉନସିଲ ନିର୍ବାଚନ ପ୍ରତି ୫ ବର୍ଷ ବ୍ୟବଧାନରେ ହେବାର ସାମ୍ବିଧାନିକ ବ୍ୟବସ୍ଥା ଥିଲେ ମଧ୍ୟ କୌଣସି କାରଣ ପାଇଁ ୧୦ବର୍ଷ ଧରି ହୋଇପାରୁ

**ରାଜ୍ୟ ବାର୍ କାଉନ୍‌ସିଲ ନିର୍ବାଚନ**
**ରାଜ୍ୟର ସମସ୍ତ ଆଇନଜୀବୀଙ୍କୁ କୃତଜ୍ଞତା ଜଣାଇଲେ**

ନ ଥିଲା। ତେଣୁ ଆଇନଜୀବୀ ସିତାଂଶୁ ମୋହନ ଦ୍ୱିବେଦୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଦ୍ୱିବେଦୀଙ୍କ ଆବେଦନର ଶୁଣାଣି କରି ହାଇକୋର୍ଟ ଅବସରପ୍ରାପ୍ତ ବିଚାରପତି ପ୍ରମଥ କୁମାର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୦୨୩ ଏପ୍ରିଲ ୧୫ରେ ନିର୍ବାଚନ ସମାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଧାର୍ଯ୍ୟ ତାରିଖରେ ନିର୍ବାଚନ ଶେଷ ହୋଇଥିବାବେଳେ ଭୋଟ ଗଣତି କାର୍ଯ୍ୟକ୍ରମ ଚାଲୁ ରହିଛି। ରାଜ୍ୟ ବାର୍ କାଉନସିଲର ପୂର୍ବ ହୃତଗୌରବ ଫେରାଇ ଆଣିବା ସହ ଆଇନଜୀବୀମାନଙ୍କ ବହୁଦିନର ନ୍ୟାୟ୍ୟଦାବି ଯଥା କଲ୍ୟାଣପାଣ୍ଠି, ମ୍ୟାଚିଙ୍ଗଗ୍ରାଣ୍ଟ ବୃଦ୍ଧି, ସ୍ୱାସ୍ଥ୍ୟବୀମା, ଆଡ୍‌ଭୋକେଟ ଏକାଡେମୀ ଏବଂ ଅନ୍ୟାନ୍ୟ ନ୍ୟାଯ୍ୟ ଦାବିର ଉପସ୍ଥାପନା କରି ରାଜ୍ୟ ଆଇନଜୀବୀମାନଙ୍କ କଲ୍ୟାଣ ନିମନ୍ତେ କାର୍ଯ୍ୟ କରିବା ପାଇଁ ଦୃଢ଼ ପରିକର ଏବଂ ସଙ୍କଳ୍ପବଦ୍ଧ ବୋଲି ଦ୍ୱିବେଦୀ କହିଛନ୍ତି। ଚଳିତ ନିର୍ବାଚନରେ ଆଇନଜୀବୀମାନେ ଯୁବ ସଭ୍ୟମାନଙ୍କୁ ଅଧିକ ପରିମାଣରେ ପସନ୍ଦ କରିଥିବାରୁ ଏବଂ ବ୍ରହ୍ମପୁର ବାର୍ ଆସୋସିଏଶନର ଯୁବ ଆଇନଜୀବୀ ପୀତବାସ ପଣ୍ଡା ଏବଂ ଯାଜପୁର ଟାଉନ ବାର୍ ଅସୋସିଏଶନର ଯୁବ ଆଇନଜୀବୀ ରାଜୀବ ମହାନ୍ତିଙ୍କୁ ରାଜ୍ୟ ବାର କାଉନ୍‌ସିଲର ସଭ୍ୟ ଭାବେ ନିର୍ବାଚିତ କରିଥିବାରୁ ଦ୍ୱିବେଦୀ ରାଜ୍ୟର ସମସ୍ତ ବୁଦ୍ଧୀଜୀବୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ନାବାଳକ ପୁଅ ସହ ମିଶି ସ୍ୱାମୀଙ୍କୁ ହତ୍ୟା

**ଭଦ୍ରକ, ୨୭।୭ (ସନାତନ ରାଉତ)**

- ପରକୀୟା ପ୍ରୀତିକୁ ନେଇ କଳହ
- ମା' ପୁଅଙ୍କୁ ଗଛରେ ବାନ୍ଧି ମାଡ଼ ପରେ ପୋଲିସ ଜିମା ଦେଲେ ଗ୍ରାମବାସୀ

ପରକୀୟା ପ୍ରୀତିକୁ କେନ୍ଦ୍ରକରି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳହ ଉଗ୍ରରୂପ ନେଇଛି। ଏଥିରେ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀ ନାବାଳକ ପୁଅ ସହ ମିଶି ଶାବଳରେ ଭୁଷି ସ୍ୱାମୀଙ୍କୁ ହତ୍ୟା କରିଛନ୍ତି। ଗୁରୁବାର ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ବାଣିଆ ଗାଁର ମହଲାସାହିରେ। ମୃତକ ହେଲେ ଗ୍ରାମର ସୁରେଶ ମହଲା (୪୫)। ସ୍ଥାନୀୟ ଲୋକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ସୁରେଶ ଓ ତାଙ୍କ ପୁଅ ଗାଁରେ ରହୁଥିବା ବେଳେ ସ୍ତ୍ରୀ ସଞ୍ଜୁଲତା ଅନ୍ୟ ଜଣେ ପୁରୁଷଙ୍କ ସହ ବେଙ୍ଗାଲୁରୁରେ ରହୁଥିଲେ। ନିକଟରେ ସେ ଘରକୁ ଆସିଥିବା ବେଳେ ବୁଧବାର ରାତିରେ ପରକୀୟା ସମ୍ପର୍କକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଗୁରୁବାର ସକାଳ ପ୍ରାୟ ସାଢ଼େ ୭ଟା ବେଳେ ପୁନର୍ବାର ସେ ବେଙ୍ଗାଲୁରୁକୁ ଯିବା ପାଇଁ ବାହାରିବାରୁ ସୁରେଶ ବାରଣ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଉତ୍ତ୍ୟକ୍ତ ହୋଇ ନାବାଳକ ପୁଅ ସହ ମିଶି ସଞ୍ଜୁଲତା ଶାବଳରେ ସୁରେଶଙ୍କ ପେଟକୁ ଭୁଷି ଦେଇଥିଲେ। ସୁରେଶ ପ୍ରାଣ ବିକଳରେ ଦୌଡ଼ି ଆସି ରାସ୍ତାରେ ଅଚେତ ହୋଇ ପଡ଼ିଥିଲେ। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ପରେ ଗ୍ରାମବାସୀ ମା' ପୁଅଙ୍କୁ ଏକ ଗଛରେ ବାନ୍ଧି ମାଡ଼ ମାରିବା ସହ ଗ୍ରାମାଞ୍ଚଳ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଅଭିଯୁକ୍ତ ମା'ଙ୍କ ସହ ନାବାଳକ ପୁଅକୁ ହେପାଜତକୁ ନେଇଥିଲା। ଏନେଇ ବାଣିଆ ପଞ୍ଚାୟତର ସରପଞ୍ଚ ଦାମୋଦର ମହଲା ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା (ନଂ.୪୫୭/୨୩) ରୁଜୁ କରି ଅଭିଯୁକ୍ତ ସଞ୍ଜୁଲତାଙ୍କୁ ଗିରଫ କରିଛି। ନାବାଳକ ପୁଅଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରାଯିବ ବୋଲି ଥାନାଧିକାରୀ ଅମିତାଭ ଦାସ କହିଛନ୍ତି। ସୂଚନାଥାଉ କି, ମୃତ ସୁରେଶଙ୍କ ଘର ବନାରସରେ ହୋଇଥିବା ବେଳେ ବାହାଘର ପରଠାରୁ ଏଠାରେ ଘରଜ୍ୱାଇଁ ହୋଇ ରହୁଥିଲେ।

# ଆଜିଠାରୁ ମାଓବାଦୀଙ୍କ ଶହୀଦ ସପ୍ତାହ

**ମାଲକାନଗିରି, ୨୭।୭ (ଦୁର୍ଯ୍ୟୋଧନ ପାତ୍ର)**

ଜୁଲାଇ ୨୮ରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ମାଓବାଦୀଙ୍କ ଶହୀଦ ସପ୍ତାହ ପାଳନ ହେବାକୁ ଯାଉଥିବା ବେଳେ ଜିଲାରେ ଯେପରି ମାଓବାଦୀଙ୍କ ଦ୍ୱାରା କୌଣସି ଅଘଟଣ ନ ଘଟେ ସେଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିବା ଏସ୍‌ପି ନିତିଶ୍ ବାଧ୍ୱାନୀ ସୂଚନା ଦେଇଛନ୍ତି। ଏଥିସହ ୬ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ଅଞ୍ଚଳରେ କୋମ୍ବିଂକୁ ଅଗ୍ରାଧିକାର ଦିଆଯାଇଥିବା ବେଳେ ଗୋଇନ୍ଦା ବିଭାଗକୁ ସକ୍ରିୟ କରାଯାଇଛି। ଜିଲା ସୀମାନ୍ତରେ ଯାନବାହନ କଡାକଡି ଭାବେ ଯାଞ୍ଚ କରିବା ପାଇଁ ଆନ୍ଧ୍ରପ୍ରଦେଶ ସୀମାନ୍ତ ମୋଟୁ, ଛତିଶଗଡ ସୀମାନ୍ତ ଚଲାଣଗୁଡା ଓ ପଡିଆ ନିକଟ ଦର୍ଶାପାଲ୍‌ଠାରେ ପୋଲିସ ପକ୍ଷରୁ ଯାଞ୍ଚ କଡାକଡି କରାଯାଇଛି। ଜିଲାର ସମସ୍ତ ଟ୍ରାଫିକ ଅଞ୍ଚଳରେ ଅପରିଚିତ ଓ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି। ପୋଲିସ ମାଓବାଦୀଙ୍କ ସାମ୍ଭାବ୍ୟ ହିଂସାକାଣ୍ଡକୁ ଦୃଷ୍ଟିରେ ଓଡିଶା, ଛତିଶଗଡ, ଆନ୍ଧ୍ର ସୀମାକୁ ସିଲ କରି ଦିଆଯାଇଛି। ବିଏସଏଫ ପକ୍ଷରୁ ସ୍ୱତନ୍ତ୍ର ପୋଲିସ ମୁତୟନ କରଯାଇଛି। ଅନ୍ୟ ପକ୍ଷରେ ମାଓବାଦୀଙ୍କ ଶହୀଦ ସପ୍ତାହକୁ ଦୃଷ୍ଟିରେ ରଖି ସମସ୍ତ ସରକାରୀ ବସ୍ ଶୁକ୍ରବାରରୁ ବନ୍ଦ ରହିବ। ମାଲକାନଗିରିଠାରୁ ଭୁବନେଶ୍ୱର, କଟକ, ବଲାଙ୍ଗୀର, ବିଶାଖାପାଟଣା, ବିଜୟନଗରମ୍ ଓ ହାଇଦ୍ରାବାଦକୁ ଯାଉଥିବା ସମସ୍ତ ସରକାରୀ ବସ୍‌ଗୁଡିକ ବନ୍ଦ ରହିବ।










ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ବକ୍ତୃତା ପ୍ରତିଯୋଗିତା

# ଏକତା ହିଁ ଭାରତକୁ ବିଶ୍ୱଗୁରୁ କରିବ





ବକ୍ତୃତା ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଅଳକା ମହାବିଦ୍ୟାଳୟ ଅଧ୍ୟକ୍ଷ ରୁଦ୍ର ନାରାୟଣ ମହାନ୍ତି ଉଦ୍‌ବୋଧନ ଦେଉଥିବାବେଳେ ମଞ୍ଚାସୀନ ଅତିଥି, ବିଚାରକମଣ୍ଡଳୀ ଓ ଛାତ୍ରୀଛାତ୍ରମାନେ।

**ଜଗତ୍‌ସିଂହପୁର, ୨୭।୭**
**(ପ୍ରମୋଦ କୁମାର ନାୟକ)**

ବିଶ୍ୱର ବିଭିନ୍ନ ଦେଶରେ ଅରାଜକତା ଦେଖାଦେଇଛି। ଶାସକଙ୍କୁ ବିତାଡ଼ିତ କରି ଦିଆଯାଉଛି। ଆଫ୍ରିକା ମହାଦେଶର ଏକାଧିକ ରାଷ୍ଟ୍ର ସମେତ ପାକିସ୍ତାନ ଓ ବର୍ମା ଆଦିରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି, କିନ୍ତୁ ଭାରତରେ ସେଭଳି ନାହିଁ। କାରଣ ବିଭିନ୍ନ ଭାଷା, ଜାତି, ସମ୍ପ୍ରଦାୟ ମଧ୍ୟରେ ବିଭିନ୍ନତା ସତ୍ତ୍ୱେ ଆମେ ଏକତାବଦ୍ଧ ଭାବେ ରହିଛନ୍ତି। ଗଣତନ୍ତ୍ର ପ୍ରତି ପ୍ରତିଶ୍ରୁତିବଦ୍ଧ ରହିଛି। ଏଭଳି ଏକାଠି ରହିଲେ ପରବର୍ତ୍ତୀ ସମୟରେ ଭାରତ ବିଶ୍ୱଗୁରୁ ହୋଇପାରିବ। ସବୁଠୁ ବଡ଼ ଶକ୍ତି ଭାବେ ଉଭା ହେବ। ଗୁରୁବାର ଜଗତ୍‌ସିଂହପୁର ଜିଲା ବିରିଡ଼ି ବ୍ଲକ ଅନ୍ତର୍ଗତ ଅଳକା ମହାବିଦ୍ୟାଳୟ ପରିସରରେ ଧରିତ୍ରୀ ୫୦ ବର୍ଷ ପାଳନ ଅବସରରେ ଆୟୋଜିତ ଗଣତନ୍ତ୍ର, ଗଣମାଧ୍ୟମ ଓ ଯୁବପିଢ଼ି ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟ ଅଧ୍ୟକ୍ଷ ରୁଦ୍ର ନାରାୟଣ ମହାନ୍ତି ଏହା କହିଛନ୍ତି। ସେ କହିଥିଲେ, ଯୁବପିଢ଼ି ଆଗାମୀ ଶତାବ୍ଦୀରେ ବଡ଼ ଭୂମିକା ନିର୍ବାହ କରିବାକୁ ଯାଉଛନ୍ତି। ସେମାନେ ସଚେତନ ନ ହେଲେ ଗଣତନ୍ତ୍ର ସୁଦୃଢ଼ ରହିପାରିବ ନାହିଁ। ଧରିତ୍ରୀ ପକ୍ଷରୁ ବଛା ଯାଇଥିବା ପ୍ରତିଯୋଗିତାର ଶୀର୍ଷକ ବାସ୍ତବିକ ଯୁଗୋପଯୋଗୀ ଏବଂ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ଗଣତନ୍ତ୍ରରେ ସେମାନଙ୍କ ଭୂମିକା ବିଷୟରେ ସଚେତନ ରହିବା ସାଙ୍ଗକୁ ଆଗକୁ ବଢ଼ିବେ। ଦେଶ ପ୍ରଗତି ପାଇଁ ଭଲ ନେତା ନିର୍ବାଚିତ କରିବାକୁ ଚାହିଁବେ ବୋଲି ମହାନ୍ତି କହିଥିଲେ। ଏହି ଅବସରରେ ବିଚାରକ ଭାବେ ଗୀତି କବି ବାମଦେବ ସ୍ୱାଇଁ ଯୋଗଦେଇ ଧରିତ୍ରୀର ଉଦ୍ୟମକୁ ପ୍ରଶଂସା କରିଥିଲେ। ବକ୍ତୃତା ପ୍ରତିଯୋଗିତା ମାଧ୍ୟମରେ ଯୁବପିଢ଼ିଙ୍କୁ ସାମିଲ କରି ସଚେତନ ପାଇଁ ପ୍ରୟାସ କରାଯାଇଛି। ଏହାଦ୍ୱାରା ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ସ୍ୱାଇଁ କହିଥିଲେ। ଅନ୍ୟତମ ବିଚାରକ ତଥା ସାହିତ୍ୟିକ ପୀତାମ୍ବର ମହାପାତ୍ର ସାମାଜିକ ଗଣମାଧ୍ୟମଠାରୁ ଦୂରେଇ ରହିବା ସହ ମା'ବାପାଙ୍କ ନାଁ ରଖିବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସେ କହିଥିଲେ, ସମୟ ଯେଉଁ ଧାରାରେ ଚାଲିଛି କେବଳ ଯୁବପିଢ଼ି ଚାହିଁଲେ ପରିବର୍ତ୍ତନର ସ୍ୱର ବଦଳାଇ ପାରିବେ। ସେହିପରି ଗଣମାଧ୍ୟମ ଯଦିଓ ତାର ଦାୟିତ୍ୱ ନିର୍ବାହ କରୁଛି ତଥାପି କେତେକ କ୍ଷେତ୍ରରେ ବ୍ୟତିକ୍ରମ ହେଉଛି। ତେଣୁ ଗଣମାଧ୍ୟମ ସତ୍ୟ ଓ ନିର୍ଭୀକ ଖବର ପରିବେଷଣ ଉପରେ ଜୋର ଦେବା ଆବଶ୍ୟକ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର କହିଥିଲେ, ବ୍ୟକ୍ତି ସ୍ୱାଧୀନତା, ସହନଶୀଳତା, ସମାନତା ଓ ଅଧିକାର ଉପରେ ଗଣତନ୍ତ୍ର ଆଧାରିତ। କିନ୍ତୁ ବର୍ତ୍ତମାନ ଆମ ଦେଶରେ ଧନୀ ଦରିଦ୍ର୍ୟ, ଉଚ୍ଚ ନୀଚ ଓ ଶିକ୍ଷିତ ଅଶିକ୍ଷିତଙ୍କ ମଧ୍ୟରେ ଦେଖା ଦେଉଥିବା ଅସମାନତା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରୁଛି। ଗଣତନ୍ତ୍ରରେ ଗୁଣ ଅପେକ୍ଷା ପରିମାଣରେ ଅଧିକ ଗୁରୁତ୍ୱ ଦିଆଯାଉଛି, ଯେଉଁଥିପାଇଁ ଅନେକ ଦାୟିତ୍ୱବାନ ଓ ବିଜ୍ଞ ବ୍ୟକ୍ତି ରାଜନୀତି ତଥା ଗଣତନ୍ତ୍ରରୁ ଦୂରେଇ ରହିବାକୁ ପସନ୍ଦ କରୁଛନ୍ତି। ଏହାକୁ ସଫଳ କରିବାକୁ ହେଲେ ଯୁବପିଢ଼ିଙ୍କୁ ସକ୍ରିୟ ଅଂଶଗ୍ରହଣ କରିବାକୁ ପଡ଼ିବ ବୋଲି ଛାତ୍ରୀଛାତ୍ରମାନେ ମତବ୍ୟକ୍ତ କରିଥିଲେ। ପ୍ରତିଯୋଗିତାରେ ମୋଟ ୧୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବା ବେଳେ ଆଜମେରି ଖାନମ୍, ରୁଦ୍ର ପ୍ରସାଦ ମିଶ୍ର ଯୁଗ୍ମ ପ୍ରଥମ, ମଧୁସ୍ମିତା ସେଠୀ ଦ୍ୱିତୀୟ ଓ ସୁହାନି ରାଉତ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମରେ ଧରିତ୍ରୀ ଉପବାର୍ତ୍ତା ସମ୍ପାଦକ ମିହିରକାନ୍ତ ଦାସ ମଞ୍ଚ ପରିଚାଳନା କରିଥିଲେ। ଧରିତ୍ରୀ ଜଗତ୍‌ସିଂହପୁର ଜିଲା ପ୍ରତିନିଧି ପ୍ରମୋଦ କୁମାର ନାୟକ ଅତିଥି ପରିଚୟ ଦେଇଥିଲେ। ବିରିଡ଼ି ପ୍ରତିନିଧି ପ୍ରଶାନ୍ତ କୁମାର ରାଉତ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଧରିତ୍ରୀର ବରିଷ୍ଠ ସହ ସମ୍ପାଦକ ଅରୁଣପ୍ରସାଦ କାନୁନ୍‌ଗୋ, ସହ ସମ୍ପାଦକ ଅରବିନ୍ଦ ମହାନ୍ତି ସହଯୋଗ କରିଥିଲେ।

## ବିଜେତାଙ୍କ ମୁହଁରୁ



ସାମାଜିକ ସଚେତନତା ପାଇଁ ଧରିତ୍ରୀ ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ଏହାଦ୍ୱାରା ଦେଶରେ ନ୍ୟାୟ, ଧର୍ମ, ବିଚାରର ସ୍ଥାପନ ହେବାସହ ପ୍ରଗତିକୁ ଆଗେଇ ନେବ ବୋଲି ଆଶା ଓ ବିଶ୍ୱାସ। ଏଭଳି ପ୍ରତିଯୋଗିତା ଯୁବପିଢ଼ିଙ୍କ ମଧ୍ୟରେ ସକାରାତ୍ମକ ଭାବନା ସୃଷ୍ଟି କରୁଛି।

**- ଆଜମେରି ଖାନମ୍, ଯୁକ୍ତ ୩ ପ୍ରଥମ ବର୍ଷ କଳା (ଯୁଗ୍ମ ପ୍ରଥମ)**



ଗଣତନ୍ତ୍ରରେ କେତେକ କାରଣରୁ ଶାସନ ଠିକ୍ ଭାବେ ଚାଲିପାରୁନାହିଁ। ଅମଲାତନ୍ତ୍ରର ମନମାନି ଚିନ୍ତାର କାରଣ ହୋଇଛି। ଗଣମାଧ୍ୟମ ଅନେକ କିଛି କରୁଥିଲେ ସୁଦ୍ଧା କେତେକ କ୍ଷେତ୍ରରେ ପଥଚ୍ୟୁତ ହେଉଛି। ଅନୁରୂପ ଭାବେ ଯୁବପିଢ଼ି ପଥଭ୍ରଷ୍ଟ ହେଉଛି। ଦେଶର ପ୍ରଗତି ପାଇଁ ଧରିତ୍ରୀର ପ୍ରୟାସ ସ୍ୱାଗତଯୋଗ୍ୟ।

**- ରୁଦ୍ର ପ୍ରସାଦ ମିଶ୍ର, ଯୁକ୍ତ ୩ ପ୍ରଥମ ବର୍ଷ କଳା (ଯୁଗ୍ମ ପ୍ରଥମ)**



ସମ୍ପ୍ରତି ଗଣତନ୍ତ୍ରରେ ଯୁବ ସମାଜର ଗୁରୁ ଦାୟିତ୍ୱ ରହିଛି। ଯୁବ ସମାଜ ସକାରାତ୍ମକ ଦିଗରେ ଯିବା ସହ ନେତୃତ୍ୱ ନେଲେ ଦେଶର ବିକାଶ ହେବ। ଗଣମାଧ୍ୟମ ଓ ଯୁବପିଢ଼ି ସକ୍ରିୟ ହେଲେ ଗଣତନ୍ତ୍ର ମଜଭୁତ ହେବ। ତେଣୁ ଧରିତ୍ରୀର ପ୍ରୟାସକୁ ସାଧୁବାଦ ଜଣାଉଛି।

**- ମଧୁସ୍ମିତା ସେଠୀ, ଯୁକ୍ତ ୩ ପ୍ରଥମ ବର୍ଷ, ବିଜ୍ଞାନ(ଦ୍ୱିତୀୟ)**



ଗଣତନ୍ତ୍ରରେ ଭେଦଭାବ, ସ୍ୱେଚ୍ଛାଚାରିତା କୁପ୍ରଭାବ ପକାଉଛି। ଏସବୁ ଦୂର ପାଇଁ ଗଣମାଧ୍ୟମ ଓ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଧରିତ୍ରୀ ପକ୍ଷରୁ ଜନ ସଚେତନତା ପାଇଁ କରାଯାଉଥିବା ପ୍ରୟାସ ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ।

**- ସୁହାନି ରାଉତ, ଯୁକ୍ତ ୨ ଦ୍ୱିତୀୟ ବର୍ଷ କଳା (ତୃତୀୟ)**

## ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର


ମଧୁସ୍ମିତା ଓଝା


ମନସ୍ମିତା ଜେନା


ମୋଜାଫର ଖାନ୍


ରଶ୍ମିରେଖା ଭୋଇ


ସନ୍ଧ୍ୟାରାଣୀ ତ୍ରିପାଠୀ


ଶୁଭଲକ୍ଷ୍ମୀ ପୃଷ୍ଟି

# ଆଜି ଯୁକ୍ତ ୨ ସ୍ପଟ୍ ଆଡ୍‌ମିଶନ

**ଭୁବନେଶ୍ୱର, ୨୭।୭(ଅନୁରାଧା ମହାରଣା):** ଜୁଲାଇ ୨୭ତାରିଖ ସୁଦ୍ଧା ଯୁକ୍ତ୨ ସ୍ପଟ୍ ଆଡ୍‌ମିଶନ ପାଇଁ ମନୋନୀତ ହୋଇଥିବା ଛାତ୍ରୀଛାତ୍ର ୨୯ ତାରିଖ ପରିବର୍ତ୍ତେ ୨୮ ତାରିଖରେ ନାମ ଲେଖାଇବେ। ଏନେଇ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଚିଠି ଲେଖାଯାଇଛି। ସରକାରୀ କ୍ୟାଲେଣ୍ଡର ଅନୁସାରେ ୨୮ ତାରିଖରେ ମହରମ ଉପଲକ୍ଷେ ଛୁଟି ଘୋଷଣା କରାଯାଇଥିଲା। ମାତ୍ର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏହି ଛୁଟି ୨୯ ତାରିଖକୁ ପରିବର୍ତ୍ତନ ହୋଇଛି। ଏହି କ୍ରମରେ ନାମଲେଖା ତାରିଖ ମଧ୍ୟ ପରିବର୍ତ୍ତନ କରାଯାଇଛି। ଶନିବାର ହେବାକୁ ଥିବା ନାମଲେଖା ଶୁକ୍ରବାର ଅନୁଷ୍ଠିତ ହେବ।


## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BALASORE

E Mail ID: serw_balasore@yahoo.in, Ph-No-06782-260318, Balia, Balasore

**"e" Procurement Notice for Bridge Work**

Identification No.Online Bridge Works N.C.B. No. 14 for 2023-24

Letter No. 2888, Date: 26.07.2023

**No.O-490:**1. Name of the Work :- Bridge works. 2. Total No. of Work :- 02 Nos. of Work. 3. Estimated Cost :- From Rs.516.70 lakhs to Rs.846.86 Lakhs (Approximately). 4. Eligible Class of Contractor :- "Special Class" & "A" Class of Odisha P.W.D.) or relevant Class of other licensing authorities (as per annexure). 5. Period of Completion :- As per annexure. 6. Other details :

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & Time of Opening of Tender in O/O S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No.14 of 2023-24 | 04.08.2023 at 11.00 A.M. | 18.08.2023 upto 5.00 P.M. | 17.08.2023 upto 5.00 P.M. | 19.08.2023 at 11.00 A.M. | Will be Intimated Later |

● Further details can be seen from the website www.tendersodisha.gov.in.

Sd./- Chief Construction Engineer,
R.W.Circle, Balasore

OIPR-25105/11/0013/2324



## JHARKHANDSTATE RURAL ROAD DEVELOPMENT AUTHORITY (JSRRDA)

3rd Floor, F.F.P. Building, Dhurwa, Ranchi – 834004
PRADHAN MANTRI GRAM SADAK YOJANA(PMGSY)

**e-Procurement Notice**
**(PR No. 300680)**

Letter no. JSRRDA –764/2022-23-994 Dated: 27.07.2023

NIT No. eTender No.17/2023-24 2nd Call

The Chief Engineer, JHARKHAND STATE RURAL ROAD DEVELOPMENT AUTHORITY on behalf of Rural Works Department invites the percentage rate bids in electronic tendering system regarding **"REQUEST FOR PROPOSAL (RFP) FOR SETTING UP A PROJECT MANAGEMENT UNIT (PMU) IN JSRRDA FOR RURAL ROAD CONSTRUCTION MANAGEMENT INCLUDING PMGSY-III(22-23) ROADS /BRIDGES, WITH QUALITY CHECK OF PROPOSEDROADS/BRIDGES FOR UPGRADATION INCLUDING NEW TECHNOLOGIES LIKE FULL DEPTH RECLAMATION(FDR)"** from the reputed firms/consultants/companies having experience in similar nature of work .

The Date of release of invitation for Bids through e-procurement 27/07/2023

**Availability of Bid Documents and mode of submission:**The bid document is available online and should be submitted online in www.pmgsytendersjhr.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities.

**Last Date &Time for receipt of bids through e-procurement**: 12/08/2023upto15:00 Hours (time). For further details please log on to www.pmgsytendersjhr.gov.in.

The Chief Engineer,
JHARKHAND STATE RURAL ROAD
DEVELOPMENT AUTHORITY(JSRRDA)
3rd Floor, F.F.P. Building, Dhurwa, Ranchi – 834004

PR 303457 Rural Work Department(23-24).D



## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ – ୮, ଭୁବନେଶ୍ୱର – ୭୫୧୦୧୨

ସଂଖ୍ୟା: 11859 - IND-II-PH-1162 ତାରିଖ: ୨୬।୦୭।୨୦୨୩

**ବିଜ୍ଞାପନ**

No. CAD-1464: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ରୁଙ୍ଗଟା ମାଇନ୍ସ ଲିମିଟେଡ ଓଡ଼ିଶାର ଢେଙ୍କାନାଳ ଜିଲ୍ଲା ଓଡ଼ପଡ଼ା ତହସିଲ ଅନ୍ତର୍ଗତ ତୁଳସିଡ଼ିହ, ଚରଡ଼ଗାଡ଼ିଆ ଏବଂ କଂଗୋଲପାଳ ଗ୍ରାମେରେସ୍ଥିତ ଫେରୋ ଆଲୋଏଜ ପ୍ଲାଣ୍ଟର ଉତ୍ପାଦନ କ୍ଷମତା ୦.୦୫୫ ଏମ୍‌ଟିପିଏରୁ ୦.୨୯୩ ଏମ୍‌ଟିପିଏକୁ ବୃଦ୍ଧି କରିବା ସହିତ ୧୫୦ ମେଗାୱାଟ କ୍ଷମତା ବିଶିଷ୍ଟ କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ ପ୍ରତିଷ୍ଠା ନିମନ୍ତେ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC, Govt. of India) ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ–ପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୩୧।୦୮।୨୦୨୩ରିଖ ଦିବା ୧୧.୦୦ ଘଟିକା ସମୟରେ ଢେଙ୍କାନାଳ ଜିଲ୍ଲା ଓଡ଼ପଡ଼ା ତହସିଲ ଅନ୍ତର୍ଗତ ନୂଆ ଭାଗିରଥିପୁର (ପୂର୍ବ) ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ଢେଙ୍କାନାଳ।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ଢେଙ୍କାନାଳ।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର – ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଅନୁଗୁଳ।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ **www.ospcboard.org**ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ଅନୁଗୁଳସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./– ସଦସ୍ୟ ସଚିବ

OSPCB-PH-MISC-0054-2023/3/2023
OIPR-08012/11/0067/2324



## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BARIPADA

E Mail ID: serwcbaripada@gmail.com, Ph-No-06792-261343/261344, Gangraj, Baripada

**"e" Procurement Notice for Bridge Work**

Identification No.- Online Tender- Bridge N.C.B. No. 290 for 2023-24.

Letter No. 3474 / Date. 25.7.23

**No.O-480:**1. Name of the Work :- Bridge work under Biju Setu Yojana in the District of Mayurbhanj. 2. Total No. of Work :- 01 No. (One). 3. Estimated Cost :- Rs.728.45 lakhs (approximately). 4. Eligible Class of Contractor :- As per annexure. 5. Period of Completion :- As per annexure. 6. Other details :

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & Time of Opening of Tender in O/O C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Bridge Online N.C.B. No.290 | Dt.03.08.2023 at 11.00 A.M. | Dt.18.08.2023 upto 5.00 P.M. | Dt.17.08.2023 Upto 5.00 P.M. | Dt.19.08.2023 at 11.00 A.M. | Will be Intimated Later |

• Further details can be seen from the website www.tendersorissa.gov.in.
• Any Corrigendum/Addendum will be displayed in the above e_tender website only.

Sd./- Er.S.K.Rout
Chief Construction Engineer, R.W.Circle, Baripada

OIPR-25130/11/0016/2324



## GOVERNMENT OF ODISHA
## OFFICE OF THE SUPERINTENDING ENGINEER, MINOR IRRIGATION DIVISION, BALASORE

No. A-376
At/P.O./Dist.: Balasore, PIN - 756001

**ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)**
(WORLD BANK PROJECT ID: PI63533)
**REQUEST FOR BIDS (RFB) E-Procurement Notice**
**NATIONAL OPEN COMPETITIVE PROCUREMENT FOR SMALL WORKS**

No. 2074 Dated: 24.07.2023

RFB No. OIIPCRA-BAL/W2-01/2023-24

| | | |
|---|---|---|
| Name of Work | : | Modernization works of Minor Irrigation Projects under OIIPCRA in Balasore & Bhadrak District. |
| No. of works | : | 9 (Nine) Nos. Minor Irrigation Projects |
| Estimated Cost | : | From Rs.16.34 Lakh to Rs.97.45 Lakh Approx (Total estimated cost of 9 Projects Rs.5.43 Cr.) |
| Cost of Bid Document | : | Free of Cost |
| Period of Completion | : | As per DTCN |
| Availability of bid documents | : | From 09.08.2023, 10.00 Hrs. to 07.09.2023 upto 15.00 Hrs. in the e-procurement website (https://tendersodisha.gov.in) |
| Date of Pre-Bid Meeting | : | 19 Aug. 2023 as per Para - 7 of DTCN |
| Last date & time of receipt of bid | : | Upto 07.09.2023, 15.00 Hrs. through online |
| Period of receipt of Bid Security | : | To be paid online along with the bid. Bank Guarantees also acceptable subject to verification. |
| Date of Opening of Technical Bid | : | On Dt.07.09.2023 at 15.30 Hrs. |
| Date of Opening of Financial Bid | : | To be intimated online after Offline evaluation of Technical Bid |
| Digital Signature Certificate of Bidder | : | The bidder must possess compatible Digital Signature Certificate (DSC) of Class - II or III. |
| The detail tender call notice can also be seen in the DOWR website | : | https://dowrodisha.gov.in https://octdms.in |
| Name & Address of the OIT | : | Superintending Engineer, M.I. Division, Balasore, At/P.O.: Balasore (Near Fandi Chhaka), Dist.: Balasore, PIN - 756001, Ph.: 06782-262146 E-Mail: mibalasore@yahoo.co.in |
| Further details can be seen from the e-Procurement market place in | : | https://tendersodisha.gov.in |

Sd./- Superintending Engineer
M.I. Division, Balasore

OIPR-32014/11/0003/2324



## ODISHA HYDRO POWER CORPORATION LIMITED

OHPC
ISO 9001, 14001 & 45000

(A Government of Odisha Undertaking)
Regd. Office: Odisha State Police Housing & Welfare Corporation Building, Vanivihar Chowk, Janpath, Bhubaneswar-751022
Tel: 2542983,2542802,2545526,2542826, Fax- (0674) 2542102, Website: www.ohpcltd.com
CIN : U40101OR1995SGC003963

**ADVERTISEMENT NO.OHPC:HQ:HRD: RECTT: 01/2023 Dated: 27.07.2023**

**CAREER OPPORTUNITIES FOR YOUNG PROFESSIONALS THROUGH GATE-2023**

**The Corporation intends to recruit young, bright and energetic professionals as Graduate Engineer Trainees (GETs) in various disciplines through GATE-2023.**

Odisha Hydro Power Corporation Limited (OHPC) is an ISO 9001:2008 certified Gold rated State Public Sector Undertaking (with installed capacity of **2099.80** MW) having **6 (six)** projects within the state and one inter-State Project. OHPC is also promoting investment in renewable energy projects and various green energy sources through GEDCOL (a wholly owned subsidiary of OHPC).

OHPC intends to recruit bright, qualified and energetic professionals to be inducted as GRADUATE ENGINEER TRAINEES (GETs) in various disciplines through **valid GATE score of 2023** only as follows for their placement at various units & project sites:

| GET (Electrical) | GET (Civil) | GET (Mechanical) | GET (Instrumentation & Control) | GET (Information Technology) |
|---|---|---|---|---|
| 27 | 3 | 3 | 3 | 2 |

**Important Dates:-**

Start date for submission of application in offline mode & payment of application fee - **01.08.2023**

Last date for receipt of the hard copy of applications in complete shape - **31.08.2023**

***The detailed advertisement containing the category wise vacancy position, eligibility criteria, remuneration, procedure for offline application, all other terms & conditions and application format will be available shortly on the company's website-www.ohpcltd.com***

**DIRECTOR (HR)I/C**

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଉତ୍କଳ ସମ୍ମିଳନୀ ପକ୍ଷରୁ ପ୍ରତିବାଦ ସଭା, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ପାଖ, ରାଜଭବନ ସମ୍ମୁଖ, ସକାଳ ୯ଟା।
- ଉଠା ଦୋକାନ ଭଙ୍ଗା ପ୍ରତିବାଦରେ ଶୋଭାଯାତ୍ରା, ଭଗବତୀ ଭବନ, ଅଶୋକ ନଗର, ପୂର୍ବାହ୍ନ ୧୦ଟା ୩୦।
- ସାଇ ମଡେଲ ୟୁନାଇଟେଡ୍ ନେଶନ୍ସ ସମ୍ମିଳନୀ ୨୦୨୩, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ପୂର୍ବାହ୍ନ ୧୧ଟା।
- ଜୟକିରଣ ସମ୍ମାନ ୨୦୨୩, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**
- ବାରାଣସୀସ୍ଥିତ ସର୍ବୋଦୟ ଜାତୀୟ ସାଧନା କେନ୍ଦ୍ର ଧ୍ୱଂସ ପ୍ରତିବାଦରେ ଗାନ୍ଧିବାଦୀ ଗଣ ସଂଗଠନ ସମୂହଙ୍କ ପକ୍ଷରୁ ଗଣ ସତ୍ୟାଗ୍ରହ, ପୁରୀଘାଟ ସ୍ଥିତ ଗାନ୍ଧୀ ପୀଠ, ପୂର୍ବାହ୍ନ ୧୧ଟା।

## ନାବାଳକ ଗାଡ଼ି ଚାଳକଙ୍କୁ ୨୭ ହଜାର ଜରିମାନା

ପୁରୀ,୨୭।୭(ଅଜିତ ମହାନ୍ତି)- ପୁରୀ ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ରବୀନ ପଟ୍ଟନାୟକ ଓ ସମୁଦ୍ରକୂଳ ଥାନା ପୋଲିସର ମିଳିତ ସହଯୋଗରେ ଗୁରୁବାର ସମୁଦ୍ରକୂଳ ଥାନା ଅଞ୍ଚଳରେ ଗାଡ଼ି ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ସମୟରେ ୧୬ବର୍ଷରୁ କମ୍ ବୟସର ଜଣେ ନାବାଳକ ମୋଟର ସାଇକେଲ ଚଲାଉଥିବା ଦେଖାଯାଇଥିଲା। ତାଙ୍କଠାରୁ ମୋଟା ଅଙ୍କର ଜରିମାନା କଟାଯାଇଛି। ୧୮ ବର୍ଷରୁ କମ୍ ବୟସରେ ଗାଡ଼ି ଚଲାଇଥିବା କାରଣରୁ ୨୫ ହଜାର ଟଙ୍କା ଜରିମାନା କଟାଯାଇଥିବା ବେଳେ ଇନ୍ସୁରାନ୍ସ ବା ବୀମା ନଥିବାରୁ ୨୦୦୦ ଟଙ୍କା ଜରିମାନା କଟାଯାଇଛି। ଏହିପରି ମୋଟ ୨୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

## ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଶ୍ରମ ଓ ଦିଗପହଣ୍ଡି ଜେଲରଙ୍କ ଅଦଳବଦଳ

ବାରଙ୍ଗ,୨୭।୭(ଲିଙ୍ଗରାଜ ରାଉତ)- ଜାମୁଝରିସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଶ୍ରମର ଜେଲର ଅଶୋକ କୁମାର ବେହେରାଙ୍କ ଦିଗପହଣ୍ଡି ଉପକାରାଗାରକୁ ବଦଳି ହୋଇଛି। ତାଙ୍କ ସ୍ଥାନରେ ଦିଗପହଣ୍ଡି ଜେଲର ଅମୀୟ ବେହେରା ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଶ୍ରମକୁ ଆସିଛନ୍ତି। ଏନେଇ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଥିଲା।

## ନନ୍ଦନକାନନରେ ୨ଦିନରେ ୨ ପ୍ରାଣୀ ମୃତ




ବାରଙ୍ଗ,୨୭।୭(ଲିଙ୍ଗରାଜ ରାଉତ)- ବିଶ୍ୱସ୍ତରୀୟ ଚିଡିଆଖାନା ପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ଉଦ୍ୟମ ଆରମ୍ଭ କରିଥିବାବେଳେ ଦିନକୁ ଦିନ ପ୍ରାଣୀଙ୍କ ସଂଖ୍ୟା କମିବାରେ ଲାଗିଛି। ଏବେବି ୧୫ରୁ ଊର୍ଦ୍ଧ୍ୱ ପ୍ରାଣୀ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି। ବୁଧବାର ବିଳମ୍ବିତ ରାତିରେ ଗୋଟିଏ ମାଈ ଚିତା ବିରାଡିର ମୃତ୍ୟୁ ହୋଇଥିବାବେଳେ ଗୁରୁବାର ସକାଳେ ଏକ ଅଣ୍ଡିରା ବଡ଼ଥଣ୍ଟିଆ ଶାଗୁଣାର ମୃତ୍ୟୁ ଘଟିଛି। ରାଜ୍ୟ ଉଦ୍ଭିଦ ଉଦ୍ୟାନର ଶାଗୁଣା ପ୍ରଜନନକେନ୍ଦ୍ରର କେ-୩୯ ନଂ. ଏନ୍‌କ୍ଲୋଜରରେ ରହୁଥିବା ୬ବର୍ଷୀୟା ଅଣ୍ଡିରା ବଡ଼ଥଣ୍ଟିଆ ଶାଗୁଣାର ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଶାଗୁଣାଟି ଗତ ଜାନୁୟାରୀରୁ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲା। ସ୍ୱାସ୍ଥ୍ୟରେ ଉନ୍ନତି ହେଉ ନ ଥିବାରୁ ଶାଗୁଣା ଦିନକୁଦିନ ଦୁର୍ବଳ ହୋଇଯାଉଥିଲା। ଶାଗୁଣାଟି ୨୦୧୮ ନଭେମ୍ବର ୨୬ରେ ଗ୍ୱାଲିୟର ଚିଡିଆଖାନାରୁ ଉପହାରରେ ନନ୍ଦନକାନନକୁ ଆସିଥିଲା। ଶାଗୁଣାର ମୃତ୍ୟୁ ପରେ ସେମାନଙ୍କ ସଂଖ୍ୟା ହ୍ରାସପାଇ ୧୨ରେ ପହଞ୍ଚିଛି। ସେହିପରି ନନ୍ଦନକାନନରୁ ୨ଟି ସାଧାରଣ ବାଘ ଓ ୩ଟି ଘଡିଆଳ କୁମ୍ଭୀର ପ୍ରତିବଦଳରେ ଅରୁଣାଚଳ ପ୍ରଦେଶର ଇଟାନଗର ଚିଡିଆଖାନାରୁ ହଳେ ହୁଲକ୍ ଗିବନ ଓ ହଳେ ଚିତା ବିରାଡ଼ି ପ୍ରାଣୀଉଦ୍ୟାନକୁ ମଙ୍ଗଳବାର ରାତିରେ ଆସିଥିଲା। ସେମାନଙ୍କ ମଧ୍ୟରୁ ମାଈ ଚିତା ବିରାଡି ନନ୍ଦନକାନନର ପହଞ୍ଚିବା ପରେ ଅସୁସ୍ଥ ହୋଇପଡିଥିଲା। ଚିକିତ୍ସା ଅବସ୍ଥାରେ ବୁଧବାର ବିଳମ୍ବିତ ରାତିରେ ତା'ର ମୃତ୍ୟୁ ଘଟିଥିବା ନନ୍ଦନକାନନର ଜଣେ କର୍ମଚାରୀ କହିଛନ୍ତି। ନୂଆକରି ଆସିଥିବା ଚିତା ବିରାଡି ମରିବା ପ୍ରକୃତ କାରଣ ବିଷୟରେ ଜନ୍ତୁବିଭାଗଠାରୁ ଆରମ୍ଭ କରି କର୍ତ୍ତୃପକ୍ଷ ମୁହଁ ଖୋଲୁନାହାନ୍ତି। ଅନ୍ୟପଟେ ଜନ୍ତୁବିଭାଗ ଓ ବନ୍ୟ ପ୍ରାଣୀ ଚିକିତ୍ସକଙ୍କ ମଧ୍ୟରେ ଠିକ୍ ସମନ୍ୱୟ ରହୁ ନ ଥିବାରୁ ନିରୀହ ପ୍ରାଣୀଙ୍କ ମୃତ୍ୟୁ ଘଟୁଥିବା ଅଭିଯୋଗ ହେଉଛି।

# ଆଜି ସବ୍‌କମିଟି ବୈଠକରେ ନିଷ୍ପତ୍ତି

### ତୁଟୁନି 'ବନକଲାଗି' ବିବାଦ
- ପୁଣି ବୁଧବାର ପାଇଁ ଦୋହରାଇଲା ପ୍ରଶାସନ
- ବାର ସମ୍ପର୍କରେ ଲିଖିତ ଭାବେ ଜଣାଇବାକୁ ଉଭୟ ପକ୍ଷଙ୍କ ଦାବି

ପୁରୀ,୨୭।୭(ଅଜିତ ମହାନ୍ତି)



ମହାପ୍ରଭୁଙ୍କ ବନକ ଲାଗି ନୀତିକୁ ନେଇ ଦିନକୁ ଦିନ ବିବାଦ ଥମିବା ପରିବର୍ତ୍ତେ ଅଧିକ ଘନେଇବାରେ ଲାଗିଛି। ଶ୍ରୀମନ୍ଦିର ପ୍ରଶାସନ ଏବଂ ଦଇତା ମହାପାତ୍ର ସେବକ ମଧ୍ୟରେ ସମନ୍ୱୟର ଅଭାବ କାରଣରୁ ବନକ ଲାଗି ନୀତି ହୋଇପାରୁ ନାହିଁ। କେଉଁ ବାରରେ ମହାପ୍ରଭୁଙ୍କ ବନକଲାଗି ହେବ ତାହାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଏବଂ ଦଇତା ମହାପାତ୍ର ନିଯୋଗ ନିଜ ନିଜ ଜିଦିରେ ଅଟଳ ରହିବା କାରଣରୁ ନୀଳାଦ୍ରି ବିଜେଠାରୁ ଏଯାବତ ବନକଲାଗି ହୋଇପାରିନାହିଁ। ଯାହାକୁ ନେଇ ଭକ୍ତମାନଙ୍କ ମଧ୍ୟରେ ଏକ ପ୍ରକାର ଅସନ୍ତୋଷ ପରିଲିକ୍ଷିତ ଦେଖିବାକୁ ମିଳୁଥିବା ବେଳେ ସେବାୟତମାନେ ମଧ୍ୟ ଏପରି କାର୍ଯ୍ୟକୁ ନାପସନ୍ଦ କରୁଛନ୍ତି। ତେବେ ମହାପ୍ରଭୁଙ୍କ ବନକଲଗି ଗୁରୁବାର ମଧ୍ୟ ହୋଇପାରିନାହିଁ। ଅପରପକ୍ଷେ ବୁଧବାର ହିଁ ବନକଲାଗି ନୀତି କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପୁଣି କହିଛି। ତେବେ ଆସନ୍ତା ବୁଧବାର ନକ୍ଷତ୍ର ବନ୍ଦାପନା ନୀତି ରହିଥିବାରୁ ମହାପ୍ରଭୁଙ୍କ ବନକଲାଗି ଆଶା କ୍ଷୀଣ। ଶୁକ୍ରବାର ନୀତି ସବ୍‌କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ନୀତି ସବ୍‌କମିଟି ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇ ସମାଧାନର ରାସ୍ତା ବାହାର କରିବାକୁ ଉଦ୍ୟମ ହେବ। ଅପରପକ୍ଷେ ଗୁରୁବାର ମହାପ୍ରଭୁଙ୍କ ବନକଲାଗି ପାଇଁ ପ୍ରସ୍ତୁତ ହୋଇ ଦଇତା ମହାପାତ୍ର ସେବାୟତ ଶ୍ରୀମନ୍ଦିର ଭିତରକୁ ଯାଇ ବନକ ଘରେ ପ୍ରସ୍ତୁତି ଆରମ୍ଭ କରିଥିଲେ। ତେବେ ଶ୍ରୀମନ୍ଦିର କମାଣ୍ଡର ମନା କରିଥିଲେ। ବୁଧବାର ବନକ ଲାଗି କରିବାକୁ କହିଥିଲେ। ଏହାପରେ ଦଇତା ମହାପାତ୍ରମାନେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଭେଟିଥିଲେ। ବନକ ଲାଗି ନୀତି ପାଇଁ ଅନୁମତି ଦେବାକୁ ଅନୁରୋଧ କରିଥିଲେ। ତେବେ ଆଜି ନୁହେଁ ବରଂ ଆସନ୍ତା ବୁଧବାର ମହାପ୍ରଭୁଙ୍କ ବନକ ଲାଗି ନୀତି ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଏ ନେଇ ଦଇତା ମହାପାତ୍ର ସେବକ ସଞ୍ଜୟ ଦାସ ମହପାତ୍ର କହିଛନ୍ତି, ଗୁରୁବାର ମହାପ୍ରଭୁଙ୍କ ବନକଲାଗି ପାଇଁ ମୁଖ୍ୟ ପ୍ରଶାସକଙ୍କ ସହ ଦେଖା ହେଇ ନୀତି କରିବା ପାଇଁ କହିଥିଲୁ। ତେବେ ବୁଧବାର ବନକଲାଗି ପାଇଁ ନିଷ୍ପତ୍ତି ହେଲା। ବୁଧବାର ବନକଲାଗି ହେବା ପରେ ଗୁରୁବାର ବନକଲାଗି କରାଯିବ କି ନାହିଁ ତାହା ବିଚାର କରାଯିବ। ଆର ସପ୍ତାହରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଆସିବା ପରେ ବୁଧବାର ବନକଲାଗି କରାଯିବ କି ନାହିଁ ତାହା ବିଚାର କରାଯିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦେବା ପରେ ଏ ନେଇ ନିଯୋଗର ସଭାପତି, ସମ୍ପାଦକମାନଙ୍କ ସହ ଆଲୋଚନା କରାଯାଇ ଯାହା ନିଷ୍ପତ୍ତି ନିଆଯିବ । ତେବେ ବୁଧବାର ବନକ ଲାଗି କରିବା ପାଇଁ ନିଯୋଗ ପକ୍ଷରୁ ଲିଖିତ ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇବା ପାଇଁ କହିଛନ୍ତି। ସେହିପରି ଦଇତା ମହାପାତ୍ର ନିଯୋଗର ସମ୍ପାଦକ ମଦନମୋହନ ଦଇତା ମହାପାତ୍ର କହିଛନ୍ତି, ଗୁରୁବାର ମହାପ୍ରଭୁଙ୍କ ବନକଲାଗି ନୀତି ନିମନ୍ତେ ଶ୍ରୀମନ୍ଦିର କୁ ଯାଇଥିଲୁ। କିନ୍ତୁ ବନକଲାଗି ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ନଥିବା କମାଣ୍ଡର କହିଥିଲେ। ଅପରପକ୍ଷେ ଶ୍ରୀମନ୍ଦିର ପ୍ରଶାସନ ଯଦି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବ ତାକୁ ସ୍ୱାଗତ କରିବୁ। ତେବେ ପ୍ରଶାସନ ଦମନ ଲୀଳା କରୁଛି। ମହାପ୍ରଭୁଙ୍କ ନୀତିକୁ ଧ୍ୟାନ ଦେଉନାହାନ୍ତି। ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ଦଇତା ମହାପାତ୍ର ସେବକମାନେ ଗୁରୁବାର ବନକ ଲାଗି କରିବାକୁ ଜିଦ୍ ଧରିଛନ୍ତି। ତେବେ ଶ୍ରୀମନ୍ଦିର ପ୍ରଶାସନର ନିର୍ଦ୍ଦେଶ ଅନୁପାଳନ କରିବା ଆବଶ୍ୟକ। ଶୁକ୍ରବାର ଗୁରୁତ୍ୱପୂର୍ଣ୍ଣ ସବ୍‌କମିଟି ବୈଠକ ହୋଇ ଆଲୋଚନା କରାଯିବ। ମହାପ୍ରଭୁଙ୍କ ସେବା ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିବିଶେଷ ଗୁରୁତ୍ୱପୂର୍ଣ୍ଣ ନୁହନ୍ତି। ତେଣୁ ବ୍ୟକ୍ତି ବିଶେଷଙ୍କ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ନାହିଁ। ଯେତେବେଳ ନୀତିକୁ ବିଭ୍ରାଟ ହେଉଛି ଘଟଣାକୁ ଗୁରୁତ୍ୱର ସହ ନିଆଯାଉଛି। ଆବଶ୍ୟକ ପଡ଼ିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଦଇତା ମହାପାତ୍ର ସେବାୟତ ଲିଖିତ ଭାବେ ବୁଧବାର ବନକ ଲାଗି କରି ଜଣାଇବେ ପରେ ଏବିଦ୍ୱନ୍ଦ୍ୱର ସମାଧାନ ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି।



ଭୁବନେଶ୍ୱରସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଖୋଲାଯାଇଥିବା ଶାସ୍ତ୍ରୀୟ ଓ ଲୋକ ବାଦ୍ୟଯନ୍ତ୍ର ସଂଗ୍ରହାଳୟକୁ ଛାତ୍ରୀମାନେ ବୁଲି ଦେଖୁଛନ୍ତି। (ଫଟୋ: ବିକାଶ ନାୟକ)

# ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଶାସ୍ତ୍ରୀୟ, ଲୋକ ବାଦ୍ୟଯନ୍ତ୍ର ସଂଗ୍ରହାଳୟ

ଭୁବନେଶ୍ୱର,୨୭।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଗୁରୁବାର ଶାସ୍ତ୍ରୀୟ ଓ ଲୋକ ବାଦ୍ୟଯନ୍ତ୍ର ସଂଗ୍ରହାଳୟ ଉଦ୍‌ଘାଟିତ ହୋଇଛି। ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଏହାକୁ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ଜେନା, ଗୁରୁ ଲକ୍ଷ୍ମୀକାନ୍ତ ପାଲିତ୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଂଗ୍ରହାଳୟରେ ରାଜ୍ୟ ତଥା ବାହାରର ୧୫୦ରୁ ଊର୍ଦ୍ଧ୍ୱ ବାଦ୍ୟଯନ୍ତ୍ର ସ୍ଥାନ ପାଇଛି। ମହାବିଦ୍ୟାଳୟ ଉପରେ ଥିବା ୪ ପ୍ରକୋଷ୍ଠ ବିଶିଷ୍ଟ ପୁରୁଣା ପାଠାଗାରକୁ ନବୀକରଣ କରଯାଇ ଏହି ସଂଗ୍ରହାଳୟ କରାଯାଇଛି। ଆଗକୁ ୪୦୦ରୁ ଊର୍ଦ୍ଧ୍ୱ ବାଦ୍ୟଯନ୍ତ୍ର ସ୍ଥାନ ପାଇବ। ବାଦ୍ୟଗୁଡ଼ିକର ନାମ ସୂଚୀତ କରାଯିବା ସହ ଆଗାମୀ ଦିନରେ ସେ ସମ୍ପର୍କରେ ତଥ୍ୟ ବିବରଣୀ ରଖାଯିବ। ସେହିପରି ଆଗାମୀ ଦିନରେ ଅଡିଓ-ଭିଜୁଆଲ୍ ଷ୍ଟୁଡିଓ ପ୍ରତିଷ୍ଠା ହେବାର ଯୋଜନା ରହିଛି।

### ହାଇକୋର୍ଟ ଦେଲେ ଶେଷ ସୁଯୋଗ

## ଜବାବ ଦାଖଲ କରିପାରିଲାନି ଓରେରା

କଟକ,୨୭।୭ (କାର୍ତ୍ତିକ ସାହୁ)

ଓଡ଼ିଶା ରିଅଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି (ଓରେରା) ଦେଉଥିବା ଆଦେଶ କେତେଦୂର କାର୍ଯ୍ୟକାରୀ ହେଉଛି ସେ ସଂକ୍ରାନ୍ତରେ ଜବାବ ରଖିବାକୁ ହାଇକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ଓରେରା ଏହାର ଜବାବ ଦାଖଲ କରି ନ ପାରି ଅଦାଲତଙ୍କଠାରୁ ଗୁରୁବାର ସମୟ ଲୋଡ଼ିଛି। ହାଇକୋର୍ଟ ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୁରୁବାର ମାମଲାର ଶୁଣାଣିବେଳେ ଓରେରା ଆବେଦନକୁ ଗ୍ରହଣ କରିଛନ୍ତି। ଏଥିସହ ଓରେରାକୁ ଜବାବ ଦାଖଲ ଲାଗି ଶେଷ ସୁଯୋଗ ଦେଇଛନ୍ତି। ଅଗଷ୍ଟ ୧୪ରେ ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି। ବିମଳେନ୍ଦୁ ପ୍ରଧାନଙ୍କ ପକ୍ଷରୁ ଆଗତ ଏହି ମାମଲାକୁ ଆଇନଜୀବୀ ମୋହିତ ଅଗ୍ରୱାଲ ଏବଂ ଓରେରା ପକ୍ଷରୁ ଆଇନଜୀବୀ ବିଭୁପ୍ରସାଦ ତ୍ରିପାଠୀ ପରିଚାଳନା କରୁଛନ୍ତି।

# ନୂଆ ରୂପରେ ହରିଡ଼ାମଡ଼ା ପୋଖରୀ

- ଧରିତ୍ରୀ ଓ ଇଏଫ୍‌ଆଇ ପକ୍ଷରୁ ପୁନରୁଦ୍ଧାର ହେଲା
- ଧନ୍ୟବାଦ ଜଣାଇଲେ ଗ୍ରାମବାସୀ

ଖୋର୍ଦ୍ଧା,୨୭।୭(ପ୍ରଭାତ ପାଣିଗ୍ରାହୀ)



ପୁନରୁଦ୍ଧାର କରାଯାଇଥିବା ହରିଡ଼ାମଡା ପୋଖରୀ।

ଖୋର୍ଦ୍ଧା ଜିଲା ମେଣ୍ଢାଶାଳ ପଞ୍ଚାୟତ ଅନ୍ତର୍ଗତ ହରିଡାମଡ଼ା ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଶେଷ ହୋଇଛି। ଧରିତ୍ରୀ ଏବଂ ଏନ୍‌ଭାଇରନ୍‌ମେଣ୍ଟାଲିଷ୍ଟ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ (ଇଏଫ୍‌ଆଇ)ର ମିଳିତ ଆନୁକୂଲ୍ୟରେ ଏହି ପୁନରୁଦ୍ଧାର କାର୍ଯ୍ୟ କରାଯାଇଛି। ଦିନେ ପରିତ୍ୟକ୍ତ ଅବସ୍ଥାରେ ଅବ୍ୟବହୃତ ହୋଇପଡିଥିବା ଏହି ପୋଖରୀ ଏବେ ଲୋକଙ୍କ ବ୍ୟବହାରଯୋଗ୍ୟ ହୋଇପାରିଛି। ଲଘୁଚାପ ଜନିତ ବର୍ଷା ଯୋଗୁ ପୋଖରୀରେ ଜଳ ପରିପୂର୍ଣ୍ଣ ରହିଛି। ଏନେଇ ଗ୍ରାମବାସୀଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି। ଏକାଧିକ ଗ୍ରାମବାସୀ ଧରିତ୍ରୀ ଓ ଇଏଫ୍‌ଆଇକୁ ଧନ୍ୟବାଦ ଜଣାଇଛନ୍ତି।

ପ୍ରକାଶ ଯେ, ହରିଡାମଡ଼ା ଗ୍ରାମରେ ପ୍ରାୟ ଶହେ ପରିବାର ବସବାସ କରନ୍ତି। ଗ୍ରାମର ଶେଷ ଭାଗରେ ଏହି ପୋଖରୀ ରହିଛି। ନିକଟରେ ରହିଛି ଗ୍ରାମ୍ୟ ଜଙ୍ଗଲ। ଦୀର୍ଘ ଦିନ ଧରି ଏହି ଜଳାଶୟ ପୋତି ହୋଇ ପରିତ୍ୟକ୍ତ ଅବସ୍ଥାରେ ରହିଥିଲା। ଏହାର ପୁନରୁଦ୍ଧାର ଲାଗି ଗ୍ରାମବାସୀ ଦାବି କରି ଆସୁଥିଲେ। ଗତ ମେ' ୨୭ରେ ଧରିତ୍ରୀ ଏବଂ ଇଏଫ୍‌ଆଇର ମିଳିତ ସହଯୋଗରେ ଏହି ଜଳାଶୟର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇ ଶେଷ ହୋଇଥିବାରୁ ସ୍ଥାନୀୟ ଗ୍ରାମବାସୀ ଖୁସି ବ୍ୟକ୍ତ କରିଛନ୍ତି। ୨୮ ନମ୍ବର ଜିଲା ପରିଷଦ ସଭ୍ୟ ପ୍ରଭାତ ପରିଡା କହିଛନ୍ତି, ଏହି ପୋଖରୀର ପୁନରୁଦ୍ଧାର ପାଇଁ ବହୁ ଥର ଜିଲା ପରିଷଦ ବୈଠକରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲି। ସବୁଥର କେବଳ ପ୍ରତିଶ୍ରୁତି ମିଳିଥିଲା, ହେଲେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏ ସମ୍ପର୍କରେ ଜାଣିବା ପରେ ଧରିତ୍ରୀ ସହଯୋଗର ହାତ ବଢ଼ାଇଥିଲା। ଏହା ପରେ ଆରମ୍ଭ ହୋଇଥିଲା ପୋଖରୀର ପୁନରୁଦ୍ଧାର କାର୍ଯ୍ୟ। ପରିତ୍ୟକ୍ତ ଅବସ୍ଥାରେ ରହିଥିବା ଏହି ପୋଖରୀର ରୂପ ପରିବର୍ତ୍ତନ ହୋଇଛି ବୋଲି ସେ କହିଛନ୍ତି। ସେହିପରି ପୁନରୁଦ୍ଧାର କାର୍ଯ୍ୟ ଦାୟିତ୍ୱରେ ଥିବା ଇଏଫ୍‌ଆଇ ସିଭିଲ ଇଞ୍ଜିନିୟର କୁମାରକାନ୍ତ ଜେନା କହିଛନ୍ତି, ପୋଖରୀ ସମ୍ପୂର୍ଣ୍ଣ ପଙ୍କ କାଦୁଅରେ ପୋତି ହୋଇପଡିଥିଲା। ବହୁ ବାଧାବିଘ୍ନ ସତ୍ତ୍ୱେ ଲକ୍ଷ୍ୟ ଥିଲା ପୁନରୁଦ୍ଧାର। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପ୍ରତିଦିନ କାର୍ଯ୍ୟ ଜାରି ରହିଥିଲା। ତାହା ଏକ ପ୍ରକାର ସଫଳ ହୋଇଛି। ହିଡକୁ ଚଉଡା କରାଯାଇଛି। ବର୍ଷାଦିନେ ପୋଖରୀ ଜଳ ଭରପୂର ରହିବା ସହ ଲୋକଙ୍କ ବ୍ୟବହାରଯୋଗ୍ୟ ହୋଇପାରିବ। ଇଏଫ୍‌ଆଇର ଆବାହକ ଅରୁଣ କ୍ରିଷ୍ଣମୂର୍ତ୍ତି କହିଛନ୍ତି, ବୈଜ୍ଞାନିକ ପଦ୍ଧତିରେ ଏହି ପୋଖରୀର ପୁନରୁଦ୍ଧାର କରାଯାଇଛି। ଗ୍ରାମବାସୀ ଏହି ପୋଖରୀ ଉପରେ ନିର୍ଭରଶୀଳ ରହିଥିବା ବେଳେ ଏହା ପୋତି ହୋଇଯାଇଥିଲା। ଓଡ଼ିଶାରେ ଜଳାଶୟ ଗୁଡିକର ଜଳସ୍ତର କମିବାରେ ଲାଗିଛି। ଗ୍ରାମାଞ୍ଚଳଗୁଡିକରେ ବହୁ ପୋଖରୀ ପରିତ୍ୟକ୍ତ ଅବସ୍ଥାରେ ରହି ପୋତି ହୋଇ ସତ୍ତା ହରାଉଛି। ଏହାର ପୁନରୁଦ୍ଧାର ସହ ପୁଣି ଥରେ ଲୋକଙ୍କ ଉପଯୋଗୀ କରିବା ଉଦ୍ଦେଶ୍ୟରେ ଇଏଫ୍‌ଆଇ ସହ ଧରିତ୍ରୀ ର ଏକ ମିଳିତ ପ୍ରୟାସ। ଆଗକୁ ଏଭଳି ଅଭିଯାନ ଜାରି ରହିବ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଦିଲୀପ



@ କମଲ



@ ମାନସ



@ମନ୍ଦାକିନୀ



@ସୁଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ହାଇକୋର୍ଟରେ ପ୍ରତିଜବାବ ଦାଖଲକଲେ ଆବେଦନକାରୀ

### ସରକାରୀ ଡାକ୍ତରଖାନାରେ ଦଲାଲ ନିୟନ୍ତ୍ରଣ ମାମଲା

କଟକ,୨୭।୭ (କାର୍ତ୍ତିକ ସାହୁ)

ସରକାରୀ ଡାକ୍ତରଖାନାରେ ଦଲାଲଙ୍କ ପ୍ରାଦୁର୍ଭାବକୁ ନିୟନ୍ତ୍ରଣ ପାଇଁ ରହିଥିବା ବ୍ୟବସ୍ଥା ବିଷୟରେ ହାଇକୋର୍ଟ ଜାଣିବାକୁ ଚାହିଁଥିଲେ। ଦଲାଲ ରୋକିବା ପାଇଁ ଆଇନ ନ ଥିଲେ ଆଇନ ଆଣିବା ଲାଗି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟ ଏ ସଂକ୍ରାନ୍ତରେ ଜବାବ ଦାଖଲ ପାଇଁ ମଧ୍ୟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାର ଏହି ଜବାବ ଦାଖଲ ପରେ ଆବେଦନକାରୀ ହାଇକୋର୍ଟରେ ଗୁରୁବାର ପ୍ରତିଜବାବ ଦାଖଲ କରିଛନ୍ତି। ହାଇକୋର୍ଟ ବିଚାରପତି ଶୁଭାଶିଷ ତାଳପତ୍ର ଏବଂ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୁରୁବାର ମାମଲାର ଶୁଣାଣି କରିଛନ୍ତି। ଅଗଷ୍ଟ ୧୪ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଆଇନଜୀବୀ ଚିତ୍ତରଞ୍ଜନ ମହାନ୍ତିଙ୍କ ପକ୍ଷରୁ ଏହି ମାମଲା ହାଇକୋର୍ଟରେ ଦାୟର ହୋଇଛି।

# ଏନ୍‌ଜିଟିରେ ଦାଖଲ ରିପୋର୍ଟରେ ନାହିଁ ସମ୍ପୂର୍ଣ୍ଣ ତଥ୍ୟ

**ଅଗଷ୍ଟ ୩୧ ଯାଏ ଶୁଣାଣି ସ୍ଥଗିତ**

- ମା' ଶିଖରଚଣ୍ଡୀ ଆଞ୍ଚଳିକ ସମିତି ଅସନ୍ତୁଷ୍ଟ
- ପାହାଡ଼ ଉପରେ ୱାଟ୍‌କୋର କାର୍ଯ୍ୟ ମନା

ଭୁବନେଶ୍ୱର,୨୭।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଶିଖରଚଣ୍ଡୀ ପ୍ରକଳ୍ପର ଶୁଣାଣି ପୁଣି ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ଘୁଞ୍ଚିଲା। ଜୁଲାଇ ୫ରେ ଏହାର ପ୍ରଥମ ଶୁଣାଣି ହୋଇଥିବାବେଳେ ଗୁରୁବାର ଦ୍ୱିତୀୟ ଶୁଣାଣି ଥିଲା। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ପାହାଡ଼ ଉପରେ ୱାଟ୍‌କୋର କୌଣସି କାର୍ଯ୍ୟ ହୋଇପାରିବ ନାହିଁ। ମା' ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତି ପକ୍ଷରୁ ପ୍ରମାଣ ସ୍ୱରୂପ ଅନେକ ତଥ୍ୟ କୋଲକାତା କୋର୍ଟରେ ଦାଖଲ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ଏନ୍‌ଜିଟିରେ ଦାଖଲ ରିପୋର୍ଟରେ ସମ୍ପୂର୍ଣ୍ଣ ତଥ୍ୟ ଦିଆଯାଇନାହିଁ। ଯାହାକୁ ନେଇ ସମିତି ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଜଙ୍ଗଲ କିସମ ଥିବା ପ୍ଲଟ ନଂ ୧୨୮୭ ଓ ୧୨୮୮ରେ କାର୍ଯ୍ୟ ହେଉଥିଲା। ଏଥିସହ ପୁରୀରୁ କଢାଯାଇଥିବା ରେକର୍ଡ ସମ୍ପୂର୍ଣ୍ଣ ୨୧୨ ଏକର ଝାଟି ଜଙ୍ଗଲ ଥିଲା। କିନ୍ତୁ ଏଠାରେ ଜଙ୍ଗଲ ନ ଥିଲା ବୋଲି ଓଡ଼ିଶା ଜଙ୍ଗଲ ବିଭାଗ ପୂର୍ବ ରିପୋର୍ଟରେ ଦାଖଲ କରିଛି। ସେଠାରେ ଥିବା ଔଷଧ ବୃକ୍ଷର ସମସ୍ତ ତଥ୍ୟ ମଧ୍ୟ ପ୍ରଦାନ କରାଯାଇଥିଲା। ଏହାମଧ୍ୟରୁ ଅନେକ ଗଛ ଲୋପ ପାଉଥିବା ଔଷଧ ବୃକ୍ଷ ଯାହା ବିଭିନ୍ନ ସର୍ଭେ ତଥ୍ୟ ଉପସ୍ଥାପିତ କରାଯାଇଛି। ଜଙ୍ଗଲ ଆଇନକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରି ଇଲ୍‌କୋ, ବିଡିଏ ଏବଂ ୱାଟ୍‌କୋ ମନଇଚ୍ଛା ଏଠାରେ କାର୍ଯ୍ୟ କରୁଛନ୍ତି ବୋଲି ସମିତି ପକ୍ଷରୁ ଉଲ୍ଲେଖ କରାଯାଇଛି। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କୋର୍ଟରେ ସମିତିର ସଚିନ ମହାପାତ୍ରଙ୍କ ତରଫରୁ ଲଢୁଥିବା ଓକିଲ ଶଙ୍କର ପାଣି ଦାବି କରିଛନ୍ତି। ଏଥିସହ ଅନେକ ତଥ୍ୟ ପ୍ରମାଣ କୋର୍ଟରେ ଦାଖଲ କରାଯାଇଛି। ପାହାଡ଼ ଜଙ୍ଗଲ ବଞ୍ଚେଇ ସେଠାରେ ପୁନର୍ବାର ଜଙ୍ଗଲ ସହ ନଷ୍ଟ ହୋଇଥିବା ଔଷଧୀୟ ବୃକ୍ଷର ଚାରା ରୋପଣ କରାଯାଇ ଉଦ୍ଧାର କରଯାଉ ଓ ଶୀଘ୍ର ପାଣିଟାଙ୍କିକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ପକ୍ଷ ରଖିଥିଲେ। ଅନ୍ୟପକ୍ଷେ ଚନ୍ଦକା ସରପଞ୍ଚ ତାଙ୍କ ଅଞ୍ଚଳରେ ତାଙ୍କ ଅନୁମତି ବିନା ବେଆଇନ ଭାବେ କାର୍ଯ୍ୟ ହେଉଥିବାରୁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ସବୁ ଭିତରେ ସମିତି ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ନେତୃତ୍ୱ ନେଉଥିବା ଲୋକଙ୍କୁ ପୋଲିସ ବାରମ୍ବାର ଧମକ ଦେଉଛନ୍ତି। ପଟିଆଗଡ଼ର ନେତୃତ୍ୱ ନେଉଥିବା ସମିତିର ସଦସ୍ୟ ନିର୍ମଳ ମହାରଣାଙ୍କୁ ଏକ ମିଛ କେସ୍‌ରେ ଫସାଇବା ପାଇଁ ତାଙ୍କ ଘରକୁ ଚନ୍ଦ୍ରଶେଖର ଥାନା ପକ୍ଷରୁ ନୋଟିସ ପଠାଯାଇଛି। ତେଣୁ ସମିତି ତରଫରୁ ଏନ୍‌ଏଚ୍‌ଆର୍‌ସି ଏ ବାବଦରେ ଏକ ଲିଖିତ ଅଭିଯୋଗ କରିବା ସହ ପୋଲିସ ପକ୍ଷରୁ ଏଭଳି ଅସୁବିଧା କଲେ ଆଗାମୀ ଦିନରେ ଅଞ୍ଚଳବାସୀ ଏହାର ଜବାବ ଦେବେ ବୋଲି ଚେତାବନୀ ଦିଆଯାଇଛି।



## ସଂକ୍ଷେପରେ

### ଦୁବାଇରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**୭ଦିନ ପରେ ଘରକୁ ଆସିଲା ମୃତଦେହ**

ଗମ୍ଭାରୀମୁଣ୍ଡା,୨୭।୭(ଦିଲୀପ ସ୍ୱାଇଁ): ଦୁବାଇରେ ଜଣେ ଓଡ଼ିଆ ଶ୍ରମିକଙ୍କ ସନ୍ଦେହଜନକଭାବେ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଣପୁର ବିଜ୍ଞାପିତ ଅଞ୍ଚଳ ଜଗନ୍ନାଥପୁର ଗ୍ରାମର ସୁମନ ଦଣ୍ଡସେଣା ଓରଫ ଟପୁ (୨୪)। ତେବେ ମୃତ୍ୟୁର ୭ଦିନ ପରେ(ଗୁରୁବାର) ଗ୍ରାମରେ ମୃତଦେହ ପହଞ୍ଚିବା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ସୂଚନା ମୁତାବକ, ଅଧିକ ରୋଜଗାର ଆଶାରେ ଗତ ଫେବୃୟାରୀ ୭ରେ ସୁମନ ଓଏମ୍‌ଜୀ ଏଜେନ୍ସି ମାଧମରେ ଦୁବାଇ ଯାଇଥିଲେ। ସେଠାରେ ଏକ କମ୍ପାନୀରେ ଶ୍ରମିକଭାବେ କାର୍ଯ୍ୟ କରୁଥିଲେ। ଗତ ୨୦ ତାରିଖରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଖବର ପାଇଥିଲେ। ଘରର ରୋଜଗାରିଆ ପୁଅକୁ ହରାଇ ପରିବାର ଲୋକେ ଭାଙ୍ଗିପଡ଼ିଥିବା ବେଳେ ଗୁରୁବାର ରାତି ୯ଟାରେ ମୃତଦେହ ଗ୍ରାମରେ ପହଞ୍ଚିଥିଲା। ଫଳରେ ଗ୍ରାମରେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ପରେ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା।

### କଲେଜ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

ଜଟଣୀ,୨୭।୭(ରବୀନ୍ଦ୍ର ନାଥ ମହାକୁଡ଼): ଜଟଣୀ ଥାନା ଅଧୀନ ବାଛରାପାଟଣା ଅଞ୍ଚଳରେ ଗୁରୁବାର ଜଣେ କଲେଜ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଲିଜାନ ବେଗ ଓରଫ କୁଇନ୍। ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର +୩ ଦ୍ୱିତୀୟ ବର୍ଷର ଛାତ୍ରୀ ଥିଲେ କୁଇନ୍। ମିଳିଥିବା ସୂଚନା ମୁତାବକ, ଅପରାହ୍ନରେ କୌଣସି କାରଣକୁ ନେଇ ଘରେ କୁଇନ୍ ବେକରେ ଓଢ଼ଣି ଲଗାଇ ଝୁଲିପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଏକ ଘରୋଇ ନର୍ସିଂହୋମରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଫେରାଇ ଦେଇଥିଲେ। ପରେ ପରିବାର ଲୋକେ କୁଇନ୍‌ଙ୍କୁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୫/୨୩) ରୁଜୁକରି ଅଧିକ ତଦନ୍ତ ଚଳାଇଛି।

### ମୋ ବସ୍ ଚାଳକଙ୍କୁ ମାଡ଼ ମାରି ଜଣେ ଗିରଫ

ପିପିଲି,୨୭।୭(ପ୍ରଭାତ ମହାପାତ୍ର): ମୋ ବସ୍ ଚାଳକଙ୍କୁ ମାଡ଼ ମାରିବା ଘଟଣାରେ ପିପିଲି ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଶୁଆବରେଇ ଗ୍ରାମର ରମେଶ ଚନ୍ଦ୍ର ବାଘ। ଏନେଇ ପୋଲିସ ୩୪୧/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବୁଧବାର ପିପିଲି ଟୋଲ ଗେଟ୍‌ଠାରେ ରମେଶ ମୋ ବସ୍ ଡ୍ରାଇଭର୍‌ଙ୍କୁ ମାଡ଼ ମାରିଥିଲେ। ଏ ବାବଦରେ ବସ୍ ଚାଳକ ଥାନାରେ ଅଭିଯୋଗ କରିବାରୁ ପୋଲିସ ତାଙ୍କୁ କାବୁ କରିଛି।

# ଶ୍ରୀଅରବିନ୍ଦ ନଗରରେ ହେବ ପଥପାର୍ଶ୍ୱ ପାର୍କ, କମ୍ୟୁନିଟି ଗୃହ

ଭୁବନେଶ୍ୱର,୨୭।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଚନ୍ଦ୍ରଶେଖରପୁର ୯ ନମ୍ବର ୱାର୍ଡସ୍ଥିତ ଶ୍ରୀଅରବିନ୍ଦ ନଗରରେ ପଥପାର୍ଶ୍ୱ ପାର୍କ ଏବଂ କମ୍ୟୁନିଟି ଗୃହ ହେବ। ଗୁରୁବାର ବିଏମ୍‌ସି କମିଶନର ବିଜୟ ଅମୃତ କୁଲାଙ୍ଗେ ଉକ୍ତ ସ୍ଥାନ ପରିଦର୍ଶନ କରି ଏ ନେଇ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକଙ୍କ ସକାଳ ଓ ସନ୍ଧ୍ୟା ସମୟରେ ଭ୍ରମଣ ସହ ଶିଶୁଙ୍କ ପାଇଁ ମଧ୍ୟ ଏହା ଉପଯୋଗୀ ହେବ। ପାର୍କ ସଂଲଗ୍ନ ସ୍ଥାନରେ ନିର୍ମିତ ହେବ କମ୍ୟୁନିଟି ଗୃହ, ଯାହା ଲୋକଙ୍କ ସାମାଜିକ, ସାଂସ୍କୃତିକ ଆବଶ୍ୟକତା ପୂରଣ କରିବ। ସେହିପରି ସ୍ୱାଧୀନତା ସଂଗ୍ରାମୀ ତଥା ଆଧ୍ୟାତ୍ମିକ ଗୁରୁ ଶ୍ରୀଅରବିନ୍ଦଙ୍କ ନାମରେ ଏକ ପ୍ରତିମୂର୍ତ୍ତି ପାର୍କରେ ପ୍ରତିଷ୍ଠା କରାଯିବ। ଏହା ବ୍ୟତୀତ ବିଦ୍ୟୁତ ଅବ୍ୟବସ୍ଥା, ରାସ୍ତା ମରାମତିର ସମାଧାନ ପାଇଁ କମିଶନର କୁଲାଙ୍ଗେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରସ୍ଥ ଉତ୍କଳ ରଙ୍ଗମଞ୍ଚରେ ଆୟୋଜିତ ସିକନ୍ଦର ଆଲାମଙ୍କ ସ୍ମୃତିରେ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ସିକନ୍ଦର ଆଲାମଙ୍କ ସ୍ମୃତିରେ ସଙ୍ଗୀତ ସନ୍ଧ୍ୟା

ଭୁବନେଶ୍ୱର,୨୭।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁବାର ସ୍ୱର୍ଗତ ମହମ୍ମଦ ସିକନ୍ଦର ଆଲାମ୍‌ଙ୍କ ଜନ୍ମ ଜୟନ୍ତୀ ଅବସରରେ ଏକ 'ସଙ୍ଗୀତ ସନ୍ଧ୍ୟା' ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରସ୍ଥ ଉତ୍କଳ ରଙ୍ଗମଞ୍ଚରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟଙ୍କ ଆବାହକତ୍ୱରେ ଗୁରୁ କେଶବ ଚନ୍ଦ୍ର ରାଉତ, ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ ସୁକାନ୍ତ କୁମାର କୁଣ୍ଡୁ, ଗୁରୁ ସିକତା ଦାସ ଏବଂ ଗୁରୁ ରମେଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦାନ କରିଥିଲେ। ସ୍ୱର୍ଗତ ଆଲାମ୍‌ଙ୍କ ସ୍ମୃତିକୁ ମନେ ପକାଇ ତାଙ୍କ ଦ୍ୱାରା ପରିବେଷିତ ହୋଇଥିବା ଅନେକ ପୁରାତନ ସଙ୍ଗୀତ ଶିଳ୍ପୀମାନେ ପରିବେଷଣ କରିଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ନିମାକାନ୍ତ ରାଉତରାୟ ଅତିଥି କଳାକାର ଭାବେ ଯୋଗଦାନ କରି ସ୍ୱର୍ଗତ ଆଲାମ୍‌ଙ୍କ ଅତି ଲୋକପ୍ରିୟ ସଙ୍ଗୀତ 'ସାଗରେ ଅଧିର ନୀଳ ତରଙ୍ଗ' ଖୁବ୍ ସୁନ୍ଦର ଭାବେ ପରିବେଷଣ କରିବା ସହିତ ଓଡ଼ିଶୀ ଗବେଷଣା କେନ୍ଦ୍ରର କଳାକାରମାନେ ସ୍ୱର୍ଗତ ଆଲାମ୍ ଗାଇଥିବା ଅନେକ ଗୁଡ଼ିଏ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଶାସନିକ ଅଧିକାରିଣୀ ଅନୁଜା ତାରିଣୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବାଥ୍‌ରୁମ୍‌ରେ ଯୁବତୀଙ୍କୁ ଯୌନ ନିର୍ଯାତନା, ଯୁବକ ଗିରଫ

ଭୁବନେଶ୍ୱର,୨୭।୭(ସୂର୍ଯ୍ୟକାନ୍ତ ବେହେରା): ବାଥ୍‌ରୁମ୍ ଭିତରେ ପଶି ଜଣେ ଯୁବତୀଙ୍କୁ ଯୌନ ନିର୍ଯାତନା ଦେବା ସହ ଆକ୍ରମଣ କରିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ନୟାଗଡ଼ର ସନାତନ ପ୍ରଧାନ (୩୨)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ ପୀଡ଼ିତା ଜଣଙ୍କ କେୟାର ଟେକର ଭାବେ କାମ କରିବା ସହ ପାଠ ପଢନ୍ତି। ବୁଧବାର ଅପରାହ୍ନରେ ସେ ବାଥ୍‌ରୁମ୍ ଭିତରେ ଥିବା ବେଳେ ଅଭିଯୁକ୍ତ କବାଟ ବାଡେଇଥିଲେ। ଏହାପରେ ଯୁବତୀ କିଏ ବୋଲି ପଚାରିବାରୁ ଅଭିଯୁକ୍ତ କିଛି ନ କହି ଚୁପଚାପ ଛିଡା ହୋଇଥିଲେ। ଯୁବତୀଙ୍କ ସନ୍ଦେହ ହେବାରୁ ସେ କବାଟ ଖୋଲିବାରୁ ଅଭିଯୁକ୍ତ ଜୋରଜବରଦସ୍ତ ପଶି ତାଙ୍କୁ ଯୌନ ନିର୍ଯାତନା ଦେଇଥିଲେ। ଏପରିକି ଘଟଣା ସମ୍ପର୍କରେ କାହାକୁ କିଛି କହିଲେ ଜୀବନରୁ ମାରିଦେବାକୁ ଯୁବତୀଙ୍କୁ ଧମକ ଦେଇଥିଲେ। ଏନେଇ ଯୁବତୀ ପାଟି କରିବାରୁ ପଡ଼ୋଶୀମାନେ ଏକତ୍ରିତ ହୋଇ ଯୁବତୀଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

# ସାଢ଼େ ୧୨ ଲକ୍ଷ ଟଙ୍କା ଠକେଇ, ଯୁବକ ଗିରଫ

ଭୁବନେଶ୍ୱର,୨୭।୭
(ସୂର୍ଯ୍ୟକାନ୍ତ ବେହେରା)

୧୨ ଲକ୍ଷ ୫୦ ହଜାର ଟଙ୍କା ଠକେଇ ଅଭିଯୋଗରେ ଲିଙ୍ଗରାଜ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ପୁରୁଣା ଭୁବନେଶ୍ୱର ଅଞ୍ଚଳର ରାଜେନ୍ଦ୍ର ବେହେରା।

ସୂଚନାନୁସାରେ, ଠକେଇର ଶିକାର ହୋଇଥିବା ବ୍ୟକ୍ତିଜଣକ କୌଣସି କାରଣରୁ ଅଭିଯୁକ୍ତ ରାଜେନ୍ଦ୍ରଙ୍କ ସଂସ୍ପର୍ଶରେ ଆସିଥିଲେ। ପରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ସୃଷ୍ଟି ହୋଇଥିଲା। ଗତ ୨୦୨୧-୨୨ ମସିହାରେ ରାଜେନ୍ଦ୍ର ନିଜ ବାପାଙ୍କ ଦେହ ଖରାପ ଥିବା କଥା କହି ଅଭିଯୋଗକାରୀଙ୍କ ନିକଟରୁ ୧୫ ଲକ୍ଷ ଟଙ୍କା ଧାର ନେଇଥିଲେ। କିଛିଦିନ ପରେ ରାଜେନ୍ଦ୍ରଙ୍କ ବାପା ସୁସ୍ଥ ହୋଇଯିବାରୁ ଅଭିଯୋଗକାରୀ ନିଜ ଟଙ୍କା ଫେରାଇବା ଲାଗି ଅନୁରୋଧ କରିଥିଲେ। ରାଜେନ୍ଦ୍ର ମାତ୍ର ୨ ଲକ୍ଷ ୫୦ ହଜାର ଟଙ୍କା ଫେରାଇବା ସହ ଅବଶିଷ୍ଟ ସାଢେ ୧୨ ଲକ୍ଷ ଟଙ୍କାର ଏକ ବ୍ୟାଙ୍କ୍ ଚେକ୍ ଦେଇଥିଲେ। ତେବେ ପରେ ରାଜେନ୍ଦ୍ର ନିଜ ଆକାଉଣ୍ଟ କ୍ଲୋଜ୍ କରିଦେବାରୁ ଚେକ୍‌ଟି ବାଉନ୍ସ ହୋଇଯାଇଥିଲା। ଫଳରେ ରାଜେନ୍ଦ୍ରଙ୍କୁ ଅଭିଯୋଗକାରୀ ଦେଖାକରି ଘଟଣା ସମ୍ପର୍କରେ ଜଣାଇ ଟଙ୍କା ମାଗିଥିଲେ। ଏଥିରେ ରାଜେନ୍ଦ୍ର ହଠାତ ରାଗିଯାଇ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ସମେତ ପରିବାର ସଦସ୍ୟଙ୍କୁ ଜୀବନରୁ ମାରିଦେବା ଲାଗି ଧମକ ଦେଇଥିଲେ। ଏନେଇ ସମ୍ପୃକ୍ତ ବ୍ୟକ୍ତି ଥାନାରେ ଅଭିଯୋଗ କରିଥିଲେ।

# ଭାଉଜଙ୍କ ଆକ୍ରମଣରେ ନଣନ୍ଦଙ୍କ ଗର୍ଭନଷ୍ଟ

- ଏତଲା ପରେ ପୋଲିସର ଛାନଭିନ
- ରାଜଧାନୀରେ ଅମାନବୀୟ କାଣ୍ଡ

ଭୁବନେଶ୍ୱର,୨୭।୭
(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ଏକ ଅମାନବୀୟ କାଣ୍ଡ ଘଟିଛି। କୌଣସି କାରଣକୁ ନେଇ ଗର୍ଭବତୀ ନଣନ୍ଦଙ୍କୁ ତାଙ୍କ ଭାଉଜ କିଛି ସହଯୋଗୀଙ୍କ ସହ ମିଶି ଆକ୍ରମଣ କରିଛନ୍ତି। ଫଳରେ ନଣନ୍ଦଙ୍କ ତିନିମାସର ଗର୍ଭନଷ୍ଟ ହୋଇଯାଇଛି। ଚନ୍ଦ୍ରଶେଖରପୁର ଥାନା ଇଶାଣେଶ୍ୱର ବସ୍ତିରେ ଏହି ଘଟଣା ଘଟିଥିବାବେଳେ ପୀଡିତାଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ୨ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ସୂଚନାନୁସାରେ ଭାଇଭାଉଜଙ୍କୁ ରହିବା ପାଇଁ ପୀଡିତା ଜଣଙ୍କ ଏକ ଘର ଦେଇଥିଲେ। ଏଥିପାଇଁ ସେମାନେ କିଛି ଟଙ୍କା ଦେବାର ଥିଲା। ହେଲେ ଟଙ୍କା ନ ଦେବାରୁ ଉଭୟ ପୀଡିତା ଓ ଭାଇଭାଉଜଙ୍କ ମଧ୍ୟରେ ପ୍ରାୟ ସମୟରେ ବଚସା ଲାଗି ରହୁଥିଲା। ଏନେଇ ବାରମ୍ବାର ସାହି କମିଟିରେ ଗୁହାରି କରିଥିଲେ ମଧ୍ୟ କମିଟିରେ କେହି ଶୁଣି ନ ଥିଲେ କି ସମାଧାନ କରି ନ ଥିଲେ। ଫଳରେ ଭାଉଜ ଏବଂ ତାଙ୍କ ପରିବାର ଲୋକେ ପୀଡିତା ମହିଳାଙ୍କୁ ତଳେ ପକାଇ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ଗର୍ଭବତୀ ମହିଳାଙ୍କ ପେଟରେ ଆଘାତଲାଗି ସେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କ ସ୍ୱାମୀ ହସ୍ପିଟାଲକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ପୀଡିତା ଘରକୁ ଆସି ଥାନାକୁ ଅଭିଯୋଗ ଦେଇ ଫେରୁଥିଲା ବେଳେ ଥାନା ଛକ ରାସ୍ତାରେ ତାଙ୍କର ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଯାହାଦେଖି ତାଙ୍କ ସ୍ୱାମୀ ପୁଣି ହସ୍ପିଟାଲକୁ ନେଇଯାଇଥିଲେ। ସେଠାରେ ଅସ୍ତ୍ରୋପଚାର କରାଯାଇ ଗର୍ଭସ୍ଥ ତିନି ମାସର ଭ୍ରୁଣକୁ ବାହାର କରିଦିଆଯାଇଥିଲା। ଏନେଇ ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ମାଝି କହିଛନ୍ତି, ଗର୍ଭବତୀ ମହିଳାଙ୍କୁ ତାଙ୍କ ଭାଉଜ ମାଡ଼ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ସରିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# କାର୍ଯ୍ୟରେ ଯୋଗଦେବେ, ଆନ୍ଦୋଳନରୁ ଓହରିବେନି

**୬୬୨ ବର୍ଗ କଲେଜ ମହାସଂଘ ସହ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଆଲୋଚନା**

ଭୁବନେଶ୍ୱର,୨୭।୭
(ଅନୁରାଧା ମହାରଣା)

ଦୀର୍ଘ ୧୬୫ ଦିନର ଧାରଣା ପରେ ଦୁଇଦିନ ହେଲା କଲେଜରେ ପାଠପଢ଼ା ବନ୍ଦ କରି ୬୬୨ ବର୍ଗ କଲେଜ ମହାସଂଘ ମହାଆନ୍ଦୋଳନକୁ ଓହ୍ଲାଇଛି। ୪ ଦଫା ଦାବିରେ ହଜାର ହଜାର ସଂଖ୍ୟକ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ପରେ ମହାସଂଘର ଏକ ପ୍ରତିନିଧି ଦଳ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ଭେଟି ଆଲୋଚନା କରିଛନ୍ତି। ଆସନ୍ତା ୧୧ ତାରିଖ ସୁଦ୍ଧା ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏବଂ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ନାୟକ ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଅଧ୍ୟାପକମାନେ ଆନ୍ଦୋଳନରେ ବସିରହିବାରୁ ପିଲାଙ୍କ ପାଠପଢ଼ା ପ୍ରଭାବିତ ହେଉଛି। ତେଣୁ କାର୍ଯ୍ୟବନ୍ଦ ଆନ୍ଦୋଳନରୁ ଓହରିଯିବା ପାଇଁ ମନ୍ତ୍ରୀ ସେମାନଙ୍କୁ ଅନୁରୋଧ କରିଛନ୍ତି। ଏହି ଅନୁରୋଧ କ୍ରମେ ଆନ୍ଦୋଳନକାରୀମାନେ କାର୍ଯ୍ୟରେ ଯୋଗଦେବେ ମାତ୍ର ଆନ୍ଦୋଳନ ଜାରି ରହିବ ବୋଲି ସ୍ପଷ୍ଟ କରିଛନ୍ତି। ପ୍ରତିଦିନ ୩୦ ଜଣ କର୍ମଚାରୀ ଆନ୍ଦୋଳନରେ ଯୋଗ ଦେବେ। ସୂଚନା ଥାଉ କି, ସଂଘର ୪ ଦଫା ଦାବି ରହିଛି। ସମାନ ଗ୍ରେଡ୍ ପେ ଆଧାରରେ ସମସ୍ତ ବର୍ଗଙ୍କୁ ସମାନ ଦରମା ପ୍ରଦାନ, ଏହି ବର୍ଗର କର୍ମଚାରୀଙ୍କୁ ପେନସନ ପରିସରଭୁକ୍ତ କରିବା, ୨୦୧୮ ଜିଓ ଅନ୍ତର୍ଭୁକ୍ତ କର୍ମଚାରୀଙ୍କୁ ସପ୍ତମ ବେତନ ହାରରେ ଦରମା ପ୍ରଦାନ ଏବଂ ବାଦ୍ ପଡ଼ିଥିବା କର୍ମଚାରୀଙ୍କୁ ଅନୁଦାନ ପ୍ରଦାନ ଦାବି କରାଯାଇଛି। ଏହି ଦାବିରେ ଫେବୃୟାରୀ ୧୩ ତାରିଖରୁ ଲୋୟର ପିଏମ୍‌ଜିରେ ଆନ୍ଦୋଳନ ଜାରି ରହିଛି।

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଲୋକକଳା କଳାକାର

ଭୁବନେଶ୍ୱର,୨୭।୭(ଶର୍ମିଷ୍ଠା ପାଣିଗ୍ରାହୀ)

ପାରମ୍ପରିକ ଲୋକକଳା କଳାକାରମାନେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି। ସମସ୍ତ ଜିଲାର ଲୋକକଳା କଳାକାରମାନେ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ପାରମ୍ପରିକ ବାଦ୍ୟଯନ୍ତ୍ର ବଜାଇ ନବୀନ ନିବାସରେ ପହଞ୍ଚିଥିଲେ। ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ପାରିଶ୍ରମିକ ବୃଦ୍ଧି କରିଥିବାରୁ ଧନ୍ୟବାଦ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ଏହି କଳାକାରମାନଙ୍କ ସହ ଭାବ ବିନିମୟ କରିଥିଲେ। ପ୍ରତ୍ୟେକ ଜିଲା କଳାକାର ସଂଗଠନର କର୍ମକର୍ତ୍ତାମାନେ ସମସ୍ତ ବ୍ଲକରେ ମଣ୍ଡଳ ସଂସ୍କୃତି ଭବନ ନିର୍ମାଣ, ସଂସ୍କୃତି ବିଭାଗ ଦ୍ୱାରା ଲୋକକଳା ସଂଘକୁ ଦୃଢ଼ୀକରଣ ଏବଂ ତାଲିକାଭୁକ୍ତ ସମସ୍ତ ଲୋକକଳାର ପ୍ରଚାର ପ୍ରସାର ନେଇ ପଦକ୍ଷେପ ଗ୍ରହଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।



ନବୀନ ନିବାସ ପରିସରରେ ଲୋକକଳା କଳାକାରଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। (ଫଟୋ - ମନୋରଞ୍ଜନ ମିଶ୍ର)

# 'ସୃଜନଶୀଳ କଳା ହୃଦୟକୁ ଛୁଇଁଥାଏ'

**ଧଉଳି ଚାରୁକଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ**

- ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ
- ଭାସ୍କର୍ଯ୍ୟ ଶିଳ୍ପୀ ସରୋଜ ରାଉତଙ୍କୁ ଶରତ ରଥ ସ୍ମୃତି ସମ୍ମାନ

ପୁରୁଣା ଭୁବନେଶ୍ୱର,୨୭।୭
(ସୁବାସ ଚନ୍ଦ୍ର ପ୍ରଧାନ)



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ।

ଶାନ୍ତିସ୍ତୂପ ନିକଟ ଧଉଳି ଚାରୁକଳା ମହାବିଦ୍ୟାଳୟର ୨୯ତମ ପ୍ରତିଷ୍ଠା ଦିବସ ଅବସରରେ ଗୁରୁବାର ଏକ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସଞ୍ଜିତ କୁମାର ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ସମ୍ମାନିତ ଅତିଥି ବିନୋଦ ମହାରାଣା, ସସ୍ମିତା ମହାନ୍ତି, ମହାବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ଡ. ହୃଷୀକେଶ ମିଶ୍ର ଉପସ୍ଥିତ ଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଅଙ୍କନ କରାଯାଇଥବା ଚିତ୍ରଗୁଡ଼ିକ ବୁଲି ଦେଖିବା ସହିତ ପ୍ରଶଂସା କରିଥିଲେ। ସୃଜନଶୀଳ କଳା ହୃଦୟକୁ ଛୁଇଁଥାଏ ଓ ପରମ ଆନନ୍ଦ ପ୍ରଦାନ କରିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଅଧକ୍ଷ ଚନ୍ଦନ କୁମାର ସାମଲ ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ରବିଶଙ୍କର ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଶିଷ୍ଟ ସେରାମିକ ଭାସ୍କର୍ଯ୍ୟ ଶିଳ୍ପୀ ସରୋଜ କୁମାର ରାଉତ ଓ ଛାତ୍ର ଗତିକୃଷ୍ଣ ନାୟକଙ୍କୁ ଶିଳ୍ପୀ ଶରତ କୁମାର ରଥ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ଛାତ୍ର ସୁଜିତ କୁମାର ମଲ୍ଲିକ ଓ ଛାତ୍ରୀ ସୁଶ୍ରୀ ସଙ୍ଗୀତା ଭୋଳଙ୍କୁ ଚଳିତବର୍ଷ ଶ୍ରେଷ୍ଠ ଛାତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ନିଜର ଶ୍ରେଷ୍ଠ କୃତୀ ପାଇଁ ସୋଫିୟା ସମିନ୍, ଅନନ୍ୟା ମଙ୍ଗରାଜ, ଶିବ ମଣ୍ଡଳ, ସ୍ମୃତି ରଞ୍ଜନ ବେହେରା, ସୋନାଲି ନାୟକ, ସୋନାଲି ବିଶ୍ୱାଳ, ଆର୍ଯ୍ୟନ ସାମଲ, ବିଶ୍ୱଜିତ ମହାରଣା, ବୈଶାଖୀ ନାୟକ, ଗୋବିନ୍ଦ ତ୍ରିପାଠୀ, ଚନ୍ଦୁ ରଣା, ବର୍ଷାରାଣୀ ଓଝା, ଶୁଭଲକ୍ଷ୍ମୀ ଓଝା ପ୍ରମୁଖଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ସୁବାସ ଚନ୍ଦ୍ର ମୁଦୁଲି ଧନ୍ୟବାଦ ଦେଇଥିଲେ। ଶ୍ରୀପତି ଆଚାର୍ଯ୍ୟ, କମଳିନୀ ରଥ, ଯନିତା ପ୍ରିୟଦର୍ଶନୀ, ମାନସ ରଞ୍ଜନ ନାୟକ, ରାମଶଙ୍କର ସାହୁ, ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

ଜଟଣୀ,୨୭।୭(ରବୀନ୍ଦ୍ର ନାଥ ମହାକୁଡ଼): ଜଟଣୀ ଥାନା ଅଧୀନ ବାଛରାପାଟଣା ଅଞ୍ଚଳରେ ଗୁରୁବାର ଜଣେ କଲେଜ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଲିଜାନ ବେଗ ଓରଫ କୁଇନ୍। ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର +୩ ଦ୍ୱିତୀୟ ବର୍ଷର ଛାତ୍ରୀ ଥିଲେ କୁଇନ୍। ମିଳିଥିବା ସୂଚନା ମୁତାବକ, ଅପରାହ୍ଣରେ କୌଣସି କାରଣକୁ ନେଇ ଘରେ କୁଇନ୍ ବେକରେ ଓଢ଼ଣି ଲଗାଇ ଝୁଲିପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଏକ ଘରୋଇ ନର୍ସିଂହୋମରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଫେରାଇ ଦେଇଥିଲେ। ପରେ ପରିବାର ଲୋକେ କୁଇନ୍‌ଙ୍କୁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୫/୨୩) ରୁଜୁକରି ଅଧିକ ତଦନ୍ତ ଚଳାଇଛି।

### ଯୁବତୀଙ୍କୁ ନିର୍ଯାତନା, ଯୁବକ ଗିରଫ

ଭୁବନେଶ୍ୱର,୨୭।୭(ସୂର୍ଯ୍ୟକାନ୍ତ ବେହେରା): ବାଥ୍‌ରୁମ୍ ଭିତରେ ପଶି ଜଣେ ଯୁବତୀଙ୍କୁ ଯୌନ ନିର୍ଯାତନା ଦେବା ସହ ଆକ୍ରମଣ କରିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ନୟାଗଡ଼ର ସନାତନ ପ୍ରଧାନ (୩୨)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### କିମ୍ସରେ ଇଡିଓପାଥିକ ସ୍କୋଲିଓଶିସ୍‌ର ସଫଳ ଅସ୍ତ୍ରୋପଚାର

ଭୁବନେଶ୍ୱର,୨୭।୭(ଶର୍ମିଷ୍ଠା ପାଣିଗ୍ରାହୀ)- ମେରୁଦଣ୍ଡ ବଙ୍କା ହୋଇଯାଇଥିବା ଜଣୈକା ବାଳିକାଙ୍କଠାରେ ସଫଳ ଅସ୍ତ୍ରୋପଚାର କରି ଏହାକୁ ସଳଖ କରିପାରିଛନ୍ତି କିମ୍ସ ଡାକ୍ତର। ସ୍କୋଲିଓସିସ୍ ନାମକ ଗୁରୁତର ମେରୁଦଣ୍ଡ ସମସ୍ୟା ସହ ଦୀର୍ଘଦିନ ଧରି ସଂଘର୍ଷ କରୁଥିବା ଏହି ବାଳିକାଙ୍କ ଅଭିଭାବକ ବହୁ ଖ୍ୟାତିସମ୍ପନ୍ନ ଡାକ୍ତରଖାନାରୁ ନିରାଶ ହୋଇ ଶେଷରେ କିମ୍ସ ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ। ଅସ୍ଥିଶଲ୍ୟ ବିଶେଷଜ୍ଞ ତଥା ସ୍ପାଇନ ସର୍ଜନ ଡ. ଜିତେନ୍ଦ୍ର କୁମାର ରାଉତ ରୋଗୀଙ୍କୁ ଦେଖିବା ପରେ ଏହା 'ଇଡିଓପାଥିକ ସ୍କୋଲିଓସିସ୍' ନାମକ ଏକପ୍ରକାର ମେରୁଦଣ୍ଡ ସମସ୍ୟା ବୋଲି ଜାଣି ତୁରନ୍ତ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇଥିଲେ। ନିଶ୍ଚେତକ ବିଭାଗର ଡା. ସଞ୍ଜୀବ ଗିରି ଓ ରାଜ ମୋହନଙ୍କ ସହଯୋଗରେ ସ୍ପାଇନ ସର୍ଜନ ଡା. ରାଉତ ଏହି ଅସ୍ତ୍ରୋପଚାର କରିଥିଲେ। ବାଳିକାଙ୍କ ମେରୁଦଣ୍ଡ ଇଂଲିଶ ଅକ୍ଷର 'ଏସ୍' ଆକୃତିର ହୋଇଯାଇଥିଲା, ଯାହା ଭବିଷ୍ୟତରେ ତାଙ୍କ ପାଇଁ ଆହୁରି ଅନେକ ସମସ୍ୟା ସୃଷ୍ଟି କରିଥାନ୍ତା ବୋଲି ଡା. ରାଉତ ପ୍ରକାଶ କରିଛନ୍ତି। କିମ୍ସରେ ଦକ୍ଷ ଡାକ୍ତର, ଉନ୍ନତ ଜ୍ଞାନକୌଶଳ ଓ ଯନ୍ତ୍ରାଂଶ ଉପଲବ୍ଧ ଯୋଗୁ ଏଭଳି ବିରଳ ମେରୁଦଣ୍ଡ ଅସ୍ତ୍ରୋପଚାର ସମ୍ଭବ ହୋଇପାରିଲା। ସମ୍ପୃକ୍ତ ବାଳିକା ବର୍ତ୍ତମାନ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି। କିଛି ଦିନ ବିଶ୍ରାମ ପରେ ସେ ସ୍ୱାଭାବିକ ଜୀବନଯାପନ କରିପାରିବେ ବୋଲି ଡା. ରାଉତ କହିଛନ୍ତି।

# ଦିନରେ ଫେରିବାଲା, ରାତିରେ ଚୋର

ଖୋର୍ଦ୍ଧା,୨୭।୭(ପ୍ରଭାତ ପାଣିଗ୍ରାହୀ)



ଖବରଦାତା ସମ୍ମିଳନୀରେ ଏସ୍‌ପି ସିଦ୍ଧାର୍ଥ କଟାରିଆ ସୂଚନା ଦେଉଛନ୍ତି।



ଜବତ ହୋଇଥିବା ସୁନାରୁପା ଅଳଙ୍କାର।

**ଆନ୍ତଃ ରାଜ୍ୟ ଲୁଟେରା ଗ୍ୟାଙ୍ଗର ୩ ଗିରଫ**

- ୫କେଜି ରୁପା, ୨୫୦ ଗ୍ରାମ ସୁନା ଅଳଙ୍କାର, ମୃତ ବଜ୍ରକାପ୍ତା ଜବତ
- ୫ ଜିଲାରେ ୧୦୦ରୁ ଉର୍ଦ୍ଧ୍ୱ ମାମଲାରେ ଜଡ଼ିତ
- ବନ୍ୟଜନ୍ତୁ ଚୋରାଚାଲାଣରେ ସକ୍ରିୟ
- ୧୫ ସହଯୋଗୀ ଫେରାର



ଦିନରେ ଫେରିବାଲା। ରାତିରେ ଘରେ ପଶି କଳାକନା ବୁଲାଉଥିଲେ। ଖୋର୍ଦ୍ଧା ପୋଲିସ ହାତରେ ଲାଗିଛି ଏହି ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ। ଏହି ଗ୍ୟାଙ୍ଗର ୩ଜଣଙ୍କୁ ଗିରଫ କରିଛି ପୋଲିସ। ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱରର ଲିଙ୍ଗରାଜ ଥାନା ଅଧୀନ ଶିଶୁପାଳଗଡ଼ ଅଞ୍ଚଳର ପ୍ରଶାନ୍ତ ପାତ୍ର(୩୫), ପୁରୀ ଜିଲା କଣାସ ଥାନା ଚନ୍ଦ୍ରପଡ଼ା ଅଞ୍ଚଳର ରାହୁଲ ପ୍ରଧାନ(୨୦) ଏବଂ ନୟାଗଡ ସଦର ଥାନା ଅଞ୍ଚଳର ପ୍ରଶାନ୍ତ ନାୟକ(୩୦)। ଏମାନଙ୍କଠାରୁ ୫କେଜି ରୁପା, ୨୫୦ଗ୍ରାମ ସୁନା ଅଳଙ୍କାର, ଘରଭଙ୍ଗା ଯନ୍ତ୍ରପାତି ଓ ମୃତ ବ୍ରଜାକାପ୍ତା ଜବତ କରାଯାଇଛି। ଖୋର୍ଦ୍ଧା ସମେତ କଟକ, ପୁରୀ, ନୟାଗଡ଼, ଗଞ୍ଜାମ ଜିଲାରେ ଶହେରୁ ଉର୍ଦ୍ଧ୍ୱ ମାମଲାରେ ଅଭିଯୁକ୍ତମାନେ ଜଡିତ ରହିଛନ୍ତି। ଏହି ଗ୍ୟାଙ୍ଗର ନୟାଗଡ଼, ପୁରୀ ଓ ଗଞ୍ଜାମ ଅଞ୍ଚଳର ୧୨ରୁ ୧୫ଜଣ ଲୁଟେରା ଫେରାର ଅଛନ୍ତି। ଖୁବ୍‌ଶୀଘ୍ର ଏମାନଙ୍କୁ ଗିରଫ କରାଯିବ ବୋଲି ଗୁରୁବାର ଜିଲା ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ସୂଚନା ଦେଇଛନ୍ତି।

ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଚୋରି ଅଭିଯୋଗ ପୋଲିସର ନିଦ ହଜାଇ ଦେଇଥିଲା। ଏହି ଗ୍ୟାଙ୍ଗ ଦିନରେ ଫେରିବାଲାଭାବେ ଘରକୁ ଘର ବୁଲିବା ସହିତ ନଜର ରଖୁଥିଲେ। ରାତିରେ ଲୋକେ ଶୋଇଯିବା ପରେ ସୁଯୋଗ ଦେଖି ଘରେ ପଶି ଚୋରି କରୁଥିଲେ। ବୋଲଗଡ଼ ଥାନା ମାଣିକାଗୋଡା ଗ୍ରାମର ହରେକୃଷ୍ଣ ସାହୁ ଗତ ୧୯ ତାରିଖରେ ଥାନାରେ ଚୋରି ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ଦଫା ୪୫୭/୩୮୦ରେ ଏକ ମାମଲା(ନଂ.୧୯୪/୨୩) ରୁଜୁ କରିଥିଲା। ଏସ୍‌ପି କଟାରିଆଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ଦିଲୀପ ଦାସଙ୍କ ନେତୃତ୍ୱରେ ବୋଲଗଡ଼, ଆଦର୍ଶ ଥାନାର ପୋଲିସ ଅଧିକାରୀ ଏବଂ ସ୍ପେଶାଲ ସ୍କ୍ୱାଡ୍‌କୁ ନେଇ ଟିମ୍ ଗଠନ ହୋଇଥିଲା। ବୋଲଗଡ଼ ଜଙ୍ଗଲରୁ ଏହି ଲୁଟେରା ଗ୍ୟାଙ୍ଗକୁ ଧରିବାରେ ପୋଲିସ ସକ୍ଷମ ହୋଇଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ପୋଲିସ ଟିମ୍ ବିଭିନ୍ନ ଜିଲାରେ ଯାଞ୍ଚ ବେଳେ ଏମାନଙ୍କ ନାଁରେ ଖୋର୍ଦ୍ଧା, ପୁରୀ, ନୟାଗଡ଼ ଓ ଗଞ୍ଜାମ ଜିଲାରେ ୧୦୦ ମାମଲା ରହିଥିବା ବେଳେ ଏମାନେ ବନ୍ୟଜନ୍ତୁ ଚୋରାଚାଲାଣରେ ସକ୍ରିୟ ରହିଥିବା ଜଣାପଡିଥିଲା। ଘଟଣାର ତଦନ୍ତ ଜାରି ରହିଛି। ଏମାନଙ୍କୁ ରିମାଣ୍ଡରେ ଅଣାଯାଇ ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ଚେଷ୍ଟା କରାଯିବ। ବ୍ରଜକାପ୍ତା ଚୋରାଚାଲାଣରେ ଅନ୍ୟ କେଉଁମାନେ ଅଛନ୍ତି, ଏହି ର୍‌ୟାକେଟ କେଉଁ ପର୍ଯ୍ୟନ୍ତ ଲମ୍ବିଛି, କେଉଁଠାକୁ ଚାଲାଣ କରାଯାଉଛି, ତାହାର ଖୋଳତାଡ଼ କରାଯିବ। ମୃତ ବ୍ରଜକାପ୍ତାକୁ ବନ ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଏହି ଟିମରେ ସଦର ଏସ୍‌ଡିପିଓ ଦାସଙ୍କ ସମେତ ବୋଲଗଡ଼ ଥାନା ଅଧିକାରୀ, ଟାଉନ ଥାନା ଅଧିକାରୀ ତାରିକ ଅହମ୍ମଦ, ବୋଲଗଡ ଥାନା ଏସ୍‌ଆଇ ଲିଲି ପାଢ଼ୀ, ଏଏସଆଇ ଏସ୍. ପ୍ରଧାନ, ଟାଉନ ଥାନାର ଏସ୍‌ଆଇ ପି.ଏଲ୍. ବେହେରା, ସମୀର ଦଳାଇ, ଏ.କେ. ବରାଳ ଏବଂ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ସାମିଲ ହୋଇଥିଲେ।

## ସାଢ଼େ ୧୨ ଲକ୍ଷ ଟଙ୍କା ଠକେଇ, ଯୁବକ ଗିରଫ

ଭୁବନେଶ୍ୱର,୨୭।୭ (ସୂର୍ଯ୍ୟକାନ୍ତ ବେହେରା)

୧୨ ଲକ୍ଷ ୫୦ ହଜାର ଟଙ୍କା ଠକେଇ ଅଭିଯୋଗରେ ଲିଙ୍ଗରାଜ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ପୁରୁଣା ଭୁବନେଶ୍ୱର ଅଞ୍ଚଳର ରାଜେନ୍ଦ୍ର ବେହେରା। ସୂଚନାନୁସାରେ, ଠକେଇର ଶିକାର ହୋଇଥିବା ବ୍ୟକ୍ତିଜଣକ କୌଣସି କାରଣରୁ ଅଭିଯୁକ୍ତ ରାଜେନ୍ଦ୍ରଙ୍କ ସଂସ୍ପର୍ଶରେ ଆସିଥିଲେ। ପରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ସୃଷ୍ଟି ହୋଇଥିଲା। ଗତ ୨୦୨୧-୨୨ ମସିହାରେ ରାଜେନ୍ଦ୍ର ନିଜ ବାପାଙ୍କ ଦେହ ଖରାପ ଥିବା କଥା କହି ଅଭିଯୋଗକାରୀଙ୍କ ନିକଟରୁ ୧୫ ଲକ୍ଷ ଟଙ୍କା ଧାର ନେଇଥିଲେ। କିଛିଦିନ ପରେ ରାଜେନ୍ଦ୍ରଙ୍କ ବାପା ସୁସ୍ଥ ହୋଇଯିବାରୁ ଅଭିଯୋଗକାରୀ ନିଜ ଟଙ୍କା ଫେରାଇବା ଲାଗି ଅନୁରୋଧ କରିଥିଲେ। ରାଜେନ୍ଦ୍ର ମାତ୍ର ୨ ଲକ୍ଷ ୫୦ ହଜାର ଟଙ୍କା ଫେରାଇବା ସହ ଅବଶିଷ୍ଟ ସାଢେ ୧୨ ଲକ୍ଷ ଟଙ୍କାର ଏକ ବ୍ୟାଙ୍କ୍ ଚେକ୍ ଦେଇଥିଲେ। ତେବେ ପରେ ରାଜେନ୍ଦ୍ର ନିଜ ଆକାଉଣ୍ଟ କ୍ଲୋଜ୍ କରିଦେବାରୁ ଚେକ୍‌ଟି ବାଉନ୍ସ ହୋଇଯାଇଥିଲା। ଫଳରେ ରାଜେନ୍ଦ୍ରଙ୍କୁ ଅଭିଯୋଗକାରୀ ଦେଖାକରି ଘଟଣା ସମ୍ପର୍କରେ ଜଣାଇ ଟଙ୍କା ମାଗିଥିଲେ। ଏଥିରେ ରାଜେନ୍ଦ୍ର ହଠାତ ରାଗିଯାଇ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ସମେତ ପରିବାର ସଦସ୍ୟଙ୍କୁ ଜୀବନରୁ ମାରିଦେବା ଲାଗି ଧମକ ଦେଇଥିଲେ। ଏନେଇ ସମ୍ପୃକ୍ତ ବ୍ୟକ୍ତି ଥାନାରେ ଅଭିଯୋଗ କରିଥିଲେ।

# ବର୍ଷାରେ ଧୋଇଗଲା ପାଣ୍ଡିଆବିଲି ରାସ୍ତା



ଜଟଣୀ,୨୭।୭(ରବୀନ୍ଦ୍ର ନାଥ ମହାକୁଡ଼)

ଲଘୁଚାପଜନିତ ବର୍ଷା ଯୋଗୁ ବୁଧବାର ସନ୍ଧ୍ୟାରେ ଜଟଣୀ ବ୍ଲକ ବେଣାପଞ୍ଜରୀ ପଞ୍ଚାୟତ ଅନ୍ତର୍ଗତ ପାଣ୍ଡିଆବିଲିକୁ ଯାଇଥିବା ରାସ୍ତା ଧୋଇଯାଇଛି। ଫଳରେ ପୁରୀ ଜିଲା କଣାସ, ଡେଲାଙ୍ଗ ଓ ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକର କେତେକ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଏଥିସହ ଉକ୍ତ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି।

ପୁରୀ ଓ ଖୋର୍ଦ୍ଧା ଜିଲାର ପ୍ରାୟ ୫୦ଟି ଗ୍ରାମର ଲୋକେ ଯାତାୟାତ ପାଇଁ ଉକ୍ତ ରାସ୍ତା ଉପରେ ନିର୍ଭର କରିଥାନ୍ତି। ତେବେ ବର୍ଷାରେ ରାସ୍ତା ଧୋଇଯିବା ପରେ ବିଭିନ୍ନ କାର୍ଯ୍ୟ ପାଇଁ ଜଟଣୀ ସହରକୁ ଆସିବା ପାଇଁ ଉକ୍ତ ଗ୍ରାମବାସୀଙ୍କୁ ୨୫ କିଲୋମିଟର ବୁଲି ଆସିବାକୁ ପଡୁଛି। ଏପରିକି ସ୍କୁଲ ଯିବା ପାଇଁ ପିଲାମାନେ ହଇରାଣ ହେଉଛନ୍ତି। ଏ ସମ୍ପର୍କରେ ଜଟଣୀ ବିଡିଓ ସରୋଜ କୁମାର ରାଉତ କହିଛନ୍ତି, ବର୍ଷାରେ ଉକ୍ତ ରାସ୍ତା ଧୋଇଯାଇଥିବା ବେଳେ ପ୍ରଶାସନ ସଜାଗ ରହିଛି। ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କ ଯାତାୟାତ ପାଇଁ ମୋଟର ବୋଟ୍ ଏବଂ ଲାଇଫ ଜ୍ୟାକେଟର ବ୍ୟବସ୍ଥା କରାଯାଇଛି। ତେବେ ଦୟାନଦୀରେ ଜଳସ୍ତର ବଢ଼ିଲେ ମୋଟର ବୋଟ୍ ଯାତାୟାତ କରିପାରିବ ବୋଲି ରାଉତ କହିଛନ୍ତି। ଅନ୍ୟପକ୍ଷରେ ପାଣ୍ଡିଆବିଲିକୁ ଯିବା ପାଇଁ ଦୟାନଦୀରେ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇଥିବା ବେଳେ ଏଠାରେ ବ୍ରିଜ୍ କରାଯିବା ପାଇଁ ବହୁ ବର୍ଷଧରି ଦାବି ହୋଇଆସୁଅଛି। ଘୋରଡିଆଠାରେ ଏକ ବ୍ରିଜ ନିର୍ମାଣ ହେଉଥିବାରୁ ପାଣ୍ଡିଆବିଲିଠାରେ ବ୍ରିଜ୍ ନିର୍ମାଣ ଦାବିକୁ ବିଭାଗ ପକ୍ଷରୁ ନାକଚ କରିଦିଆଯାଇଥିବା ଜଣାପଡ଼ିଛି। ଉକ୍ତ ଅସ୍ଥାୟୀ ରାସ୍ତା ବନ୍ୟାଜଳ କିମ୍ବା ଲଗାଣ ବର୍ଷାରେ ଧୋଇଯାଉଥିବା ନଜିର ରହିଛି। ଏଥିପ୍ରତି ପ୍ରଶାସନ ଓ ସ୍ଥାନୀୟ ନେତା ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଗଣେଶ୍ୱର ବେଗୁନିଆ ନିର୍ବାଚନମଣ୍ଡଳୀର ନୂତନ ଯୁବ କଂଗ୍ରେସ ସଭାପତି

ବୋଲଗଡ଼,୨୭।୭(ଦେବବ୍ରତ ହୋତା)

ଭାରତୀୟ ଜାତୀୟ କଂଗ୍ରେସର ଯୁବସଭାପତି ଶ୍ରୀନିବାସ ଭିପିଙ୍କ ନିର୍ଦ୍ଦେଶକ୍ରମେ ଅନଲାଇନ ମାଧ୍ୟମରେ ରାଜ୍ୟର ପ୍ରତି ନିର୍ବାଚନ ମଣ୍ଡଳୀରେ ଯୁବ କଂଗ୍ରେସ ଚୟନ ପକ୍ରିୟା ମାର୍ଚ୍ଚରୁ ଆରମ୍ଭ ହୋଇଥିଲା। ଏହି ଅନଲାଇନ ଚୟନ ପକ୍ରିୟାରେ ସମସ୍ତ ଯୁବ କଂଗ୍ରେସ ଭୋଟରମାନେ ନିଜର ମତ ସାବ୍ୟସ୍ତ କରିଥିଲେ। ଖୋର୍ଦ୍ଧା ଜିଲା ବୋଲଗଡ-ବେଗୁନିଆ ନିର୍ବାଚନ ମଣ୍ଡଳୀର ଏହି ଚୟନ ପକ୍ରିୟା ପରେ ଗତ ୨୫ ତାରିଖରେ ନିର୍ବାଚନର ଫଳାଫଳ ପ୍ରକାଶ ପାଇଛି। ଗଣେଶ୍ୱର ସୁବୁଦ୍ଧି ୧୧୭ ଖଣ୍ଡ ଭୋଟରେ ବିଜୟ ହୋଇ ସଭାପତିଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ସାଧାରଣ ସମ୍ପାଦକଭାବେ ନିରଞ୍ଜନ ସାମନ୍ତରାୟ, ଉପ-ସଭାପତି ମନୋରଞ୍ଜନ ସାହୁ ଓ ଆସେମ୍ବ୍ଲି ସମ୍ପାଦକ (ଇସି) ଭାବେ ପ୍ରଫୁଲ୍ଲ କୁମାର ପ୍ରଧାନ ନିଯୁକ୍ତ ହୋଇଛନ୍ତି। ଗଣେଶ୍ୱର ସଭାପତି ଭାବେ ନିର୍ବାଚିତ ହୋଇଥିବାରୁ ନିର୍ବାଚନ ମଣ୍ଡଳୀରେ ଯୁବ କଂଗ୍ରେସର କର୍ମୀମାନେ ଶୁଭେଚ୍ଛା ଜଣାଇବା ସହ ଖୁସି ବ୍ୟକ୍ତ କରିଛନ୍ତି। ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ସଙ୍ଗଠନକୁ ସୁଦୃଢ଼ କରିବା ସହ ନିର୍ବାଚନମଣ୍ଡଳୀର ସମସ୍ତ ଯୁବକର୍ମୀଙ୍କୁ ସାଥିରେ ନେଇ କାର୍ଯ୍ୟ କରିବେ ବୋଲି ସୁବୁଦ୍ଧି କହିଛନ୍ତି।

## ଦୁବାଇରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**୭ଦିନ ପରେ ଘରକୁ ଆସିଲା ମୃତଦେହ**

ଗମ୍ଭାରୀମୁଣ୍ଡା,୨୭।୭(ଦିଲୀପ ସ୍ୱାଇଁ)

ଦୁବାଇରେ ଜଣେ ଓଡ଼ିଆ ଶ୍ରମିକଙ୍କ ସନ୍ଦେହଜନକଭାବେ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଣପୁର ବିଜ୍ଞାପିତ ଅଞ୍ଚଳ ଜଗନ୍ନାଥପୁର ଗ୍ରାମର ସୁମନ ଦଣ୍ଡସେଣା ଓରଫ ତପୁ (୨୪)। ତେବେ ମୃତ୍ୟୁର ୭ଦିନ ପରେ(ଗୁରୁବାର) ଗ୍ରାମରେ ମୃତଦେହ ପହଞ୍ଚିବା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ସୂଚନା ମୁତାବକ, ଅଧିକ ରୋଜଗାର ଆଶାରେ ଗତ ଫେବୃୟାରୀ ୭ରେ ସୁମନ ଓଏମ୍‌ଜୀ ଏଜେନ୍ସି ମାଧ୍ୟମରେ ଦୁବାଇ ଯାଇଥିଲେ। ସେଠାରେ ଏକ କମ୍ପାନୀରେ ଶ୍ରମିକଭାବେ କାର୍ଯ୍ୟ କରୁଥିଲେ। ଗତ ୨୦ ତାରିଖରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଖବର ପାଇଥିଲେ। ଘରର ରୋଜଗାରିଆ ପୁଅକୁ ହରାଇ ପରିବାର ଲୋକେ ଭାଙ୍ଗିପଡ଼ିଥିବା ବେଳେ ଗୁରୁବାର ରାତି ୯ଟାରେ ମୃତଦେହ ଗ୍ରାମରେ ପହଞ୍ଚିଥିଲା। ଫଳରେ ଗ୍ରାମରେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ପରେ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା।

## ୧୦ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ



ଅତିଥିଭାବେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ଜଟଣୀ,୨୭।୭(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅଧୀନ ବାଛରାସ୍ଥିତ ସୁଶୀଳା ଦେବୀ ପ୍ରଗତି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜଟଣୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡା ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ଗୋଷ୍ଠୀ ସାଧନକେନ୍ଦ୍ର ସଂଯୋଜକ ପୂର୍ଣ୍ଣଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଏହି ବିଜ୍ଞାନ ମେଳାରେ ବ୍ଲକର ୨୩ଟି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସେଥିରୁ ଶ୍ରେଷ୍ଠ ୧୦ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉମାମଣି ପଣ୍ଡା ଓ ଶିକ୍ଷକ ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତିବାଳା ସାହୁ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ସିଆର୍‌ସିସି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଟିସି ଦେବା ପାଇଁ ୨ଶହ ଟଙ୍କା ଆଦାୟ, ଅଡିଓ ଭାଇରାଲ

ବୋଲଗଡ଼,୨୭।୭(ଦେବବ୍ରତ ହୋତା)

ଜଣେ ବିଦ୍ୟାର୍ଥୀଙ୍କ ୫୮ବର୍ଷ ତଳର ଟିସି ନେବା ପାଇଁ ୨ଶହ ଟଙ୍କା ଦେବାକୁ ପଡ଼ିବ ବୋଲି ବୋଲଗଡ଼ ବ୍ଲକ ଅନ୍ତର୍ଗତ ଏକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ଥାନୀୟ ବ୍ଲକ ଉପାଧ୍ୟକ୍ଷଙ୍କୁ କହୁଥିବା ଏକ ଅଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏହି ଟଙ୍କା ମୋ ବିଦ୍ୟାଳୟ କମିଟି ସଭାପତିଙ୍କ ମାଧ୍ୟମରେ ଦେବାକୁ କୁହାଯାଇଛି। ଅନ୍ୟପକ୍ଷରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କହିଛନ୍ତି, ନୂତନ ବିଦ୍ୟାର୍ଥୀଙ୍କ ଟିସି ଦେବା ପାଇଁ କୌଣସି ଅର୍ଥ ନିଆଯାଉ ନାହିଁ। ହେଲେ ବିଦ୍ୟାଳୟର ବିକାଶ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ମୋ ବିଦ୍ୟାଳୟ କମିଟି ମାଧ୍ୟମରେ ପୁରାତନ ବିଦ୍ୟାର୍ଥୀଙ୍କୁ ଟିସି ଦେବା ବେଳେ ଏହି ଟଙ୍କା ନିଆଯାଉଛି। ତେବେ ସମ୍ପୃକ୍ତ ପୁରାତନ ବିଦ୍ୟାର୍ଥୀଙ୍କଠାରୁ ଆଦାୟ ହୋଇଥିବା ଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ଗୁରୁବାର ଜମା ହୋଇଥିବା ବିଦ୍ୟାଳୟ କମିଟି ସଭାପତି କହିଛନ୍ତି।

# ବିଜ୍ଞାନ ମେଳାରେ ୩୫ ପ୍ରକଳ୍ପ ପ୍ରଦର୍ଶିତ



ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳାରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବେଗୁନିଆ,୨୭।୭ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ଗ୍ରାମସ୍ଥିତ ପଣ୍ଡିତ ଦାଶରଥି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ୩୫ଟି ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ କବିତା ଦତ୍ତଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ କୈଳାସ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି, ଲିଙ୍ଗରାଜ ପରମଗୁରୁ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ପରିଚାଳନା କମିଟି ସଭାପତି କେଶବ ଚନ୍ଦ୍ର ସାହୁ ଅତିଥିଭାବେ ଉପସ୍ଥିତ ଥିଲେ। ଅତ୍ୟାଧୁନିକ ଯୁଗରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ପ୍ରସାର କ୍ଷେତ୍ରରେ ବିଦ୍ୟାଳୟର କୁନି ବୈଜ୍ଞାନିକମାନେ ଲାଗି ପଡ଼ିଛନ୍ତି। ତେଣୁ ପିଲାମାନଙ୍କୁ ଉତ୍ସାହିତ ଓ ସହଯୋଗ କଲେ ଆଗାମୀ ଦିନରେ ବୈଜ୍ଞାନିକ ହେବା ନିଶ୍ଚିତ ବୋଲି ଅତିଥି ସାହୁ କହିଥିଲେ। ବିଚାରପତିମାନଙ୍କ ଦ୍ୱାରା ଶ୍ରେଷ୍ଠ ପ୍ରକଳ୍ପ ଚୟନ କରାଯାଇଥିଲା। ଛାତ୍ରୀ ବିଷ୍ଣୁପ୍ରିୟା ମଙ୍ଗରାଜ, ଦୀପିକା ରାଉତରାୟ, ଚିନ୍ମୟୀ ରାଉତରାୟ, ସୁଶ୍ରୀ ସଙ୍ଗୀତା ସ୍ୱାଇଁ, ପଙ୍କଜିନୀ ପଟ୍ଟନାୟକ, ସ୍ୱାଗତିକା ସାମନ୍ତରାୟ, ପ୍ରଣତି ଭୁଜବଳ, କୃଷ୍ଣପ୍ରିୟା ସାହୁ, ସୁକନ୍ୟା ଦାସ, ସୁପ୍ରିୟା ମହାପାତ୍ର, ସ୍ୱାଗତିକା ସାମନ୍ତରାୟ, ପ୍ରିୟମ୍ବଦା ପ୍ରଧାନ ପ୍ରମୁଖ ପୁରସ୍କାର ଲାଭ କରିଥିଲେ। ହିମାଂଶୁ ଶେଖର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବେବି ରୂପାଲି ରାଉତରାୟ ଧନ୍ୟବାଦ ଦେଇଥିଲେ।

# ସମସ୍ୟା ଘେରରେ ପ୍ରାଣୀ ଚିକିତ୍ସାଳୟ

ନିରାକାରପୁର,୨୭।୭ (ମାନସ ଚନ୍ଦ୍ର ପଟ୍ଟନାୟକ)





ନିରାକାରପୁର ପ୍ରାଣୀ ଚିକିତ୍ସାଳୟ ପରିସରରେ ଉଠିଥିବା ଅନାବନା ଗଛଲତା।

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ ଆର୍‌ଡି କାର୍ଯ୍ୟାଳୟ ନିକଟରେ ରହିଛି ପ୍ରାଣୀ ଚିକିତ୍ସାଳୟ। ନିରାକାରପୁର, ଡିଆ, ରାମେଶ୍ୱର, ଲେଣ୍ଡୋ ଆଦି ପଞ୍ଚାୟତର ଗୃହପାଳିତ ପ୍ରାଣୀ ଓ ପକ୍ଷୀଙ୍କ ସମେତ ବିଭିନ୍ନ ସମୟରେ ଦୁର୍ଘଟଣାର ଶିକାର ହୋଇଥିବା ଷଣ୍ଢ, ଗାଈଗୋରୁଙ୍କୁ ଚିକିତ୍ସା ପାଇଁ ଏହି ପ୍ରାଣୀ ଚିକିତ୍ସାଳୟକୁ ଅଣାଯାଇଥାଏ। ସ୍ଥାନୀୟ ଅଞ୍ଚଳରେ ଏହି ପ୍ରାଣୀ ଚିକିତ୍ସାଳୟ ଗୁରୁତ୍ୱ ବହନ କରୁଥିବା ବେଳେ ଏବେ ଏହି ଚିକିତ୍ସାଳୟ ବିଭିନ୍ନ ସମସ୍ୟା ଘେରରେ ରହିଛି। ପ୍ରକାଶ ଯେ, ଏହି ପ୍ରାଣୀ ଚିକିତ୍ସାଳୟରେ ପିଇବା ପାଣିର ବ୍ୟବସ୍ଥା ନାହିଁ। ଫଳରେ ଗୃହପାଳିତ ପ୍ରାଣୀଙ୍କୁ ଚିକିତ୍ସା ପାଇଁ ଆଣୁଥିବା ଲୋକେ ପିଇବା ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଚିକିତ୍ସା କରୁଥିବା କର୍ମଚାରୀ ହାତ ଧୋଇ ହେବାକୁ ସୁବିଧା ନାହିଁ। ଏନେଇ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ ହେଉଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଚିକିତ୍ସାଳୟକୁ ଲାଗି ଦୀର୍ଘବର୍ଷ ଧରି ରହିଥିବା ଏକ ମୁକୁଳା କୂଅ ରହିଥିବା ବେଳେ ଏହାର ସୁରକ୍ଷା ପାଚେରି ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ବିଭିନ୍ନ ସମୟରେ ବୁଲା ଗାଈଗୋରୁ, ଷଣ୍ଢ, କୁକୁର ଏଥିରେ ପଡୁଥିବା ନଜିର ରହିଛି। ବିଶେଷକରି ଉକ୍ତ କାର୍ଯ୍ୟାଳୟର ସୁରକ୍ଷା ପାଚେରି ନ ଥିବାରୁ ସର୍ବସାଧାରଣଙ୍କଠାରୁ ଆରମ୍ଭ କରି କେତେଜଣ ଦୋକାନୀ ଏଠାରେ ଅଳିଆ ପକାଉଛନ୍ତି। ସନ୍ଧ୍ୟା ହେଲେ ଏହି କାର୍ଯ୍ୟାଳୟ ପରିସର ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏହି ଚିକିତ୍ସାଳୟ ଉପରେ ୪ଟି ପଞ୍ଚାୟତ ନିର୍ଭର କରୁଥିବା ବେଳେ ଏଠାରେ ଜଣେ ସ୍ଥାୟୀ ଡାକ୍ତରଙ୍କୁ ନିଯୁକ୍ତି ଦେବା ସହିତ ପାନୀୟଜଳ ଓ ସୁରକ୍ଷା ପାଚେରି କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୭।୭।୨୦୨୩

| ୩,୭୦,୬୧୦ ଟଙ୍କା | |
|---|---|
| ସୁନା | ୩୫.୮୫୦ ଗ୍ରାମ୍ |
| ରୁପା | ୫୧.୨୦୦ ଗ୍ରାମ୍ |

## ସଂକ୍ଷେପରେ

### ଅପହୃତା ନାବାଳିକା ଉଦ୍ଧାର, ଯୁବକ ଗିରଫ

କୋଣାର୍କ,୨୭।୭(ଜ୍ୟୋତିରାଜ ମହାନ୍ତି)- କୋଣାର୍କ ଥାନା ଅଧୀନ କୋଣାର୍କ ଏନ୍ଏସି ଅଞ୍ଚଳର ନାବାଳିକା ଏବଂ ଗଞ୍ଜାମ ଅଞ୍ଚଳର ଜଣେ ଯୁବକଙ୍କୁ ପୋଲିସ ମଙ୍ଗଳବାର ଷ୍ଟେଶନରୁ କାବୁ କରିଛି। ଦୁଇ ଜଣଙ୍କ ଡାକ୍ତରିମାଇନା କରାଯିବା ପରେ ଉକ୍ତ ଯୁବକଙ୍କୁ ପୋଲିସ ପୋକ୍ସୋ ଆକ୍ଟରେ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରଛି। ସେ ହେଲେ ଗଞ୍ଜାମର ଅରୁଣ ନାୟକ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପୁରୀ ଜିଲା ମୁଖ୍ୟ କାରାଗାରକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ୧୬ ବର୍ଷୀୟା ନାବାଳିକାଙ୍କୁ ଅରୁଣ ଅପହରଣ ନେଇଯାଇଥିବା ନେଇ ଝିଅଙ୍କ ବାପା ଗତ ମେ' ୧୪ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। କୋଣାର୍କ ଏନେଇ ପୋଲିସ ୧୧୪/୨୩ରେ ଏକ ମାମଲ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ନାବାଳିକାଙ୍କ ଫୋନ ବନ୍ଦ ଥିବାରୁ ଟ୍ରାକ କରିବାକୁ ପୋଲିସକୁ ଅସୁବିଧା ହୋଇଥିଲା। ପରେ ସେ ତାଙ୍କ ବାପାଙ୍କୁ ଫୋନ କରି ଟଙ୍କା ପଠାଇବାକୁ କହିଥିବାରୁ ଝିଅ ତାମିଲନାଡୁର କୋଏମ୍ବାଟୁରରେ ଥିବା ଜଣାପଡ଼ିଥିଲା। କୋଣାର୍କ ପୋଲିସ ତୁରନ୍ତ ଏକ ଟିମ ଗଠନ କରି ଗତ ମଙ୍ଗଳବାର କୋଏମ୍ବାଟୁରରେ ପହଞ୍ଚିଥିଲା। ପରେ ସେମାନଙ୍କ ଠିକଣା ଭୁବନେଶ୍ୱର ଅଭିମୁଖେ ଦେଖାଉଥିବାବେଳେ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା ୬ ଜଣିଆ ଟିମ୍ ସହ ସେଠାରେ ପହଞ୍ଚି ଦୁହିଁଙ୍କୁ ଧରିଥିଲେ।

### ମୋ ବସ୍ ଚାଳକଙ୍କୁ ମାଡ଼ ମାରି ଜଣେ ଗିରଫ

ପିପିଲି,୨୭।୭(ପ୍ରଭାତ ମହାପାତ୍ର)- ମୋ ବସ୍ ଚାଳକଙ୍କୁ ମାଡ଼ ମାରିବା ଘଟଣାରେ ପିପିଲି ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଶୁଆବରେଇ ଗ୍ରାମର ରମେଶ ଚନ୍ଦ୍ର ବାଘ। ଏନେଇ ପୋଲିସ ୩୪୧/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବୁଧବାର ପିପିଲି ଟୋଲ ଗେଟ୍‌ଠାରେ ରମେଶ ମୋ ବସ୍ ଡ୍ରାଇଭରଙ୍କୁ ମାଡ଼ ମାରିଥିଲେ। ଏ ବାବଦରେ ବସ୍ ଚାଳକ ଥାନାରେ ଅଭିଯୋଗ କରିବାରୁ ପୋଲିସ ତାଙ୍କୁ କାବୁ କରିଛି।

### ଯୌତୁକ ପାଇଁ ବଧୂ ନିର୍ଯାତନା ଅଭିଯୋଗ

ନିମାପଡ଼ା,୨୭।୭(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ଥାନା ଅଧୀନ ବଡ଼ଶିରିବିଲା ପଞ୍ଚାୟତର ଭଗବାନସୁନ୍ଦରା ଗ୍ରାମର ବୋହୂଙ୍କୁ ଯୌତୁକ ପାଇଁ ସ୍ୱାମୀ, ଶ୍ୱଶୁର, ଶାଶୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ବୁଧବାର ଅଭିଯୋଗ ହୋଇଛି। ପୋଲିସ ଏନେଇ ସ୍ୱାମୀ, ଶ୍ୱଶୁର, ଶାଶୁ ୩ ଜଣଙ୍କ ବିରୋଧରେ ଦଫା ୪୯୮(କ), ୩୨୩, ୨୯୪, ୫୦୬, ୩୪, ୪ ଡିପି ଆକ୍ଟରେ ୨୬୦/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବୋହୂ ମିତାଞ୍ଜଳି ପ୍ରଧାନ ତାଙ୍କର ଏକ କନ୍ୟା ସନ୍ତାନ ସହ ବୁଧବାରଠାରୁ ବାପଘରେ ଆଶ୍ରୟ ନେଇ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ମୁତାବକ, ୯ ବର୍ଷ ତଳେ ମିତାଞ୍ଜଳି ଦୁର୍ଯୋଧନ ପ୍ରଧାନଙ୍କୁ ବୈଦିକ ରୀତିନୀତିରେ ବିବାହ କରିଥିଲେ। ବିବାହବେଳେ ବରପକ୍ଷର ଦାବି ମୁତାବକ ନଗଦ ୮୦ ହଜାର ଟଙ୍କା, ସୁନାଗହଣା, ବିଭିନ୍ନ ଆସବାବପତ୍ର ଯୌତୁକ ବାବଦରେ ଦିଆଯାଇଥିଲା। ବିବାହର କିଛି ବର୍ଷ ପରେ ଅଧିକ ୨ ଲକ୍ଷ ଟଙ୍କା ଯୌତୁକ ଆଣିବା ଦାବିରେ ମିତାଞ୍ଜଳିଙ୍କୁ ବିଭିନ୍ନ ସମୟରେ ସ୍ୱାମୀ, ଶାଶୁ ପ୍ରତିମା ପ୍ରଧାନ ଓ ଶ୍ୱଶୁର ଧ୍ରୁବଚରଣ ପ୍ରଧାନ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ଅଭିଯୋଗରେ ଦର୍ଶାଯାଇଛି। ଗତ ୨୫ ତାରିଖ ରାତିରେ ଏହି ଯୌତୁକ ଟଙ୍କା ପାଇଁ ସ୍ୱାମୀ, ଶାଶୁ ଓ ଶ୍ୱଶୁର ମିଶି ମିତାଞ୍ଜଳିଙ୍କୁ ମାଡ଼ ମାରିବା ସହ ନିର୍ଯାତନା ଦେଇ ଦେହରେ କିରୋସିନି ଢାଳି ନିଆଁରେ ପୋଡ଼ି ମାରି ଦେବାକୁ ଉଦ୍ୟମ କରିଥିଲେ। ଦୁର୍ଯୋଧନ ଅନ୍ୟ ଏକ ଯୁବତୀଙ୍କୁ ଭଲ ପାଇ ତା'ଙ୍କ ସହ ଖରାପ ସମ୍ପର୍କ ରଖିଛନ୍ତି। ମିତାଞ୍ଜଳି ଏଥିରେ ବିରୋଧ କରିବାରୁ ତାଙ୍କୁ ମାଡ଼ ମାରିବା ସହ ଉକ୍ତ ଯୁବତୀଙ୍କୁ ୨ୟ ବିବାହ କରିବେ ବୋଲି ଧମକ ଦେଇଥିବା ଅଭିଯୋଗରେ ଲେଖିଛନ୍ତି।

# ସାକ୍ଷୀଙ୍କ ଘର ଉପରେ ବୋମାମାଡ଼

ପୁରୀ,୨୭।୭(ଅଜିତ ମହାନ୍ତି)

ଦିନକୁଦିନ ଅଶାନ୍ତ ହୋଇପଡ଼ିଛି ଶ୍ରୀକ୍ଷେତ୍ର। ବୁଧବାର ଗୁଳିମାଡ଼ ଘଟଣାକୁ ୨୪ଘଣ୍ଟା ବିତି ନ ଥିବାବେଳେ ଗୁରୁବାର ପୁରୀ ସଦର ଥାନା ଅନ୍ତର୍ଗତ ମୁକୁନ୍ଦମିଶ୍ର ନଗରର ବିଜୟ ଖୁଣ୍ଟିଆଙ୍କ ଘର ଉପରକୁ ବୋମାମାଡ଼ ହୋଇଛି। ତେବେ ବୋମାମାଡ଼ରେ କାହାର କିଛି କ୍ଷତି ହୋଇ ନ ଥିଲେ ମଧ୍ୟ ବିଜୟ ଖୁଣ୍ଟିଙ୍କ ଘରର କାଚ ଭାଙ୍ଗିଯାଇଛି। ୨ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଏହି ବୋମାମାଡ଼ କରିଥିବା ବିଜୟ ଅଭିଯୋଗ କରିଛନ୍ତି । ବିଜୟଙ୍କ କହିବା କଥା, ଗତ ୩ ବର୍ଷ ପୂର୍ବେ ତାଙ୍କ ସାନ ପୁଅ ଦୀପକଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରିଥିଲେ। ସେହି ଅଭିଯୁକ୍ତମାନଙ୍କ ମାମଲା ଏବେ କୋର୍ଟରେ ଚାଲିଛି। ଆସନ୍ତା ମାସ ୧୦ ତାରିଖରେ ଏହି ମାମଲାକୁ ନେଇ ସାକ୍ଷ୍ୟ ଗ୍ରହଣ ରହିଛି। ତେବେ ଏହା ପୂର୍ବରୁ ବିଜୟଙ୍କ ପରିବାରକୁ ଭୟଭୀତ କରିବା ପାଇଁ ଅଭିଯୁକ୍ତଙ୍କ କିଛି ସାଥୀ ଏହି ବୋମାମାଡ଼ କରିଛନ୍ତି। ଏ ନେଇ ତାଙ୍କ ପରିବାର ପ୍ରତି ବିପଦ ରହିଥିବା ସେ କହିଛନ୍ତି। ଦୁର୍ବୃତ୍ତମାନେ ତାଙ୍କ ପରିବାରକୁ ଜୀବନରେ ମାରିଦେବାକୁ ଧମକ ମଧ୍ୟ ଦେଇଛନ୍ତି।

**ଅଗଷ୍ଟ ୧୦ରେ ହତ୍ୟା ମାମଲାର ହେବ ସାକ୍ଷ୍ୟ ଗ୍ରହଣ**

ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏ ନେଇ ବିଜୟଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୧୩୯/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ପୂର୍ବ ଶତ୍ରୁତାକୁ ନେଇ ୨୦୨୦ ମସିହା ଅଗଷ୍ଟ ୧୮ ତାରିଖ ଦିନ ୪ଜଣ ଦୁର୍ବୃତ୍ତ ଦୀପକ ଖୁଣ୍ଟିଆଙ୍କୁ ବିଶ୍ୱନାଥ ବିହାର ଛକଠାରେ ସଂଘବଦ୍ଧ ହୋଇ ଆକ୍ରମଣ କରି ମାରିଦେଇଥିଲେ। ଯାହାକୁ ନେଇ ଅଭିଯୋଗ ହେବା ପରେ ଅପରାଧୀମାନଙ୍କ ବିରୋଧର କେସ ଚାଲିଛି। ତେବେ ଅଭିଯୁକ୍ତମାନଙ୍କ ପକ୍ଷରୁ ସାକ୍ଷୀ ନଦେବାକୁ ଭୟଭୀତ କରିବା ଉଦ୍ଦେଶ୍ୟରେ ବୋମାମାଡ଼ କରାଯାଉଛି। ପୂର୍ବରୁ ଦୁର୍ବୃତ୍ତମାନେ ବିଜୟଙ୍କ ଘର ସମ୍ମୁଖରେ ଥିବା ତାଙ୍କ କାରକୁ ଭଙ୍ଗା ରୁଜା କରିବା ସହ ନିଆଁ ଲଗାଇ ଦେଇଥିଲେ। ତେବେ ବାରମ୍ବାର ଏପରି ଘଟଣା ଘଟୁଥିବା ବେଳେ ଅଞ୍ଚଳବାସୀଙ୍କ ମନରେ ଭୟ ଦେଖିବାକୁ ମିଳିଛି।



ସ୍ଥାୟୀ ଜମିପଟ୍ଟା ପ୍ରଦାନ ସହ ବିଭିନ୍ନ ଦାବିରେ ଭାରତ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଉଛି ।

# ଚାଷୀଙ୍କ ବିକାଶରେ ସହାୟକ ହେବ କିଶାନ ଯୋଜନା: ମନମୋହନ


ଉତ୍ସବରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ସମ୍ବିତ ପାତ୍ର ଓ ଅନ୍ୟମାନେ ।

ପିପିଲି,୨୭।୭(ପ୍ରଭାତ ମହାପାତ୍ର)

**ଲକ୍ଷ୍ମୀନାରାୟଣପୁରରେ ପିଏମ୍ କିଶାନ ସମୃଦ୍ଧି କେନ୍ଦ୍ର ଉଦ୍‌ଘାଟିତ**

ପୁରୀ ଜିଲାରେ କୃଷକଙ୍କ ସଶକ୍ତୀକରଣ ପାଇଁ ପିପିଲି ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ସମବାୟ ସମିତିଠାରେ ଭର୍ଚୁଆଲ ମାଧ୍ୟମରେ ପ୍ରଧାନମନ୍ତ୍ରୀ କିଶାନ ସମୃଦ୍ଧି କେନ୍ଦ୍ର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଲକ୍ଷ୍ମୀନାରାୟଣପୁର ପୂର୍ବତନ ସରପଞ୍ଚ ତଥା ଭାଜପା ମଣ୍ଡଳ ସଭାପତି ଶୁଭାଶିଷ ରଥ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଯୋଗଦେଇ ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ କିଶାନ ଯୋଜନା ଦ୍ୱାରା ଚାଷୀ ବେଶ୍ ଉପକୃତ ହୋଇପାରୁଛନ୍ତି। ତେଣୁ ଏହି ଯୋଜନା ଚାଷୀଙ୍କ ବିକାଶରେ ସହାୟକ ହେବ ବୋଲି କହିଥିଲେ। ଅନ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ୍ ପାତ୍ର, ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ଭାଜପା ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡ଼ା, ଭାଜପା ରାଜ୍ୟ ମୁଖପାତ୍ର ବିରଞ୍ଚି ନାରାୟଣ ମିଶ୍ର, ପୁରୀ ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ପ୍ରଧାନ, ଲକ୍ଷ୍ମୀନାରାୟଣପୁର ସେବା ସମବାୟ ସମିତି ସଭାପତି ଗଙ୍ଗାଧର ସେଠୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ କୃଷି ଓ କୃଷକ ସଶକ୍ତୀକରଣ ଯୋଜନା, ପ୍ରଧାନମନ୍ତ୍ରୀ କିଶାନ ସମୃଦ୍ଧି କେନ୍ଦ୍ର ମାଧ୍ୟମରେ କୃଷକ କିପରି ବିଭିନ୍ନ ପ୍ରକାର ବିହନ, ସାର, କୃଷି ଉପକରଣ ସହଜରେ ପାଇପାରିବେ। ଏଥିସହ ଓଡ଼ିଶାରେ ପ୍ରଧାନମନ୍ତ୍ରୀ କିଶାନ ଯୋଜନା ମାଧ୍ୟମରେ ଚାଷୀଙ୍କୁ ସିଧାସଳଖ ସେମାନଙ୍କ ସହାୟତା ରାଶି ପାଇବା ସହ କେନ୍ଦ୍ର ଦ୍ୱାରା ବହୁ ଉପକାରିତା ପାଇ ସମୃଦ୍ଧ ହୋଇପାରିବେ ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ରାଜସ୍ଥାନରୁ ଏଲ୍ଇଡି ଦ୍ୱାରା ସିଧାପ୍ରସାରଣ ହେଉଥିବା ପ୍ରଧାନମନ୍ତ୍ରୀଙ୍କ ଭର୍ଚୁଆଲ କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ କିଶାନ ସମୃଦ୍ଧ କେନ୍ଦ୍ର ଉଦ୍‌ଘାଟନୀକୁ ଉପସ୍ଥିତ ସ୍ଥାନୀୟ ଶତାଧିକ କୃଷକ ଓ ଅତିଥିମାନେ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମର ସଭା ମଧ୍ୟରେ କୃଷକଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା।

## ନିମାପଡ଼ା ବ୍ୟବସାୟୀ ସଂଘର ସାଧାରଣ ଅଧିବେଶନ

ନିମାପଡ଼ା,୨୭।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ୟବସାୟୀ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ସାଧାରଣ ଅଧିବେଶନ ଗୁରୁବାର ନିମାପଡ଼ାର ପ୍ରସିଦ୍ଧ ବାବା ସିଦ୍ଧେଶ୍ୱର ମହାଦେବଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ସଂଘ ସଭାପତି ବିଶିଷ୍ଟ ବ୍ୟବସାୟୀ ପଦ୍ମଚରଣ ସାହୁ ଅଧକ୍ଷତା କରି ଏହି ଅଧିବେଶନର ତାତ୍ପର୍ଯ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ନିମାପଡ଼ାରେ ବ୍ୟବସାୟୀ ବନ୍ଧୁଙ୍କ ବିଭିନ୍ନ ସମସ୍ୟା ଓ ତା'ର ପ୍ରତିକାର ଦିଗରେ ବିଶଦ ଆଲୋଚନା କରାଯାଇଥିଲା। ସଂଘର ନିମାପଡ଼ାଠାରେ ଏକ ସ୍ଥାୟୀ ଗୃହ ନିର୍ମାଣ ଓ ଗୃହ ନିର୍ମାଣ ପାଇଁ ଆବଶ୍ୟକ ଅନୁଦାନ ଯୋଗାଇ ଦେବାକୁ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶଙ୍କ ନିକଟରେ ପୂର୍ବରୁ ଦାବି କରାଯାଇଥିଲା। ଏ ସମ୍ପର୍କରେ ବିଧାୟକ ଦାଶ ସମ୍ମତି ପ୍ରଦାନ କରିଥିବାରୁ ସଂଘ ପକ୍ଷରୁ ତାଙ୍କୁ କୃତଜ୍ଞତା ଓ ସାଧୁବାଦ ଜଣାଯାଇଥିଲା। ପ୍ରତ୍ୟେକ ମାସର ଶେଷ ଗୁରୁବାର ନିମାପଡ଼ାର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରିବାକୁ ସଂଘ ପକ୍ଷରୁ ସମସ୍ତ ବ୍ୟବସାୟୀ ବନ୍ଧୁଙ୍କୁ ନିବେଦନ କରାଯାଇଥିଲା। ଏହି ଅଧିବେଶନରେ ବିଶିଷ୍ଟ ବ୍ୟବସାୟୀ ବିଭୂତି ଭୂଷଣ ସାହୁ, କପିଳଚନ୍ଦ୍ର ସାହୁ, ରଘୁନାଥ ସାହୁ, ଅକ୍ଷୟ ସାହୁ, ଭୀମସେନ ପରିଡ଼ା, ଶ୍ରୀକାନ୍ତ ସାହୁ, ଫକୀରଚରଣ ସାହୁ, ରାଜକିଶୋର ମୁଦୁଲିଙ୍କ ସମେତ ଶତାଧିକ ବ୍ୟବସାୟୀ ଯୋଗଦେଇଥିଲେ। ସଂଘକୁ ଅଧିକ ଶକ୍ତିଶାଳୀ ଓ କ୍ରିୟାଶୀଳ କରିବାକୁ ସଂଘର କର୍ମକର୍ତ୍ତା ବ୍ୟବସାୟୀଙ୍କୁ ଆହ୍ୱାନ ଦେଇଥିଲେ।

# ଆବାସ ପାଇଁ ଦ୍ୱିତୀୟଥର ବ୍ଲକ ଆଗରେ ଅନଶନ

ଗୋପ,୨୭।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ପ୍ରଶାସନ ପ୍ରତିଶ୍ରୁତି ନ ରଖିବାରୁ ଆବାସ ଗୃହ ପାଇବା ଆଶାରେ ବ୍ଲକ ଅନ୍ତର୍ଗତ ବୀରତୁଙ୍ଗ ପଞ୍ଚାୟତ ଅଧୀନ ଗିରିମା ଗ୍ରାମର କୃଷ୍ଣଚନ୍ଦ୍ର ସ୍ୱାଇଁ ଗୁରୁବାର ପୂର୍ବାହ୍ଣରେ ଦ୍ୱିତୀୟ ଥର ଲାଗି ବ୍ଲକ ଆଗରେ ଛତା ତଳେ ବର୍ଷାରେ ଅନଶନରେ ବସିଛନ୍ତି। ଏହି ଅନଶନକୁ ନେଇ ଗୋପ ଥାନା ପକ୍ଷରୁ ପୋଲିସ ମୁତୟନ କରାଯାଇଥିଲା।

ପ୍ରକାଶ ଯେ, ଫନି ବାତ୍ୟାରେ କୃଷ୍ଣଚନ୍ଦ୍ରଙ୍କ ଛାଳ ଛପର ଘର ଭାଙ୍ଗିବା ସହିତ ସେ ସର୍ବସ୍ୱ ହରାଇଥିଲେ। ପରେ ବ୍ଲକ ପ୍ରଶାସନ ଓ ତହସିଲ କାର୍ଯ୍ୟାଳୟ ପକ୍ଷରୁ ମିଳିତ ତଦନ୍ତ ପରେ କୃଷ୍ଣଚନ୍ଦ୍ରଙ୍କୁ ଆବାସ ଗୃହ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା। କିନ୍ତୁ ବ୍ଲକ ପକ୍ଷରୁ ବାଇକ୍ ଥିବା ଦର୍ଶାଇ ତାଙ୍କ ନାମକୁ ସେହି ଲିଷ୍ଟରୁ ବାଦ୍ ଦିଆଯାଇଥିଲା। ଏନେଇ ସେ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ପାଇ ନ ଥିଲେ। ଆବାସ ଗୃହ ପାଇବା ପାଇଁ କୃଷ୍ଣଚନ୍ଦ୍ର ଗତ ୩ ତାରିଖରେ ବ୍ଲକ ସମ୍ମୁଖରେ ଅନଶନରେ ବସିବା ପରେ ତଦନ୍ତ କରାଯାଇ ଆବାସ ଗୃହ ଯୋଜନାରେ ତାଙ୍କୁ ସାମିଲ କରାଯିବ ବୋଲି ସୂଚନା ମିଳିବା ପରେ ସେ ଅନଶନରୁ ଉଠିଥିଲେ। ହେଲେ ପ୍ରତିଶ୍ରୁତି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନ ହେବାରୁ ପୁନର୍ବାର କୃଷ୍ଣଚନ୍ଦ୍ର ମଙ୍ଗଳବାର ବିଡ଼ିଓ ଦୀପ୍ତିରାଣୀ ଦାସଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିବାରୁ ସ୍ଥାନୀୟ ପୋଲିସ ତାଙ୍କୁ ବାହାରେ ଅନଶନ କରିବାକୁ କହିଥିଲା। ଥାନା ଅଧିକାରୀ ମହେଶ୍ୱର ସେଠୀଙ୍କ ନିର୍ଦ୍ଦେଶରେ କୃଷ୍ଣଚନ୍ଦ୍ର ବର୍ଷାରେ ବ୍ଲକ ଆଗରେ ଛତା ତଳେ ଅନଶନରେ ବସିରହିଛନ୍ତି। ଗୁରୁବାର ସନ୍ଧ୍ୟାରେ ବୀରତୁଙ୍ଗ ପଞ୍ଚାୟତର ଯୁବନେତା ରମେଶଚନ୍ଦ୍ର ନାୟକ ବିଡ଼ିଓ ଦୀପ୍ତିରାଣୀ ଦାସଙ୍କ ସହିତ କଥାବାର୍ତ୍ତା ହେବା ପରେ ସେ ଅନଶନରୁ ଉଠିଥିବା ଜଣାପଡିଛି। ଏପରି ଅଭିଯୋଗ ସମ୍ପର୍କରେ ବିଡ଼ିଓଙ୍କୁ ପଚାରିବାରେ, ସରକାରୀ ନିୟମ ଅନୁସାରେ ଆବାସ ଗୃହ ଯୋଜନା ବଣ୍ଟନ କରାଯାଇଛି। ତଥାପି ତଦନ୍ତ କରାଯିବା ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।



**ପ୍ରତିଶ୍ରୁତି ପାଳନ କରିଲାନି ବ୍ଲକ ପ୍ରଶାସନ**

## ସଭାପତି ଗିରିଶ, ସମ୍ପାଦକ ଯୋଗେନ୍ଦ୍ର

ପୁରୀ,୨୭।୭(ଅଜିତ୍ ମହାନ୍ତି)

ପୁରୀ ଘଣ୍ଟୁଆ ନିଯୋଗର ନୂତନ କର୍ମକର୍ତ୍ତା ଚୟନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନିଯୋଗ ସଭାପତି ଭାବେ ଗିରିଶ ଚନ୍ଦ୍ର ନାୟକଙ୍କୁ ମନୋନୀତ କରାଯାଇଥିବା ବେଳେ ଉପ ସଭାପତି ଭାବରେ ନିରଞ୍ଜନ ନାୟକ, ସମ୍ପାଦକ ଭାବେ ଯୋଗେନ୍ଦ୍ର ନାୟକ, ସହ ସମ୍ପାଦକ ଭାବେ ଶଶାଙ୍କ ନାୟକ ଓ ହରିହର ନାୟକ ଏବଂ କୋଷାଧ୍ୟକ୍ଷ ଭାବେ ବିଶ୍ୱନାଥ ନାୟକଙ୍କୁ ଚୟନ କରାଯାଇଛି। ସେହିପରି ନିଯୋଗର ଉପଦେଷ୍ଟା ଭାବେ କେଦାର ନାୟକ, ଘନଶ୍ୟାମ ଚୌଧୁରୀ, ରଘୁନାଥ ନାୟକ, ଅର୍ଜୁନ ନାୟକ ଏବଂ ବାଳକୃଷ୍ଣ ନାୟକଙ୍କୁ ଚୟନ କରାଯାଇଛି। ନିଯୋଗର କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ବଣ୍ଟି ନାୟକ, ସୌମେନ୍ଦ୍ର ନାୟକ, ପୂର୍ଣ୍ଣବାସ ନାୟକ, ସତ୍ୟ ନାରାୟଣ ନାୟକ, ମାନସ ନାୟକ ଏବଂ ଭାଗବତ ନାୟକଙ୍କୁ ଚୟନ କରାଯାଇଛି।

## ଜ୍ଞାନରଞ୍ଜନଙ୍କୁ ଯାଜପୁର ଜିଲା ପ୍ରଭାରୀ ଦାୟିତ୍ୱ

ଡେଲାଙ୍ଗ,୨୭।୭(ରଶ୍ମିରଞ୍ଜନ ପ୍ରଧାନ)

କଂଗ୍ରେସ ସଂଗଠନକୁ ତୃଣମୂଳସ୍ତରରୁ ସୁଦୃଢ଼ ଓ କ୍ରିୟାଶୀଳ କରିବାକୁ ରାଜ୍ୟ ନେତୃତ୍ୱ ରଣନୀତି ପ୍ରସ୍ତୁତ କରିଛି। ପିସିସି ସଭାପତି ଶରତ ପଟ୍ଟନାୟକ ରାଜ୍ୟ କଂଗ୍ରେସ ପଦାଧିକାରୀଙ୍କୁ ବିଭିନ୍ନ ଜିଲାର ପ୍ରଭାରୀ ଭାବେ ନିଯୁକ୍ତ କରିଛନ୍ତି। ଏହି ତାଲିକାରେ ପୁରୀ ଜିଲା ଡେଲାଙ୍ଗ ବ୍ଲକର ପିସିସି କର୍ମକର୍ତ୍ତା ସ୍ଥାନ ପାଇଛନ୍ତି। ପିସିସି ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ପଟ୍ଟନାୟକଙ୍କୁ ଯାଜପୁର ଜିଲାର ପ୍ରଭାରୀ ଭାବେ ଦାୟିତ୍ୱ ଦିଆଯାଇଛି। ସେ ତୁରନ୍ତ ଯାଜପୁର ଜିଲାର ଦଳୀୟ ନେତୃବୃନ୍ଦଙ୍କ ସହିତ ଆଲୋଚନା କରି ସଂଗଠନକୁ ସଜାଡିବାକୁ ପିସିସି ପକ୍ଷରୁ କୁହାଯାଇଛି।

# ଛାତ୍ର ଜୀବନରେ ଶୃଙ୍ଖଳିତ ହେଲେ ଭବିଷ୍ୟତ ଉଜ୍ଜ୍ୱଳ ହେବ



ଡେଲାଙ୍ଗ,୨୭।୭(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ଇନ୍ଦିପୁର ବଜାର ସନ୍ନିକଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପୋଷାକ ବିତରଣ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାପରିଷଦ ସଭ୍ୟ ଦିପ୍ତିଶ୍ରୀ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଛାତ୍ର ଜୀବନରେ ଶୃଙ୍ଖଳିତ ହେଲେ ଭବିଷ୍ୟତ ଉଜ୍ଜ୍ୱଳ ହେବା ସହିତ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ବରିଷ୍ଠ ଖବରଦାତା ପ୍ରସନ୍ନ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ଜିଲାପରିଷଦ ସଭ୍ୟ ରାଉତରାୟ, ପ୍ରଧାନଶିକ୍ଷକ ବିକ୍ରମ ପାତ୍ର, ସିଆର୍‌ସିସି କ୍ଷେତ୍ରବାସୀ ଆଳୁକ, ପ୍ରାକ୍ତନ ଶିକ୍ଷକ ନିରଞ୍ଜନ ସାହୁ, ସ୍ଥାନୀୟ ସମିତିସଭ୍ୟ ଭାଗ୍ୟଲକ୍ଷ୍ମୀ ବେହେରା, ପରିଚାଳନା କମିଟି ସଭାପତି ସୁବାସଚନ୍ଦ୍ର ବାରିକ୍ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ୬ଷ୍ଠ, ୭ମ ଓ ୮ମ ଶ୍ରେଣୀରେ ମୋଟ ୧୦୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ଶ୍ରେଣୀଗୃହର ଛାତ ଦୁର୍ବଳ ହେବା ସହିତ ଫାଟ ସୃଷ୍ଟି ହୋଇ ବର୍ଷା ଦିନେ ପାଣି ଗଳିବା, ପିଲାଙ୍କ ପାଇଁ ଖେଳପଡ଼ିଆର କୌଣସି ସୁବିଧା ନ ଥିବା, ଆବଶ୍ୟକ ଶୌଚାଳୟ ନ ଥିବା ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲାପରିଷଦଙ୍କୁ ଅବଗତ କରିଥିଲେ। ଯଥାଶୀଘ୍ର ସମସ୍ୟା ସମାଧାନ କରାଯିବ ବୋଲି ଜିଲାପରିଷଦ ପ୍ରତିଶ୍ରୁତି ଦେଇଥିଲେ। ଏହିଅବସରରେ ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ କରାଯାଇଥିଲା।

# ଡକାୟତି ଯୋଜନାବେଳେ ୫ ଧରାପଡ଼ିଲେ



ଜବତ ସାମଗ୍ରୀ ଓ ଗିରଫ ୫ ଅଭିଯୁକ୍ତ ।

ପୁରୀ ୨୭।୭( ଅଜିତ ମହାନ୍ତି)

**୨ ଖଣ୍ଡା, ଛୁରି, ଲଙ୍କାଗୁଣ୍ଡ ପ୍ୟାକେଟ, ୩ ମୋବାଇଲ ଜବତ**

ପୁରୀ ପୋଲିସକୁ ଏକ ସଫଳତା ମିଳିଛି। ଡକାୟତି ପାଇଁ ଯୋଜନା କରୁଥିବା ୫ଜଣ ଅଭିଯୁକ୍ତଙ୍କୁ ବାସେଳି ସାହି ଥାନା ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ମାର୍କଣ୍ଡେଶ୍ୱର ସାହି ହରିଜନବସ୍ତିର ବିମଳ ଓରଫ ପ୍ରଶାନ୍ତ ନାୟକ(୨୯), ଧରଣୀ ଓରଫ ଧରଣୀଧର ବେହେରା(୩୨), ନୋଳିଆ ସାହିର ଆକାଶ ବେହେରା(୨୦), ମୁଦୁଲିଜାଗା ନିକଟର ବିଶିଆ ଓରଫ ବିଶ୍ୱନାଥ ମହାରଣା(୨୮) ଓ ବାଲିସ୍କୁଲ ନିକଟର ଯୁବରାଜ ସିଂ(୨୩) । ପୋଲିସ ସେମାନଙ୍କଠାରୁ ୨ଟି ଖଣ୍ଡା, ୨ଟି ଲୁହାଛଡ଼, ଗୋଟିଏ ଛୁରି, ଗୋଟିଏ ଟର୍ଚ୍ଚଲାଇଟ୍, ଗୋଟିଏ ଲଙ୍କାଗୁଣ୍ଡ ପ୍ୟାକେଟ୍, ଗୋଟିଏ ରୁଟ୍ ମ୍ୟାପ, ୫ ମଦବୋତଲ, ୩ଟି ମୋବାଇଲ ଫୋନ୍ ଏବଂ ନଗଦ ୨୦୦ଟଙ୍କା ଜବତ ହୋଇଛି। ଏନେଇ ପୋଲିସ ନଂ.୧୬୩/୨୩ ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ବୁଧବାର ରାତିରେ ଶଙ୍କରପୁର କାଜୁ ଜଙ୍ଗଲରେ କେତେଜଣ ଯୁବକ ବସି ସ୍ଥାନୀୟ ଅଞ୍ଚଳରେ ଡକାୟତି କରିବା ପାଇଁ ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ଖବରପାଇ ବାସେଳିସାହି ଥାନା ପୋଲିସ ଟିମ୍ ସେଠାରେ ଚଢ଼ାଉ କରିଥିଲା। ପୋଲିସ ସମସ୍ତଙ୍କୁ ଗିରଫ କରି ଥାନାକୁ ଆଣିଥିଲା।

# ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳନାରେ ତ୍ରୁଟି

**ପଦାଧିକାରୀ ଚୟନ କରିବାକୁ ନେଇ ଜିଲାପାଳଙ୍କୁ ଦାବିପତ୍ର**

ପୁରୀ,୨୭।୭(ଅଜିତ ମହାନ୍ତି)

ରାଜ୍ୟରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି) ପରିଚାଳନାରେ ବ୍ୟାପକ ତ୍ରୁଟି ହେଉଥିବା ଅଭିଯୋଗ ହୋଇଛି। ତେଣୁ ତୁରନ୍ତ ଗୋଷ୍ଠୀ ସମୂହର ନିୟମାନୁସାରେ ପଦାଧିକାରୀ ଚୟନ କରିବାକୁ ନେଇ ଭାଜପା ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡାଙ୍କ ନେତୃତ୍ୱରେ ନିମାପଡା ବିଧାନସଭା ମଣ୍ଡଳୀର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଗୁରୁବାର ଅତିରିକ୍ତ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏସ୍ଏଚ୍‌ଜି ମହିଳାମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ସମ୍ପୂର୍ଣ୍ଣ ଓଡ଼ିଶାରେ ସ୍ୱୟଂ ସହାୟକ ଗୋଷ୍ଠୀ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଜିଲାର ବିଭିନ୍ନ ବ୍ଲକ ପଞ୍ଚାୟତ ଓ ଗାଁର ହଜାର ହଜାର ମହିଳା ଏସ୍ଏଚ୍‌ଜି ଗଢ଼ି ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀ ଗଢ଼ିବା ଓ ପରିଚାଳନା ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନ ଜାରି କରିଛନ୍ତି। ପ୍ରତି ଦୁଇ ବର୍ଷରେ ଥରେ ପରିଚାଳନା ଦାୟିତ୍ୱ ପରିବର୍ତ୍ତନ ହେବାର ନିୟମ ରହିଛି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ, ଦୀର୍ଘ ବର୍ଷ ଧରି କିଛି ମହିଳା ସମସ୍ତ ପ୍ରକାର ସହାୟତା ଓ ସୁବିଧା ପାଉଥିବା ବେଳେ ଅନେକ ମହିଳାମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ବର୍ଷ ବର୍ଷ ଧରି ସ୍ୱୟଂ ସହାୟକ ଗୋଷ୍ଠୀ, ପଞ୍ଚାୟତ ଗୋଷ୍ଠୀ ସମୂହ, ବ୍ଲକର ଗୋଷ୍ଠୀ ସମୂହର ସଭାପତି ଓ ସମ୍ପାଦକ ଏକ କିମ୍ବା ଦୁଇ ନିର୍ଦ୍ଦିଷ୍ଟ ମହିଳାମାନେ ରହିବା ଦ୍ୱାରା ବ୍ୟାପକ ଅରାଜକତା ଓ ଦୁର୍ନୀତି ହେଉଛି। ଯାହାଦ୍ୱାରା ମହିଳାମାନଙ୍କ ବିକାଶରେ ବାଧା ସୃଷ୍ଟି ହେଉଛି। ତେଣୁ ମହିଳାଙ୍କ ହିତ ଦୃଷ୍ଟିରୁ ତୁରନ୍ତ ଗୋଷ୍ଠୀ ମଧ୍ୟରେ ଗଣତାନ୍ତ୍ରିକ ପଦ୍ଧତିରେ ନିୟମ ଅନୁଯାୟୀ ପରିଚାଳନା କମିଟି ଚୟନ କରାଯାଉ। ସେହିପରି ଦଳୀୟ ସମର୍ଥକ ଭିତିରେ ସରକାରୀ ଯୋଜନା ପ୍ରଦାନ କରା ନ ଯାଉ ବୋଲି ପ୍ରତିଭା ପରିଡା ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ଜିଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ମିନଲତା ମହାନ୍ତି, ଚୌଧୁରୀ ମନସ୍ୱିନୀ ଦାସ, ଝିଲ୍ଲୀଲତା ଦାସ, ସମିତି ସଭ୍ୟା ସନ୍ଧ୍ୟାରାଣୀ ରଥ, ତିଳୋତ୍ତମା ବାରିକ, ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ ନେତ୍ରୀ ପ୍ରତିମା ମୁଖୀ, ବୀଣାପାଣି ମିଶ୍ର ଏବଂ ସ୍ୱର୍ଣ୍ଣ ପ୍ରଭା ମାଝି ପ୍ରମୁଖ ଉପସ୍ଥିତ ଥିଲେ।


ରାଜ୍ୟ ଭାଜପା ଉପ ସଭାନେତ୍ରୀ ପ୍ରଭାତୀ ପରିଡା ଓ ଅନ୍ୟ ମହିଳାମାନେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

# ୧୩୧ ଏକର ଜମିରେ ହେବ ମହାନଦୀ କୂଳ ଉନ୍ନତୀକରଣ ପ୍ରକଳ୍ପ

## ସିଡିଏ ଅଧିକୃତ କମିଟିର ପ୍ରଥମ ବୈଠକ

- ପ୍ରକଳ୍ପ ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ
- ବକ୍ସଡ୍ରେନ୍ କାମ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

କଟକ,୨୭।୭ (କାର୍ତ୍ତିକ ସାହୁ)

ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଗାଇଡ୍ ଲାଇନ୍ ଅନୁସାରେ ମହାନଦୀ କୂଳ ଉନ୍ନତୀକରଣ ପ୍ରକଳ୍ପ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରାଯିବ। ସରକାରଙ୍କ ଯୋଜନା ମୁତାବକ ସେଠାରେ କୌଣସି କଂକ୍ରିଟ ନିର୍ମାଣ କରାଯିବ ନାହିଁ। ଏନ୍‌ଜିଟିଙ୍କ ଆଦେଶ ମୁତାବକ ୪୨୬ ଏକର ଜମିରୁ ୨୬୧ ଏକର ଜମିରେ ଜଙ୍ଗଲ ସୃଷ୍ଟି କରାଯିବ, ଐତିହାସିକ ବାଲିଯାତ୍ରା ପାଇଁ ୩୪ ଏକର ଜମି ଛାଡ଼ି ଦିଆଯିବ। ଅବଶିଷ୍ଟ ୧୩୧ ଏକର ଜମିରେ ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯିବ। ସେଥିମଧ୍ୟରେ ଖେଳପଡ଼ିଆ, ହସ୍ତଶିଳ୍ପ କଳା ଗ୍ୟାଲେରି, ଟ୍ରାଇବାଲ୍ ଭିଲେଜ, ଜୈବିକ ଉଦ୍ୟାନ ଆଦି ନିର୍ମାଣ ପାଇଁ ବ୍ଲୁ ପ୍ରିଣ୍ଟରେ ସ୍ଥାନିତ ହୋଇଛି । ଚେନ୍ନାଇର ଜନ ଅର୍ବାନ୍ ସ୍ପେସ୍ ନାମକ ଏକ ଘରୋଇ ସଂସ୍ଥା ଏହି ପ୍ରକଳ୍ପର ମାଷ୍ଟର ପ୍ଲାନ ପ୍ରସ୍ତୁତ କରିଛି। କଟକସ୍ଥିତ ଓଡ଼ିଶା ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ ପରିସରରେ ଗୁରୁବାର ଅନୁଷ୍ଠିତ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଅଧିକୃତ କମିଟିର ପ୍ରଥମ ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଏନେଇ ବିସ୍ତୃତ ଭାବେ ଆଲୋଚନା କରିଥିବା ଜଣାପଡିଛି।



ସିଲ୍‌ଭର୍ ସିଟି ବୋଟ୍ କ୍ଲବ ନିକଟରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ସହ ପ୍ରଶାସନିକ ଅଧିକାରୀମାନେ।

ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ ସ୍ୱାଗତ ଭାଷଣ ମାଧ୍ୟମରେ ମହାନଦୀ କୂଳ ଉନ୍ନତୀକରଣ ପ୍ରକଳ୍ପ (ମହାନଦୀ ୱାଟର୍ ଫ୍ରଣ୍ଟ ଡେଭଲପମେଣ୍ଟ ପ୍ରୋଜେକ୍ଟ) ସମ୍ପର୍କରେ ସୂଚନା ଦେଇଥିଲେ। କଟକ ସହରର ସଂସ୍କୃତି, ବୈଷୟିକ ଜ୍ଞାନକୌଶଳ, ପରିବେଶ, କ୍ରୀଡ଼ା ଓ ମନୋରଞ୍ଜନ ଆଦିକୁ ନେଇ ମୁଖ୍ୟମନ୍ତ୍ରୀ ଦେଇଥିବା ୫ ଦଫା ପରାମର୍ଶକୁ ଏହି ପ୍ରକଳ୍ପରେ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି। ଉକ୍ତ ପ୍ରକଳ୍ପ ମଞ୍ଜୁରୀ ପାଇଁ ପ୍ରସ୍ତୁତ ମାଷ୍ଟର ପ୍ଲାନ୍‌କୁ ସିଡିଏ ଉପାଧ୍ୟକ୍ଷ ତଥା ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ ଉପସ୍ଥାପନ କରିଥିଲେ। କମିଟିର ସଦସ୍ୟମାନେ ଏହାକୁ ତର୍ଜମା କରିଥିଲେ। ପ୍ରକଳ୍ପର ରକ୍ଷଣାବେକ୍ଷଣ ସହ ସଂସ୍କୃତି ଏବଂ ପରିବେଶ ସନ୍ତୁଳନ ଉପରେ ଗୁରୁତ୍ୱ ଦେଇ ମାଷ୍ଟରପ୍ଲାନ୍‌ରେ କେତେକ ପରିବର୍ତ୍ତନ ଆଣିବା ପାଇଁ ମୁଖ୍ୟ ଶାସନ ସଚିବ ଜେନା ପରାମର୍ଶ ଦେଇଛନ୍ତି। ଗୁରୁବାର ମୁଖ୍ୟ ଶାସନ ସଚିବ କଟକ ସହରରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ। ସିଡିଏର ଅନ୍ୟାନ୍ୟ ପ୍ରକଳ୍ପ ଭାବେ ରତାଗଡ଼ ଟାଉନ ପ୍ଲାନିଂ ସ୍କିମ୍, କୋର୍ ଏରିଆ ରେଗୁଲେସନ୍ସ, ସିଡିଏରେ ମିଶିଥିବା ନୂତନ ଗ୍ରାମ ସହ ବାଦାମବାଡିସ୍ଥିତ ଅନୁଗୋଳ-ପୁରୀ ବସ୍‌ଷ୍ଟାଣ୍ଡ ନିକଟରେ ନିର୍ମାଣ ହେବାକୁ ଥିବା ବିଶ୍ୱନାଥ ପଣ୍ଡିତ ପାଠାଗାର, ନେତାଜୀ ସଂଗ୍ରହାଳୟ ନିକଟ ପୁରୁଣା ଜେଲ୍‌ର ଉନ୍ନତୀକରଣ, ପେଟାନାଳର ଉନ୍ନତୀକରଣ ଓ ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀ ସ୍ମୃତିପୀଠ ଉନ୍ନତୀକରଣ ପ୍ରକଳ୍ପଗୁଡ଼ିକ ଜେନା ସମୀକ୍ଷା କରିଛନ୍ତି। ସହର ଆଖପାଖ ଅଞ୍ଚଳର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା, ସହର ମଧ୍ୟରେ ଭିଡ଼ ହ୍ରାସ କରିବା ଓ ବକ୍ସଡ୍ରେନ୍ କାମ ଶୀଘ୍ର ଶେଷ କରିବା ପାଇଁ ଜେନା ପରାମର୍ଶ ଦେଇଥିଲେ। ସେ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ସିଲ୍‌ଭର ସିଟି ବୋଟ୍ କ୍ଲବ ପରିଦର୍ଶନ କରିଥିଲେ। ଏଥିସହ ବାଲିଯାତ୍ରା ପଡ଼ିଆ ନିକଟସ୍ଥ ମହାନଦୀ କୂଳକୁ ଯାଇ ମହାନଦୀ କୂଳ ଉନ୍ନତୀକରଣ ପ୍ରକଳ୍ପ ସଂକ୍ରାନ୍ତରେ ସେ ଅନୁଧ୍ୟାନ କରିଥିଲେ ।

ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି. ମାଥିଭାଥନନ୍, ପୂର୍ତ୍ତ ବିଭାଗ ସ୍ୱତନ୍ତ୍ର ସଚିବ ହେମନ୍ତ କୁମାର ଦତ୍ତ, ପର୍ଯ୍ୟଟନ ବିଭାଗ ଅତିରିକ୍ତ ସଚିବ ବାଳକୃଷ୍ଣ ଭୂୟାଁ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାୟ, ଇଷ୍ଟେଟ ନିର୍ଦ୍ଦେଶକ ସୁଶାନ୍ତ ମହାନ୍ତି, ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସମେତ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ସମୀକ୍ଷା ବୈଠକରେ ଯୋଗଦେଇଥିଲେ।

# 'ସମସ୍ୟାର ନିରାକରଣ କରେ ସଚେତନତା'

## ମହିଳାଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ଶୀର୍ଷକ ସମ୍ମିଳନୀ

କଟକ,୨୭।୭ (କାର୍ତ୍ତିକ ସାହୁ)

ଆମ ପାଖରେ ସବୁ ସମସ୍ୟାର ସମାଧାନ ରହିଛି। ଅଜ୍ଞାନତା ଯୋଗୁ ଆମେ ସମସ୍ୟା ସହ ଘାଣ୍ଟି ହେଉ। ସବୁ ସମସ୍ୟାର ନିରାକରଣ ସଚେତନତା କରିଥାଏ। ସର୍ବଭାରତୀୟ ସ୍ତରରେ କାମ କରୁଥିବା ଶକ୍ତି ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜିକା ବିନ୍ଦୁ ସୁରଜ ଓଡ଼ିଶା ଗସ୍ତରେ ଆସି ଏଭଳି ମତବ୍ୟକ୍ତ କରିଛନ୍ତି। କଟକ ଚହଟାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ମିଳନୀ କକ୍ଷରେ ଗୁରୁବାର ଆୟୋଜିତ ମହିଳାମାନଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ଶୀର୍ଷକ ସମ୍ମିଳନୀକୁ ବିନ୍ଦୁ ସୁରଜ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପିକା ସୁପ୍ରଭା ସାହୁ ଯୋଗଦେଇ ଆମ ପାଇଁ ସୁଷମ ଖାଦ୍ୟର ଆବଶ୍ୟକତା ଅପରିହାର୍ଯ୍ୟ ବୋଲି କହିଥିଲେ। ସମ୍ମାନିତ ବକ୍ତା ଜାତୀୟ ସ୍ୱାସ୍ଥ୍ୟ ମିଶନର ମେଡିକାଲ ଅଫିସର ଡା. ଅଜୟ ମହାପାତ୍ର କହିଥିଲେ, ସାଂପ୍ରତିକ ସମୟରେ ସୁସ୍ଥ ସମାଜ ପାଇଁ ନାରୀ ସ୍ୱାସ୍ଥ୍ୟବତୀ ହେବା ଜରୁରୀ। ସମ୍ମାନିତ ବକ୍ତା ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ ଡା. ସଞ୍ଜୟ ସ୍ୱାଇଁ ସରଭାଇକାଲ କର୍କଟ ଓ ତା'ର ପ୍ରତିଷେଧକ ଟିକାର ବ୍ୟବହାର ବିଷୟରେ କହିଥିଲେ। ଅନ୍ୟତମ ସମ୍ମାନିତ ବକ୍ତା ଅରୁଣ କୁମାର ବେହେରା ପ୍ରତିଦିନ ଆମେ ଖାଉଥିବା ଖାଦ୍ୟରେ ଆବଶ୍ୟକତା ଅନୁସାରେ ଶ୍ୱେତସାର, ପୁଷ୍ଟିସାର, ସ୍ନେହସାର, ଜୀବସାର, ଧାତବ ଲବଣ ରହିବା ବିଧେୟ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ବକ୍ତା ସନ୍ଦୀପ ସିଂହ ଭାରତୀୟ ପାରମ୍ପରିକ ଖାଦ୍ୟ ପୋଷଣଯୁକ୍ତ ଖାଦ୍ୟର ଭଣ୍ଡାର ବୋଲି କହିଥିଲେ। ଓଡ଼ିଶା ବିଜ୍ଞାନ ମଣ୍ଡଳର କଟକ ଜିଲା ସଭାପତି ଡ. ବାଇଧର ସାହୁ, ସମ୍ପାଦକ ମନୋରଞ୍ଜନ ମହାନ୍ତି, ନାରାୟଣ ଷଡଙ୍ଗୀ, ଅଜୟ ଜଟ, ଚିତ୍ତରଞ୍ଜନ ଭୁକ୍ତା, ସୁରେଶ ଚନ୍ଦ୍ର ବେହେରା, ମୁଷି ଭାଇ ପ୍ରମୁଖ ଉପସ୍ଥିତ ଥିଲେ। ଡ. ବିକାଶ କୁମାର ଜେନା ଅତିଥି ପରିଚୟ ପ୍ରଦାନ ଓ ସଞ୍ଜୟ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବ୍ଲାକ୍ ଗ୍ରେପ୍‌ସ ଇଣ୍ଡିଆର ଓଫେମ ୨.୦ ରେଷ୍ଟୁରାଣ୍ଟ



ହୋଟେଲ ପରିସରରେ ଦୃଷ୍ଟିବାଧିତ ପିଲାଙ୍କ ସହ ଅନ୍ୟମାନେ।

ଫୁଲନଖରା,୨୭।୭
(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ-ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର ପାହାଳଠାରେ ନୂତନ ଭାବେ ଓଫେମ ୨.୦ ରେଷ୍ଟୁରାଣ୍ଟ ଶୁକ୍ରବାରଠାରୁ ଗ୍ରାହକଙ୍କ ପାଇଁ ନିୟମିତ ଖୋଲିବ। ଏଠାରେ ଇଣ୍ଡିଆନ, କଣ୍ଟିନେଣ୍ଟାଲ, ଚାଇନିଜ୍, ତନ୍ଦୁରୀ, ମଲ୍ଟି କ୍ୟୁଜାକ ଖାଦ୍ୟ ଉପଲବ୍ଧ ହେବ। ଏହି ରେଷ୍ଟୁରାଣ୍ଟ ଅତ୍ୟନ୍ତ ଆଧୁନିକ ଶୈଳୀରେ ନିର୍ମାଣ ହୋଇଥିବାବେଳେ ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରହିଛି। ଗୁରୁବାର ଏଠାରେ ୭୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ବିନା ମୂଲ୍ୟରେ ଖାଦ୍ୟ ଦିଆଯାଇଥିଲା। ସେମାନେ ଏହାକୁ ଖାଇ ଆତ୍ମସନ୍ତୋଷ ଲାଭ କରିଥିଲେ। ରେଷ୍ଟୁରାଣ୍ଟର କର୍ମଚାରୀ ତଥା ପରିଚାଳନା ଦାୟିତ୍ୱରେ ଥିବା ବ୍ଲାକ ଇଣ୍ଡିଆ କର୍ମକର୍ତ୍ତା ଉପସ୍ଥିତ ରହି ସେମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ହୋଟେଲ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବ୍ଲାକ୍ ଗ୍ରେପ୍‌ସ ଇଣ୍ଡିଆର ପାର୍ଟନର ରୋଶନ ପ୍ରଧାନ ଓ ନରେନ୍ଦ୍ର ଅଗ୍ରୱାଲ ଉପସ୍ଥିତ ରହି ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ସଂକ୍ଷେପରେ

### ଚୋରି ସାମଗ୍ରୀ ଜବତ, ଯୁବକ ଗିରଫ

**ଫୁଲନଖରା,୨୭।୭(ସତ୍ୟରଞ୍ଜନ ଦାସମହାପାତ୍ର):** ଚୋରି ଅଭିଯୋଗରେ କଟକ ସଦର ପୋଲିସ ଜଣେ ଯୁବକଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଶିଘଂଳ ଗ୍ରାମର ସନ୍ତୋଷ କୁମାର ମହାନ୍ତି। ତାଙ୍କଠାରୁ ପୋଲିସ ଦୁଇଟି କଟର ମେଶିନ ଓ ୧୦୦ ମିଟର ତମ୍ବାତାର ଜବତ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଏହି ଥାନା ଅନ୍ତର୍ଗତ ଦିଆନପଡା ଗ୍ରାମରେ ସ୍ୱଜଳଧାରା ପାଣିଟାଙ୍କି ନିର୍ମାଣ କାର୍ଯ୍ୟ ଜାରି ରହିଛି। ଟାଙ୍କି ନିର୍ମାଣ ପାଇଁ ବ୍ୟବହୃତ ସାମଗ୍ରୀଗୁଡିକ ନିକଟରେ ଥିବା ଷ୍ଟୋର୍ ରୁମରେ ରଖାଯାଇଥିଲା। ବୁଧବାର ବିଳମ୍ବିତ ରାତିରେ ସନ୍ତୋଷ ଉକ୍ତ ଷ୍ଟୋର୍ ରୁମ୍‌ର କବାଟ ଭାଙ୍ଗି କଟର ମେଶିନ ଓ ତମ୍ବା ତାର ଚୋରି କରିଥିଲେ। ପାଣିଟାଙ୍କି କାର୍ଯ୍ୟରେ ନିୟୋଜିତ ସୁପରଭାଇଜର ରାୟ ରଞ୍ଜନ କୁମାର ସିଂ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୪୨୧/୨୩) ରୁଜୁ କରିଥିଲା।

### ମଦ ଜବତ: ଅଭିଯୁକ୍ତ କୋର୍ଟ ଚାଲାଣ

**ମାହାଙ୍ଗା,୨୭।୭(ଯଯାତି ସିଂହ):** ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ହଳଦିଆ ଗ୍ରାମର କୋଠି ଛକରୁ ୨୨ ଲିଟରରୁ ଊର୍ଦ୍ଧ୍ୱ ଚୋରା ମଦ ଜବତ କରାଯାଇଛି। ଏହି ଘଟଣାରେ ଗ୍ରାମର କସ୍ତୁରୀ ଚରଣ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଆଇଆଇସି ଶିବଚରଣ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍‌ଆଇ ଆଲୋକ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଏହି ଚଢ଼ାଉ କରଯାଇଥିଲା। ଷଡ଼ଙ୍ଗୀ ପାଟ୍ରୋଲିଂ ସାରି ଫେରୁଥିବାବେଳେ ହଳଦିଆ କୋଠିଛକ ନିକଟ ରାସ୍ତାରେ କସ୍ତୁରୀ ଚୋରା ମଦ ନେଇ ଯାଉଥିଲେ। ଏହି ସମୟରେ ପୋଲିସ ତାଙ୍କ ଠାରୁ ଚୋରା ମଦ ଜବତ କରିଥିଲା। ଏନେଇ ଥାନାରେ ମାମଲା (ନଂ ୭୯/୨୩) ରୁଜୁ କରାଯାଇଛି।

### ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ଶିବିର

**କଟକ,୨୭।୭ (କାର୍ତ୍ତିକ ସାହୁ):** କଟକ ମହାନଗର ନିଗମ(ସିଏମ୍‌ସି) ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପରିଚାଳନା କର୍ତ୍ତୃପକ୍ଷ (ଓସ୍‌ଡମା)ଙ୍କ ମିଳିତ ସହଯୋଗରେ ଏକ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସିଏମ୍‌ସି ୨୯ନଂ. ୱାର୍ଡ ଅନ୍ତର୍ଗତ ରାଜାବଗିଚା ଲେବର କଲୋନୀ ଗୋଷ୍ଠୀକେନ୍ଦ୍ରରେ ଆୟୋଜିତ ଶିବିରରେ ଅନେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଯୋଗଦେଇଥିଲେ। ସିଏମ୍‌ସି ଅଗ୍ନି ନିରାପତ୍ତା ପ୍ରକଳ୍ପ ସଂଯୋଜକ ଶ୍ରୀନିବାସ ପଣ୍ଡା ଅଗ୍ନି ନିରାପତ୍ତା ପ୍ରଶିକ୍ଷଣର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ଆଲୋଚନା କରିଥିଲେ। ସ୍ଥାନୀୟ କର୍ପୋରେଟର ସୁମିତା ବସ୍ତିଆ, ଚାଉଳିଆଗଞ୍ଜ ଅଗ୍ନିଶମ କେନ୍ଦ୍ର ଅଧିକାରୀ, ସିଏମ୍‌ସିର ଗୋଷ୍ଠୀ ସଙ୍ଗଠକଙ୍କ ସମେତ ଓସ୍‌ଡମା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ଜାତୀୟ ଶିକ୍ଷାନୀତି ସାମ୍ପ୍ରତିକ ସମୟର ଏକ ଆବଶ୍ୟକତା'

## କେନ୍ଦ୍ରୀୟ ବିଦ୍ୟାଳୟ-୧ରେ ଆଲୋଚନାଚକ୍ର




କେନ୍ଦ୍ରୀୟ ବିଦ୍ୟାଳୟ ନଂ. ୧ ପରିସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିବୃନ୍ଦ।

କଟକ,୨୭।୭ (କାର୍ତ୍ତିକ ସାହୁ)

କେନ୍ଦ୍ରୀୟ ବିଦ୍ୟାଳୟ ନଂ. ୧ ପରିସରରେ ବିଭିନ୍ନ ଶିକ୍ଷା ଉପଲକ୍ଷେ ଏକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟରେ ହୋଇଥିବା ମୃତ୍ତିକା ସାମଗ୍ରୀ ଗଠନ, କ୍ରୀଡ଼ାର ନୂତନ କୌଶଳ ଆଦି ବିଭିନ୍ନ କୌଶଳମୂଳକ ଶିକ୍ଷା ବିଷୟରେ ଆଲୋଚନା ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଆନନ୍ଦ ବଲ୍ଲଭ ପାଣ୍ଡେ ସଭାପତିତ୍ୱ କରି କହିଥିଲେ, ଜାତୀୟ ଶିକ୍ଷାନୀତି ସାମ୍ପ୍ରତିକ ସମୟର ଏକ ଆବଶ୍ୟକତା। ପରିବର୍ତ୍ତିତ ସାମାଜିକ ସ୍ଥିତିରେ ଶିକ୍ଷା ବ୍ୟବସ୍ଥାକୁ ଏହା ଅଧିକ ସୁଦୃଢ଼ କରିପାରିବ ବୋଲି ସେ କହିଥିଲେ। ବିଭିନ୍ନ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଏ. କେ. ସିଠ, ଡି. କେ. ତ୍ରିପାଠୀ, ବାମଦେବ ବଘାର ଓ ରାମାନୁଜ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଦେବାଶିଷ ସେନ, ସାରଦା ପ୍ରସନ୍ନ ମହାନ୍ତି, ରଜନୀକାନ୍ତ ବିଶ୍ୱାଳ, ସୌରରଞ୍ଜନ ସାହୁ ଓ ଅପର୍ଣ୍ଣା ରାଏ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍ତ୍ରୀ ହତ୍ୟା ଅଭିଯୋଗରେ ସ୍ୱାମୀ କୋର୍ଟ ଚାଲାଣ

କଟକ ସଦର,୨୭।୭
(ସୁଶାନ୍ତ କୁମାର ଜେନା)

ସ୍ତ୍ରୀଙ୍କୁ ହତ୍ୟା କରିବା ଅଭିଯୋଗରେ କନ୍ଦରପୁର ପୋଲିସ ସ୍ଥାନୀୟ ଦେଓପୁର ଭୋଇସାହିର କାଳିଆ ଭୋଇ (୩୩)ଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। କାଳିଆ ୨୦୧୮ରେ ବିରିଡ଼ି ଥାନା ଅଧୀନ ଚାନ୍ଦପୁର ଗ୍ରାମର ରୁନି ଭୋଇଙ୍କୁ ବିବାହ କରିଥିଲେ। ବିବାହର କିଛିବର୍ଷ ପରେ ଉଭୟଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ବୁଧବାର ସକାଳେ ପାଟିତୁଣ୍ଡ ହୋଇଥିଲା। ଏଥିରେ କାଳିଆ ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆରେ ରୁନିଙ୍କ ଗଳାକାଟି ହତ୍ୟା କରିଥିଲେ। ପରେ ଥାନାକୁ ଯାଇ ଆତ୍ମ ସମର୍ପଣ କରିବା ସହ ଦୋଷ ସ୍ୱୀକାର କରିଥିଲେ। ଏନେଇ ମୃତା ମହିଳାଙ୍କ ଭାଇ ଚଇତା ଭୋଇ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୧୪୧/୨୩) ରୁଜୁକରିଥିଲା।

# କାରଖାନାରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ମୃତ୍ୟୁ

ଖୁଣ୍ଟୁଣୀ,୨୭।୭(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ଘଣ୍ଟିଖାଲସ୍ଥିତ ଆରତୀ ଷ୍ଟିଲ୍ କାରଖାନାର କୋଲ ୱାସରୀରେ ବୁଧବାର ବିଳମ୍ବିତ ରାତିରେ କାର୍ଯ୍ୟରତ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୁରୁଡିଝାଟିଆ ଥାନା ଅନ୍ତର୍ଗତ ମଙ୍ଗେଶ୍ୱର ପଞ୍ଚାୟତ ବିଷ୍ଣୁପୁର ଗ୍ରାମର ବିଚିତ୍ରା ନନ୍ଦ ରାଉତ(୫୨)। ସେ ସ୍ଥାନୀୟ ଠିକାଦାର କ୍ଷୀର ସ୍ୱାଇଁଙ୍କ ଅଧୀନରେ ରହି କମ୍ପାନୀରେ କାମ କରୁଥିଲେ। ବୁଧବାର ରାତିରେ ତାଙ୍କର ସିଫ୍ଟ ଡିୟୁଟି ଥିଲା। ସେ କାମ କରୁଥିବାବେଳେ ରାତି ପ୍ରାୟ ୨ଟାରେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ଚିକିତ୍ସା ଲାଗି ତାଙ୍କୁ କଟକର ଏକ ଘରୋଇ ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ସକାଳେ କମ୍ପାନୀର ଲୋକ ସମ୍ପର୍କ ଅଧିକାରୀ ଶରତ କୁମାର ନିଶାଙ୍କ ଏବଂ ଅନ୍ୟ ଅଧିକାରୀମାନେ କଟକ ବଡ଼ ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ୟବସ୍ଥା କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ଅପରାହ୍ନରେ କାରଖାନା ପରିସରରେ ଆଲୋଚନା ହୋଇଥିଲା। ମୃତକଙ୍କ ପରିବାର ସଦସ୍ୟ, ଆଠଗଡ଼ ଅତିରିକ୍ତ ତହସିଲଦାର ଅଶୋକ କୁମାର ସ୍ୱାଇଁ, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଖୁଣ୍ଟୁଣୀ ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ, ମଙ୍ଗେଶ୍ୱର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ପ୍ରିୟବ୍ରତ ସାହୁ, ଠିକାଦାର କ୍ଷୀର ସ୍ୱାଇଁ ଓ ଘଣ୍ଟିଖାଲ ସରପଞ୍ଚଙ୍କ ପ୍ରତିନିଧି ସୁବାସ ଚନ୍ଦ୍ର ବିଶ୍ୱାଳଙ୍କ ଉପସ୍ଥିତିରେ କମ୍ପାନୀର ଉପସଭାପତି ଏନ୍. ଶ୍ରୀନିବାସ ଓ ମାନବ ସମ୍ବଳ ବିଭାଗର ବରିଷ୍ଠ ପରିଚାଳକ ସରୋଜ ଜେନା ଆଲୋଚନା କରିଥିଲେ। ଆସନ୍ତା ୧୦ଦିନ ମଧ୍ୟରେ ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କା, ମୃତଦେହ ସତ୍କାର ଓ ଶୁଦ୍ଧିକ୍ରିୟା ପାଇଁ ୧ ଲକ୍ଷ ଟଙ୍କା ଏବଂ ମୃତକଙ୍କ ସାନଝିଅର ବିବାହ ପାଇଁ ୧ ଲକ୍ଷ ଟଙ୍କା ଦେବାକୁ କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ପରେ ଏଥିରେ ରାଜି ହୋଇ ପରିବାର ଲୋକେ ଫେରି ଯାଇଥିଲେ।

# କଟକ ସଦର, ସହରାଞ୍ଚଳରେ ରାସ୍ତାଘାଟ ବିପର୍ଯ୍ୟସ୍ତ

## ୱାଟ୍‌କୋ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ଘେରିଲା କଂଗ୍ରେସ

କଟକ,୨୭।୭ (କାର୍ତ୍ତିକ ସାହୁ)



କଂଗ୍ରେସ କର୍ମୀମାନେ ୱାଟ୍‌କୋ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

କଟକ ନଗର ୯ନଂ. ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ ଯୋବ୍ରାସ୍ଥିତ ୱାଟ୍‌କୋ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟକୁ ଗୁରୁବାର ଘେରାଉ କରାଯାଇଥିଲା। ୱାଟ୍‌କୋର ଚରମ ଅବହେଳା ଓ ମନମୁଖି କାର୍ଯ୍ୟ ପାଇଁ କଟକ ସଦର ଓ ସହରାଞ୍ଚଳର ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇଛି। କଟକ ନଗର ୯ ନଂ. ବ୍ଲକ୍ ସଭାପତି ବିପନ ପଶାୟତ ଓ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରାଙ୍କ ନେତୃତ୍ୱରେ ଏହି ଘେରାଉ କରାଯିବା ସହ ଏକ ଦାବିପତ୍ର ମହାପ୍ରବନ୍ଧକଙ୍କୁ ପ୍ରଦାନ କରାଯାଇଥିଲା। ତୁରନ୍ତ ପାଇପ୍ ଲାଇନ୍ କାମ ସାରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ଖପୁରିଆ-ନୂଆପଡ଼ା ରାସ୍ତାରେ ୱାଟ୍‌କୋ ପକ୍ଷରୁ ପାଇପ୍ ବିଛା କାମ ଚାଲିଥିବାରୁ ରାସ୍ତା ଖୋଳାଯାଇ ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ପୂର୍ବାଞ୍ଚଳକୁ ସଂଯୋଗ କରିବା ପାଇଁ ଏହା ଏକ ପ୍ରମୁଖ ରାସ୍ତା । ପ୍ରତିଦିନ ବହୁସଂଖ୍ୟକ ଗାଡି ଏହି ରାସ୍ତାରେ ଯାତାୟାତ କରୁଛି। ଅସରାଏ ବର୍ଷା ହେଲେ ଖାଲଗୁଡ଼ିକରେ ପାଣି ଜମି ରହୁଛି। ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ସେହିପରି ତିନିଘରିଆ କେନାଲ ବନ୍ଧ ରାସ୍ତା, ୫୬, ୫୭, ୫୮, ୫୯ ନମ୍ବର ୱାର୍ଡ, ଗୋପାଳପୁର, ବାଲିକୁଦା, ଉତ୍ତମାପୁର, ତେଲଙ୍ଗାପେଣ୍ଠ, ଭାଣପୁର, ପ୍ରତାପନଗରୀ, କାଚରାମାଳ, ନୂଆଗଡ଼, ମୁଗୁଭଙ୍ଗା, କାଜିପାଟଣା, ଫୁଲନଖରା ପର୍ଯ୍ୟନ୍ତ ୱାଟ୍‌କୋର କାର୍ଯ୍ୟ ଅବହେଳା ହେତୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦର୍ଶାଯାଇଛି। ଅସୁବିଧା ଦୂର ନ ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଚେତାବନୀ ଦିଆଯାଇଛି। ବିଶ୍ୱନାଥ ଶତପଥୀ, ରାଜେନ୍ଦ୍ର ପଟ୍ଟନାୟକ, ବରଦା ସାହୁ, ମାନସ ନାଏକ, ଉତ୍ତମ ବେହେରା, ଦୁର୍ଗାଶଙ୍କର ଦାସ, ପ୍ରତାପ ମଲ୍ଲିକ, ପ୍ରଶାନ୍ତ ବେହେରା ପ୍ରମୁଖ ଘେରାଉରେ ସାମିଲ ହୋଇଥିଲେ।



କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ଛାତରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ସମୟରେ ପଲିଥିନ୍ ଜରି ପକାଯିବା ପ୍ରତିବାଦରେ ଗୁରୁବାର ସୁଭାଷ ସଙ୍ଗଠନ ପକ୍ଷରୁ ଇନ୍‌ଡୋର ଷ୍ଟାଡିୟମ ସମ୍ମୁଖରେ ଅଭିନବ ପ୍ରତିବାଦ।



ସିଏମ୍‌ସି ୱାର୍ଡ ନମ୍ବର ୧୪ ଲାଲା ମଠଠାରେ ଗୁରୁବାର ଅନୁଷ୍ଠିତ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିରରେ ଉପସ୍ଥିତ ଅତିଥିବୃନ୍ଦ।

## ସଂକ୍ଷେପରେ

### କିମ୍ସରେ ଇଡିଓପାଥିକ ସ୍କୋଲିଓସିସ୍‌ର ସଫଳ ଅସ୍ତ୍ରୋପଚାର

**ଭୁବନେଶ୍ୱର,୨୭।୭(ଶର୍ମିଷ୍ଠା ପାଣିଗ୍ରାହୀ):** ମେରୁଦଣ୍ଡ ବଙ୍କା ହୋଇଯାଇଥିବା ଜନୈକା ବାଳିକାଙ୍କଠାରେ ସଫଳ ଅସ୍ତ୍ରୋପଚାର କରି ଏହାକୁ ସଳଖ କରିପାରିଛନ୍ତି କିମ୍ସ ଡାକ୍ତର। ସ୍କୋଲିଓସିସ୍ ନାମକ ଗୁରୁତର ମେରୁଦଣ୍ଡ ସମସ୍ୟା ସହ ଦୀର୍ଘଦିନ ଧରି ସଂଘର୍ଷ କରୁଥିବା ଏହି ବାଳିକାଙ୍କ ଅଭିଭାବକ ବହୁ ଖ୍ୟାତିସମ୍ପନ୍ନ ଡାକ୍ତରଖାନାରୁ ନିରାଶ ହୋଇ ଶେଷରେ କିମ୍ସ ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ। ଅସ୍ଥିଶଲ୍ୟ ବିଶେଷଜ୍ଞ ତଥା ସ୍ପାଇନ ସର୍ଜନ ଡ. ଜିତେନ୍ଦ୍ର କୁମାର ରାଉତ ରୋଗୀଙ୍କୁ ଦେଖିବା ପରେ ଏହା 'ଇଡିଓପାଥିକ ସ୍କୋଲିଓସିସ୍' ନାମକ ଏକପ୍ରକାର ମେରୁଦଣ୍ଡ ସମସ୍ୟା ବୋଲି ଜାଣି ତୁରନ୍ତ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇଥିଲେ। ନିଶ୍ଚେତକ ବିଭାଗର ଡା. ସଞ୍ଜୀବ ଗିରି ଓ ରାଜ ମୋହନଙ୍କ ସହଯୋଗରେ ସ୍ପାଇନ ସର୍ଜନ ଡା. ରାଉତ ଏହି ଅସ୍ତ୍ରୋପଚାର କରିଥିଲେ। ବାଳିକାଙ୍କ ମେରୁଦଣ୍ଡ ଇଂଲିଶ ଅକ୍ଷର 'ଏସ୍' ଆକୃତିର ହୋଇଯାଇଥିଲା, ଯାହା ଭବିଷ୍ୟତରେ ତାଙ୍କ ପାଇଁ ଆହୁରି ଅନେକ ସମସ୍ୟା ସୃଷ୍ଟି କରିଥାନ୍ତା ବୋଲି ଡା. ରାଉତ ପ୍ରକାଶ କରିଛନ୍ତି। କିମ୍ସରେ ଦକ୍ଷ ଡାକ୍ତର, ଉନ୍ନତ ଜ୍ଞାନକୌଶଳ ଓ ଯନ୍ତ୍ରାଂଶ ଉପଲବ୍ଧ ଯୋଗୁ ଏଭଳି ବିରଳ ମେରୁଦଣ୍ଡ ଅସ୍ତ୍ରୋପଚାର ସମ୍ଭବ ହୋଇପାରିଲା। ସମ୍ପୃକ୍ତ ବାଳିକା ବର୍ତ୍ତମାନ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି। କିଛି ଦିନ ବିଶ୍ରାମ ପରେ ସେ ସ୍ୱାଭାବିକ ଜୀବନଯାପନ କରିପାରିବେ ବୋଲି ଡା. ରାଉତ କହିଛନ୍ତି।

### କାରଖାନାରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ମୃତ୍ୟୁ

**ଖୁଣ୍ଟୁଣୀ,୨୭।୭(ସଚ୍ଚିଦାନନ୍ଦ ପଣ୍ଡା):** ଖୁଣ୍ଟୁଣୀ ଥାନା ଅଧୀନ ଘଣ୍ଟିଖାଲସ୍ଥିତ ଆରତୀ ଷ୍ଟିଲ୍ କାରଖାନାର କୋଲ ୱାସରୀରେ ବୁଧବାର ବିଳମ୍ବିତ ରାତିରେ କାର୍ଯ୍ୟରତ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୁରୁଡିଝାଟିଆ ଥାନା ଅନ୍ତର୍ଗତ ମଞ୍ଚେଶ୍ୱର ପଞ୍ଚାୟତ ବିଷ୍ଣୁପୁର ଗ୍ରାମର ବିଚିତ୍ରା ନନ୍ଦ ରାଉତ(୫୨)। ସେ ସ୍ଥାନୀୟ ଠିକାଦାର କ୍ଷୀର ସ୍ୱାଇଁଙ୍କ ଅଧୀନରେ ରହି କମ୍ପାନୀରେ କାମ କରୁଥିଲେ। ବୁଧବାର ରାତିରେ ତାଙ୍କର ସିଫ୍ଟ ଡିୟୁଟି ଥିଲା। ସେ କାମ କରୁଥିବାବେଳେ ରାତି ପ୍ରାୟ ୨ଟାରେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ଚିକିତ୍ସା ଲାଗି ତାଙ୍କୁ କଟକର ଏକ ଘରୋଇ ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ସକାଳେ କମ୍ପାନୀର ଲୋକ ସମ୍ପର୍କ ଅଧିକାରୀ ଶରତ କୁମାର ନିଶାଙ୍କ ଏବଂ ଅନ୍ୟ ଅଧିକାରୀମାନେ କଟକ ବଡ଼ ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ୟବସ୍ଥା କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ଅପରାହ୍ନରେ କାରଖାନା ପରିସରରେ ଆଲୋଚନା ହୋଇଥିଲା। ମୃତକଙ୍କ ପରିବାର ସଦସ୍ୟ, ଆଠଗଡ଼ ଅତିରିକ୍ତ ତହସିଲଦାର ଅଶୋକ କୁମାର ସ୍ୱାଇଁ, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଖୁଣ୍ଟୁଣୀ ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ, ମଞ୍ଚେଶ୍ୱର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ପ୍ରିୟବ୍ରତ ସାହୁ, ଠିକାଦାର କ୍ଷୀର ସ୍ୱାଇଁ ଓ ଘଣ୍ଟିଖାଲ ସରପଞ୍ଚଙ୍କ ପ୍ରତିନିଧି ସୁବାସ ଚନ୍ଦ୍ର ବିଶ୍ୱାଳଙ୍କ ଉପସ୍ଥିତିରେ କମ୍ପାନୀର ଉପସଭାପତି ଏନ୍. ଶ୍ରୀନିବାସ ଓ ମାନବ ସମ୍ବଳ ବିଭାଗର ବରିଷ୍ଠ ପରିଚାଳକ ସରୋଜ ଜେନା ଆଲୋଚନା କରିଥିଲେ। ଆସନ୍ତା ୧୦ଦିନ ମଧ୍ୟରେ ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କା, ମୃତଦେହ ସତ୍କାର ଓ ଶୁଦ୍ଧିକ୍ରିୟା ପାଇଁ ୧ ଲକ୍ଷ ଟଙ୍କା ଏବଂ ମୃତକଙ୍କ ସାନଝିଅର ବିବାହ ପାଇଁ ୧ ଲକ୍ଷ ଟଙ୍କା ଦେବାକୁ କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ପରେ ଏଥିରେ ରାଜି ହୋଇ ପରିବାର ଲୋକେ ଫେରି ଯାଇଥିଲେ।

# ୧୩୧ ଏକର ଜମିରେ ହେବ ମହାନଦୀ କୂଳ ଉନ୍ନତୀକରଣ ପ୍ରକଳ୍ପ

**ସିଡିଏ ଅଧିକୃତ କମିଟିର ପ୍ରଥମ ବୈଠକ**

- ପ୍ରକଳ୍ପ ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ
- ବକ୍ସଡ୍ରେନ୍ କାମ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

**କଟକ,୨୭।୭ (କାର୍ତ୍ତିକ ସାହୁ)**



ସିଲ୍‌ଭର୍ ସିଟି ବୋଟ୍ କ୍ଲବ ନିକଟରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ସହ ପ୍ରଶାସନିକ ଅଧିକାରୀମାନେ।

ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଗାଇଡ୍ ଲାଇନ୍ ଅନୁସାରେ ମହାନଦୀ କୂଳ ଉନ୍ନତୀକରଣ ପ୍ରକଳ୍ପ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରାଯିବ। ସରକାରଙ୍କ ଯୋଜନା ମୁତାବକ ସେଠାରେ କୌଣସି କଂକ୍ରିଟ ନିର୍ମାଣ କରାଯିବ ନାହିଁ। ଏନ୍‌ଜିଟିଙ୍କ ଆଦେଶ ମୁତାବକ ୪୨୬ ଏକର ଜମିରୁ ୨୬୧ ଏକର ଜମିରେ ଜଙ୍ଗଲ ସୃଷ୍ଟି କରାଯିବ, ଐତିହାସିକ ବାଲିଯାତ୍ରା ପାଇଁ ୩୪ ଏକର ଜମି ଛାଡ଼ି ଦିଆଯିବ। ଅବଶିଷ୍ଟ ୧୩୧ ଏକର ଜମିରେ ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯିବ। ସେଥିମଧ୍ୟରେ ଖେଳପଡ଼ିଆ, ହସ୍ତଶିଳ୍ପ କଳା ଗ୍ୟାଲେରି, ଟ୍ରାଇବାଲ୍ ଭିଲେଜ, ଜୈବିକ ଉଦ୍ୟାନ ଆଦି ନିର୍ମାଣ ପାଇଁ ବ୍ଲୁ ପ୍ରିଣ୍ଟରେ ସ୍ଥାନିତ ହୋଇଛି । ଚେନ୍ନାଇର ଜନ ଅର୍ବାନ୍ ସ୍ପେସ୍ ନାମକ ଏକ ଘରୋଇ ସଂସ୍ଥା ଏହି ପ୍ରକଳ୍ପର ମାଷ୍ଟର ପ୍ଲାନ ପ୍ରସ୍ତୁତ କରିଛି। କଟକସ୍ଥିତ ଓଡ଼ିଶା ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ ପରିସରରେ ଗୁରୁବାର ଅନୁଷ୍ଠିତ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଅଧିକୃତ କମିଟିର ପ୍ରଥମ ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଏନେଇ ବିସ୍ତୃତ ଭାବେ ଆଲୋଚନା କରିଥିବା ଜଣାପଡିଛି।

ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ ସ୍ୱାଗତ ଭାଷଣ ମାଧ୍ୟମରେ ମହାନଦୀ କୂଳ ଉନ୍ନତୀକରଣ ପ୍ରକଳ୍ପ (ମହାନଦୀ ୱାଟର୍ ଫ୍ରଣ୍ଟ ଡେଭଲପମେଣ୍ଟ ପ୍ରୋଜେକ୍ଟ) ସମ୍ପର୍କରେ ସୂଚନା ଦେଇଥିଲେ। କଟକ ସହରର ସଂସ୍କୃତି, ବୈଷୟିକ ଜ୍ଞାନକୌଶଳ, ପରିବେଶ, କ୍ରୀଡ଼ା ଓ ମନୋରଞ୍ଜନ ଆଦିକୁ ନେଇ ମୁଖ୍ୟମନ୍ତ୍ରୀ ଦେଇଥିବା ୫ ଦଫା ପରାମର୍ଶକୁ ଏହି ପ୍ରକଳ୍ପରେ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି। ଉକ୍ତ ପ୍ରକଳ୍ପ ମଞ୍ଜୁରୀ ପାଇଁ ପ୍ରସ୍ତୁତ ମାଷ୍ଟର ପ୍ଲାନ୍‌କୁ ସିଡିଏ ଉପାଧ୍ୟକ୍ଷ ତଥା ସିଏମ୍‌ସି କମିଶନର ନିଖିଲ ପଓନ କଲ୍ୟାଣ ଉପସ୍ଥାପନ କରିଥିଲେ। କମିଟିର ସଦସ୍ୟମାନେ ଏହାକୁ ତର୍ଜମା କରିଥିଲେ। ପ୍ରକଳ୍ପର ରକ୍ଷଣାବେକ୍ଷଣ ସହ ସଂସ୍କୃତି ଏବଂ ପରିବେଶ ସନ୍ତୁଳନ ଉପରେ ଗୁରୁତ୍ୱ ଦେଇ ମାଷ୍ଟରପ୍ଲାନ୍‌ରେ କେତେକ ପରିବର୍ତ୍ତନ ଆଣିବା ପାଇଁ ମୁଖ୍ୟ ଶାସନ ସଚିବ ଜେନା ପରାମର୍ଶ ଦେଇଛନ୍ତି। ଗୁରୁବାର ମୁଖ୍ୟ ଶାସନ ସଚିବ କଟକ ସହରରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ। ସିଡିଏର ଅନ୍ୟାନ୍ୟ ପ୍ରକଳ୍ପ ଭାବେ ରତାଗଡ଼ ଟାଉନ ପ୍ଲାନିଂ ସ୍କିମ୍, କୋର୍ ଏରିଆ ରେଗୁଲେସନ୍ସ, ସିଡିଏରେ ମିଶିଥିବା ନୂତନ ଗ୍ରାମ ସହ ବାଦାମବାଡିସ୍ଥିତ ଅନୁଗୋଳ-ପୁରୀ ବସ୍‌ଷ୍ଟାଣ୍ଡ ନିକଟରେ ନିର୍ମାଣ ହେବାକୁ ଥିବା ବିଶ୍ୱନାଥ ପଣ୍ଡିତ ପାଠାଗାର, ନେତାଜୀ ସଂଗ୍ରହାଳୟ ନିକଟ ପୁରୁଣା ଜେଲ୍‌ର ଉନ୍ନତୀକରଣ, ପେଟାନାଳର ଉନ୍ନତୀକରଣ ଓ ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀ ସ୍ମୃତିପୀଠ ଉନ୍ନତୀକରଣ ପ୍ରକଳ୍ପଗୁଡ଼ିକ ଜେନା ସମୀକ୍ଷା କରିଛନ୍ତି। ସହର ଆଖପାଖ ଅଞ୍ଚଳର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା, ସହର ମଧ୍ୟରେ ଭିଡ଼ ହ୍ରାସ କରିବା ଓ ବକ୍ସଡ୍ରେନ୍ କାମ ଶୀଘ୍ର ଶେଷ କରିବା ପାଇଁ ଜେନା ପରାମର୍ଶ ଦେଇଥିଲେ। ସେ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ସିଲ୍‌ଭର ସିଟି ବୋଟ୍ କ୍ଲବ ପରିଦର୍ଶନ କରିଥିଲେ। ଏଥିସହ ବାଲିଯାତ୍ରା ପଡ଼ିଆ ନିକଟସ୍ଥ ମହାନଦୀ କୂଳକୁ ଯାଇ ମହାନଦୀ କୂଳ ଉନ୍ନତୀକରଣ ପ୍ରକଳ୍ପ ସଂକ୍ରାନ୍ତରେ ସେ ଅନୁଧ୍ୟାନ କରିଥିଲେ ।

ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି. ମାଥିଭାଥନନ୍, ପୂର୍ତ୍ତ ବିଭାଗ ସ୍ୱତନ୍ତ୍ର ସଚିବ ହେମନ୍ତ କୁମାର ଦତ୍ତ, ପର୍ଯ୍ୟଟନ ବିଭାଗ ଅତିରିକ୍ତ ସଚିବ ବାଳକୃଷ୍ଣ ଭୂୟାଁ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାୟ, ଇଷ୍ଟେଟ ନିର୍ଦ୍ଦେଶକ ସୁଶାନ୍ତ ମହାନ୍ତି, ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସମେତ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ସମୀକ୍ଷା ବୈଠକରେ ଯୋଗଦେଇଥିଲେ।

### ମନ୍ତ୍ରୀଙ୍କ ସହ ଓଷ୍ଟାର ଆଲୋଚନା

**ଭୁବନେଶ୍ୱର,୨୭।୭(ଅନୁରାଧା ମହାରଣା)**

ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ସହ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ପ୍ରତିନିଧିମାନେ ଆଲୋଚନା କରିଛନ୍ତି। ଗୁରୁବାର ସଚିବାଳୟରେ ହୋଇଥିବା ଏହି ଆଲୋଚନା ସକାରାତ୍ମକ ଥିଲା ବୋଲି ଓଷ୍ଟା ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ସୂଚନା ଦେଇଛନ୍ତି। ଓଷ୍ଟା ପକ୍ଷରୁ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ବିଭିନ୍ନ ବର୍ଗର ଶିକ୍ଷୟିତ୍ରୀଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରମୁଖ ଦାବି ମଧ୍ୟରେ ଯୋଗ୍ୟ ବିବେଚିତ ବିଦ୍ୟାଳୟକୁ ଅନୁଦାନ, ସପ୍ତମ ବେତନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ଶିକ୍ଷକ ଓ କର୍ମଚାରୀଙ୍କୁ ପେନସନ୍ ପ୍ରଦାନ, ଖାଲିଥିବା ଶିକ୍ଷକ ପଦବୀ ପୂରଣ, କ୍ରୀଡ଼ା ଶିକ୍ଷକଙ୍କୁ ବିଏବିପିଏଡ୍ ସ୍କେଲ୍‌ରେ ଦରମା ପ୍ରଦାନ ପ୍ରଭୃତି ରହିଛି। ଆଲୋଚନାରେ ଓଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ର, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ସମ୍ପାଦକ ମାଣିକେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ଆମେରିକାର ୱାଶିଂଟନ୍‌ରେ ହେବାକୁ ଥିବା ବିଶ୍ୱ ସଂସ୍କୃତି କାର୍ଯ୍ୟକ୍ରମରେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗୁରୁବାର ଶ୍ରୀ ଶ୍ରୀ ୟୁନିଭର୍ସିଟିର ପ୍ରେସିଡେଣ୍ଟ ପ୍ରଫେସର ରାଜିତା କୁଲକର୍ଣ୍ଣୀ ନିମନ୍ତ୍ରଣପତ୍ର ପ୍ରଦାନ କରୁଛନ୍ତି।

### ସ୍ତ୍ରୀ ହତ୍ୟା ଅଭିଯୋଗରେ ସ୍ୱାମୀ କୋର୍ଟ ଚାଲାଣ

**କଟକ ସଦର,୨୭।୭(ସୁଶାନ୍ତ କୁମାର ଜେନା)**

ସ୍ତ୍ରୀଙ୍କୁ ହତ୍ୟା କରିବା ଅଭିଯୋଗରେ କନ୍ଦରପୁର ପୋଲିସ ସ୍ଥାନୀୟ ଦେଓପୁର ଭୋଇସାହିର କାଳିଆ ଭୋଇ (୩୩)ଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। କାଳିଆ ୨୦୧୮ରେ ବିରିଡ଼ି ଥାନା ଅଧୀନ ଚାନ୍ଦପୁର ଗ୍ରାମର ରୁନି ଭୋଇଙ୍କୁ ବିବାହ କରିଥିଲେ। ବିବାହର କିଛିବର୍ଷ ପରେ ଉଭୟଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ବୁଧବାର ସକାଳେ ପାଟିତୁଣ୍ଡ ହୋଇଥିଲା। ଏଥିରେ କାଳିଆ ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆରେ ରୁନିଙ୍କ ଗଳାକାଟି ହତ୍ୟା କରିଥିଲେ। ପରେ ଥାନାକୁ ଯାଇ ଆତ୍ମ ସମର୍ପଣ କରିବା ସହ ଦୋଷ ସ୍ୱୀକାର କରିଥିଲେ। ଏନେଇ ମୃତା ମହିଳାଙ୍କ ଭାଇ ଚଇତା ଭୋଇ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୧୪୧/୨୩) ରୁଜୁ କରିଥିଲା।

### ସାକ୍ଷୀଙ୍କ ଘର ଉପରକୁ ବୋମାମାଡ଼

**ପୁରୀ,୨୭।୭(ଅଜିତ ମହାନ୍ତି)**

ପୁରୀ ସଦର ଥାନା ଅନ୍ତର୍ଗତ ମୁକୁନ୍ଦମିଶ୍ର ନଗରର ବିଜୟ ଖୁଣ୍ଟିଆଙ୍କ ଘର ଉପରକୁ ଗୁରୁବାର ବୋମାମାଡ଼ ହୋଇଛି। ବୋମାମାଡ଼ରେ କାହାର କିଛି କ୍ଷତି ହୋଇ ନ ଥିଲେ ମଧ୍ୟ ବିଜୟଙ୍କ ଘରର କାଚ ଭାଙ୍ଗିଯାଇଛି। ୨ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଏହି ବୋମାମାଡ଼ କରିଥିବା ବିଜୟ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ମାମଲା (ନଂ.୧୩୯/୨୩) ରୁଜୁ କରି ତଦନ୍ତ ଚଳାଇଛି। ବିଜୟଙ୍କ କହିବା କଥା, ଗତ ୩ ବର୍ଷ ପୂର୍ବେ ତାଙ୍କ ସାନ ପୁଅ ଦୀପକଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରିଥିଲେ। ସେହି ଅଭିଯୁକ୍ତମାନଙ୍କ ମାମଲା ଏବେ କୋର୍ଟରେ ଚାଲିଛି। ଆସନ୍ତା ମାସ ୧୦ ତାରିଖରେ ଏହି ମାମଲାକୁ ନେଇ ସାକ୍ଷ୍ୟ ଗ୍ରହଣ ରହିଛି। ତେବେ ଏହା ପୂର୍ବରୁ ବିଜୟଙ୍କ ପରିବାରକୁ ଭୟଭୀତ କରିବା ପାଇଁ ଅଭିଯୁକ୍ତଙ୍କ କିଛି ସାଥୀ ଏହି ବୋମାମାଡ଼ କରିଛନ୍ତି।

### 'ଦ୍ୱିତୀୟ ସାଲବେଗ ଥିଲେ ସିକନ୍ଦର ଆଲାମ୍'



ସିକନ୍ଦର ଆଲାମ୍‌ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ବ୍ୟକ୍ତିବିଶେଷ। (ଫଟୋ: ମୌସମ୍ ନନ୍ଦ)

**ଭୁବନେଶ୍ୱର,୨୭।୭(ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଶା ସଙ୍ଗୀତ ଜଗତର ଉଜ୍ଜଳ ତାରକା ବିଶିଷ୍ଟ ସଙ୍ଗୀତଜ୍ଞ ଓ କଣ୍ଠଶିଳ୍ପୀ ମହମ୍ମଦ ସିକନ୍ଦର ଆଲାମ୍‌ଙ୍କ ୮୪ତମ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁବାର ରବୀନ୍ଦ୍ର ମଣ୍ଡପ ସମ୍ମୁଖସ୍ଥ ପ୍ରତିମୂର୍ତ୍ତିସ୍ଥଳରେ ପାଳିତ ହୋଇଯାଇଛି। ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ କାମଦେବ ମହାପାତ୍ର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ମେୟର ସୁଲୋଚନା ଦାସ, ସ୍ୱର୍ଗତ ଆଲାମ୍‌ଙ୍କ କନ୍ୟା ସୋଫିଆ ଆଲାମ୍, ପୂର୍ବତନ ବିଧାୟକ ମାୟାଧର ଜେନା, ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଡ. ମିହିର ପଟ୍ଟନାୟକ, ପ୍ରଗତି ରଥ, ବିଜେଡି ଯୁଗ୍ମ ସମ୍ପାଦକ ରୁଦ୍ରନାରାୟଣ ସାମନ୍ତରାୟ, ଉଇ ଫର୍ ଭୁବନେଶ୍ୱର ପକ୍ଷରୁ ନରେନ୍ ସାହୁ, ସଂଯୁକ୍ତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ଆଲାମ୍ କଟକ ଜିଲା ବୟାଳିଶ ମୌଜାର ରାଉତରାପୁର ଗ୍ରାମରେ ଜନ୍ମଗ୍ରହଣ କରି ପିଲାବେଳୁ ସଙ୍ଗୀତ ସାଧନା କରିଥିଲେ। ବିଭିନ୍ନ ପ୍ରତିଷ୍ଠିତ ଗୁରୁଙ୍କଠାରୁ ସଙ୍ଗୀତ ଶିକ୍ଷା କରି ଏହି କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିଲେ। ସେ ବିଭିନ୍ନ ଚଳଚ୍ଚିତ୍ରରେ ସଙ୍ଗୀତ ଗାନ କରିବା ସହ ଛାନ୍ଦ, ଚଉପଦି, ଚମ୍ପୂ, ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ, ପଲ୍ଲୀଗୀତ ଓ ଭଜନ ପ୍ରଭୃତି ଗାନ କରିଥିଲେ। ପ୍ରଥମ ଓଡ଼ିଆ ଭାବେ ସେ ବିବିସିରେ ସଙ୍ଗୀତ ଗାନ କରିଥିଲେ। ତାଙ୍କ ସୁଲଳିତ କଣ୍ଠରେ ପରିବେଷିତ ଭଜନ ଆଜି ବି ଶ୍ରୋତୃମଣ୍ଡଳୀଙ୍କ ମଧ୍ୟରେ ଭକ୍ତିଭାବ ସୃଷ୍ଟି କରିଥାଏ। ଆମ ସମୟର ଦ୍ୱିତୀୟ ସାଲବେଗ ଭାବେ ତାଙ୍କୁ ଓଡ଼ିଶାବାସୀ ସମ୍ବୋଧନ କରିଥାନ୍ତି ବୋଲି ଉପସ୍ଥିତ ବ୍ୟକ୍ତି ବିଶେଷ ମତ ଦେଇଥିଲେ। ଉପଶାସନ ସଚିବ ମାଥିଆସ ତିର୍କୀ ଧନ୍ୟବାଦ ଦେଇଥିଲେ।

## ବର୍ଷାରେ ଧୋଇଗଲା ପାଣ୍ଡିଆବିଲି ରାସ୍ତା

**ଜଟଣୀ,୨୭।୭(ରବୀନ୍ଦ୍ର ନାଥ ମହାକୁଡ଼)**



ଲଘୁଚାପଜନିତ ବର୍ଷା ଯୋଗୁ ବୁଧବାର ସନ୍ଧ୍ୟାରେ ଜଟଣୀ ବ୍ଲକ ବେଣାପଞ୍ଜରୀ ପଞ୍ଚାୟତ ଅନ୍ତର୍ଗତ ପାଣ୍ଡିଆବିଲିକୁ ଯାଇଥିବା ରାସ୍ତା ଧୋଇଯାଇଛି। ଫଳରେ ପୁରୀ ଜିଲା କଣାସ, ଡେଲାଙ୍ଗ ଓ ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକର କେତେକ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଏଥିସହ ଉକ୍ତ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି।

ପୁରୀ ଓ ଖୋର୍ଦ୍ଧା ଜିଲାର ପ୍ରାୟ ୫୦ଟି ଗ୍ରାମର ଲୋକେ ଯାତାୟାତ ପାଇଁ ଉକ୍ତ ରାସ୍ତା ଉପରେ ନିର୍ଭର କରିଥାନ୍ତି। ତେବେ ବର୍ଷାରେ ରାସ୍ତା ଧୋଇଯିବା ପରେ ବିଭିନ୍ନ କାର୍ଯ୍ୟ ପାଇଁ ଜଟଣୀ ସହରକୁ ଆସିବା ପାଇଁ ଉକ୍ତ ଗ୍ରାମବାସୀଙ୍କୁ ୨୫ କିଲୋମିଟର ବୁଲି ଆସିବାକୁ ପଡୁଛି। ଏପରିକି ସ୍କୁଲ ଯିବା ପାଇଁ ପିଲାମାନେ ହଇରାଣ ହେଉଛନ୍ତି। ଏ ସମ୍ପର୍କରେ ଜଟଣୀ ବିଡିଓ ସରୋଜ କୁମାର ରାଉତ କହିଛନ୍ତି, ବର୍ଷାରେ ଉକ୍ତ ରାସ୍ତା ଧୋଇଯାଇଥିବା ବେଳେ ପ୍ରଶାସନ ସଜାଗ ରହିଛି। ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କ ଯାତାୟାତ ପାଇଁ ମୋଟର ବୋଟ୍ ଏବଂ ଲାଇଫ ଜ୍ୟାକେଟର ବ୍ୟବସ୍ଥା କରାଯାଇଛି। ତେବେ ଦୟାନଦୀରେ ଜଳସ୍ତର ବଢ଼ିଲେ ମୋଟର ବୋଟ୍ ଯାତାୟାତ କରିପାରିବ ବୋଲି ରାଉତ କହିଛନ୍ତି। ଅନ୍ୟପକ୍ଷରେ ପାଣ୍ଡିଆବିଲିକୁ ଯିବା ପାଇଁ ଦୟାନଦୀରେ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇଥିବା ବେଳେ ଏଠାରେ ବ୍ରିଜ୍ କରାଯିବା ପାଇଁ ବହୁ ବର୍ଷଧରି ଦାବି ହୋଇଆସୁଅଛି। ଘୋରଡିଆଠାରେ ଏକ ବ୍ରିଜ ନିର୍ମାଣ ହେଉଥିବାରୁ ପାଣ୍ଡିଆବିଲିଠାରେ ବ୍ରିଜ୍ ନିର୍ମାଣ ଦାବିକୁ ବିଭାଗ ପକ୍ଷରୁ ନାକଚ କରିଦିଆଯାଇଥିବା ଜଣାପଡ଼ିଛି। ଉକ୍ତ ଅସ୍ଥାୟୀ ରାସ୍ତା ବନ୍ୟାଜଳ କିମ୍ବା ଲଗାଣ ବର୍ଷାରେ ଧୋଇଯାଉଥିବା ନଜିର ରହିଛି। ଏଥିପ୍ରତି ପ୍ରଶାସନ ଓ ସ୍ଥାନୀୟ ନେତା ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ବ୍ଲାକ୍ ଗ୍ରେପ୍‌ସ ଇଣ୍ଡିଆର ଓଫେମ ୨.୦ ରେଷ୍ଟୁରାଣ୍ଟ

**ଫୁଲନଖରା,୨୭।୭ (ସତ୍ୟରଞ୍ଜନ ଦାସମହାପାତ୍ର)**

କଟକ-ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର ପାହାଲଠାରେ ନୂତନ ଭାବେ ଓଫେମ ୨.୦ ରେଷ୍ଟୁରାଣ୍ଟ ଶୁକ୍ରବାରଠାରୁ ଗ୍ରାହକଙ୍କ ପାଇଁ ନିୟମିତ ଖୋଲିବ। ଏଠାରେ ଇଣ୍ଡିଆନ, କଣ୍ଟିନେଣ୍ଟାଲ, ଚାଇନିଜ୍, ତନ୍ଦୁରୀ, ମଲ୍ଟି କ୍ୟୁଜାଇନ ଖାଦ୍ୟ ଉପଲବ୍ଧ ହେବ। ଏହି ରେଷ୍ଟୁରାଣ୍ଟ ଅତ୍ୟନ୍ତ ଆଧୁନିକ ଶୈଳୀରେ ନିର୍ମାଣ ହୋଇଥିବାବେଳେ ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରହିଛି। ଗୁରୁବାର ଏଠାରେ ୭୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ବିନା ମୂଲ୍ୟରେ ଖାଦ୍ୟ ଦିଆଯାଇଥିଲା। ସେମାନେ ଏହାକୁ ଖାଇ ଆତ୍ମସନ୍ତୋଷ ଲାଭ କରିଥିଲେ। ରେଷ୍ଟୁରାଣ୍ଟର କର୍ମଚାରୀ ତଥା ପରିଚାଳନା ଦାୟିତ୍ୱରେ ଥିବା ବ୍ଲାକ ଇଣ୍ଡିଆ କର୍ମକର୍ତ୍ତା ଉପସ୍ଥିତ ରହି ସେମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ହୋଟେଲ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବ୍ଲାକ୍ ଗ୍ରେପ୍‌ସ ଇଣ୍ଡିଆର ପାର୍ଟନର ରୋଶନ ପ୍ରଧାନ ଓ ନରେନ୍ଦ୍ର ଅଗ୍ରୱାଲ ଉପସ୍ଥିତ ରହି ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।



ହୋଟେଲ ପରିସରରେ ଦୃଷ୍ଟିବାଧିତ ପିଲାଙ୍କ ସହ ଅନ୍ୟମାନେ।

## ଦିନରେ ଫେରିବାଲା, ରାତିରେ ଚୋରି

- ଆନ୍ତଃ ରାଜ୍ୟ ଲୁଟେରା ଗ୍ୟାଙ୍ଗର ୩ ଗିରଫ
- ୫କେଜି ରୁପା, ୨୫୦ ଗ୍ରାମ ସୁନା ଅଳଙ୍କାର, ମୃତ ବଜ୍ରକାପ୍ତା ଜବତ

**ଖୋର୍ଦ୍ଧା,୨୭।୭(ପ୍ରଭାତ ପାଣିଗ୍ରାହୀ)**



ଖବରଦାତା ସମ୍ମିଳନୀରେ ଏସ୍‌ପି ସିଦ୍ଧାର୍ଥ କଟାରିଆ ସୂଚନା ଦେଉଛନ୍ତି।

ଦିନରେ ଫେରିବାଲା। ରାତିରେ ଘରେ ପଶି କଳାକନା ବୁଲାଉଥିଲେ। ଖୋର୍ଦ୍ଧା ପୋଲିସ ହାତରେ ଲାଗିଛି ଏହି ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ। ଏହି ଗ୍ୟାଙ୍ଗର ୩ଜଣଙ୍କୁ ଗିରଫ କରିଛି ପୋଲିସ। ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱରର ଲିଙ୍ଗରାଜ ଥାନା ଅଧୀନ ଶିଶୁପାଳଗଡ଼ ଅଞ୍ଚଳର ପ୍ରଶାନ୍ତ ପାତ୍ର, ପୁରୀ ଜିଲା କଣାସ ଥାନା ଚନ୍ଦ୍ରପଡ଼ା ଅଞ୍ଚଳର ରାହୁଲ ପ୍ରଧାନ ଏବଂ ନୟାଗଡ ସଦର ଥାନା ଅଞ୍ଚଳର ପ୍ରଶାନ୍ତ ନାୟକ। ଏମାନଙ୍କଠାରୁ ୫କେଜି ରୁପା, ୨୫୦ଗ୍ରାମ ସୁନା ଅଳଙ୍କାର, ଘରଭଙ୍ଗା ଯନ୍ତ୍ରପାତି ଓ ମୃତ ବ୍ରଜାକାପ୍ତା ଜବତ କରାଯାଇଛି। ଖୋର୍ଦ୍ଧା ସମେତ କଟକ, ପୁରୀ, ନୟାଗଡ଼, ଗଞ୍ଜାମ ଜିଲାରେ ଶହେରୁ ଊର୍ଦ୍ଧ୍ୱ ମାମଲାରେ ଅଭିଯୁକ୍ତମାନେ ଜଡିତ ରହିଛନ୍ତି। ଏହି ଗ୍ୟାଙ୍ଗର ନୟାଗଡ଼, ପୁରୀ ଓ ଗଞ୍ଜାମ ଅଞ୍ଚଳର ୧୨ରୁ ୧୫ଜଣ ଲୁଟେରା ଫେରାର ଅଛନ୍ତି। ଖୁବ୍‌ଶୀଘ୍ର ଏମାନଙ୍କୁ ଗିରଫ କରାଯିବ ବୋଲି ଗୁରୁବାର ଜିଲା ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ସୂଚନା ଦେଇଛନ୍ତି। ଏହି ଗ୍ୟାଙ୍ଗ ଦିନରେ ଫେରିବାଲାଭାବେ ବୁଲିବା ସହିତ ଘର ଉପରେ ନଜର ରଖୁଥିଲେ। ସୁଯୋଗ ଦେଖି ରାତିରେ ଘରେ ପଶି ଚୋରି କରୁଥିଲେ। ବୋଲଗଡ଼ ଥାନା ଅଧୀନ ମାଣିକାଗୋଡା ଗ୍ରାମର ହରେକୃଷ୍ଣ ସାହୁ ଗତ ୧୯ ତାରିଖରେ ଚୋରି ହୋଇଥିବା ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୧୯୪/୨୩) ରୁଜୁ ହୋଇଥିଲା। ଏସ୍‌ପି କଟାରିଆଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ଦିଲୀପ ଦାସଙ୍କ ନେତୃତ୍ୱରେ ବୋଲଗଡ଼, ଆଦର୍ଶ ଥାନାର ପୋଲିସ ଅଧିକାରୀ ଏବଂ ସ୍ପେଶାଲ ସ୍କ୍ୱାଡ୍‌କୁ ନେଇ ଟିମ୍ ଗଠନ ହୋଇଥିଲା। ବୋଲଗଡ଼ ଜଙ୍ଗଲରୁ ଏହି ଲୁଟେରା ଗ୍ୟାଙ୍ଗକୁ ଧରିବାରେ ପୋଲିସ ସକ୍ଷମ ହୋଇଥିବା ବେଳେ ଅନ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ସେମାନଙ୍କୁ ଧରିବାକୁ ପୋଲିସ ଚେଷ୍ଟା ଚଳାଇଛି।

## ସଂକ୍ଷେପରେ

## କାର୍ଯ୍ୟରେ ଯୋଗଦେବେ, ଆନ୍ଦୋଳନରୁ ଓହରିବେନି

### ୬୬୨ ବର୍ଗ କଲେଜ ମହାସଂଘ ସହ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଆଲୋଚନା

ଭୁବନେଶ୍ୱର,୨୭।୭(ଅନୁରାଧା ମହାରଣା): ଦୀର୍ଘ ୧୬୫ ଦିନର ଧାରଣା ପରେ ଦୁଇଦିନ ହେଲା କଲେଜରେ ପାଠପଢ଼ା ବନ୍ଦ କରି ୬୬୨ ବର୍ଗ କଲେଜ ମହାସଂଘ ମହାଆନ୍ଦୋଳନକୁ ଓହ୍ଲାଇଛି। ୪ ଦଫା ଦାବିରେ ହଜାର ହଜାର ସଂଖ୍ୟକ ଅଧାପିକା ଅଧାପକ ଓ କର୍ମଚାରୀ ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ପରେ ମହାସଂଘର ଏକ ପ୍ରତିନିଧି ଦଳ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ଭେଟି ଆଲୋଚନା କରିଛନ୍ତି। ଆସନ୍ତା ୧୧ ତାରିଖ ସୁଦ୍ଧା ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏବଂ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ନାୟକ ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଅଧାପକମାନେ ଆନ୍ଦୋଳନରେ ବସିରହିବାରୁ ପିଲାଙ୍କ ପାଠପଢ଼ା ପ୍ରଭାବିତ ହେଉଛି। ତେଣୁ କାର୍ଯ୍ୟବନ୍ଦ ଆନ୍ଦୋଳନରୁ ଓହରିଯିବା ପାଇଁ ମନ୍ତ୍ରୀ ସେମାନଙ୍କୁ ଅନୁରୋଧ କରିଛନ୍ତି। ଏହି ଅନୁରୋଧ କ୍ରମେ ଆନ୍ଦୋଳନକାରୀମାନେ କାର୍ଯ୍ୟରେ ଯୋଗଦେବେ ମାତ୍ର ଆନ୍ଦୋଳନ ଜାରି ରହିବ ବୋଲି ସ୍ପଷ୍ଟ କରିଛନ୍ତି। ପ୍ରତିଦିନ ୩୦ ଜଣ କର୍ମଚାରୀ ଆନ୍ଦୋଳନରେ ଯୋଗ ଦେବେ। ସୂଚନା ଥାଉ କି, ସଂଘର ୪ ଦଫା ଦାବି ରହିଛି। ସମାନ ଗ୍ରେଡ୍ ପେ ଆଧାରରେ ସମସ୍ତ ବର୍ଗଙ୍କୁ ସମାନ ଦରମା ପ୍ରଦାନ, ଏହି ବର୍ଗର କର୍ମଚାରୀଙ୍କୁ ପେନସନ ପରିସରଭୁକ୍ତ କରିବା, ୨୦୧୮ ଜିଓ ଅର୍ନ୍ତଭୁକ୍ତ କର୍ମଚାରୀଙ୍କୁ ସପ୍ତମ ବେତନ ହାରରେ ଦରମା ପ୍ରଦାନ ଏବଂ ବାଦ୍ ପଡ଼ିଥିବା କର୍ମଚାରୀଙ୍କୁ ଅନୁଦାନ ପ୍ରଦାନ ଦାବି କରାଯାଇଛି। ଏହି ଦାବିରେ ଫେବୃୟାରୀ ୧୩ ତାରିଖରୁ ଲୋୟର ପିଏମ୍‌ଜିରେ ଆନ୍ଦୋଳନ ଜାରି ରହିଛି।

## ବଳଭଦ୍ର ପ୍ରହରାଜ ବଡମ୍ବା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି

ବଡ଼ମ୍ବା,୨୭। ୭(ମାୟାଧର ମଲ୍ଲିକ ): ବଡମ୍ବା ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଭାବେ ଯୁବନେତା ବଳଭଦ୍ର ପ୍ରହରାଜ ମନୋନୀତ ହୋଇଛନ୍ତି। ତାଙ୍କ ଘର ବଡ଼ମ୍ବା ବ୍ଲକ ଅନ୍ତର୍ଗତ କଣ୍ଟୋ ଗ୍ରାମରେ। ସେ ବେଲିଆପାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ସାମାଜିକ କର୍ମୀ କାଳନ୍ଦୀ ଚନ୍ଦ୍ର ମିଶ୍ରଙ୍କ ପୁତ୍ର। ସେ ପୂର୍ବରୁ କଂଗ୍ରେସ ଛାତ୍ର ସଂସଦର ସାଧାରଣ ସମ୍ପାଦକ, ବଡମ୍ବା ନିର୍ବାଚନ ମଣ୍ଡଳୀ ଛାତ୍ର କଂଗ୍ରେସ ସଭାପତି, ସୋସିଆଲ ମିଡିଆ କର୍ମକର୍ତ୍ତା ଏବଂ କଟକ ଜିଲା ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ପ୍ରହରାଜ ଉକ୍ତ ନୂତନ ପଦବୀ ପାଇବା ପରେ ଜାତୀୟ ଯୁବ କଂଗ୍ରେସ ସଭାପତି ଶ୍ରୀନିବାସ ବିଭି, ପିସିସି ସଭାପତି ଶରତ ପଟ୍ଟନାୟକ, ଜିଲା ସଭାପତି ମାନସ ଚୌଧୁରୀ, ବିଧାୟକ ମହମ୍ମଦ ମୋକିମ, ପୁର୍ବତନ ରାଜ୍ୟ ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କା, ବଡମ୍ବା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ସ୍ୱର୍ଗତ ଅମିୟ ପଟ୍ଟନାୟକ, ଶିଶିର ମିଶ୍ର ଓ ମନୋଜ ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଶିକ୍ଷକ ଅଛନ୍ତି, ଛାତ୍ରୀଛାତ୍ର ଆସୁନାହାନ୍ତି


ସ୍କୁଲକୁ ପିଲାମାନେ ପଢ଼ିବାକୁ ଆସୁ ନ ଥିବାରୁ ଶିକ୍ଷୟିତ୍ରୀଶିକ୍ଷକମାନେ କାର୍ଯ୍ୟାଳୟରେ ବସି ରହିଛନ୍ତି।


ପିଲାମାନେ ଆସି ନ ଥିବାରୁ ଶ୍ରେଣୀ ଗୃହ ଖାଲି ପଡିଛି।

ରଘୁନାଥପୁର,୨୭।୭ (ରାଜେନ୍ଦ୍ର ନାରାୟଣ ସିଂହ)

- ୩ ଦିନ ହେଲା ପାଠପଢ଼ା ଠପ୍
- ଶିକ୍ଷୟିତ୍ରୀଙ୍କ ଡେପୁଟେଶନ ବାତିଲ ଦାବି
- ମହେଶ୍ୱର ସରକାରୀ ଉ.ପ୍ରା. ବିଦ୍ୟାଳୟ

ସରକାର ଶିକ୍ଷାକ୍ଷେତ୍ରରେ ଅର୍ଥ ବିନିଯୋଗ କରୁଛନ୍ତି। ସଭିଏଁ ପଢ଼ନ୍ତୁ ଓ ଶିକ୍ଷିତ ହୁଅନ୍ତୁ ସ୍ଲୋଗାନ ଦେଉଛନ୍ତି। ହେଲେ ଜଣେ ଶିକ୍ଷୟିତ୍ରୀଙ୍କ ଡେପୁଟେଶନ ବାତିଲ ଦାବି କରି ୩ ଦିନ ହେଲା ବିଦ୍ୟାଳୟକୁ ଛାତ୍ରୀଛାତ୍ର ଆସୁନାହାନ୍ତି। ଏହା ଶିକ୍ଷା ବ୍ୟବସ୍ଥାର ପାରିବାପଣିଆକୁ ପଦାରେ ପକାଇଛି। ଫଳରେ ଉକ୍ତ ବିଦ୍ୟାଳୟରେ ପାଠପଢ଼ା ବନ୍ଦ ହୋଇଯାଇଛି। ଶିକ୍ଷୟିତ୍ରୀଶିକ୍ଷକ ଆସି ବିଦ୍ୟାଳୟ କାର୍ଯ୍ୟାଳୟରେ ବସି ରହିବା ସାର ହେଉଛି। ଏପରି ବ୍ୟତିକ୍ରମ ଦେଖିବାକୁ ମିଳିଛି ରଘୁନାଥପୁର ବ୍ଲକ ଜଇପୁରସ୍ଥିତ ମହେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ।

ଉକ୍ତ ବିଦ୍ୟାଳୟରେ ୧୭୦ଜଣ ଛାତ୍ରୀଛାତ୍ରଙ୍କ ପାଇଁ ୭ ଜଣ ଶିକ୍ଷୟିତ୍ରୀଶିକ୍ଷକ ଶିକ୍ଷାଦାନ ନିମନ୍ତେ ନିୟୋଜିତ ଅଛନ୍ତି। ସ୍ଥାନୀୟ ନୂଆପଡ଼ା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନ ଥିବାରୁ ମହେଶ୍ୱର ଉ.ପ୍ରା. ବିଦ୍ୟାଳୟରୁ ଶିକ୍ଷୟିତ୍ରୀ ସରସ୍ୱତୀ ସାସ୍‌ମଲଙ୍କୁ ୧୯ ତାରିଖରେ ଉକ୍ତ ବିଦ୍ୟାଳୟକୁ ଡେପୁଟେଶନରେ ପଠାଯାଇଥିଲା। ଜଣେ ଭଲ ପାଠ ପଢ଼ାଉଥିବା ଶିକ୍ଷୟିତ୍ରୀଙ୍କୁ ଡେପୁଟେଶନରେ ପଠାଯିବା କଥାକୁ ସହଜରେ ଛାତ୍ରୀଛାତ୍ର ଓ ଅଭିଭାବକ ଗ୍ରହଣ ପାରି ନ ଥିଲେ। ମଙ୍ଗଳବାର ବିଦ୍ୟାଳୟ ସମ୍ମୁଖରେ ବସି ଅଭିଭାବକମାନେ ଏହାର ପ୍ରତିବାଦ କରିବା ସହ ଛାତ୍ରୀଛାତ୍ର ଶ୍ରେଣୀଗୃହକୁ ପ୍ରବେଶ କରି ନ ଥିଲେ। ବୁଧବାର ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ ଓ ସିଆରସିସି ବିରୂପାକ୍ଷ ସେଠୀ ବିଦ୍ୟାଳୟରେ ପହଞ୍ଚି ଅଭିଭାବକଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସ ସୁଫଳ ମିଳି ନ ଥିଲା। ଉକ୍ତ ଶିକ୍ଷୟିତ୍ରୀଙ୍କ ଡେପୁଟେଶନ ଅର୍ଡର ବାତିଲ କରିବା ପାଇଁ ଅଭିଭାବକ ଓ ପରିଚାଳନା କମିଟି ସଭ୍ୟାସଭ୍ୟ ଅଧିକାରୀଙ୍କ ନିକଟରେ ଅଡ଼ି ବସିଥିଲେ। ଶିକ୍ଷା ବିଭାଗ ଓ ଅଭିଭାବକଙ୍କ ମଧ୍ୟରେ ବଳ କଷାକଷିରେ ୩ ଦିନ ଧରି ନିରୀହ ଛାତ୍ରୀଛାତ୍ରଙ୍କ ଶିକ୍ଷା ଆହରଣ ବାଧାପ୍ରାପ୍ତ ହେଉଛି।

ଏ ସମ୍ପର୍କରେ ମଣ୍ଡଳ ଶିକ୍ଷାଧିକାରୀ ସ୍ୱାଇଁ କହିଛନ୍ତି, ସ୍ଥାନୀୟ ନୂଆପଡ଼ା ସ୍କୁଲରେ ଶିକ୍ଷକ ନ ଥିବାରୁ ଉକ୍ତ ସ୍କୁଲକୁ କିଛିଦିନ ପାଇଁ ଶିକ୍ଷୟିତ୍ରୀ ସାସ୍‌ମଲଙ୍କୁ ପଠାଯାଇଛି। ଏହାଛଡ଼ା ମହେଶ୍ୱର ଉପ୍ରା ସ୍କୁଲରେ ଆବଶ୍ୟକତାଠାରୁ ଅଧିକ ଶିକ୍ଷକ ଅଛନ୍ତି। ଅଭିଭାବକମାନେ ବୁଝୁ ନ ଥିବାରୁ ଏ ସମ୍ପର୍କରେ ସେ ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇବେ ବୋଲି କହିଛନ୍ତି। ଅପରପକ୍ଷେ ଏ ସମ୍ପର୍କରେ ଗୁରୁବାର ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଥିବା ମହେଶ୍ୱର ଉପ୍ରା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ ସ୍ୱାଇଁ ପ୍ରକାଶ କରିଛନ୍ତି। ଡେପୁଟେଶନ ବାତିଲ ନ ହେବା ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଆସିବେ ନାହିଁ ବୋଲି ସେ କହିଛନ୍ତି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ମାହାଙ୍ଗା,୨୭।୭(ଯଯାତି ସିଂହ)

### ନାଳରୁ ମୃତଦେହ ଜବତ

ମାହାଙ୍ଗା ଥାନା ଶ୍ରୀକୃଷ୍ଣପୁର ପଞ୍ଚାୟତ ଅନ୍ତର୍ଗତ ଶ୍ରୀକୃଷ୍ଣପୁର(କୁଆଁପାଳ) ଦଳିତସାହିର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ସ୍ୱର୍ଗତ ନିରଞ୍ଜନ ଜେନାଙ୍କ ସ୍ତ୍ରୀ ଲତା(୪୨)। ପଟ୍ଟାମୁଣ୍ଡାଇ କେନାଲ ପାର୍ଶ୍ୱ ନାଳରେ ତାଙ୍କ ମୃତଦେହ ପଡ଼ିଥିବା ନେଇ ପୁଅ ଗୁରୁବାର ପୋଲିସକୁ ଖବର ଦେଇଥିଲେ। ଏନେଇ ଲତାଙ୍କ ବିବାହିତ ଝିଅ ଚିନ୍ମୟୀ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏହାପରେ ଥାନା ଆଇଆଇସି ବିଜୟ କୁମାର ମଲିକ, ଏସ୍‌ଆଇ ଇପ୍ସିତା ପ୍ରିୟଦର୍ଶନୀ,ଏଏସ୍‌ଆଇ ଭୀଷ୍ମ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ । ଏଥିସହ ସାଇଣ୍ଟିଫିକ୍ ଟିମ୍ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ତଦନ୍ତ କରାଯାଇଛି। ପୋଲିସ ଥାନାରେ ଅପମୃତ୍ୟୁ ମାମଲା (ନଂ.୧୮/୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ ବୋଲି ଆଇଆଇସି ମଲିକ ସୂଚନା ଦେଇଛନ୍ତି। ଲତାଙ୍କ ସହ ଜଣେ ସମ୍ପର୍କୀୟଙ୍କ ଦୀର୍ଘଦିନ ହେବ ବିବାଦ ଲାଗି ରହିଥିବାରୁ ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଥିବା କୁହାଯାଉଛି।

# ୫-ଟି ଅନ୍ତର୍ଭୁକ୍ତ ୮ ପ୍ରକଳ୍ପର ଶିଳାନ୍ୟାସ


ବିନ୍ଧାଣିମା ବାଳିକା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

ଟିଗିରିଆ,୨୭।୭(ଜାଫର ଖାଁ ):

ଟିଗିରିଆ ବ୍ଲକର ବିଭିନ୍ନ ପଞ୍ଚାୟତରେ ୨ କୋଟି ୮୪ ଲକ୍ଷ ଟଙ୍କା ବ୍ୟୟରେ ୪ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ୪ ହାଇସ୍କୁଲକୁ ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏଗୁଡ଼ିକର ରୂପାନ୍ତରଣ ପାଇଁ ଗୁରୁବାର ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଛି। ଜେମାଦେଇପୁର ହାଇସ୍କୁଲ, ବିନ୍ଧାଣିମା ବାଳିକା ଉଚ୍ଚ ବିଦ୍ୟାଳୟ, ସୋମପଡା ବିଡି ଶ୍ରମିକ ବିଦ୍ୟାନିକେତନ ହାଇସ୍କୁଲ ଓ ଭିରୁଡ଼ା ହାଇସ୍କୁଲର ଉନ୍ନତୀକରଣ ପାଇଁ ଶିଳାନ୍ୟାସ କରାଯାଇଛି। ଏନେଇ ପ୍ରତ୍ୟେକ ହାଇସ୍କୁଲରେ ୨୫ ଲକ୍ଷ ଟଙ୍କା ଲେଖାଏ ବ୍ୟୟ ବରାଦ କରାଯାଇଛି। ସେହିପରି ଗଦାଧରପୁର, ବଡ଼ନାଉପୁଟ, ଭୀରୁଡ଼ା ଓ ଅଚଳକୋଟ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ ନିମନ୍ତେ ଶିଳାନ୍ୟାସ କରାଯାଇଛି। ଏନେଇ ପତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରରେ ୪୬ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଟିଗିରିଆ ବିଡିଓ ପ୍ରଣବ କୁମାର ବେହେରା, ସହାୟକ ଯନ୍ତ୍ରୀ ଅଶୋକ ନନ୍ଦ, ବ୍ଲକ ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧ୍ୟକ୍ଷ ମାନସ ସାହୁ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟା ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦୩୦ ପ୍ରକଳ୍ପ , ୨୪୪ ପରିବାରଙ୍କ ୧୦୦ ଦିନର କାର୍ଯ୍ୟ ସମ୍ପୂର୍ଣ୍ଣ



ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣିରେ ଉପସ୍ଥିତ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।

ବଡ଼ମ୍ବା,୨୭।୭(ମାୟାଧର ମଲ୍ଲିକ )

### ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି

ବଡ଼ମ୍ବା ପଞ୍ଚାୟତ ସମିତି କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଗୁରୁବାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଞ୍ଚଦଶ ଅର୍ଥ କମିଶନ ଉପରେ ଆଧାରିତ କାର୍ଯ୍ୟକ୍ରମ ସମେତ ବ୍ଲକ ଅଧୀନ ସମସ୍ତ ୩୮ ପଞ୍ଚାୟତରେ କାର୍ଯ୍ୟକାରୀ ହୋଇଥିବା ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ର ସମୀକ୍ଷା କରାଯାଇଥିଲା। ପଞ୍ଚାୟତ ସମିତି ଅଧକ୍ଷ ରଘୁପତି ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଜନ ଶୁଣାଣିରେ ବ୍ଲକ ସହକାରୀ ଯନ୍ତ୍ରୀ ମାନସ ରଞ୍ଜନ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ବିଡିଓ ରମେଶ କୁମାର ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ହୋଇଥିବା ସମୀକ୍ଷା ଅନୁସାରେ ବ୍ଲକର ସମସ୍ତ ପଞ୍ଚାୟତରେ ସମୁଦାୟ ୨୧ହଜାର ୬୧୦ ପରିବାରକୁ ଜବ୍‌କାର୍ଡ ପ୍ରଦାନ କରାଯାଇଛି। ସେଥିରୁ ସମୁଦାୟ ୮୮୬୦ ପରିବାରଙ୍କୁ କାର୍ଯ୍ୟ ଯୋଗାଇ ଦିଆଯାଇଥିବା ସୂଚନା ମିଳିଛି। ସେହିପରି ସମୁଦାୟ ୨୪୪ ପରିବାର ୧୦୦ ଦିନର କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି। ଅପରପକ୍ଷରେ ସମୁଦାୟ ୧୨୭୭ ପ୍ରକଳ୍ପ କାର୍ଯ୍ୟ କରିବା ପାଇଁ ହାତକୁ ନିଆ ଯାଇଥିବାବେଳେ ସେଥିରୁ ୧୦୩୦ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ବୋଲି ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ଏମ୍‌ପିଙ୍କ ପ୍ରତିନିଧି ସଦାନନ୍ଦ ସ୍ୱାଇଁ, ସଭ୍ୟ ରଜନୀକାନ୍ତ ବଳବନ୍ତରାୟ, ଜିଲା ସାମାଜିକ ସମୀକ୍ଷକ କଳ୍ପନା ବିଶ୍ୱାଳ, ବ୍ଲକ ସାମାଜିକ ସମୀକ୍ଷକ ମମତା ସ୍ୱାଇଁ ପ୍ରମୁଖ ଯୋଗଦେଇ ସରକାରଙ୍କ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ମତ ପ୍ରଦାନ କରିଥିଲେ। ବ୍ଲକ ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ଈପ୍ସିତା ପ୍ରିୟଦର୍ଶନୀ ଧନ୍ୟବାଦ ଦେଇଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ,ଯନ୍ତ୍ରୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ଗ୍ରାମ ରୋଜଗାର ସେବକଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ବିଜେଡି ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

ବାଙ୍କୀ,୨୭।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ନିର୍ବାଚନ ମଣ୍ଡଳୀ ବିଜେଡି ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ବିଜୁ ଜନତାଦଳ କାର୍ଯ୍ୟାଳୟ ନିକଟସ୍ଥ ମହାରଣା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ ସଭାରେ ବିଜେଡି ନେତା ତଥା ଉପନଗରପାଳ ସନ୍ତୋଷ କୁମାର ରଣା ସଭାପତିତ୍ୱ କରିଥିଲେ। ଏଥିରେ ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଯୋଗଦେଇ ରାଜ୍ୟ ସରକାରଙ୍କ ୨୩ ବର୍ଷର ନିର୍ମଳ ଶାସନ ଉପରେ ବକ୍ତବ୍ୟ ରଖିଥିଲେ। କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଅନ୍ୟତମ ଅତିଥିଭାବେ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ଅମଳରେ ବାର୍ଷିକ ବଜେଟ୍ ୨ଲକ୍ଷ ୮ହଜାର କୋଟି ଟଙ୍କାରେ ପହଞ୍ଚିବା କହିଥିଲେ। ଅନ୍ୟତମ ଅତିଥିଭାବେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, କଟକ ଜିଲା ବିଜେଡି ସଭାପତି ଦେବାଶିଷ ସାମାନ୍ତରାୟ ଯୋଗଦେଇ ଥିଲେ। ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ବୈଠକରେ ଚାଷୀଙ୍କ ସୁବିଧା ପାଇଁ ଏଠାରେ ୩ ଶହ କୋଟି ଟଙ୍କା ବ୍ୟୟରେ ବୃହତ୍ ଜଳସେଚନ ପ୍ରକଳ୍ପ ଏବଂ ପଞ୍ଚାୟତବାସୀଙ୍କୁ ସ୍ୱଚ୍ଛ ପିଇବା ପାଣି ପାଇଁ ଯୋଗାଇ ଦେବା ପାଇଁ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି କହିଥିଲେ। ଏଥିରେ ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, ଡମପଡ଼ା ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ୍, ନଗରପାଳ ମାଣିକ ସାହୁ, ଜିଲା ପରିଷଦ ସଭ୍ୟ ଆଶିଷ ସାହୁ, ବାରଙ୍ଗ ବିଜେଡି ସଭାପତି ଅଶୋକ ରାଉତ, ସମବାୟବିତ୍ ସମରେନ୍ଦ୍ର ମହାପାତ୍ର, ବାଙ୍କୀ ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ।

# ୩୦ କିଲୋ ଗଞ୍ଜେଇ ଜବତ: ଯୁବକ ଗିରଫ

ଟିଗିରିଆ(ଜାଫର ଖାଁ)/ଆଠଗଡ, (ସତ୍ୟ ପ୍ରସାଦ ରଥ),୨୭।୭

ଅବକାରୀ ଅଧୀକ୍ଷକ ଦେବାଶିଷ ପଟେଲଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଆଠଗଡ ଉପଖଣ୍ଡ ଅବକାରୀ ବିଭାଗ ପକ୍ଷରୁ ଟିଗିରିଆ ଥାନା ଅଧୀନ ନୁଆସଡ଼କଠାରେ ଚଢ଼ାଉ କରାଯାଇ ୩୦ କିଲୋ ଗଞ୍ଜେଇ ଜବତ କରାଯାଇଛି। ଏହି କାରବାର ଅଭିଯୋଗରେ କନ୍ଧମାଳ ଜିଲା ଜି.ଉଦୟଗିରି ଥାନା ଅଧୀନ ଗୋଲସାହି ଗ୍ରାମର ଟୁନଟୁନ ଚୌଧୁରୀଙ୍କୁ ଗିରଫ କରାଯାଇଛି। ଏହି ଗଞ୍ଜେଇ ୨ଟି ବସ୍ତାରେ ବାହାରକୁ ଚାଲାଣ ପାଇଁ ଉଦ୍ୟମ କରାଯାଉଥିବା ବେଳେ ଧରାପଡ଼ିଥିଲା। ଏହାର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଆଠଗଡ ଅବକାରୀ ଉପଅଧୀକ୍ଷକ ପ୍ରମୋଦ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆଠଗଡ ରେଞ୍ଜ ଅବକାରୀ ନିରୀକ୍ଷକ କେଶବ ଚନ୍ଦ୍ର ଦାସ, ଉପ ନିରୀକ୍ଷକ ସୌମ୍ୟରଞ୍ଜନ ମାଝି, ସହକାରୀ ଉପନିରୀକ୍ଷକ ପଙ୍କଜ କୁଁଅର, ସହକାରୀ ଉପନିରୀକ୍ଷକ ସନ୍ତୋଷ କୁମାର ମହାରଣା ଓ ସନାତନ ବେହେରା ପ୍ରମୁଖ ଏହି ଚଢ଼ାଉରେ ସାମିଲ ହୋଇଥିଲେ ।

# ସ୍ୱାଧୀନତା ଦିବସରେ ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ମିଳିବ ପୁରସ୍କାର


ବୈଠକରେ ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

ବାଙ୍କୀ,୨୭।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଉପଖଣ୍ଡସ୍ତରୀୟ ୭୭ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଗୁରୁବାର ଉପ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା ସଭାପତିତ୍ୱ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକରୀ ଅମ୍ଲାନ ଦାଶ ସ୍ୱାଧୀନତା ଦିବସ ପାଳନ ପାଇଁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଉପଜିଲାପାଳ ସ୍ୱାଧୀନତା ଦିବସକୁ ସରସ ସୁନ୍ଦର କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ସ୍ୱାଧୀନତା ଦିବସ ଅବସରରେ ସକାଳ ୪ଟା ୩୦ମିନିଟରେ ସହରରେ ରାମଧୂନ ପ୍ରଚାର କରାଯିବା ସହ ଚର୍ଚ୍ଚିକା ବାଳିକା ହାଇସ୍କୁଲ ଛାତ୍ରୀମାନଙ୍କ ପକ୍ଷରୁ ପ୍ରଭାତ ଫେରି ଅନୁଷ୍ଠିତ ହେବ। ସକାଳ ୭ଟା୩୦ମିନିଟରେ ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ ଓ ସମସ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସକାଳ ୭ଟାରେ ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସ୍ଥାପିତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ଉପଜିଲାପାଳଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯିବ। ସକାଳ ୯ଟା୧୫ମିନିଟରେ ବାଙ୍କୀ କଚେରୀ ପଡ଼ିଆରେ ମୁଖ୍ୟଅତିଥି ତଥା ଉପଜିଲାପାଳ ରଞ୍ଜନ କୁମାର ଜେନା ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳନୀ ପରେଡରେ ଅଭିବାଦନ ଗ୍ରହଣ କରିବେ। ଚଳିତ ବର୍ଷ ହାଇସ୍କୁଲ ମାଟ୍ରିକ, ଯୁକ୍ତ ୨ ଓ ଯୁକ୍ତ ୩ର ଶ୍ରେଷ୍ଠ ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗର ବରିଷ୍ଠ କର୍ମଚାରୀ କାଳୀଚରଣ ତ୍ରିପାଠୀ ଏହି ବୈଠକ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ପୋଲିସ୍ ଅଧିକାରୀ ଜ୍ଞାନରଞ୍ଜନ ମିଶ୍ର, ବାଙ୍କୀ ଥାନା ଅଧିକାରୀ ବାବୁଲି ବାରିକ, ଡମପଡ଼ା ତହସିଲଦାର ପ୍ରମୋଦ କୁମାର ନାୟକ, ବାଙ୍କୀ ତହସିଲଦାର ପ୍ରଜ୍ଞାପରମିତା ପୃଷ୍ଟି, ବାଙ୍କୀ କଲେଜ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର, ଉପଖଣ୍ଡ ଚିକିତ୍ସାଳୟର ବରିଷ୍ଠ ଡାକ୍ତର ପଦ୍ମଲୋଚନ ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁ , ଡାକ୍ତର ଜଗଦିଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବାଙ୍କୀ ତହସିଲଦାର ପ୍ରଜ୍ଞାପରମିତା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# କାର୍ଯ୍ୟର ମାନ ଯାଞ୍ଚ କଲେ ଏନ୍‌ଏଚ୍‌ଏଆଇ ଅଧିକାରୀ

### ଡ୍ରେନ୍ ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ

- କାମ ବନ୍ଦ ପାଇଁ ଠିକାଦାରଙ୍କୁ ତାଗିଦା
- କଂକ୍ରିଟ୍ ବୋଝେଇ ଗାଡ଼ିକୁ ଫେରାଇଦେଲେ

ଚୌଦ୍ୱାର,୨୭।୭(ଆଶୁତୋଷ ଦାସ)

୫୫ନଂ. ଜାତୀୟ ରାଜପଥର ମଙ୍ଗୁଳିଠାରୁ ଧୁମାବତୀ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। ଇତିମଧ୍ୟରେ ୪ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ କାମ ଶେଷ ହୋଇପାରୁ ନାହିଁ। ଅନେକ ସମୟରେ ଏହି କାର୍ଯ୍ୟର ମାନକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ନିମ୍ନମାନର କରାଯାଉଥିବା ନେଇ ସ୍ଥାନୀୟ ବ୍ୟବସାୟୀମାନେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)କୁ ଜଣାଇଥିଲେ। ଫଳରେ ଗୁରୁବାର ଅପରାହ୍ନରେ ଏନ୍‌ଏଚ୍‌ଏଆଇର ଅଧିକାରୀ ଡ୍ରେନ୍ ନିର୍ମାଣସ୍ଥଳରେ ପହଞ୍ଚି କାର୍ଯ୍ୟର ମାନ ଯାଞ୍ଚ କରିଥିଲେ। ଏହି କାର୍ଯ୍ୟରେ ବ୍ୟବହାର ହେବାକୁ ଥିବା କଂକ୍ରିଟ୍ ନିମ୍ନମାନର ବୋଲି ଯାଞ୍ଚବେଳେ ଅଧିକାରୀ ଜାଣିବାକୁ ପାଇଥିଲେ। ପରେ କାମ ବନ୍ଦ ପାଇଁ ଠିକାଦାରଙ୍କୁ ତାଗିଦ୍ କରିବା ସହିତ କଂକ୍ରିଟ୍ ବୋଝେଇ ହୋଇ ଆସିଥିବା ଗାଡିକୁ ଫେରାଇ ଦେଇଥିଲେ । ସୂଚନାଯୋଗ୍ୟ, ଉକ୍ତ ଅଞ୍ଚଳର ବିଭିନ୍ନ ସ୍ଥାନରେ ଠିକାସଂସ୍ଥା ଦ୍ୱାରା କାର୍ଯ୍ୟ କରାଯାଉଥିବାବେଳେ ତଦାରଖ ପାଇଁ ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁନାହାନ୍ତି। ତେଣୁ ଏଭଳି ନିମ୍ନମାନର କାର୍ଯ୍ୟକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏନେଇ ଏନ୍‌ଏଚ୍‌ଏଆଇ ବିଭାଗୀୟ ଯନ୍ତ୍ରୀ ଅର୍ପିତ୍ ମଲ୍ଲଭ କହିଛନ୍ତି, ଆଗାମୀଦିନରେ ଏଭଳି ଯାଞ୍ଚ ଜାରି ରହିବା ସହିତ ଠିକା ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ଏନ୍‌ଏଚ୍‌ଏଆଇ ଅଧିକାରୀ କାର୍ଯ୍ୟର ମାନ ଯାଞ୍ଚ କରୁଛନ୍ତି।

## ସଂକ୍ଷେପରେ

### ଅପହୃତା ନାବାଳିକା ଉଦ୍ଧାର, ଯୁବକ ଗିରଫ

କୋଣାର୍କ,୨୭।୭(ଜ୍ୟୋତିରାଜ ମହାନ୍ତି)- କୋଣାର୍କ ଥାନା ଅଧୀନ କୋଣାର୍କ ଏନ୍ଏସି ଅଞ୍ଚଳର ନାବାଳିକା ଏବଂ ଗଞ୍ଜାମ ଅଞ୍ଚଳର ଜଣେ ଯୁବକଙ୍କୁ ପୋଲିସ ମଙ୍ଗଳବାର ଷ୍ଟେଶନରୁ କାବୁ କରିଛି। ଦୁଇ ଜଣଙ୍କ ଡାକ୍ତରିମାଇନା କରାଯିବା ପରେ ଉକ୍ତ ଯୁବକଙ୍କୁ ପୋଲିସ ପୋକ୍ସୋ ଆକ୍ଟରେ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରଛି। ସେ ହେଲେ ଗଞ୍ଜାମର ଅରୁଣ ନାୟକ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପୁରୀ ଜିଲା ମୁଖ୍ୟ କାରାଗାରକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ୧୬ ବର୍ଷୀୟା ନାବାଳିକାଙ୍କୁ ଅରୁଣ ଅପହରଣ ନେଇଯାଇଥିବା ନେଇ ଝିତାଙ୍କ ବାପା ଗତ ମେ' ୧୪ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। କୋଣାର୍କ ଏନେଇ ପୋଲିସ ୧୧୪/୨୩ରେ ଏକ ମାମଲ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ନାବାଳିକାଙ୍କ ଫୋନ ବନ୍ଦ ଥିବାରୁ ଟ୍ରାକ କରିବାକୁ ପୋଲିସକୁ ଅସୁବିଧା ହୋଇଥିଲା। ପରେ ସେ ତାଙ୍କ ବାପାଙ୍କୁ ଫୋନ କରି ଟଙ୍କା ପଠାଇବାକୁ କହିଥିବାରୁ ଝିଅ ତାମିଲନାଡୁର କୋଏମ୍ବାଟୁରରେ ଥିବା ଜଣାପଡ଼ିଥିଲା। କୋଣାର୍କ ପୋଲିସ ତୁରନ୍ତ ଏକ ଟିମ ଗଠନ କରି ଗତ ମଙ୍ଗଳବାର କୋଏମ୍ବାଟୁରରେ ପହଞ୍ଚିଥିଲା। ପରେ ସେମାନଙ୍କ ଠିକଣା ଭୁବନେଶ୍ୱର ଅଭିମୁଖେ ଦେଖାଉଥିବାବେଳେ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା ୬ ଜଣିଆ ଟିମ୍ ସହ ସେଠାରେ ପହଞ୍ଚି ଦୁହିଁଙ୍କୁ ଧରିଥିଲେ।

### ମୋ ବସ୍ ଚାଳକଙ୍କୁ ମାଡ଼ ମାରି ଜଣେ ଗିରଫ

ପିପିଲି,୨୭।୭(ପ୍ରଭାତ ମହାପାତ୍ର)- ମୋ ବସ୍ ଚାଳକଙ୍କୁ ମାଡ଼ ମାରିବା ଘଟଣାରେ ପିପିଲି ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଶୁଆବରେଇ ଗ୍ରାମର ରମେଶ ଚନ୍ଦ୍ର ବାଘ। ଏନେଇ ପୋଲିସ ୩୪୧/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବୁଧବାର ପିପିଲି ଟୋଲ ଗେଟ୍‌ଠାରେ ରମେଶ ମୋ ବସ୍ ଡ୍ରାଇଭର୍‌ଙ୍କୁ ମାଡ଼ ମାରିଥିଲେ। ଏ ବାବଦରେ ବସ୍ ଚାଳକ ଥାନାରେ ଅଭିଯୋଗ କରିବାରୁ ପୋଲିସ ତାଙ୍କୁ କାବୁ କରିଛି।

### ଯୌତୁକ ପାଇଁ ବଧୂ ନିର୍ଯାତନା ଅଭିଯୋଗ

ନିମାପଡ଼ା,୨୭।୭(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ଥାନା ଅଧୀନ ବଡ଼ଶିରିବିଲା ପଞ୍ଚାୟତର ଭଗବାନସୁନ୍ଦରା ଗ୍ରାମର ବୋହୂଙ୍କୁ ଯୌତୁକ ପାଇଁ ସ୍ୱାମୀ, ଶ୍ୱଶୁର, ଶାଶୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ବୁଧବାର ଅଭିଯୋଗ ହୋଇଛି। ପୋଲିସ ଏନେଇ ସ୍ୱାମୀ, ଶ୍ୱଶୁର, ଶାଶୁ ୩ ଜଣଙ୍କ ବିରୋଧରେ ୨୬୦/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବୋହୂ ମିତାଞ୍ଜଳି ପ୍ରଧାନ ତାଙ୍କର ଏକ କନ୍ୟା ସନ୍ତାନ ସହ ବୁଧବାରଠାରୁ ବାପଘରେ ଆଶ୍ରୟ ନେଇ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ମୁତାବକ, ୯ ବର୍ଷ ତଳେ ମିତାଞ୍ଜଳି ଦୁର୍ଯ୍ୟୋଧନ ପ୍ରଧାନଙ୍କୁ ବୈଦିକ ରୀତିନୀତିରେ ବିବାହ କରିଥିଲେ। ବିବାହବେଳେ ବରପକ୍ଷର ଦାବି ମୁତାବକ ନଗଦ ୮୦ ହଜାର ଟଙ୍କା, ସୁନାଗହଣା, ବିଭିନ୍ନ ଆସବାବପତ୍ର ଯୌତୁକ ବାବଦରେ ଦିଆଯାଇଥିଲା। ବିବାହର କିଛି ବର୍ଷ ପରେ ଅଧିକ ୨ ଲକ୍ଷ ଟଙ୍କା ଯୌତୁକ ଆଣିବା ଦାବିରେ ମିତାଞ୍ଜଳିଙ୍କୁ ବିଭିନ୍ନ ସମୟରେ ସ୍ୱାମୀ, ଶାଶୁ ପ୍ରତିମା ପ୍ରଧାନ ଓ ଶ୍ୱଶୁର ଧ୍ରୁବଚରଣ ପ୍ରଧାନ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ଅଭିଯୋଗରେ ଦର୍ଶାଯାଇଛି।

# ଏନ୍‌ଜିଟିରେ ଦାଖଲ ରିପୋର୍ଟରେ ନାହିଁ ସମ୍ପୂର୍ଣ୍ଣ ତଥ୍ୟ

ଭୁବନେଶ୍ୱର,୨୭।୭(ଶର୍ମିଷ୍ଠା ପାଣିଗ୍ରାହୀ)



**ଅଗଷ୍ଟ ୩୧ ଯାଏ ଶୁଣାଣି ସ୍ଥଗିତ**
- ମା' ଶିଖରଚଣ୍ଡୀ ଆଞ୍ଚଳିକ ସମିତି ଅସନ୍ତୁଷ୍ଟ
- ପାହାଡ଼ ଉପରେ ୱାଟ୍‌କୋର କାର୍ଯ୍ୟ ମନା

ଶିଖରଚଣ୍ଡୀ ପ୍ରକଳ୍ପର ଶୁଣାଣି ପୁଣି ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ଘୁଞ୍ଚିଲା। ଜୁଲାଇ ୫ରେ ଏହାର ପ୍ରଥମ ଶୁଣାଣି ହୋଇଥିବାବେଳେ ଗୁରୁବାର ଦ୍ୱିତୀୟ ଶୁଣାଣି ଥିଲା। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ପାହାଡ଼ ଉପରେ ୱାଟ୍‌କୋର କୌଣସି କାର୍ଯ୍ୟ ହୋଇପାରିବ ନାହିଁ। ମା' ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତି ପକ୍ଷରୁ ପ୍ରମାଣ ସ୍ୱରୂପ ଅନେକ ତଥ୍ୟ କୋଲକାତା କୋର୍ଟରେ ଦାଖଲ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ଏନ୍‌ଜିଟିରେ ଦାଖଲ ରିପୋର୍ଟରେ ସମ୍ପୂର୍ଣ୍ଣ ତଥ୍ୟ ଦିଆଯାଇନାହିଁ। ଯାହାକୁ ନେଇ ସମିତି ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଜଙ୍ଗଲ କିସମ ଥିବା ପ୍ଲଟ ନଂ ୧୨୮୭ ଓ ୧୨୮୮ରେ କାର୍ଯ୍ୟ ହେଉଥିଲା। ଏଥିସହ ପୁରୀରୁ କଢାଯାଇଥିବା ରେକର୍ଡ ସମ୍ପୂର୍ଣ୍ଣ ୨୧୨ ଏକର ଝାଟି ଜଙ୍ଗଲ ଥିଲା। କିନ୍ତୁ ଏଠାରେ ଜଙ୍ଗଲ ନ ଥିଲା ବୋଲି ଓଡ଼ିଶା ଜଙ୍ଗଲ ବିଭାଗ ପୂର୍ବ ରିପୋର୍ଟରେ ଦାଖଲ କରିଛି। ସେଠାରେ ଥିବା ଔଷଧ ବୃକ୍ଷର ସମସ୍ତ ତଥ୍ୟ ମଧ୍ୟ ପ୍ରଦାନ କରାଯାଇଥିଲା। ଏହାମଧ୍ୟରୁ ଅନେକ ଗଛ ଲୋପ ପାଉଥିବା ଔଷଧ ବୃକ୍ଷ ଯାହା ବିଭିନ୍ନ ସର୍ଭେ ତଥ୍ୟ ଉପସ୍ଥାପିତ କରାଯାଇଛି। ଜଙ୍ଗଲ ଆଇନକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରି ଇଲ୍‌କୋ, ବିଡିଏ ଏବଂ ୱାଟ୍‌କୋ ମନଇଚ୍ଛା ଏଠରେ କାର୍ଯ୍ୟ କରୁଛନ୍ତି ବୋଲି ସମିତି ପକ୍ଷରୁ ଉଲ୍ଲେଖ କରାଯାଇଛି। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କୋର୍ଟରେ ସମିତିର ସଚିନ ମହାପାତ୍ରଙ୍କ ତରଫରୁ ଲଢୁଥିବା ଓକିଲ ଶଙ୍କର ପାଣି ଦାବି କରିଛନ୍ତି। ଏଥିସହ ଅନେକ ତଥ୍ୟ ପ୍ରମାଣ କୋର୍ଟରେ ଦାଖଲ କରାଯାଇଛି। ପାହାଡ଼ ଜଙ୍ଗଲ ବଞ୍ଚେଇ ସେଠାରେ ପୁନର୍ବାର ଜଙ୍ଗଲ ସହ ନଷ୍ଟ ହୋଇଥିବା ଔଷଧୀୟ ବୃକ୍ଷର ଚାରା ରୋପଣ କରାଯାଇ ଉଦ୍ଧାର କରଯାଉ ଓ ଶୀଘ୍ର ପାଣିଟାଙ୍କିକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ପକ୍ଷ ରଖିଥିଲେ। ଅନ୍ୟପକ୍ଷେ ଚନ୍ଦକା ସରପଞ୍ଚ ତାଙ୍କ ଅଞ୍ଚଳରେ ତାଙ୍କ ଅନୁମତି ବିନା ବେଆଇନ ଭାବେ କାର୍ଯ୍ୟ ହେଉଥିବାରୁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ସବୁ ଭିତରେ ସମିତି ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ନେତୃତ୍ୱ ନେଉଥିବା ଲୋକଙ୍କୁ ପୋଲିସ ବାରମ୍ବାର ଧମକ ଦେଉଛନ୍ତି। ପଟିଆଗଡ଼ର ନେତୃତ୍ୱ ନେଉଥିବା ସମିତିର ସଦସ୍ୟ ନିର୍ମଳ ମହାରଣାଙ୍କୁ ଏକ ମିଛ କେସ୍‌ରେ ଫସାଇବା ପାଇଁ ତାଙ୍କ ଘରକୁ ଚନ୍ଦ୍ରଶେଖର ଥାନା ପକ୍ଷରୁ ନୋଟିସ ପଠାଯାଇଛି। ତେଣୁ ସମିତି ତରଫରୁ ଏନ୍ଏଚ୍‌ଆର୍‌ସି ଏ ବାବଦରେ ଏକ ଲିଖିତ ଅଭିଯୋଗ କରିବା ସହ ପୋଲିସ ପକ୍ଷରୁ ଏଭଳି ଅସୁବିଧା କଲେ ଆଗାମୀ ଦିନରେ ଅଞ୍ଚଳବାସୀ ଏହାର ଜବାବ ଦେବେ ବୋଲି ଚେତାବନୀ ଦିଆଯାଇଛି।

## ଆବାସ ପାଇଁ ବ୍ଲକ ଆଗରେ ଅନଶନ

ଗୋପ,୨୭।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ପ୍ରଶାସନ ପ୍ରତିଶ୍ରୁତି ନ ରଖିବାରୁ ଆବାସ ଗୃହ ପାଇବା ଆଶାରେ ବ୍ଲକ ଅନ୍ତର୍ଗତ ବୀରତୁଙ୍ଗ ପଞ୍ଚାୟତ ଅଧୀନ ଗିରିମା ଗ୍ରାମର କୃଷ୍ଣଚନ୍ଦ୍ର ସ୍ୱାଇଁ ଗୁରୁବାର ପୂର୍ବାହ୍ନରେ ଦ୍ୱିତୀୟ ଥର ଲାଗି ବ୍ଲକ ଆଗରେ ଛତା ତଳେ ବର୍ଷାରେ ଅନଶନରେ ବସିଛନ୍ତି। ଏହି ଅନଶନକୁ ନେଇ ଗୋପ ଥାନା ପକ୍ଷରୁ ପୋଲିସ ମୁତୟନ କରାଯାଇଥିଲା। ପ୍ରକାଶ ଯେ, ଫନି ବାତ୍ୟାରେ କୃଷ୍ଣଚନ୍ଦ୍ରଙ୍କ ଛାଳ ଛପର ଘର ଭାଙ୍ଗିବା ସହିତ ସେ ସର୍ବସ୍ୱ ହରାଇଥିଲେ। ପରେ ବ୍ଲକ ପ୍ରଶାସନ ଓ ତହସିଲ କାର୍ଯ୍ୟାଳୟ ପକ୍ଷରୁ ମିଳିତ ତଦନ୍ତ ପରେ କୃଷ୍ଣଚନ୍ଦ୍ରଙ୍କୁ ଆବାସ ଗୃହ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା। କିନ୍ତୁ ବ୍ଲକ ପକ୍ଷରୁ ବାଇକ୍ ଥିବା ଦର୍ଶାଇ ତାଙ୍କ ନାମକୁ ସେହି ଲିଷ୍ଟରୁ ବାଦ୍ ଦିଆଯାଇଥିଲା। ଏନେଇ ସେ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ପାଇ ନ ଥିଲେ।




ଉତ୍କଳ ରଙ୍ଗମଞ୍ଚରେ ଆୟୋଜିତ ସିକନ୍ଦର ଆଲାମଙ୍କ ସ୍ମୃତିରେ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ସିକନ୍ଦର ଆଲାମଙ୍କ ସ୍ମୃତିରେ ସଙ୍ଗୀତ ସନ୍ଧ୍ୟା

ଭୁବନେଶ୍ୱର,୨୭।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁବାର ସ୍ୱର୍ଗତ ମହମ୍ମଦ ସିକନ୍ଦର ଆଲାମ୍‌ଙ୍କ ଜନ୍ମ ଜୟନ୍ତୀ ଅବସରରେ ଏକ 'ସଙ୍ଗୀତ ସନ୍ଧ୍ୟା' ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରସ୍ଥ ଉତ୍କଳ ରଙ୍ଗମଞ୍ଚରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟଙ୍କ ଆବାହକତ୍ୱରେ ଗୁରୁ କେଶବ ଚନ୍ଦ୍ର ରାଉତ, ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ ସୁକାନ୍ତ କୁମାର କୁଣ୍ଡୁ, ଗୁରୁ ସିକତା ଦାସ ଏବଂ ଗୁରୁ ରମେଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦାନ କରିଥିଲେ। ସ୍ୱର୍ଗତ ଆଲାମ୍‌ଙ୍କ ସ୍ମୃତିକୁ ମନେ ପକାଇ ତାଙ୍କ ଦ୍ୱାରା ପରିବେଷିତ ହୋଇଥିବା ଅନେକ ପୁରାତନ ସଙ୍ଗୀତ ଶିଳ୍ପୀମାନେ ପରିବେଷଣ କରିଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ନିମାକାନ୍ତ ରାଉତରାୟ ଅତିଥି କଳାକାର ଭାବେ ଯୋଗଦାନ କରି ସ୍ୱର୍ଗତ ଆଲାମ୍‌ଙ୍କ ଅତି ଲୋକପ୍ରିୟ ସଙ୍ଗୀତ 'ସାଗରେ ଅଧିର ନୀଳ ତରଙ୍ଗ' ଖୁବ୍ ସୁନ୍ଦର ଭାବେ ପରିବେଷଣ କରିବା ସହିତ ଓଡ଼ିଶୀ ଗବେଷଣା କେନ୍ଦ୍ରର କଳାକାରମାନେ ସ୍ୱର୍ଗତ ଆଲାମ୍ ଗାଇଥିବା ଅନେକ ଗୁଡ଼ିଏ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଶାସନିକ ଅଧିକାରିଣୀ ଅନୁଜା ତାରିଣୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଭାଉଜଙ୍କ ଆକ୍ରମଣରେ ନଣନ୍ଦଙ୍କ ଗର୍ଭନଷ୍ଟ

ଭୁବନେଶ୍ୱର,୨୭।୭ (ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ଏକ ଅମାନବୀୟ କାଣ୍ଡ ଘଟିଛି। କୌଣସି କାରଣକୁ ନେଇ ଗର୍ଭବତୀ ନଣନ୍ଦଙ୍କୁ ତାଙ୍କ ଭାଉଜ କିଛି ସହଯୋଗୀଙ୍କ ସହ ମିଶି ଆକ୍ରମଣ କରିଛନ୍ତି। ଫଳରେ ନଣନ୍ଦଙ୍କ ତିନିମାସର ଗର୍ଭନଷ୍ଟ ହୋଇଯାଇଛି। ଚନ୍ଦ୍ରଶେଖରପୁର ଥାନା ଇଶାଣେଶ୍ୱର ବସ୍ତିରେ ଏହି ଘଟଣା ଘଟିଥିବାବେଳେ ପୀଡିତାଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ୨ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନାନୁସାରେ ଭାଇଭାଉଜଙ୍କୁ ରହିବା ପାଇଁ ପୀଡିତା ଜଣଙ୍କ ଏକ ଘର ଦେଇଥିଲେ। ଏଥିପାଇଁ ସେମାନେ କିଛି ଟଙ୍କା ଦେବାର ଥିଲା। ହେଲେ ଟଙ୍କା ନ ଦେବାରୁ ଉଭୟ ପୀଡିତା ଓ ଭାଇଭାଉଜଙ୍କ ମଧ୍ୟରେ ପ୍ରାୟ ସମୟରେ ବଚସା ଲାଗି ରହୁଥିଲା। ଏନେଇ ବାରମ୍ବାର ସାହି କମିଟିରେ ଗୁହାରି କରିଥିଲେ ମଧ୍ୟ କମିଟିରେ କେହି ଶୁଣି ନ ଥିଲେ କି ସମାଧାନ କରି ନ ଥିଲେ। ଫଳରେ ଭାଉଜ ଏବଂ ତାଙ୍କ ପରିବାର ଲୋକେ ପୀଡିତା ମହିଳାଙ୍କୁ ତଳେ ପକାଇ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ଗର୍ଭବତୀ ମହିଳାଙ୍କ ପେଟରେ ଆଘାତ ଲାଗିଥିଲା।

## ଡକାୟତି ଯୋଜନା ବେଳେ ୫ ଧରାପଡ଼ିଲେ




ଜବତ ସାମଗ୍ରୀ ଓ ଗିରଫ ୫ ଅଭିଯୁକ୍ତ।

ପୁରୀ ୨୭।୭( ଅଜିତ ମହାନ୍ତି)

**୨ ଖଣ୍ଡା, ଛୁରି, ଲଙ୍କାଗୁଣ୍ଡ ପ୍ୟାକେଟ, ୩ ମୋବାଇଲ ଜବତ**

ପୁରୀ ପୋଲିସକୁ ଏକ ସଫଳତା ମିଳିଛି। ଡକାୟତି ପାଇଁ ଯୋଜନା କରୁଥିବା ୫ଜଣ ଅଭିଯୁକ୍ତଙ୍କୁ ବାସେଳି ସାହି ଥାନା ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ମାର୍କଣ୍ଡେଶ୍ୱର ସାହି ହରିଜନବସ୍ତିର ବିମଳ ଓରଫ ପ୍ରଶାନ୍ତ ନାୟକ(୨୯), ଧରଣୀ ଓରଫ ଧରଣୀଧର ବେହେରା(୩୨), ନୋଳିଆ ସାହିର ଆକାଶ ବେହେରା(୨୦), ମୁଦୁଲିଜାଗା ନିକଟର ବିଶିଆ ଓରଫ ବିଶ୍ୱନାଥ ମହାରଣା(୨୮) ଓ ବାଳିସ୍କୁଲ ନିକଟର ଯୁବରାଜ ସିଂ(୨୩)। ପୋଲିସ ସେମାନଙ୍କଠାରୁ ୨ଟି ଖଣ୍ଡା, ୨ଟି ଲୁହାଛଡ଼, ଗୋଟିଏ ଛୁରି, ଗୋଟିଏ ଟର୍ଚ୍ଚଲାଇଟ୍, ଗୋଟିଏ ଲଙ୍କାଗୁଣ୍ଡ ପ୍ୟାକେଟ୍, ଗୋଟିଏ ରୁଟ୍ ମ୍ୟାପ, ୫ ମଦବୋତଲ, ୩ଟି ମୋବାଇଲ ଫୋନ୍ ଏବଂ ନଗଦ ୨୦୦ଟଙ୍କା ଜବତ ହୋଇଛି। ଏନେଇ ପୋଲିସ ନଂ.୧୬୩/୨୩ ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ବୁଧବାର ରାତିରେ ଶଙ୍କରପୁର କାଜୁ ଜଙ୍ଗଲରେ କେତେଜଣ ଯୁବକ ବସି ସ୍ଥାନୀୟ ଅଞ୍ଚଳରେ ଡକାୟତି କରିବା ପାଇଁ ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ଖବରପାଇ ବାସେଳିସାହି ଥାନା ପୋଲିସ ଟିମ୍ ସେଠାରେ ଚଢ଼ାଉ କରିଥିଲା। ପୋଲିସ ସମସ୍ତଙ୍କୁ ଗିରଫ କରି ଥାନାକୁ ଆଣିଥିଲା।

# ସାକ୍ଷୀଙ୍କ ଘର ଉପରେ ବୋମାମାଡ଼

ପୁରୀ,୨୭।୭(ଅଜିତ ମହାନ୍ତି)

ଦିନକୁଦିନ ଅଶାନ୍ତ ହୋଇପଡ଼ିଛି ଶ୍ରୀକ୍ଷେତ୍ର। ବୁଧବାର ରାତିରେ ଗୁଳିମାଡ଼ ଘଟଣାକୁ ୨୪ଘଣ୍ଟା ବିତି ନ ଥିବାବେଳେ ପୁରୀ ସଦର ଅଞ୍ଚଳରେ ଗୁରୁବାର ହୋଇଛି ବୋମାମାଡ଼। ପୁରୀ ସଦର ଥାନା ଅନ୍ତର୍ଗତ ମୁକୁନ୍ଦମିଶ୍ର ନଗରର ବିଜୟ ଖୁଣ୍ଟିଆଙ୍କ ଘର ଉପରକୁ ବୋମାମାଡ଼ ହୋଇଛି। ତେବେ ବୋମାମାଡ଼ରେ କାହାର କିଛି କ୍ଷତି ହୋଇ ନ ଥିଲେ ମଧ୍ୟ ବିଜୟ ଖୁଣ୍ଟିଙ୍କ ଘରର କାଚ ଭାଙ୍ଗିଯାଇଛି। ୨ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଏହି ବୋମାମାଡ଼ କରିଥିବା ବିଜୟ ଅଭିଯୋଗ କରିଛନ୍ତି। ବିଜୟଙ୍କ କହିବା କଥା, ଗତ ୩ ବର୍ଷ ପୂର୍ବେ ତାଙ୍କ ସାନ ପୁଅ ଦୀପକଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରିଥିଲେ। ସେହି ଅଭିଯୁକ୍ତମାନଙ୍କ ମାମଲା ଏବେ କୋର୍ଟରେ ଚାଲିଛି। ଆସନ୍ତା ମାସ ୧୦ ତାରିଖରେ ଏହି ମାମଲାକୁ ନେଇ ସାକ୍ଷ୍ୟ ଗ୍ରହଣ ରହିଛି। ତେବେ ଏହା ପୂର୍ବରୁ ବିଜୟଙ୍କ ପରିବାରକୁ ଭୟଭୀତ କରିବା ପାଇଁ ଅଭିଯୁକ୍ତଙ୍କ କିଛି ସାଥୀ ଏହି ବୋମାମାଡ଼ କରିଛନ୍ତି। ଏ ନେଇ ତାଙ୍କ ପରିବାର ପ୍ରତି ବିପଦ ରହିଥିବା ସେ କହିଛନ୍ତି। ଦୁର୍ବୃତ୍ତମାନେ ତାଙ୍କ ପରିବାରକୁ ଜୀବନରେ ମାରିଦେବାକୁ ଧମକ ମଧ୍ୟ ଦେଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏ ନେଇ ବିଜୟଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୧୩୯/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାଯୋଗ୍ୟ, ପୂର୍ବ ଶତ୍ରୁତାକୁ ନେଇ ୨୦୨୦ ମସିହା ଅଗଷ୍ଟ ୧୮ ତାରିଖ ଦିନ ୪ଜଣ ଦୁର୍ବୃତ୍ତ ଦୀପକ ଖୁଣ୍ଟିଆଙ୍କୁ ବିଶ୍ୱନାଥ ବିହାର ଛକଠାରେ ସଂଘବଦ୍ଧ ହୋଇ ଆକ୍ରମଣ କରି ମାରିଦେଇଥିଲେ। ଯାହାକୁ ନେଇ ଅଭିଯୋଗ ହେବା ପରେ ଅପରାଧୀମାନଙ୍କ ବିରୋଧର କେସ ଚାଲିଛି। ତେବେ ଅଭିଯୁକ୍ତମାନଙ୍କ ପକ୍ଷରୁ ସାକ୍ଷୀ ନଦେବାକୁ ଭୟଭୀତ କରିବା ଉଦ୍ଦେଶ୍ୟରେ ବୋମାମାଡ଼ କରାଯାଉଛି। ପୂର୍ବରୁ ଦୁର୍ବୃତ୍ତମାନେ ବିଜୟଙ୍କ ଘର ସମ୍ମୁଖରେ ଥିବା ତାଙ୍କ କାରକୁ ଭଙ୍ଗା ରୁଜା କରିବା ସହ ନିଆଁ ଲଗାଇ ଦେଇଥିଲେ। ତେବେ ବାରମ୍ବାର ଏପରି ଘଟଣା ଘଟୁଥିବା ବେଳେ ପୋଲିସ ଆଖିବୁଜିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଅଞ୍ଚଳବାସୀଙ୍କ ମନରେ ଭୟ ଦେଖିବାକୁ ମିଳିଛି।

## ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳନାରେ ତ୍ରୁଟି

ପୁରୀ,୨୭।୭(ଅଜିତ ମହାନ୍ତି)

ରାଜ୍ୟରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି) ପରିଚାଳନାରେ ବ୍ୟାପକ ତ୍ରୁଟି ହେଉଥିବା ଅଭିଯୋଗ ହୋଇଛି। ତେଣୁ ତୁରନ୍ତ ଗୋଷ୍ଠୀ ସମୂହର ନିୟମାନୁସାରେ ପଦାଧିକାରୀ ଚୟନ କରିବାକୁ ନେଇ ଭାଜପା ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡାଙ୍କ ନେତୃତ୍ୱରେ ନିମାପଡା ବିଧାନସଭା ମଣ୍ଡଳୀର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଗୁରୁବାର ଅତିରିକ୍ତ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ଜିଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ମିନଲତା ମହାନ୍ତି, ଚୌଧୁରୀ ମନସ୍ୱିନୀ ଦାସ, ଝିଲ୍ଲୀଲତା ଦାସ, ସମିତି ସଭ୍ୟା ସନ୍ଧ୍ୟାରାଣୀ ରଥ, ତିଳୋତ୍ତମା ବାରିକ, ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ ନେତ୍ରୀ ପ୍ରତିମା ମୁଖୀ, ବୀଣାପାଣି ମିଶ୍ର ଏବଂ ସ୍ୱର୍ଣ୍ଣ ପ୍ରଭା ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷୀଙ୍କ ବିକାଶରେ ସହାୟକ ହେବ କିଷାନ ଯୋଜନା: ମନମୋହନ

**ଲକ୍ଷ୍ମୀନାରାୟଣପୁରରେ ପିଏମ୍ କିଶାନ ସମୃଦ୍ଧି କେନ୍ଦ୍ର ଉଦ୍‌ଘାଟିତ**

ପିପିଲି,୨୭।୭(ପ୍ରଭାତ ମହାପାତ୍ର)



ଉତ୍ସବରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ସମ୍ବିତ ପାତ୍ର ଓ ଅନ୍ୟମାନେ।

ପୁରୀ ଜିଲାରେ କୃଷକଙ୍କ ସଶକ୍ତୀକରଣ ପାଇଁ ପିପିଲି ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ସମବାୟ ସମିତିଠାରେ ଭର୍ଚୁଆଲ ମାଧ୍ୟମରେ ପ୍ରଧାନମନ୍ତ୍ରୀ କିଶାନ ସମୃଦ୍ଧି କେନ୍ଦ୍ର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଲକ୍ଷ୍ମୀନାରାୟଣପୁର ପୂର୍ବତନ ସରପଞ୍ଚ ତଥା ଭାଜପା ମଣ୍ଡଳ ସଭାପତି ଶୁଭାଶିଷ ରଥ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଯୋଗଦେଇ ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ କିଶାନ ଯୋଜନା ଦ୍ୱାରା ଚାଷୀ ବେଶ୍ ଉପକୃତ ହୋଇପାରୁଛନ୍ତି। ତେଣୁ ଏହି ଯୋଜନା ଚାଷୀଙ୍କ ବିକାଶରେ ସହାୟକ ହେବ ବୋଲି କହିଥିଲେ। ଅନ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ୍ ପାତ୍ର, ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ଭାଜପା ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡ଼ା, ଭାଜପା ରାଜ୍ୟ ମୁଖପାତ୍ର ବିରଞ୍ଚି ନାରାୟଣ ମିଶ୍ର, ପୁରୀ ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ପ୍ରଧାନ, ଲକ୍ଷ୍ମୀନାରାୟଣପୁର ସେବା ସମବାୟ ସମିତି ସଭାପତି ଗଙ୍ଗାଧର ସେଠୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ କୃଷି ଓ କୃଷକ ସଶକ୍ତୀକରଣ ଯୋଜନା, ପ୍ରଧାନମନ୍ତ୍ରୀ କିଶାନ ସମୃଦ୍ଧି କେନ୍ଦ୍ର ମାଧ୍ୟମରେ କୃଷକ କିପରି ବିଭିନ୍ନ ପ୍ରକାର ବିହନ, ସାର, କୃଷି ଉପକରଣ ସହଜରେ ପାଇପାରିବେ। ଏଥିସହ ଓଡ଼ିଶାରେ ପ୍ରଧାନମନ୍ତ୍ରୀ କିଶାନ ଯୋଜନା ମାଧ୍ୟମରେ ଚାଷୀଙ୍କୁ ସିଧାସଳଖ ସେମାନଙ୍କ ସହାୟତା ରାଶି ପାଇବା ସହ କେନ୍ଦ୍ର ଦ୍ୱାରା ବହୁ ଉପକାରିତା ପାଇ ସମୃଦ୍ଧ ହୋଇପାରିବେ ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ରାଜସ୍ଥାନରୁ ଏଲ୍‌ଇଡି ଦ୍ୱାରା ସିଧାପ୍ରସାରଣ ହେଉଥିବା ପ୍ରଧାନମନ୍ତ୍ରୀଙ୍କ ଭର୍ଚୁଆଲ କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ କିଶାନ ସମୃଦ୍ଧ କେନ୍ଦ୍ର ଉଦ୍‌ଘାଟନୀକୁ ଉପସ୍ଥିତ ସ୍ଥାନୀୟ ଶତାଧିକ କୃଷକ ଓ ଅତିଥିମାନେ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମର ସଭା ମଧ୍ୟରେ କୃଷକଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା।

# 'ସୃଜନଶୀଳ କଳା ହୃଦୟକୁ ଛୁଇଁଥାଏ'

**ଧଉଳି ଚାରୁକଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ**
- ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ
- ଭାସ୍କର୍ଯ୍ୟ ଶିଳ୍ପୀ ସରୋଜ ରାଉତଙ୍କୁ ଶରତ ରଥ ସ୍ମୃତି ସମ୍ମାନ

ପୁରୁଣା ଭୁବନେଶ୍ୱର,୨୭।୭(ସୁବାସ ଚନ୍ଦ୍ର ପ୍ରଧାନ)




ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

ଶାନ୍ତିସ୍ତୁପ ନିକଟ ଧଉଳି ଚାରୁକଳା ମହାବିଦ୍ୟାଳୟର ୨୯ତମ ପ୍ରତିଷ୍ଠା ଦିବସ ଅବସରରେ ଗୁରୁବାର ଏକ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସଞ୍ଜିତ କୁମାର ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ସମ୍ମାନିତ ଅତିଥି ବିନୋଦ ମହାରାଣା, ସସ୍ମିତା ମହାନ୍ତି, ମହାବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ଡ. ହୃଷୀକେଶ ମିଶ୍ର ଉପସ୍ଥିତ ଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଅଙ୍କନ କରାଯାଇଥବା ଚିତ୍ରଗୁଡ଼ିକ ବୁଲି ଦେଖିବା ସହିତ ପ୍ରଶଂସା କରିଥିଲେ। ସୃଜନଶୀଳ କଳା ହୃଦୟକୁ ଛୁଇଁଥାଏ ଓ ପରମ ଆନନ୍ଦ ପ୍ରଦାନ କରିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷ ଚନ୍ଦନ କୁମାର ସାମଲ ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ରବିଶଙ୍କର ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଶିଷ୍ଟ ସେରାମିକ ଭାସ୍କର୍ଯ୍ୟ ଶିଳ୍ପୀ ସରୋଜ କୁମାର ରାଉତ ଓ ଛାତ୍ର ଗତିକୃଷ୍ଣ ନାୟକଙ୍କୁ ଶିଳ୍ପୀ ଶରତ କୁମାର ରଥ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ଛାତ୍ର ସୁଜିତ କୁମାର ମଲ୍ଲିକ ଓ ଛାତ୍ରୀ ସୁଶ୍ରୀ ସଙ୍ଗୀତା ଭୋଳଙ୍କୁ ଚଳିତବର୍ଷ ଶ୍ରେଷ୍ଠ ଛାତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ନିଜର ଶ୍ରେଷ୍ଠ କୃତୀ ପାଇଁ ସୋଫିୟା ସମିନ୍, ଅନନ୍ୟା ମଙ୍ଗରାଜ, ଶିବ ମଣ୍ଡଳ, ସ୍ମୃତି ରଞ୍ଜନ ବେହେରା, ସୋନାଲି ନାୟକ, ସୋନାଲି ବିଶ୍ୱାଳ, ଆର୍ଯ୍ୟନ ସାମଲ, ବିଶ୍ୱଜିତ ମହାରଣା, ବୈଶାଖୀ ନାୟକ, ଗୋବିନ୍ଦ ତ୍ରିପାଠୀ, ଚନ୍ଦୁ ରଣା, ବର୍ଷାରାଣୀ ଓଝା, ଶୁଭଲକ୍ଷ୍ମୀ ଓଝା ପ୍ରମୁଖଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ସୁବାସ ଚନ୍ଦ୍ର ମୁଦୁଲି ଧନ୍ୟବାଦ ଦେଇଥିଲେ। ଶ୍ରୀପତି ଆଚାର୍ଯ୍ୟ, କମଳିନୀ ରଥ, ଯନିତା ପ୍ରିୟଦର୍ଶିନୀ, ମାନସ ରଞ୍ଜନ ନାୟକ, ରାମଶଙ୍କର ସାହୁ, ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବିରଞ୍ଚି ନାରାୟଣ ସଭାପତି, ନିହାର ରଞ୍ଜନ ଉପସଭାପତି

#### କାକଟପୁର ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ

କୋଣାର୍କ,୨୭।୭(ଜ୍ୟୋତିରାଜ ମହାନ୍ତି) ଗତ ୨୫ ତାରିଖରେ ରାଜ୍ୟ ଯୁବ କଂଗ୍ରେସ ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ରାଜ୍ୟର ପଦାଧିକାରୀ ସହ ସମସ୍ତ ୧୪୭ ବିଧାନସଭା ମଣ୍ଡଳୀ, ୩୩ଟି ସାଂଗଠନିକ ଜିଲାର ଯୁବ କଂଗ୍ରେସ ନିର୍ବାଚନ ଫଳାଫଳ ଘୋଷଣା କରିଛି ଅଖିଳ ଭାରତୀୟ ଯୁବ କଂଗ୍ରେସ। କାକଟପୁର ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ରୂପେ ବିଜୟୀ ହୋଇଛନ୍ତି ଯୁବ ନେତା କୋଣାର୍କ ଥାନା ଅଧୀନ ମହଲପଡ଼ା ପଞ୍ଚାୟତ ଅଞ୍ଚଳର ବିରଞ୍ଚି ନାରାୟଣ ପତି ଓ କୋଣାର୍କ ଏନଏସିର କାଉନସିଲର ନିହାର ରଞ୍ଜନ ବେଉରା। ପତି ଓ ବେଉରା ଦୀର୍ଘ ବର୍ଷ ଧରି କାକଟପୁର ନିର୍ବାଚନ ମଣ୍ଡଳୀରେ ଛାତ୍ର ଓ ଯୁବ ସଂଗଠନ ପାଇଁ କାର୍ଯ୍ୟ ସୁଚାରୁରୂପେ ତୁଲାଉଥିଲେ। ତାଙ୍କର କଂଗ୍ରେସ ଦଳ ପ୍ରତି ସମର୍ପିତ ମନୋଭାବ ସାଂଗଠନିକ କାର୍ଯ୍ୟଦକ୍ଷତାକୁ ଲକ୍ଷ୍ୟ କରି କାକଟପୁର ଯୁବ ନେତୃବୃନ୍ଦମାନେ ତାଙ୍କୁ ଏହି ନିର୍ବାଚନ ରଣାଙ୍ଗନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହା ପରେ ସେ ନିର୍ବାଚନକୁ ଓହ୍ଲାଇ ଯୁବ କଂଗ୍ରେସ ସଦସ୍ୟତା କାର୍ଯ୍ୟ ପାଇଁ ଅଣ୍ଟା ଭିଡ଼ିଲେ ଓ ନିର୍ବାଚନ ମଣ୍ଡଳୀରେ ସଦସ୍ୟତା ଅଭିଯାନ ଜୋରଦାର କଲେ। ଶେଷରେ ତାଙ୍କର ନିଷ୍ଠାପର କାର୍ଯ୍ୟ ପାଇଁ ବିରଞ୍ଚି ନାରାୟଣ ପତି ସର୍ବାଧିକ ଭୋଟ ପାଇ ବିଜୟୀ ହେଲେ। ଏହି ବିଜୟପାଇଁ ପତି ଓ ବେଉରାଙ୍କୁ କୋଣାର୍କ ଏନଏସି ସମେତ କାକଟପୁର ନିର୍ବାଚନ ମଣ୍ଡଳୀରୁ ଶୁଭେଚ୍ଛାର ସୁଅ ଛୁଟିଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ, ରାଜ୍ୟ ଯୁବ କଂଗ୍ରେସ ସଭାପତି ଓ ପିସିସି ସାଧାରଣ ସମ୍ପାଦକ ବିଶ୍ୱ ଭୂଷଣ ଦାସଙ୍କ ସମେତ ସ୍ଥାନୀୟ କଂଗ୍ରେସ ଦଳର ନେତୃବୃନ୍ଦ ସଭାପତି ବିରଞ୍ଚି ନାରାୟଣ ପତି ଓ ଉପସଭାପତି ନିହାର ରଞ୍ଜନ ବେଉରାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଶିକ୍ଷକ ସଂଘର ଦାବି ଶୁଣିଲେ ଜିଲା ଶିକ୍ଷାଧିକାରୀ

ପୁରୀ,୨୭।୭(ଅଜିତ ମହାନ୍ତି)- ଜିଲା ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ ଜିଲା ଶିକ୍ଷାଧିକାରୀଙ୍କୁ ବୁଧବାର ସୌଜନ୍ୟମୂଳକ ସାକ୍ଷାତ କରିବା ସହ ଓଡ଼ିଶା ସରକାରଙ୍କ ପେ ପ୍ରୋଟେକ୍ସନ୍ ନିୟମ -୨୦୨୨ ଅନୁଯାୟୀ ସମସ୍ତ ଚୁକ୍ତିଭିତ୍ତିକ ଶିକ୍ଷକଙ୍କ କ୍ଷେତ୍ରରେ ଲାଗୁ ନ ହେବା ଦ୍ୱାରା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମାନସିକ ଅବସ୍ଥା ଭଲ ନ ଥିବା କଥା ଅବଗତ କରାଇଥିଲେ। ସମସ୍ତ ସମସ୍ୟାକୁ ପୁଙ୍ଖାନୁପୁଙ୍ଖ ତର୍ଜମା କଲା ପରେ ଜିଲା ଶିକ୍ଷାଧିକାରୀ ଡ. ବିଶ୍ୱଜିତ୍ ଘୋଷ ଯଥାଶୀଘ୍ର ଆଦେଶନାମା ବାହାର କରିବା ସହିତ ୨୦୧୦ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଆଶ୍ୱାସନା ଦେଇଥିଲେ। ତେବେ ଶନିବାର ସୁଦ୍ଧା ସର୍ଭିସ୍ ବୁକ୍ ତଥା ପେ ଫିକ୍ସେସନ କାମ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଦୁଃଖର ବିଷୟ ଯେ, ଓଡ଼ିଶା ସରକାରଙ୍କ ଟାଳଟୁଳ ନୀତି ଯୋଗୁ ୨୦୦୪ ରୁ ୨୦୧୦ ମସିହା ମଧ୍ୟରେ ଠିକା ନିଯୁକ୍ତି ପାଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ଏଥିରୁ ବଞ୍ଚିତ ହୋଇଛନ୍ତି। ଜିଲା ଶିକ୍ଷାଧିକାରୀ ଡ.ଘୋଷଙ୍କ ଏହି ମହନୀୟ କାର୍ଯ୍ୟକୁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମହଲରେ ପ୍ରଶଂସା କରାଯିବା ସହିତ ଆଗକୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ କୌଣସି କାମରେ ଅବହେଳା କରାଯିବ ନାହିଁ ବୋଲି ଡ. ଘୋଷ ପ୍ରତିଶ୍ରୁତି ଦେଇଥିଲେ। ଏହି ସାକ୍ଷାତ ସମୟରେ ସଂଘର ସଭାପତି ସନ୍ତୋଷ କୁମାର ଚୌଧୁରୀ, ସମ୍ପାଦକ ଦେବେନ୍ଦ୍ର କୁମାର ସ୍ୱାଇଁ, ଉପଦେଷ୍ଟା ତୁଷାରକାନ୍ତ ନାୟକ ଏବଂ ଜିଲାର ସମସ୍ତ ବ୍ଲକର ସଭାପତି ଓ ସମ୍ପାଦକଙ୍କ ସହିତ ୧୦୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ସଡ଼କ ସୁରକ୍ଷା ଏକ ସାମୂହିକ ଦାୟିତ୍ୱ

ପୁରୀ,୨୭।୭(ଅଜିତ ମହାନ୍ତି)

■ ଜୁନ୍ ସୁଦ୍ଧା ୮୮ ଦୁର୍ଘଟଣା, ୮୦ ମୃତ
■ ୨୦୨୨ରେ ୧୯୭ ଦୁର୍ଘଟଣା, ୧୪୬ ମୃତ

ସଡ଼କ ସୁରକ୍ଷା ଏକ ସାମୂହିକ ଦାୟିତ୍ୱ। ବିଭିନ୍ନ ବିଭାଗ ପରସ୍ପର ମଧ୍ୟରେ ସୁସମନ୍ୱୟ ରଖି କାର୍ଯ୍ୟ କଲେ, ଏହାର ସୁଫଳ ମିଳିବା ସହ ଅନେକ ଜୀବନ ରକ୍ଷା ହୋଇପାରିବ ବୋଲି କହିଛନ୍ତି ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ। ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପରିବହନ ବିଭାଗ ପକ୍ଷରୁ ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ସାହୁ ସଡ଼କ ସୁରକ୍ଷା ପାଇଁ ଥିବା ନିୟମ ଓ ମାର୍ଗଦର୍ଶିକାକୁ ଅନୁପାଳନ କରାଗଲେ ନିଶ୍ଚିତ ଭାବେ ଦୁର୍ଘଟଣା ହ୍ରାସ ପାଇବା ସହ ସଡ଼କ ସୁରକ୍ଷିତ ରହିପାରିବ ବୋଲି କହିଥିଲେ। ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ, ପୋଲିସ ବିଭାଗ, ପରିବହନ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ସହଯୋଗ ରହିବା ସହ ମାସିକ ଭାବେ ଅଗ୍ରଗତି ତଥ୍ୟ ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ସଡ଼କ ସୁରକ୍ଷା ପାଇଁ ନିୟମିତ ଯୁଗ୍ମ ଧରପଗଡ଼ ଜାରି ରଖିବା, ଲୋକମାନଙ୍କୁ ସଚେତନ କରାଇବା, ଦୁର୍ଘଟଣାପ୍ରବଣ ସ୍ଥାନ ଓ କାରଣ ଚିହ୍ନଟ କରି ବୈଜ୍ଞାନିକ ପଦ୍ଧତିରେ ଏହାର ନିରାକରଣ ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରାରମ୍ଭରେ ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲାର ସଡ଼କ ଦୁର୍ଘଟଣାର ତଥ୍ୟ ଉପସ୍ଥାପନ କରିଥିଲେ। ଜିଲାରେ ୨୦୨୧ରେ ୧୯୭ଟି ଦୁର୍ଘଟଣା ଘଟିଥିବା ବେଳେ ୧୨୬ଜଣଙ୍କର ମୃତ୍ୟୁ ହୋଇଥିଲା। ସେହିପରି ୨୦୨୨ରେ ୧୯୭ଟି ଦୁର୍ଘଟଣା ହୋଇ ୧୪୬ଜଣଙ୍କର ମୃତ୍ୟୁ ଘଟିଥିଲା। ୨୦୨୩ ଜୁନ ସୁଦ୍ଧା ୮୮ଟି ଦୁର୍ଘଟଣା ହୋଇ ଥିବାବେଳେ ୮୦ଜଣଙ୍କର ମୃତ୍ୟୁ ଘଟିଛି। ୨୦୨୩ ଜୁନ ପର୍ଯ୍ୟନ୍ତ ୨୩୧୧ ବିନା ହେଲମେଟ ଯାଞ୍ଚ କରାଯାଇ ୨୬୭ ଲାଇସେନ୍ସ ରଦ୍ଦ କରାଯାଇଥିବା ବେଳେ ଦ୍ରୁତ ଗତି କ୍ଷେତ୍ରରେ ୨୯୧୫ କେସ ମଧ୍ୟରୁ ୬୬୫ ଲାଇସେନ୍ସ ରଦ୍ଦ କରାଯାଇଛି। ସିଟବେଲ୍ଟ ଉଲ୍ଲଂଘନ କ୍ଷେତ୍ରରେ ୨୭୩ଜଣ, ଗାଡ଼ି ଚାଳନା ବେଳେ ମୋବାଇଲ ବ୍ୟବହାର କ୍ଷେତ୍ରରେ ୧୭୧ ଜଣ, ମାଦକ ଦ୍ରବ୍ୟ ସେବନ କରି ଗାଡ଼ି ଚାଳନା କ୍ଷେତ୍ରରେ ୨୨୫ଜଣଙ୍କୁ ଚିହ୍ନଟ କରାଯାଇଛି। ମୋଟ ୬୬୭୯ କେସ୍ ମଧ୍ୟରୁ ୧୦୯୧ ଜଣଙ୍କ ଲାଇସେନ୍ସ ରଦ୍ଦ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜୁନ ମାସରେ ମୋଟ ୭୨୦ ଚାଲାଣ କଟାଯାଇ ୩୮୩ ଫଇସଲା ହୋଇ ୨୩,୭୯,୪୫୯ ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ବେଳେ ୩୩୭ ଟି ଜରିମାନା ଆଦାୟ ହୋଇନାହିଁ ବୋଲି ପରିବହନ ବିଭାଗ ସୂତ୍ରରୁ ପ୍ରକାଶ। ଏହି ବୈଠକରେ ଟ୍ରାଫିକ ଡିଏସ୍‌ପି ନିରଞ୍ଜନ ଶବର, ଜାତୀୟ ରାଜପଥ ପ୍ରତିନିଧି ହିମାଦ୍ରୀ ଭୂଷଣ ପରିଡା, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ସରୋଜ କୁମାର ମିଶ୍ର, ରଞ୍ଜନ କୁମାର ସାହୁ, ମହେନ୍ଦ୍ର କୁମାର ବିଶ୍ୱାଳ, ସରୋଜ କୁମାର ଆଚାର୍ଯ୍ୟ, ଅମ୍ବିକା ଚନ୍ଦ୍ର ପତି, ତନ୍ମୟ ମହାପାତ୍ର ଓ ଅନ୍ୟାନ୍ୟ ଅଧିକାରୀ, ସଦସ୍ୟମାନେ ଯୋଗଦେଇଥିଲେ।



ବିଭିନ୍ନ ଦାବି ନେଇ ସିପିଆଇ (ଏମ୍ ) ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

## ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସିପିଆଇ(ଏମ୍)ର ବିକ୍ଷୋଭ

ପୁରୀ,୨୭।୭( ଅଜିତ୍ ମହାନ୍ତି)

**ଖାଉଟିଙ୍କୁ ୧୨ମାସର ବକେୟା ଗହମ ଦାବି**

ଉପଭୋକ୍ତାଙ୍କ ଉପରେ ଟାଟା କମ୍ପାନୀର ଜୁଲମ ଦିନକୁ ଦିନ ବଢ଼ିଛି। ଘରେ ପଶି ମିଟରକୁ ବଦଳାଇ ସ୍ମାର୍ଟ ମିଟର ବସାଇ ଲୋକଙ୍କୁ ଠକୁଛନ୍ତି। ବିଦ୍ୟୁତ ୟୁନିଟ ପିଛା ଦର ବଢ଼ିବା ଯୋଗୁ ସାଧାରଣ ଉପଭୋକ୍ତା କ୍ଷତି ସହୁଛି। ଟାଟା ହାତରୁ ରାଜ୍ୟ ସରକାର ବିଦ୍ୟୁତକୁ ଉଦ୍ଧାର କରିବା ଦରକାର। ଅନ୍ୟ ରାଜ୍ୟ ଭଳି ୨୦୦ୟୁନିଟ ପର୍ଯ୍ୟନ୍ତ ବିଲ ଛାଡ଼ ପାଇଁ ଦାବି କରିଛି ସି ପି ଏମ୍। ଜିଲାରେ କଣ୍ଟ୍ରୋଲ ଖାଉଟିମାନଙ୍କୁ ୧୨ମାସ ହେଲା ଗହମ ମିଳିନି। ସରକାର ଓ ଜିଲା ପ୍ରଶାସନ ନୀରବ ଯୋଗୁ ଲୋକେ ଖାଦ୍ୟ ନିରାପତ୍ତା ଅଧିକାର ହରାଇଛନ୍ତି। ଖାଉଟିଙ୍କ ଗହମ ମିଲ୍ ମାଲିକ ଓ ଡିଲର ଆତ୍ମସାତ କରୁଛନ୍ତି। କିରୋସିନ ୧୨୦ଟଙ୍କା, ଗ୍ୟାସ ୧୨୦୦ଟଙ୍କା ହୋଇଥିବା ବେଳେ ଗରିବ ଲୋକେ କିପରି ବଞ୍ଚିବେ ବୋଲି ଦଳ ପ୍ରଶ୍ନ କରିଛି। ଭତ୍ତାଧାରୀମାନଙ୍କ ରାଶି ସରକାର ବଢ଼ାଇବାକୁ ଦାବି କରି ଜିଲାପାଳ ଅଫିସ ଆଗରେ ସିପିଏମ୍ ବିକ୍ଷୋଭ ପ୍ରଦର୍ଶନ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ୨୦୦ୟୁନିଟ ବିଦ୍ୟୁତ୍ ବିଲ ଛାଡ଼କରିବା, ଖାଉଟିଙ୍କୁ ୧୨ମାସର ବକେୟା ଗହମ ତୁରନ୍ତ ଯୋଗାଇଦେବା, ବିଧବା ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା ଓ କଳାକାର ଭତ୍ତା ମାସିକ ୩୦୦୦ଟଙ୍କା ଦେବା, କିରୋସିନି ଦର କମକରି କଳାବଜାର ରୋକିବା ପ୍ରମୁଖ ଦାବି କରାଯାଇଛି। ଜିଲାପାଳ ଯଥାଶୀଘ୍ର ବକେୟା ଗହମକୁ ଖାଉଟିଙ୍କୁ ଦେବା ପାଇଁ ବ୍ୟବସ୍ଥା କରିବେ ବୋଲି କହିଛନ୍ତି। ବିକ୍ଷୋଭ ପ୍ରଦର୍ଶନରେ ସି ପିଆଇ(ଏମ୍) ନେତା ଶରତ କୁମାର ରାୟଗୁରୁ, ମନୋରଞ୍ଜନ ମହାରଣା, ବିଜୟ ଦାସ, ରବି ନାରାୟଣ ପ୍ରଧାନ, ଟୁନା ନାୟକ, ହାରାମଣି ମହାପାତ୍ର, ପ୍ରଶାନ୍ତ ମହାନ୍ତି, ଜ୍ୟୋତ୍ସ୍ନା ମୁଖାର୍ଜୀ, ଜ୍ୟୋତି ପ୍ରକାଶ ନାୟକ, ବାହାନ ପରିଡା, ମନୋରଞ୍ଜନ ମହାରଣା ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଜିଲା ଯୁବ କଂଗ୍ରେସ ନିର୍ବାଚନ ଫଳାଫଳ ଘୋଷଣା

ପୁରୀ,୨୭।୭(ଅଜିତ୍ ମହାନ୍ତି)

ପୁରୀ ଜିଲା କଂଗ୍ରେସର ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି। ସର୍ବାଧିକ ଭୋଟ ପାଇ ପୁରୀର ଆଲୋକ କୁମାର ଦାଶ ପୁରୀ ଜିଲା ଯୁବ କଂଗ୍ରେସର ସଭାପତି ଭାବେ ନିର୍ବାଚନ ହୋଇଛନ୍ତି। ସେହିପରି ଜିଲା ଯୁବ କଂଗ୍ରେସର ଉପସଭାପତି ଭାବେ ଚେତନ ମିଶ୍ର, ଆଲୋକ ମଲ୍ଲିକ, ପୂଜା ବେଜ ନିର୍ବାଚିତ ହୋଇଛନ୍ତି। ଜିଲା ସାଧାରଣ ସମ୍ପାଦକ ଭାବେ ପ୍ରଦୀପ୍ତ ପରିଡା, ଅଶ୍ୱିନୀ କୁମାର ବଳବନ୍ତରାୟ, ପ୍ରଫୁଲ୍ଲ ପ୍ରଧାନ ନିର୍ବାଚିତ ହୋଇଛନ୍ତି। ସେହିପରି ପୁରୀ ବିଧାନସଭା ଯୁବ କଂଗ୍ରେସ ସଭାପତି ଭାବେ ମନୋଜ ମଣ୍ଡଳ ନିର୍ବାଚିତ ହୋଇଥିବା ବେଳେ ପୁରୀ ବିଧାନସଭାର ଉପସଭାପତି ଭାବେ ଅମ୍ରିତ୍ ରଞ୍ଜନ ମହାପାତ୍ର, ଅନିଲ ବେଜ୍ ଏବଂ ମନୋଜ ବେହେରା ନିର୍ବାଚିତ ହୋଇଛନ୍ତି। ଟ୍ୱିଙ୍କୁ ଲେଙ୍କା ସାଧାରଣ ସମ୍ପାଦକ ହୋଇଛନ୍ତି। ସୂଚନାଯୋଗ୍ୟ, ଗତ ଫେବୃୟାରୀ ୧୬ରେ ଯୁବ କଂଗ୍ରେସର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ମାର୍ଚ୍ଚ ୭ରୁ ଏପ୍ରେଲ ୧୦ ପର୍ଯ୍ୟନ୍ତ ଯୁବ କଂଗ୍ରେସର ସଦସ୍ୟତା ଚାଲିଥିଲା। ସର୍ବାଧିକ ଯୁବ କଂଗ୍ରେସ ସଦସ୍ୟତା ଦେଇଥିବା ପ୍ରାର୍ଥୀଙ୍କୁ ସଭାପତି ଭାବେ ଚୟନ କରାଯାଇଛି।

## ଜାମିନରେ ଆସି ବଟି ମାଗିବା ଅଭିଯୋଗ, ୪ ଗିରଫ

ଅସ୍ତରଙ୍ଗ,୨୭।୭(ମମତା ଜେନା)

ଅସ୍ତରଙ୍ଗ ଥାନା ଅଞ୍ଚଳରେ ଜଣେ ଅପରାଧୀ ଜେଲରୁ ଜାମିନରେ ଆସି ସହଯୋଗୀଙ୍କ ସହ ମିଶି ବଟି ମାଗିବା ଓ ନାନା ଧମକ ଦେବା ଅଭିଯୋଗରେ ପୋଲିସ ୪ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଗୋପ ଅଞ୍ଚଳର ଶ୍ରୀମନ୍ତ ମାଝି, ସଂଗ୍ରାମ ପରିଡ଼ା, ଅନିଲ ଭଟ ଓ ଚିତ୍ତ ସ୍ୱାଇଁ। ସେମାନଙ୍କଠାରୁ ପୋଲିସ ଏକ ବୋଲେରୋ ଗାଡି (ଓଡି ୧୩ ଏସ୍ ୦୭୮୦), ମାରଣାସ୍ତ୍ର, ଛୁରି, ଖଣ୍ଡା, ଲୁହା ରଡ଼, ନଗଦ ଟଙ୍କା ଓ ୪ ମୋବାଇଲ ଜବତ କରିଛି । ଏ ନେଇ ପୋଲିସ ଏକ ମାମଲା(ନଂ.୧୨୫/୨୩) ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷେ ଏହି ଘଟଣାର ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ଓ ତାଙ୍କ ଭାଇଙ୍କୁ ଧରିବାକୁ ପୋଲିସ ଚଢ଼ାଉ ଜାରି ରଖିଛି। ସୂଚନା ଅନୁଯାୟୀ, ୨୦୧୯ ଅକ୍ଟୋବରରେ ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଆଳସାହି ଭିମା ଛକରେ ଦିଲୀପ ସ୍ୱାଇଁ ହତ୍ୟାକାଣ୍ଡ ମାମଲାରେ ଅଭିଯୁକ୍ତ

**ବୋଲେରୋ ଗାଡ଼ି, ମାରଣାସ୍ତ୍ର ଜବତ**

ମୁନା ବିଶ୍ୱାଳ ଜେଲରେ ରହିଥିବା ବେଳେ ପୂର୍ବରୁ ଜେଲରେ ଥିବା କିଛି ଅପରାଧୀଙ୍କ ସହ ବନ୍ଧୁତ୍ୱ ସ୍ଥାପନ କରିଥିଲା। ମୁନା ତିନି ବର୍ଷ ଜେଲରେ ରହି ବୁଧବାର ଜାମିନରେ ଆସିବା ପରେ ଜେଲରୁ ବାହାରିଥିବା ବନ୍ଧୁମାନଙ୍କ ସହ ଏକ ବୋଲେରୋ ଗାଡିରେ ଆସି ଅସ୍ତରଙ୍ଗ ବଜାରରେ ଥିବା ଏକ ମଦ ଦୋକାନରୁ ବଟି ମାଗିବା ସହ ଜବରଦସ୍ତ ବିଦେଶୀ ମଦ ଓ ଟଙ୍କା ଛଡାଇ ନେଇଯାଇଥିଲେ। ଏ ନେଇ ଦୋକାନ କର୍ମଚାରୀ ଜ୍ଞାନରଞ୍ଜନ ଛାଟୋଇ ଥାନାରେ ଅଭିଯୋଗ କରିଥିଲେ। ଥାନା ଅତିରିକ୍ତ ଭାରପ୍ରାପ୍ତ ଅଧିକାରୀ ସଂଗ୍ରାମ କେଶରୀ ସ୍ୱାଇଁ ଓ ସେକେଣ୍ଡ ଅଫିସର ଦୀପକ ସାମନ୍ତ ସିଂହାର,ଏଏସ୍ଆଇ ପ୍ରଶାନ୍ତ ବିଶ୍ୱାଳ ପୋଲିସ ଫୋର୍ସ ସହ ତୁରନ୍ତ ମୁନାଙ୍କ ଘର ଝାଡ଼ଲିଙ୍ଗ ଗ୍ରାମରେ ଅଚାନକ ଚଢ଼ାଉ କରିଥିଲେ। ୪ ଅଭିଯୁକ୍ତଙ୍କୁ ପୋଲିସ ଧରିବା ବେଳେ ମୁନା ଓ ତାର ଭାଇ ଫେରାର ହୋଇଯାଇଥିଲେ।

## ସୂଚନା ଅଧିକାର ଆଇନ ଦ୍ୱାରା ଦୁର୍ନୀତିଗ୍ରସ୍ତ ଅଧିକାରୀ ଭୟଭୀତ


ସୂଚନା ଅଧିକାର ଆଇନ ସମ୍ପର୍କରେ ଆଲୋଚନାରେ ଉପସ୍ଥିତ କର୍ମକର୍ତ୍ତା ଓ ଅନ୍ୟମାନେ ।

ସାକ୍ଷୀଗୋପାଳ,୨୭।୭
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

**ଜିଲା ସୂଚନା ରଥ ଉଦ୍ଯାପିତ**

ଓଡ଼ିଶା ସୂଚନା ଅଧିକାର ଅଭିଯାନ ପୁରୀ ଜିଲା ଶାଖା ପକ୍ଷରୁ ଗତ ୧୬ ତାରିଖରୁ ଆରମ୍ଭ ହୋଇଥିବା ସୂଚନା ରଥ ୧୨ଦିନ ଧରି ଚାଲି ୨୭ ତାରିଖ ଗୁରୁବାର ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ଉଦ୍ଯାପିତ ହୋଇଛି। ଏହି ଅବସରରେ ଜିଲା ଶାଖାର କର୍ମକର୍ତ୍ତାଙ୍କ ଦ୍ୱାରା ଏକ ସଭା ସାକ୍ଷୀଗୋପାଳ ପାନ୍ଥନିବାସରେ ଆୟୋଜନ କରାଯାଇଥିଲା। ରାଜ୍ୟ ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ସଭାପତିତ୍ୱ କରି କହିଥିଲେ, ସାରା ରାଜ୍ୟରେ ସୂଚନା ଅଧିକାର କର୍ମୀଙ୍କ ଉପରେ ଯେଉଁଭଳି ଅତ୍ୟାଚାର ବୃଦ୍ଧି ପାଉଛି, ତାହା ସମ୍ପ୍ରତି ସମୟରେ ଉଦବେଗଜନକ ରହିଛି। ଏଥିପାଇଁ ପ୍ରଥମେ ପ୍ରତ୍ୟେକ କର୍ମୀଙ୍କ ନିରାପତ୍ତାକୁ ଲକ୍ଷ୍ୟ କରି ଅନୁଷ୍ଠାନର ପ୍ରତେକ କର୍ମକର୍ତ୍ତା ପ୍ରତ୍ୟେକ କର୍ମୀଙ୍କ ସହ ସହବନ୍ଧିତ ହୋଇ ରହିବା ଆବଶ୍ୟକ। ନବନିର୍ମାଣ କୃଷକ ସଂଘର ରାଜ୍ୟ ସଂଯୋଜକ ଶେଷ ଦେବ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ସୂଚନା ପାଇବା ସମସ୍ତ ନାଗରିକଙ୍କର ସାମ୍ବିଧାନିକ ଅଧିକାର। ଦେଶର ଜନସାଧାରଣଙ୍କ ଟିକସ ଅର୍ଥରେ ଶାସନ ଚାଲିଛି। ତେଣୁ ଶାସନ ବ୍ୟବସ୍ଥାର ଟିକିନିଖି ହିସାବ ମାଗିବାର ଅଧିକାର ନାଗରିକଙ୍କର ରହିଛି। ସୂଚନା ଅଧିକାର ଆଇନ ଯୋଗୁ ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କ ମଧ୍ୟରେ କକୁଆଭୟ ସୃଷ୍ଟି ହୋଇଛି। ରାଜ୍ୟରେ ସୂଚନା ଆଇନକୁ ବ୍ୟବହାର କରି ସୂଚନା ଅଧିକାର କର୍ମୀମାନେ ବଡ଼ ବଡ଼ ଦୁର୍ନୀତିର ଖୁଲାସା କରିବାରେ ସକ୍ଷମ ହୋଇଛନ୍ତି ବୋଲି ସେ କହିଥିଲେ। ପୂର୍ଣ୍ଣଚନ୍ଦ୍ର ନାୟକ, ସୁଧୀର ମହାନ୍ତି, ପ୍ରଦୀପ ସ୍ୱାଇଁ, ସୁଦର୍ଶନ ସ୍ୱାଇଁ, ଦିବାକର ନାୟକ, ଅବିନାଶ ମିଶ୍ର, ଶ୍ରୀଅଖଣ୍ଡ ପିପିଲି, ଦିବାକର ନାୟକ, ପବିତ୍ର ମୋହନ ଦଳେଇ, ବାବି ଜେନା, ସୁଦର୍ଶନ ମିଶ୍ର, ସୁଶୀଲ କୁମାର ସାହୁ, ଅର୍ଜୁନ ବେହେରା ପ୍ରମୁଖ ଜିଲା କର୍ମକର୍ତ୍ତା ଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ। ସୁସିଲି କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## କୃଷକଙ୍କ ଆର୍ଥିକ ଅଭିବୃଦ୍ଧି, ସୁରକ୍ଷାକୁ ଗୁରୁତ୍ୱ


ଉପସ୍ଥିତ ବ୍ୟାଙ୍କ ଅଧିକାରୀ ସ୍ୱୟଂ ସହାୟକ ଗୋଷ୍ଠୀର ୨ ମହିଳାଙ୍କୁ ସମ୍ମାନିତ କରୁଛନ୍ତି।

ସାକ୍ଷୀଗୋପାଳ,୨୭।୭
(ପ୍ରଶାନ୍ତ ବାରିକ/ କିଶୋର ମହାପାତ୍ର)

**ଏସ୍‌ବିଆଇର ମୋ ଗାଁ ମୋ ବ୍ୟାଙ୍କ ଶିବିର**

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ପରାହାଟ ପ୍ରାଥମିକ ବିଦ୍ୟାଳୟ ପରିସରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ) ଭୁବନେଶ୍ୱର ମଣ୍ଡଳ ସହଯୋଗରେ ସାକ୍ଷୀଗୋପାଳ ଶାଖା ପକ୍ଷରୁ ବ୍ୟାଙ୍କର ବୃହତ ସନ୍ଧ୍ୟା ଶିବିର (ମୋ ଗାଁ ମୋ ବ୍ୟାଙ୍କ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଉକ୍ତ ଶିବିରରେ ଆଞ୍ଚଳିକ ପ୍ରବନ୍ଧକ ସୌରଭ ରଥ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ, ଗ୍ରାମାଞ୍ଚଳରେ ଥିବା ସାଧାରଣ ଲୋକଟି ବିଶେଷ କରି କୃଷକମାନେ କିଭଳି ବ୍ୟାଙ୍କ ଦ୍ୱାରା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରତେକ ଯୋଜନାରେ ଯୋଡି ହୋଇ ନିଜର ଆର୍ଥିକ ଅଭିବୃଦ୍ଧି ସହିତ ନିଜର ଆର୍ଥିକ ସ୍ଥିତିକୁ ସୁରକ୍ଷିତ କରି ରଖିପାରିବା ନିମନ୍ତେ ସାନ୍ଧ୍ୟ ଶିବିର ଅଧିକ ସହାୟ ହୋଇପାରିବ ବୋଲି କହିଥିଲେ। ମୁଖ୍ୟ ପ୍ରବନ୍ଧକ ସଞ୍ଜୟ କୁମାର ସାହୁ, ସାକ୍ଷୀଗୋପାଳ ଶାଖା ମୁଖ୍ୟ ପରିଚାଳକ ଆଶିଷ ମିଶ୍ର ପ୍ରମୁଖ ଯୋଗଦେଇ ଏହି ଶିବିରର ଲାଭ ନେବା ନିମନ୍ତେ ବ୍ୟାଙ୍କ ସହିତ ସମ୍ପର୍କ ରଖିବାକୁ ଲୋକଙ୍କୁ ପରାମର୍ଶ ଦେଇଥିଲେ। ସହକାରୀ ପରିଚାଳକ ସୁଜାତା ପଟେଲ ଓ ସହକାରୀ ପରିଚାଳକ ଅଲିଭା ସ୍ୱାଇଁ ଅତିଥି ରୂପେ ଯୋଗଦେଇ ଏସ୍‌ବିଆଇ ତରଫରୁ ବ୍ୟାଙ୍କ ସ୍ୱୀକୃତି ପ୍ରାପ୍ତ ଜନସେବା କେନ୍ଦ୍ର ବର୍ତ୍ତମାନ ମୋ ଗାଁ ମୋ ବ୍ୟାଙ୍କରେ ପରିଣତ ହୋଇଛି। ଏକ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରିଥିବା ନିରଞ୍ଜନ ପ୍ରଧାନ ଓ ବ୍ୟାଙ୍କର ଉତ୍ତମ ଗ୍ରାହକ ବିଜୟ ତ୍ରିପାଠୀ ବ୍ୟାଙ୍କରୁ ପାଇଥିବା ସେବା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପରେ ଉତ୍ତମ କାର୍ଯ୍ୟ ଓ ନିୟମିତ ଋଣ ପରିଶୋଧ କରିଥିବା ସୌରଭ ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ଭାନୁମତି ପ୍ରଧାନ, ସମ୍ପାଦିକା ସୋନାଲି ପ୍ରଧାନ, କୃଷି ଋଣର ଠିକ ଦେଣନେଣ କରୁଥିବା କୃଷକ ମଧୁସୂଦନ ପ୍ରଧାନ, ଭ୍ରମରବର ପ୍ରଧାନ, ଗ୍ରାହକ ବିଜୟ କୁମାର ତ୍ରିପାଠୀ, ବ୍ୟାଙ୍କ ମିତ୍ର ସସ୍ମିତା ମୁଦୁଲି, ଫେସିଲେଟର ଉଦ୍ଧବ ଚନ୍ଦ୍ର ପ୍ରଧାନ ଓ ପ୍ରକାଶ ଚନ୍ଦ୍ର ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା ।

## ଦୋଳବେଦୀକୋଣ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏନ୍‌କ୍ୟୁଏଏସ୍ ମାନ୍ୟତା

ପୁରୀ,୨୭।୭(ଅଜିତ ମହାନ୍ତି)

ଗୁଣାତ୍ମକ ମାନର ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଦୋଳବେଦୀକୋଣ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଜିଲାର ସର୍ବପ୍ରଥମ ଡାକ୍ତରଖାନା ଭାବରେ ଜାତୀୟସ୍ତରରେ ଏନ୍‌କ୍ୟୁଏଏସ୍ (ନ୍ୟାଶନାଲ କ୍ୱାଲିଟି ଆସ୍ୟୁରାନ୍ସ ଷ୍ଟାଣ୍ଡାର୍ଡସ) ମାନ୍ୟତାପ୍ରାପ୍ତ ହୋଇଛି। ଗତ ଜୁନ ମାସ ୨୩ ଓ ୨୪ ତାରିଖରେ ଜାତୀୟ ସ୍ତରର ସ୍ୱୀକୃତି ପ୍ରାପ୍ତ ପର୍ଯ୍ୟବେକ୍ଷକ ଡାକ୍ତର ଅୟନ ରୟ ଓ ଡାକ୍ତର ଅକୁଳା ମହେଶ୍ୱର ରାଓଙ୍କ ଦ୍ୱାରା ଡାକ୍ତରଖାନାର ସମସ୍ତ ୧୨ ବିଭାଗକୁ ବିଭିର୍ନ୍ନ ପଦ୍ଧତି ମାଧ୍ୟମରେ ପୁଙ୍ଖାନୁପୁଙ୍ଖ ଭାବେ ସମୀକ୍ଷା କରାଯାଇଥିଲା। ଏଥିରେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମୋଟ ୮୫.୮୦ ପ୍ରତିଶତ ମାର୍କ ମିଳିଥିଲା। ଉକ୍ତ ସଫଳତା ପାଇଁ ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଜାତା ମିଶ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ସୁନୀଲ ତରାଇ, ଡା. ସୁଶ୍ରୀ ମହାନ୍ତି, ଡା. ଜିତେନ୍ଦ୍ର ମହାନ୍ତିଙ୍କ ସହିତ ସବୁ କର୍ମଚାରୀ ଓ ଜିଲାସ୍ତରୀୟ ସମସ୍ତ କର୍ମଚାରୀମାନଙ୍କୁ ସାଧୁବାଦ ଓ ଅଭିନନ୍ଦନ ଜଣାଇଥିଲେ। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତରଫରୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମାଧ୍ୟମରେ ଏହାର ଫଳାଫଳ ଘୋଷଣା କରାଯାଇଥିଲା। ଏନ୍‌କ୍ୟୁଏଏସ୍‌ର ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଡା. ବିରଜା ଶଙ୍କର ରଥ, ଡି.ପି. ଏମ୍- ଟି.ନାରାୟଣ ରାଓ , ଏପିଏମ -ସନ୍ତୋଷ ମିଶ୍ର, କ୍ୱାଲିଟି ମ୍ୟାନେଜେର-କସ୍ତୁରୀ ପ୍ରିୟମ୍ବଦା, ପିଏଚ୍‌ଏମ୍ ରଞ୍ଜିତ ସ୍ୱାଇଁ ସମ୍ପୂର୍ଣ୍ଣ ତଦାରଖ କରିଥିଲେ।

## ରାଜ୍ୟ କଂଗ୍ରେସ ସଂଖ୍ୟାଲଘୁ ବିଭାଗର ସାଧାରଣ ସମ୍ପାଦକ ହେଲେ ସେକ୍ ମାହାବୁବ

ପିପିଲି,୨୭।୭(ପ୍ରଭାତ ମହାପାତ୍ର)



ପିପିଲି ଏନ୍‌ଏସି କଂଗ୍ରେସର ସଭାପତି ଭାବେ କାର୍ଯ୍ୟ କରୁଥିବା ସେକ୍ ମାହାବୁବ ଦଳର ସଂଖ୍ୟାଲଘୁ ବିଭାଗରେ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ ହୋଇଛନ୍ତି। ୫ ଜଣ ସାଧାରଣ ସମ୍ପାଦକଙ୍କ ମଧ୍ୟରେ ସେ ସ୍ଥାନ ପାଇଛନ୍ତି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ସେ ପିପିଲି ଏନ୍‌ଏସି କଂଗ୍ରେସର ସଭାପତି ଭାବେ କାର୍ଯ୍ୟ ସମ୍ଭାଳି ଥିଲେ। ତାଙ୍କର ସାଂଗଠନିକ ଦକ୍ଷତାକୁ ଦୃଷ୍ଟିରେ ରଖି ତାଙ୍କୁ ରାଜ୍ୟରେ ସଂଖ୍ୟାଲଘୁ ବିଭାଗର ସାଧାରଣ ସମ୍ପାଦକ ଦାୟିତ୍ୱ ମିଳିଛି। ଅନ୍ୟାନ୍ୟ ସାମାଜିକ କାର୍ଯ୍ୟରେ ମଧ୍ୟ ସେ ନିୟୋଜିତ ଅଛନ୍ତି। ଏହି ନିଯୁକ୍ତି ପରେ ସେ କଂଗ୍ରେସ ସଂଖ୍ୟାଲଘୁ ବିଭାଗର ଜାତୀୟ ସଭାପତି ଇମ୍ରାନ ପ୍ରତାପଗଡ଼ି, ପିସିସି ସଭାପତି ଶରତ ପଟ୍ଟନାୟକ, ସଂଖ୍ୟାଲଘୁ କଂଗ୍ରେସ ରାଜ୍ୟ ସଭାପତି ଜିଆଉଲ୍ ହକ୍ ଏବଂ ସ୍ଥାନୀୟ କଂଗ୍ରେସ ନେତା ତଥା ପ୍ରଦେଶ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ରଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି।

## ଛାତ୍ରୀଛାତ୍ର ଆଗାମୀ ଦିନରେ ଦେଶ, ରାଜ୍ୟକୁ ବିକଶିତ କରିବେ

ନିମାପଡ଼ା,୨୭।୭(ବିଚିତ୍ରାନନ୍ଦ ସାହୁ)



ବିଧାୟକ ସମୀର ରଞ୍ଜନ ଦାଶ କଲେଜର ହୀରକ ଜୟନ୍ତୀ ଲୋଗୋ ଉନ୍ମୋଚନ କରୁଛନ୍ତି।

**ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ୬୦ତମ ପ୍ରତିଷ୍ଠା ଦିବସ ସମାରୋହ**

ଆଜିର ଅଧ୍ୟୟନରତ ଛାତ୍ରୀଛାତ୍ର ଆଗାମୀ ଦିନରେ ଦେଶ ଓ ରାଜ୍ୟକୁ ବିକଶିତ କରିବେ। ଭବିଷ୍ୟତରେ ସମୃଦ୍ଧ ରାଜ୍ୟ ଓ ଦେଶ ଗଠନରେ ସହାୟକ ହେବାସହ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବେ। ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ହୀରକ ଜୟନ୍ତୀ ବର୍ଷ ଅବସରରେ ଗୁରୁବାର କଲେଜର ୬୦ତମ ପ୍ରତିଷ୍ଠା ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ ଏହି ମତ ରଖିଛନ୍ତି। ନିମାପଡ଼ା କଲେଜରେ ବିକାଶର ଧାରା ଜାରି ରହିଛି। ଶିକ୍ଷାର ବିକାଶ ଓ ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମିର ବିକାଶ ପାଇଁ ଆମ ସରକାର ଦୃଢ଼ ସଂକଳ୍ପବଦ୍ଧ, ବିକାଶମୁଖୀ କାର୍ଯ୍ୟ ପାଇଁ ଅର୍ଥର ଅଭାବ ନାହିଁ ବୋଲି ବିଧାୟକ ଦାଶ କହିଥିଲେ। ଖୁବ୍‌ଶୀଘ୍ର କଲେଜର ଛାତ୍ରାବାସ, ଆଲୁମ୍ନି ଗ୍ୟାଲେରି କମିଟି ସଭାପତି ଶିକ୍ଷାବିତ୍ ଜଗତ୍ ପ୍ରସାଦ ସାବୁତ୍, ଅଧ୍ୟକ୍ଷା ପୁଷ୍ପତା ରାଜଗୁରୁ, କଲେଜର ଡିନ୍ ଶିକ୍ଷାବିତ୍ ରମାକାନ୍ତ ଦାଶ, ବିଶିଷ୍ଟ ବୈଜ୍ଞାନିକ ପ୍ରଫେସର ଶୁଭେନ୍ଦୁ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମହାବିଦ୍ୟାଳୟର ଉନ୍ନତି କାମନା କରିଥିଲେ। ମହାବିଦ୍ୟାଳୟର ୬୦ ବର୍ଷ ପୂର୍ତ୍ତି ଅବସରରେ କଲେଜର ହୀରକ ଜୟନ୍ତୀ ଲୋଗୋ, କଲେଜର ମୁଖପତ୍ର ସ୍ମରଣିକା 'ରତମ୍ଭରା'କୁ ବିଧାୟକ ଉନ୍ମୋଚନ କରିଥିଲେ। ଡିସେମ୍ବରରେ ବଡ଼ ଧୁମଧାମ୍‌ରେ କଲେଜର ହୀରକ ଜୟନ୍ତୀ ସମାରୋହ ଅନୁଷ୍ଠିତ ହେବ ବୋଲି ବିଧାୟକ ଦାଶ କହିଥିଲେ। କଲେଜର ଭୂତତ୍ତ୍ୱ ବିଭାଗଠାରେ ଭୂତତ୍ତ୍ୱ ବିଭାଗ ନୂତନ ସଂଗ୍ରହାଳୟ ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଥିଲା। ଏହି ସମାରୋହରେ କଲେଜ ପରିସରରେ 'ଚନ୍ଦ୍ରାୟନ-୩' ଶୀର୍ଷକ ଏକ ଆଲୋଚନାଚକ୍ର ଓ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ନିମାପଡ଼ା କଲେଜ ଓ ଆଲୁମ୍ନି ଆସୋସିଏଶନ ପକ୍ଷରୁ କଲେଜ ପରିସରରେ ୨ଶହରୁ ଊର୍ଦ୍ଧ୍ୱ ବୃକ୍ଷର ଚାରାରୋପଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର, ଟ୍ରଫି, ପୁରସ୍କାର ପ୍ରଦାନ କରାଯାଇଥିଲା। ବରିଷ୍ଠ ଅଧାପକ ଡଃ ପ୍ରଦୀପ ଦାଶ, ମାନସ ରଞ୍ଜନ ସ୍ୱାଇଁ, ପ୍ରାଧାପକ ଡ. ରବୀନ୍ଦ୍ରନାଥ ପାଢୀ, ସୁବ୍ରତ ମହାନ୍ତି, ବିଷ୍ଣୁ ପ୍ରସାଦ ସାହୁ, ଅଧାପିକା ସ୍ୱପ୍ନାରାଣୀ ମିଶ୍ର ପ୍ରମୁଖ ଏହି ସମାରୋହର ସଂଯୋଜନା ଓ ପରିଚାଳନା କରିଥିଲେ। କଲେଜର ଛାତ୍ରୀଛାତ୍ର ଅଧାପିକା, ଅଧାପକ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉତ୍ସବରେ ପୂର୍ବତନ ଅଧ୍ୟକ୍ଷ, ଶିକ୍ଷାବିତ୍ ଯୋଗେନ୍ଦ୍ରଚନ୍ଦ୍ର ମିଶ୍ର, ବସନ୍ତ ମହାନ୍ତି, ଲକ୍ଷ୍ମୀଧର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

# ଦିଆଯାଇଥିବା ଅନୁଦାନ ଧାର୍ଯ୍ୟ ସମୟରେ ଶେଷ କର

ଭୁବନେଶ୍ୱର, ୨୭।୭(ସୁନିତ୍ ମିଶ୍ର)

ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଗୁରୁବାର ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ଲୋକ ସେବା ଭବନସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ସିଂହ ଅଧ୍ୟକ୍ଷତା କରି କହିଛନ୍ତି, ଗ୍ରାମାଞ୍ଚଳର ସଫଳତା ଏହାର ଭିତ୍ତିଭୂମି ବିକାଶ ଉପରେ ପର୍ଯ୍ୟବସିତ। ରାସ୍ତା, ସେତୁ ଓ କୋଠାବାଡ଼ି ନିର୍ମାଣ କାମ ତ୍ୱରାନ୍ୱିତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ କରିବା ବିଭାଗର ଗୁରୁଦାୟିତ୍ୱ। ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ପାଇଁ ଡିଭିଜନଗୁଡ଼ିକ ବିଭାଗକୁ ଦେଉଥିବା ସମୟସୀମା ଉପରେ ଧ୍ୟାନଦେବା ଜରୁରୀ। ଏଣୁ ବିଭିନ୍ନ ପ୍ରକଳ୍ପ ପାଇଁ ଦିଆ ଯାଇଥିବା ଅନୁଦାନ ରାଶି ଧାର୍ଯ୍ୟ ସମୟରେ ଖର୍ଚ୍ଚ ହେବା ଜରୁରୀ। ବିଭାଗ ଦ୍ୱାରା ଡିଭିଜନଗୁଡ଼ିକୁ ପ୍ରଥମ ତ୍ରୈମାସିକରେ ୩୦% ଓ ଦ୍ୱିତୀୟ ତ୍ରୈମାସିକ ପାଇଁ ୨୦% ବଜେଟ ପ୍ରଦାନ କରାଯାଇଛି। ବରଗଡ଼, କୋରାପୁଟ, ଜଗତ୍‌ସିଂହପୁର ଓ ବାଲେଶ୍ୱର ଭଳି ଡିଭିଜନରେ ତ୍ରୈମାସିକ ବ୍ୟୟ ଖୁବ୍ ସନ୍ତୋଷଜନକ ରହିଛି। ଅନ୍ୟ କେତେକ

### ବିଭାଗୀୟ ଅଧିକାରୀଙ୍କୁ ସଚିବଙ୍କ ନିର୍ଦ୍ଦେଶ

ଡିଭିଜନରେ ପ୍ରକଳ୍ପ ପାଇଁ ଦିଆଯାଇ ଥିବା ଅର୍ଥ ବିନିଯୋଗ ସନ୍ତୋଷଜନକ ହୋଇ ନ ଥିବାରୁ ସିଂହ ବିଭାଗୀୟ ଅଧିକାରୀଙ୍କୁ ବିହିତ ପଦକ୍ଷେପ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଅଗଷ୍ଟ ଶେଷ ସୁଦ୍ଧା ସମସ୍ତ ଡିଭିଜନ ଅନ୍ୟୁନ ୩୦ ପ୍ରତିଶତ ଅନୁଦାନ ଖର୍ଚ୍ଚ କରିବା ସହ ଅଗଷ୍ଟରେ ସମସ୍ତ ଡିଭିଜନ ସର୍ବନିମ୍ନ ୮ କୋଟି ଟଙ୍କା ଖର୍ଚ୍ଚ କରି ରିପୋର୍ଟ ପ୍ରଦାନ କରିବାକୁ ସିଂହ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଶତ ପ୍ରତିଶତ ପ୍ରଶାସନିକ ଅନୁମୋଦନ ସହ ସମସ୍ତ ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ଚାଲୁ ରଖିବାକୁ ସେ କହିଛନ୍ତି। ବିଗତ ବର୍ଷରେ ଆରମ୍ଭ ହୋଇଥିବା ପ୍ରକଳ୍ପଗୁଡ଼ିକ ଶୀଘ୍ର ସମ୍ପୂର୍ଣ୍ଣ କରିବା ସହ ୨୦୨୩-୨୪ ଆର୍ଥିକ ବର୍ଷରେ ହାତକୁ ନିଆଯାଇଥିବା ଯୋଜନା ଓ ପ୍ରକଳ୍ପ କାମ ତ୍ୱରାନ୍ୱିତ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ସେହିପରି ରାଜ୍ୟର ସମସ୍ତ ୬୦ଟି ଡିଭିଜନ ଏବଂ ୧୩ଟି ଇଞ୍ଜିନିୟରିଂ ସର୍କଲ ସଂସ୍ଥାର ମୁଖ୍ୟଯନ୍ତ୍ରୀ ଏବଂ ସର୍ବୋଚ୍ଚ ଯନ୍ତ୍ରୀମାନେ ଆଭାସି ମାଧ୍ୟମରେ ଏହି ସମୀକ୍ଷା ବୈଠକରେ ଯୋଗଦେଇଥିଲେ।

# କୋଇଲା ବୋଝେଇ ଟ୍ରେନ୍‌ର ୨ ବଗିରେ ନିଆଁ

ଡେରାବିଶ, ୨୭।୭ (ବେବର୍ତ୍ତା ଅଜୟ ଦାସ)



ହରିଦାସପୁର-ପାରାଦୀପ ରେଳପଥର ଡେରାବିଶ ବ୍ଲକ ଅନ୍ତର୍ଗତ ବାଜିପଡ଼ା ରେଳଷ୍ଟେଶନ୍ ନିକଟରେ ଗୁରୁବାର ପୂର୍ବାହ୍ନରେ ଏକ କୋଇଲା ବୋଝେଇ ଟ୍ରେନ୍‌ର ୨ଟି ବଗିରେ ନିଆଁ ଲାଗିଥିଲା। ଏହାକୁ ଦେଖି ବାଜିପଡ଼ା ଷ୍ଟେଶନ୍ ନିକଟରେ ଟ୍ରେନଟିକୁ ଅଟକାଇ ଦିଆଯାଇଥିଲା। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ଥିବା ବେଳେ ଏ ସମ୍ପର୍କରେ ଷ୍ଟେଶନ ମାଷ୍ଟର ସୁକାନ୍ତ ପଟ୍ଟନାୟକଙ୍କୁ ଯୋଗାଯୋଗ କରାଯାଇଥିଲା। ସେ କହିଲେ ପୂର୍ବାହ୍ନରେ ପାରାଦୀପରୁ ଆସୁଥିବା କୋଇଲା ବୋଝେଇ ଟ୍ରେନର ୨ଟି ବଗିରେ ଧୂଆଁ ଦେଖିବାକୁ ମିଳିଥିଲା। ସଙ୍ଗେ ସଙ୍ଗେ ଟ୍ରେନ୍‌ଟିକୁ ଷ୍ଟେଶନ୍ ନିକଟରେ ଅଟକାଇ ଏହି ଲାଇନ୍‌ର ପାୱାର କଟ୍ କରିବା ପାଇଁ ଖୋର୍ଦ୍ଧାରେ ଥିବା ରେଳପଥ କାର୍ଯ୍ୟାଳୟ ସହ ଯୋଗାଯୋଗ କରାଯାଇଥିଲା। ପରେ ପାୱାର କଟ୍ କରାଯାଇଥିଲା। ତେବେ ଅଟକି ଥିବା ଟ୍ରେନ୍‌ର ବଗିରୁ ନିଆଁ ଲିଭାଇବା ପାଇଁ କେନ୍ଦ୍ରାପଡ଼ା ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ବିଭାଗ କର୍ମଚାରୀମାନେ ଅପରାହ୍ନ ସାଢ଼େ ୨ଟାରେ ନିଆଁ ଲିଭାଇଥିଲେ। ତେବେ ଏହି ରେଳପଥ ଦେଇ ଚଳାଚଳ କରୁଥିବା ଅନ୍ୟ ମାଲବାହୀ ଟ୍ରେନ୍‌ଗୁଡ଼ିକୁ କେନ୍ଦ୍ରାପଡ଼ା ଓ ଲଳିତଗିରି ବୌଦ୍ଧ ବିହାର ଷ୍ଟେଶନ୍ ଛକରେ ମଧ୍ୟ ଅଟକା ଯାଇଥିଲା। ନିଆଁ ଲାଗିଥିବା ଏହି କୋଇଲା ବୋଝେଇ ଟ୍ରେନ୍‌ଟି ବାଜିପଡ଼ା ଷ୍ଟେଶନ୍ ନିକଟରେ ଅଟକି ରହିଥିବା ବେଳେ ନିଆଁ ଲାଗିବାର କାରଣ ସମ୍ପର୍କରେ ବିଭାଗ ପକ୍ଷରୁ ଅନୁଧ୍ୟାନ କରାଯାଉଥିବା ନେଇ ଷ୍ଟେଶନ୍ ମାଷ୍ଟର ପଟ୍ଟନାୟକ ସୂଚନା ଦେଇଛନ୍ତି। ହରିଦାସପୁର-ପାରାଦୀପ ରେଳପଥ ନିର୍ମାଣ ହେବା ପରେ ଏହି ରେଳପଥରେ ଏହା ପ୍ରଥମ ଘଟଣା ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

# ବଗି ଛାଡ଼ି ୫୦୦ ମିଟର ପଳାଇଲା ଇଞ୍ଜିନ

ଚଣ୍ଡିଖୋଲ, ୨୭।୭(ପ୍ରଦୀପ୍ତ କୁମାର ପୃଷ୍ଟି)



ହରିଦାସପୁର-ପାରାଦୀପ ରେଳପଥରେ ଗୁରୁବାର ସକାଳେ ଏକ ମାଲ୍‌ବାହୀ ଟ୍ରେନ୍ ବଗି ଛାଡ଼ି ପଳାଇଛି। ପାରାଦୀପ ଆଡୁ ହରିଦାସପୁର ଅଭିମୁଖେ ଯାଉଥିବା ଉକ୍ତ ଟ୍ରେନ ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ଅଧୀନ ବାଲିଚନ୍ଦ୍ରପୁର ସନ୍ନିକଟ ପତରାଜପୁରଠାରେ ବଗିକୁ ଛାଡ଼ି ୫୦୦ ମିଟର ଦୂରକୁ ପଳାଇ ଯାଇଥିଲା। ଟ୍ରେନ୍ ଡ୍ରାଇଭର ଏକଥା ଜାଣିପାରି ସଙ୍ଗେସଙ୍ଗେ ବିଭାଗୀୟ ଅଧିକାରୀମାନଙ୍କୁ ଖବର ଦେଇଥିଲେ। ଖବରପାଇ ଟେକ୍ନିସିଆନମାନେ ପହଞ୍ଚି ପୁନର୍ବାର ବଗିକୁ ସଂଯୋଗ କରିବା ପରେ ଟ୍ରେନ ହରିଦାସପୁର ଅଭିମୁଖେ ଯାଇଥିଲା।

ଏହା ପୂର୍ବତଟ ରେଳପଥ ଅଧୀନରେ ରହିଥିବାବେଳେ ଏହାର ଦୋହରୀକରଣ ଏ ପର୍ଯ୍ୟନ୍ତ ହୋଇ ପାରିନାହିଁ। ଦୀର୍ଘ ୩ ବର୍ଷ ହେବ ଏହି ରେଳପଥରେ କେବଳ ମାଲ୍‌ବାହୀ ଟ୍ରେନ ଚାଲୁଛି। ଏ ପର୍ଯ୍ୟନ୍ତ ପାସେଞ୍ଜର ଟ୍ରେନ୍ ଚାଲିନାହିଁ। ଯଦି ଟ୍ରେନ ଲାଇନଚ୍ୟୁତ ହୋଇଥାନ୍ତା କିମ୍ବା ପାସେଞ୍ଜର ଟ୍ରେନ୍ ହୋଇଥାନ୍ତା ତେବେ ବଡ଼ ଦୁର୍ଘଟଣା ଘଟିଥାନ୍ତା ବୋଲି କୁହାଯାଉଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ଟ୍ରେନ୍ ଇଞ୍ଜିନରୁ ବଗି ଅଲଗା ହେବା ସମୟରେ ଏକ ବଡ଼ ଶବ୍ଦ ଶୁଣାଯାଇଥିଲା। ଇଞ୍ଜିନ କିଛି ରାସ୍ତା ଯିବା ପରେ ଅଟକି ଯାଇଥିଲା।

# ମୋବାଇଲ ମେସେଜ୍ ନ ପାଇ ଧାନ ବିକି ପାରିଲେନି ୩ ଚାଷୀ

କଟକ, ୨୭।୭ (କାର୍ତ୍ତିକ ସାହୁ)

ସରକାରୀ ମଣ୍ଡିରେ ଧାନ ବିକିବାରୁ ବଞ୍ଚିତ ହୋଇଥିବା ସୁବର୍ଣ୍ଣପୁର ଜିଲାର ୩ ଜଣ ଚାଷୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହାଇକୋର୍ଟ ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୁରୁବାର ସେମାନଙ୍କ ଆବେଦନର ଶୁଣାଣି କରି ଜବାବ ଦାଖଲ ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ବରଘାଟଦାଦର ବାସିନ୍ଦା ଶାନ୍ତନୁ ମହାକୁର, ପ୍ରଫୁଲ୍ଲ ଖାଙ୍କର ଓ ରାଧେଶ୍ୟାମ ମହାକୁରଙ୍କ ପକ୍ଷରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ରାଜ୍ୟ ସରକାରଙ୍କ ନିୟମାନୁସାରେ ନିଜ ଜମିରୁ ଅମଳ ହୋଇଥିବା ଧାନ ବିକ୍ରି କରିବା ପାଇଁ ଅନ୍‌ଲାଇନ ପୋର୍ଟାଲରେ ପଞ୍ଜୀକରଣ କରିଥିଲେ। ଏହାପରେ ଚାଷୀଙ୍କ ମୋବାଇଲ୍‌କୁ ଧାନ ବିକ୍ରି ପାଇଁ ମେସେଜ ଆସିବାର ବ୍ୟବସ୍ଥା ରହିଛି। ହେଲେ ଏହି ଚାଷୀମାନଙ୍କ ମୋବାଇଲ୍‌କୁ ଧାନ ବିକ୍ରି ନେଇ କୌଣସି ମେସେଜ ଆସି ନ ଥିଲା।

### ଜବାବ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଫଳରେ ସେମାନେ ସରକାରୀ ମଣ୍ଡିରେ ଧାନ ବିକ୍ରି କରିପାରି ନ ଥିଲେ। ସେମାନେ ଧାନ ବିକ୍ରି ପାଇଁ ଯୋଗାଣ ବିଭାଗର ଅଧିକାରୀମାନଙ୍କୁ ଅବଗତ କରିଥିଲେ ସୁଦ୍ଧା କେହି ସେମାନଙ୍କ କଥା ଶୁଣି ନ ଥିଲେ। ଏହାଦ୍ୱାରା ସେମାନଙ୍କର କ୍ଷତି ହୋଇଛି। ଏନେଇ ଆବେଦନକାରୀମାନେ ଗତ ଜୁନ୍ ୯ରେ ସୁବର୍ଣ୍ଣପୁର ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ହେଲେ ଏ ନେଇ କୌଣସି ସୁଫଳ ନ ମିଳିବାରୁ ଗତ ୧୧ ତାରିଖରେ ସେମାନେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରି ନ୍ୟାୟ ଆବେଦନ କରିଛନ୍ତି। ରାଜ୍ୟ ସରକାରଙ୍କ ପ୍ରମୁଖ ଶାସନ ସଚିବ, ସୁବର୍ଣ୍ଣପୁର ଜିଲାପାଳ ଏବଂ ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କୁ ଏଥିରେ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ସହସ୍ରାଂଶୁ ସୌରଭ ମାମଲା ପରିଚାଳନା କରୁଛନ୍ତି।

# ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷାଫଳ ପ୍ରକାଶ ଉପରୁ ଅଙ୍କୁଶ ହଟିଲା

କଟକ, ୨୭।୭ (କାର୍ତ୍ତିକ ସାହୁ)

ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷା ୨୦୨୧ର ଫଳ ପ୍ରକାଶ ନେଇ ପୂର୍ବରୁ ରହିଥିବା ହାଇକୋର୍ଟଙ୍କ ଅଙ୍କୁଶ ହଟିଛି। ଆବେଦନକାରୀ ଦିବ୍ୟାଙ୍ଗଙ୍କ ମାମଲା ଫଇସଲା ହେବା ପର୍ଯ୍ୟନ୍ତ ଗୋଟିଏ ପଦ ସଂରକ୍ଷିତ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇ ପୂର୍ବ ନିର୍ଦ୍ଦେଶରେ ପରିବର୍ତ୍ତନ କରିଛନ୍ତି। ହାଇକୋର୍ଟ ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କୁ ନେଇ ଖଣ୍ଡପୀଠ ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସ୍‌ସି)ର ମଧ୍ୟବର୍ତ୍ତିକାଳୀନ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ହାଇକୋର୍ଟଙ୍କ ବିନା ଅନୁମତିରେ ସିଭିଲ ସର୍ଭିସ୍ ପରୀକ୍ଷା ନିଯୁକ୍ତି ପ୍ରକ୍ରିୟାର ଫଳାଫଳ ପ୍ରକାଶ

### ଗୋଟିଏ ପଦବୀ ସଂରକ୍ଷିତ ରଖିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କରାଯିବ ନାହିଁ ବୋଲି ୨୦୨୩ ଜୁଲାଇ ୨୧ରେ ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ଏହି ପରୀକ୍ଷା ସଂକ୍ରାନ୍ତରେ ଜଣେ ଦିବ୍ୟାଙ୍ଗ ପ୍ରାର୍ଥୀଙ୍କ ଆବେଦନର ପ୍ରାରମ୍ଭିକ ଶୁଣାଣି କରି ହାଇକୋର୍ଟ ସମଗ୍ର ସିଭିଲ ସର୍ଭିସ୍ ପରୀକ୍ଷାଫଳ ଉପରେ କଟକଣା ଲଗାଇଥିଲେ। ହାଇକୋର୍ଟଙ୍କ ଜୁଲାଇ ୨୧ ଅନ୍ତରୀଣ ନିର୍ଦ୍ଦେଶରେ ପରିବର୍ତ୍ତନ ପାଇଁ ଓପିଏସ୍‌ସି ପକ୍ଷରୁ ଏକ ମଧ୍ୟବର୍ତ୍ତିକାଳୀନ ଆବେଦନ ଦାୟର କରାଯାଇଥିଲା। ଜଣେ ପ୍ରାର୍ଥୀଙ୍କ ବିବାଦକୁ ନେଇ ଦାୟର ମାମଲାରେ ସମଗ୍ର ନିଯୁକ୍ତି ପ୍ରକ୍ରିୟା ଫଳ ପ୍ରକାଶ ଉପରେ ଅଙ୍କୁଶ ଜାରି କରାଯିବା ଫଳରେ ଅନ୍ୟ ପ୍ରାର୍ଥୀମାନେ ପ୍ରଭାବିତ ହେବେ ବୋଲି ଆବେଦନରେ ଦର୍ଶାଯାଇଥିଲା। ହାଇକୋର୍ଟ ଓପିଏସ୍‌ସି ଆବେଦନର ଶୁଣାଣି କରି ପୂର୍ବ ନିର୍ଦ୍ଦେଶରେ ପରିବର୍ତ୍ତନ କରିଛନ୍ତି। ଗୋଟିଏ ପଦବୀ ସଂରକ୍ଷିତ ରଖିବାକୁ ଓପିଏସ୍‌ସିକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ପଦବୀରେ ହାଇକୋର୍ଟଙ୍କ ବିନା ଅନୁମତିରେ ନିଯୁକ୍ତି ଦିଆଯିବ ନାହିଁ। ବିଚାରାଧୀନ ମାମଲାର ଫଳାଫଳ ଉପରେ ଏହି ପ୍ରସଙ୍ଗ ନିର୍ଭର କରିବ ବୋଲି ହାଇକୋର୍ଟ କହିଛନ୍ତି। ଓପିଏସ୍‌ସି ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଦୀପ୍ତ କୁମାର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ସୋସିଆଲ ମିଡିଆରେ ସ୍ୱାସ୍ଥ୍ୟ ସଚିବଙ୍କ ଜାଲ୍ ଦସ୍ତଖତ ଚିଠି ଭାଇରାଲ

ଭୁବନେଶ୍ୱର, ୨୭।୭(ଶର୍ମିଷ୍ଠା ପାଣିଗ୍ରାହୀ)

ସୋସିଆଲ ମିଡ଼ିଆରେ ସାସ୍ଥ୍ୟ ସଚିବଙ୍କ ଜାଲ୍ ଦସ୍ତଖତ ଥିବା ଏକ ଚିଠି ଘୁରିବୁଲୁଛି। ଏହି ଚିଠିକୁ ନେଇ ସ୍ୱାସ୍ଥ୍ୟ ବିଭାଗ ଟୁଇଟ୍ ଜରିଆରେ ସତର୍କ କରାଇଛି। ଓଡ଼ିଶା ମେଡିକାଲ ସର୍ଭିସ୍ କମିଶନଙ୍କ ନାମରେ ଜାରି ହୋଇଥିବା ଉକ୍ତ ଚିଠି ନକଲି ବୋଲି ସ୍ୱାସ୍ଥ୍ୟ ବିଭାଗ ସ୍ପଷ୍ଟ କରିଛି। ସୂଚନାଯୋଗ୍ୟ, ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏହି ଚିଠିରେ ଉଲ୍ଲେଖ ରହିଛି ଯେ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ସଚିବ

### ସ୍ୱାସ୍ଥ୍ୟ ବିଭାଗ କହିଲା ନକଲି, ସତର୍କ ରୁହ

ଶାଳିନୀ ପଣ୍ଡିତଙ୍କ ଦସ୍ତଖତରେ ବିଭାଗର ଗ୍ରୁପ୍ ସି ଏବଂ ଡି ବର୍ଗର କର୍ମଚାରୀଙ୍କ ନିୟମିତକରଣ ହୋଇଥିବା ବିଜ୍ଞପ୍ତି ଜାରି କରାଯାଇଛି। ଇତିମଧ୍ୟରେ କାର୍ଯ୍ୟରତ କର୍ମଚାରୀମାନେ ଯେଉଁ ବିଭାଗରେ ନିୟମିତ ହୋଇଛନ୍ତି, ସେମାନଙ୍କ ନାମକୁ ବିଭାଗ ପୋର୍ଟାଲର ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ନକଲି ଚିଠିରେ ୫ଜଣଙ୍କ ନାମ ରହିଛି। ସେମାନଙ୍କ ମଧ୍ୟରୁ ୪ଜଣ କ୍ୟାପିଟାଲ ହସ୍ପିଟାଲ ଏବଂ ଜଣେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ନିଯୁକ୍ତି ପାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଅପରପକ୍ଷରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟୀକରଣରେ କୁହାଯାଇଛି ଯେ, ଜୁଲାଇ ୨୦ରେ ବିଭାଗ ପକ୍ଷରୁ କୌଣସି ଚିଠି କିମ୍ବା ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ସୋସିଆଲ ମିଡ଼ିଆରେ ଭାଇରାଲ ହେଉଥିବା ଚିଠିଟି ସମ୍ପୂର୍ଣ୍ଣ ନକଲି। ଏଭଳି ନକଲି ପରାମର୍ଶ ଓ ନିର୍ଦ୍ଦେଶଠାରୁ ସତର୍କ ରହିବାକୁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି।

# କୁତ୍ସିତ ପ୍ରଥା ବନ୍ଦକର: ମହିଳା କମିଶନ ଅଧ୍ୟକ୍ଷା

ଭୁବନେଶ୍ୱର, ୨୭।୭(ଅନିଲ ଦାସ)

ପୁରୁଷଙ୍କଠାରୁ ମହିଳା କୌଣସି ଗୁଣରେ କମ୍ ନୁହନ୍ତି। ମହିଳାମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରି ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରୁଛନ୍ତି। ସେମାନଙ୍କୁ ସମାନ ଅଧିକାର ଦେବା ଲାଗି ବିଭିନ୍ନ ସମୟରେ ଦାବି ମଧ୍ୟ ଉଠୁଛି। ହେଲେ ଏବେ ବି ମହିଳା ବିରୋଧୀ ଅନେକ କୁତ୍ସିତ ପ୍ରଥା ପ୍ରଚଳିତ। ବସ୍‌ଯାତ୍ରା ଆରମ୍ଭ ବେଳେ ପ୍ରଥମ ଯାତ୍ରୀ ଭାବେ ମହିଳାଙ୍କୁ ଗାଡ଼ି ଭିତରକୁ ପ୍ରବେଶ ପାଇଁ ଅନୁମତି ନ ମିଳିବା ସେଥିରୁ ଗୋଟିଏ। ତେବେ ଏହାକୁ ବନ୍ଦ କରିବା ଲାଗି ପଦକ୍ଷେପ ନେବାକୁ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଡ. ମିନତି ବେହେରା ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି।

ନିକଟରେ ଜଣେ ମହିଳା ଯାତ୍ରୀ ଭୁବନେଶ୍ୱର ବରମୁଣ୍ଡାରୁ ମାଲକାନଗିରି ଯିବାକୁ ଚାହୁଁଥିଲେ। ତେବେ ସେ ବସ୍‌ରେ ଚଢ଼ିବା ବେଳକୁ କଣ୍ଡକ୍ଟର ବାରଣ କରିଥିଲେ।

### ପ୍ରଥମେ ମହିଳା ଯାତ୍ରୀଙ୍କୁ ଉଠାଉନାହାନ୍ତି ବସ୍

ବସ୍‌ରେ ପ୍ରଥମେ ପୁରୁଷ ଯାତ୍ରୀ ଉଠି ନ ଥିବାରୁ ତାଙ୍କୁ ଏଥିଲାଗି ଅନୁମତି ମିଳି ନ ଥିଲା। ଏ ସଂକ୍ରାନ୍ତରେ ଜଣେ ସାମାଜିକ କର୍ମୀ ରାଜ୍ୟ ମହିଳା କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କମିଶନ ତାଙ୍କ ପିଟିଶନକୁ ଗ୍ରହଣ କରିବା ସହ ଏଭଳି ପ୍ରଥା ବନ୍ଦ କରିବାକୁ ପରିବହନ ବିଭାଗକୁ ଚିଠି କରିଥିଲେ। ବସ୍‌ରେ ପ୍ରଥମ ଯାତ୍ରୀ ଭାବେ ମହିଳାଙ୍କୁ ବାରଣ ପରି କୁତ୍ସିତ ପ୍ରଥା ଉଚ୍ଛେଦ ହେଉ। ସେମାନଙ୍କ ନିରାପତ୍ତା ଓ ସମ୍ମାନକୁ ସୁରକ୍ଷା ମିଳୁ। ସରକାରୀ ଓ ଘରୋଇ ବସ୍‌ରେ ପ୍ରଥମ ଯାତ୍ରୀ ଭାବେ ଚଢ଼ିବାକୁ ସେମାନଙ୍କୁ ଅନୁମତି ମିଳୁ ବୋଲି ରାଜ୍ୟ କମିଶନ ଅଧ୍ୟକ୍ଷା ଚିଠିରେ ଉଲ୍ଲେଖ କରିଛନ୍ତି। ଏଥିସହ ବସ୍‌ରେ ମହିଳା ଯାତ୍ରୀଙ୍କ ପାଇଁ ସିଟ୍ ସଂଖ୍ୟା ୫୦% ବଢ଼ାଇବା ଲାଗି ପ୍ରସ୍ତାବ ଦେଇଛନ୍ତି। ମହିଳାଙ୍କ ପାଇଁ ଉପଲବ୍ଧ ସୁବିଧା ସମ୍ପର୍କରେ ଆକସ୍ମିକ ଯାଞ୍ଚ କରାଯିବ ବୋଲି ରାଜ୍ୟ କମିଶନ ଅଧ୍ୟକ୍ଷା କହିଛନ୍ତି। ଉଲ୍ଲେଖଯୋଗ୍ୟ, ବସ୍‌ରେ ମହିଳାଙ୍କୁ ପ୍ରଥମ ଯାତ୍ରୀ ଭାବେ ଗ୍ରହଣ ନ କରିବା ଭଳି ମାନସିକତା ବିଷୟରେ ହୁଏତ ଅନେକେ ଅବଗତ ନ ଥିବେ। କିନ୍ତୁ ବସ୍ କର୍ମଚାରୀ ବିଶେଷ କରି କଣ୍ଡକ୍ଟରମାନେ ଏଭଳି ଅନ୍ଧବିଶ୍ୱାସକୁ ଅଲିଖିତ ନିୟମ ଭାବେ ପାଳନ କରିଥାନ୍ତି। ସେଥିପାଇଁ ଅନେକ ସମୟରେ ମହିଳାଙ୍କୁ ଅପମାନିତ ହେବାକୁ ପଡୁଛି।

ଏ ନେଇ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି, ପ୍ରକୃତରେ କହିବାକୁ ଗଲେ ମହିଳାମାନେ ହେଉଛନ୍ତି ଲକ୍ଷ୍ମୀ। ଜଣେ ଲୋକ ଘରୁ ବାହାରିଲା ବେଳେ ତା’ ମାଆଙ୍କୁ ଜୁହାର ହୋଇ ଆସୁଛି। ତେଣୁ ମହିଳାଙ୍କୁ କିଏ କାହିଁକି ଅଟକାଇବ। ଅନ୍ଧବିଶ୍ୱାସରେ ବଶବର୍ତ୍ତୀ ହୋଇ କେତେକ ଗାଡ଼ି ଏମିତି କରିଥାଇପାରନ୍ତି। କିନ୍ତୁ ସବୁ ଗାଡ଼ି ଏମିତି କରୁନାହାନ୍ତି ବୋଲି ସେ କହିଛନ୍ତି।

# ଜାତୀୟ ରାଜପଥ କାର୍ଯ୍ୟର ଅଗ୍ରଗତି ନେଇ ଗଡକରୀଙ୍କ ସହ ଆଲୋଚନାକଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୭।୭(ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ନୂଆଦିଲ୍ଲୀଠାରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଭେଟିଛନ୍ତି। ଏହି ଅବସରରେ ଓଡ଼ିଶାରେ କ୍ରିୟାନ୍ୱୟନ ହେଉଥିବା ପ୍ରମୁଖ ଜାତୀୟ ରାଜପଥ ପ୍ରକଳ୍ପର ଅଗ୍ରଗତି ଏବଂ ନିର୍ମାଣ କାର୍ଯ୍ୟ ନେଇ ଉଭୟ ମନ୍ତ୍ରୀ ସମୀକ୍ଷା କରିବା ସଙ୍ଗେ ସଙ୍ଗେ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଏହି ବୈଠକ ପରେ ଧର୍ମେନ୍ଦ୍ର କହିଛନ୍ତି, ଗଡ଼କରୀଙ୍କ ସହ କଟକ-ସମ୍ବଲପୁର ଜାତୀୟ ରାଜପଥର ଅଗ୍ରଗତି ନେଇ ଆଲୋଚନା ହୋଇଛି। କୋଷ୍ଟାଲ ହାଇୱେ, ସମ୍ବଲପୁର ରିଙ୍ଗ୍‌ରୋଡ, କ୍ୟାପିଟାଲ ରିଙ୍ଗ୍ ରୋଡ୍ କାର୍ଯ୍ୟର ଅଗ୍ରଗତି ଏବଂ ନିର୍ମାଣ କାର୍ଯ୍ୟ ନେଇ ସମୀକ୍ଷା ହୋଇଛି। ସେହିପରି ଢେଙ୍କାନାଳ ଜିଲାର ଭୁବନ ଓ କାମାକ୍ଷାନଗର ଦେଇ ଯାଇଥିବା ଡୁବୁରିରୁ ବହ୍ଲର ଛକ ପର୍ଯ୍ୟନ୍ତ ୫୩ ନମ୍ବର ଜାତୀୟ ରାଜପଥ, ଗୋଡ଼ିବନ୍ଧରୁ ବଅଁରପାଳ ପର୍ଯ୍ୟନ୍ତ ରାଜପଥର ପ୍ରଶସ୍ତୀକରଣ ସମେତ ଅନ୍ୟାନ୍ୟ ପ୍ରକଳ୍ପ ଉପରେ ମଧ୍ୟ ବୈଠକରେ ଚର୍ଚ୍ଚା କରାଯାଇଛି। ଏହିସବୁ ରାଜପଥ ପ୍ରକଳ୍ପଗୁଡ଼ିକର ପରିବେଶ ମଞ୍ଜୁରୀ, ଟେଣ୍ଡର ପ୍ରକ୍ରିୟା, ଆଲାଇନମେଣ୍ଟ ଏବଂ ଅନ୍ୟାନ୍ୟ ସମସ୍ୟା ବିଷୟରେ ଆଲୋଚନା ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ କଳ୍ପନାରେ ଓଡ଼ିଶାରେ ସଡ଼କପଥ ଭିତ୍ତିଭୂମିକୁ ମଜଭୁତ କରାଯାଉଛି। କେନ୍ଦ୍ର ସରକାରଙ୍କ ଏନ୍‌ଏଚ୍‌ଏଆଇ ଦ୍ୱାରା ଓଡ଼ିଶାରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଆଲୋଚନା ହୋଇଥିବା ସବୁ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ଗଡକରୀ ଆଶ୍ୱସ୍ତ କରିଥିବା ଧର୍ମେନ୍ଦ୍ର କହିଛନ୍ତି। ବୈଠକରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ସମେତ ଏନ୍‌ଏଚ୍‌ଏଆଇର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



GOVERNMENT OF ODISHA, "e"-PROCUREMENT NOTICE
OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA
WORKS DEPARTMENT
Tender Call Notice
E-mail: rbcirclekhurda@gmail.com
Bid Identification No. CCE-Khordha (R&B) Circle-09/2023-24
Memo No -1421 Dt.20.07.2023
No.B-547: The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Electrical work as detailed in the table below:
1. Nature of Work : Electrical Work
2. No. of Work : 1 No.
3. Tender Cost : Rs.10000.00 (On-line)
4. Class of Contractor : MV/HT Class Contractor
5. Available of Bid document in the Website : From 10.00 AM of Dt.29.07.2023 upto 05.00 PM of Dt.10.07.2023 upto 5.00 P.M.
6. Date of opening of Bid : Dt.11.07.2023 at 11.30 AM
7. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.
Sd./- Chief Construction Engineer
Khordha (R&B) Circle, Khordha
OIPR-34127/11/0012/2324

ADVERTISEMENT
RECRUITMENT FOR THE POST OF PROJECT FELLOW AT SCB DENTAL COLLEGE AND HOSPITAL, CUTTACK IN SPONSORED PROJECT BY THE SCIENCE AND TECHNOLOGY DEPARTMENT (DST) GOVT. OF ODISHA
No. E-285: Applications are invited from eligible candidates for the post of **Project fellow** on purely temporary basis to work at department of Oral & Maxillofacial Pathology, SCB Dental College & Hospital, Cuttack with regards to project sponsored by Science & Technology Department (DST), Govt. of Odisha.
For details of Advertisement terms & conditions etc., visit the website **www.dmetorissa.gov.in, www.scbdental.nic.in** in ADVERTISEMENT Section.
Sd./- Principal
S.C.B. Dental College & Hospital, Cuttack
OIPR-10027/11/0002/2324

Government of Odisha "e" Procurement Notice
WORKS DEPARTMENT
No. B-548
Bid Identification No. C.C.E.K.C., Keonjhar No. 17/2023-24
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com
Letter No. 3638 Dt. 17.07.2023
1. No. of the Work : 2 Number Road Works
2. Estimated Cost : Rs.102.83 lakhs to Rs.458.83 Lakhs
3. Class of Contractor : "B" Class & "A" Class
4. Period of Completion : 06 (Six) Calendar Months to 11 (Eleven) Calendar Months
5. Date and time of availability of Bid document in the Portal : From 11.30 hours of 29.07.2023 to 16.00 hours of 14.08.2023
6. Last date/time for receipt of bids in the Portal : 16.00 hours of 14.08.2023
7. Date of Opening of Bid from Portal : 11.30 hours on 16.08.2023
8. Name and Address of the Officer Inviting Bid : Chief Construction Engineer, Keonjhar (R&B) Circle, Keonjhar - 758001
Further details can be seen from the e-procurement portal "**http://tendersodisha.gov.in**".
Sd./- Chief Construction Engineer
Keonjhar (R&B) Circle, Keonjhar
OIPR-34033/11/0031/2324

OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT - V, BHUBANESWAR
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel. (0674) 2391523
INVITATIONS FOR BIDS (IFB)
File No. B-I-Home (Jud.)-78/2022-30549 / Bhubaneswar, the 25th July, 2023
Invitation for Bids
1st Corrigendum
**Tender Reference No. OSD C.E. (B) - 14/2023-24**
**Name of the Work: Construction of District Court Building (G+3) at Phulabani**
No. B-552: The following changes have been made in Bid Identification No. **OSD C.E. (B) - 14/2023-24.**
1. Bid documents such as DTCN/BOQ etc. can be seen/downloaded from the Govt. Website i.e. **www.tendersorissa.gov.in**, during the period from **Dt.09.08.2023 to 17.00 hours of Dt.23.08.2023** instead of **Dt.25.07.2023 to Dt.16.08.2023** for ONLINE BIDDING respectively.
2. **Online** bids shall be received **till 17.00 hours of Dt.23.08.2023** instead of **Dt.16.08.2023.**
3. The technical bids will be opened at **11.30 A.M. of Dt.24.08.2023** instead of **Dt.17.08.2023.**
All other terms and conditions remain unchanged.
Sd./- OSD C.E. (Buildings)
Odisha, Bhubaneswar
OIPR-34117/11/0033/2324

GOVERNMENT OF ODISHA No.A-379:
DEPARTMENT OF WATER RESOURCES
OFFICE OF THE CHIEF ENGINEER & BASIN MANAGER, SUBARNAREKHA & BUDHABALANGA BASIN, AT/PO:- LAXMIPOSI, DIST:-MAYURBHANJ
Mail Id. cebmsbb2019@gmail.com
Government of Odisha "e" PROCUREMENT NOTICE
Bid Identification No. 09/ 23-24 of CEBM, SBB, Laxmiposi

| | | |
|---|---|---|
| 1 | Name of Work | A.Raising and strengthening of Sartha right saline embankment.<br>B. Construction of Haripur Distributary from RD 7550 m to RD 12000 m with its all minors and sub-minors including all structures, CC lining and service road.<br>C. Construction of Minor & Sub-Minors directly off-taking from Raghunathpur Distributary between RD 9300 m to RD 10220 m including all structure, CC lining and service road. |
| 2 | Estimated Cost | A.Rs.2565.84 Lakh<br>B.Rs.4012.99 Lakh<br>C.Rs.1940.50Lakh |
| 3 | Bid Security/ E.M.D. | A.Rs.25,65,900/-, B.Rs.40,13,000/-<br>C.Rs.19,40,500/- |
| 4 | Period of Completion | 24 (Twenty Four) Calendar Months |
| 5 | Class of Contractor | For A. and B. -"Special" Class and "Super" Class C.- "A" Class and "Special" Class |
| e | Date & Time of availability of bid document in the portal | 31. 07.2023 at 10.00 AM |
| 7 | Last date/time for receipt of bid in the portal | 28.08.2023 up to 5.00 PM |
| 8 | Date & time for Pre-Bid Conference | For Sl.No. 1 A & 1 B.:-17.08.2023 at 11.00 AM |
| 9 | Date of opening of bid | 29.08.23 at 11:00 A.M. |
| 10 | Name & Address of the O.I. T | Chief Engineer & Basin Manager, O/O the CE&BM, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-Procurement Portal "https://tendersodisha.gov.in".
Sd./-Chief Engineer & Basin Manager
Subarnarekha & Budhabalanga Basin, Laxmiposi, Mayurbhanj
OIPR-32074/11/0020/2324

WORKS DEPARTMENT
OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR, ROURKELA
No. B-550 E-Mail Id -eepwdrkl@gmail.com
Government of Orissa
"e" Procurement Notice
Bid Identification No. 31/2023-2024 Dated: 21.07.2023
1. Number of Works : 03 (Three) number of works
2. Estimated Cost : Rs.23.87 Lakhs to 24.61 Lakhs
3. Period of Completion : 3 (Three) Calendar Months
4. Date & time of availability of bid document in the Portal : Dt.01.08.2023 at 11.00 A.M.
5. Last date/time for receipt of bids in the Portal : Dt.10.08.2023 upto 05.00 P.M.
6. Date of opening of Bid : Dt.11.08.2023 at 11.00 A.M.
7. Name and Address of the Officer Inviting Bid : Superintending Engineer, (R&B) Division, Rourkela, Uditnagar
Further details can be seen from the e-procurement portal **http//tendersorissa.gov.in**.
Sd./- Superintending Engineer
Rourkela (R&B) Division, Rourkela
OIPR-34068/11/0010/2324

See Career Appointment on every Wednesday & Saturday

# ରାଷ୍ଟ୍ରପତିଙ୍କ ଗସ୍ତର ଅନ୍ତିମ ଦିନର ଝଲକ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ଗୁରୁବାର ନୂଆଦିଲ୍ଲୀ ଫେରିଯାଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ରାଷ୍ଟ୍ରପତି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ରାଜଭବନରେ ରାତ୍ରିଯାପନ କରିଥିଲେ। ବୁଧବାର ସେ କଟକ ଗସ୍ତକରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିବାବେଳେ ଗୁରୁବାର ତମାଣ୍ଡୋ ଦଶବାଟିଆସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।



ଆଦିମ ଜନଜାତିଙ୍କ ସହ ଭାବ ବିନିମୟ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ଡ. ପ୍ରଫେସର ଗଣେଶୀ ଲାଲ ଓ ଆଦିବାସୀ ଜନଜାତି ମନ୍ତ୍ରୀ ଜଗନ୍ନାଥ ସାରକା।

## ଓଡ଼ିଶାରୁ ୨ ଲକ୍ଷ ଟଙ୍କାର ଶାଢ଼ି କିଣିଲେ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କର ସାଦାସିଧା ବେଶ ପୋଷାକ ପାଇଁ ବେଶ୍ ପରିଚିତ। ସେ ପିନ୍ଧୁଥିବା ଶାଢ଼ିକୁ ନେଇ ଅନେକ ସମୟରେ ଚର୍ଚ୍ଚା ହୋଇଥାଏ। ୩ଦିନିଆ ଓଡ଼ିଶା ଗସ୍ତର ଶେଷ ଦିନରେ ସେ ଭୁବନେଶ୍ୱରର ମେହେର ଶୋ'ରୁମରୁ କୋଟପାଟ, ସମ୍ବଲପୁରୀ ବସ୍ତ୍ର କିଣିଛନ୍ତି। ୬ ଖଣ୍ଡ ଶାଢ଼ି ଏବଂ ୬ଖଣ୍ଡ ସୁଟ୍ କିଣିନେଇଛନ୍ତି। ଏ ନେଇ ୩ ଦିନ ପୂର୍ବରୁ ଶୋ'ରୁମ୍ ସହ ଯୋଗାଯୋଗ କରାଯାଇଥିଲା। ରାଜଭବନକୁ ଶୋ'ରୁମ୍ ପକ୍ଷରୁ ୩୫ଟି ଶାଢ଼ି ନିଆଯାଇଥିଲା। ରାଷ୍ଟ୍ରପତି ମୁର୍ମୁ କୁମ୍ଭ ଶାଢ଼ି ପସନ୍ଦ କରିବା ସହ ସୁଟପିସ୍ ବାଛିଥିଲେ। ରାଷ୍ଟ୍ରପତି ପ୍ରାୟ ୨ ଲକ୍ଷ ଟଙ୍କାର ବସ୍ତ୍ର ନେଇଥିବା ସୂଚନା ମିଳିଛି।

## ମନ୍ଦିର ପ୍ରତିଷ୍ଠାକୁ ଆସିବା ପାଇଁ ପ୍ରତିଶ୍ରୁତି

ରାଜଧାନୀ ଉପକଣ୍ଠ ଲବଙ୍ଗଗିରିରେ ନିର୍ମାଣାଧୀନ ମନ୍ଦିରର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଯୋଗଦେବେ। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ରାଷ୍ଟ୍ରପତିଙ୍କୁ ଏନେଇ ପ୍ରସ୍ତାବ ଦେଇଥିବାବେଳେ ସେ ଏଥିପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ରାଷ୍ଟ୍ରପତି କହିଛନ୍ତି, ମନ୍ଦିର ପ୍ରତିଷ୍ଠାର ଅନ୍ୟୁନ ୫ ମାସ ପୂର୍ବରୁ ସୂଚିତ କରାଗଲେ ସେ ନିଶ୍ଚୟ ପହଞ୍ଚିବେ। ବିଧାୟକ ରାଉତରାୟଙ୍କ ସୂଚନାନୁସାରେ ରାଜଧାନୀର ଖଣ୍ଡଗିରି, ଉଦୟଗିରି, ଧଉଳିଗିରି ଭଳି ଲବଙ୍ଗଗିରିର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ବର୍ତ୍ତମାନ ଏଠାରେ ଜଗନ୍ନାଥ ଓ ଶିବ ମନ୍ଦିର ନିର୍ମାଣ ଚାଲିଛି। ଯଦି ଏହାର ପ୍ରତିଷ୍ଠା ଦିବସରେ ରାଷ୍ଟ୍ରପତି ଯୋଗଦିଅନ୍ତି ତେବେ ଏହି ଅଞ୍ଚଳର ଅଧିକ ଉନ୍ନତୀକରଣ ହୋଇପାରିବ ବୋଲି ରାଉତରାୟ କହିଛନ୍ତି।


ତମାଣ୍ଡୋ ଦଶବାଟିଆସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଜନତା।



ଡିଭାଇନ୍ ଲାଇଟ୍ ହାଉସ୍ ଶିଳାନ୍ୟାସ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ଡ. ପ୍ରଫେସର ଗଣେଶୀ ଲାଲ।

## ରାଜଭବନରେ ଜନଜାତିଙ୍କୁ ଭେଟିଲେ

ରାଷ୍ଟ୍ରପତି ମୁର୍ମୁ ଗୁରୁବାର ୧୦ଟି ପିଭିଟିଜି ବା ନିର୍ଦ୍ଦିଷ୍ଟ ରୂପେ ସଂକଟପ୍ରବଣ ଜନଜାତି ସମୁଦାୟକୁ ଭେଟିଛନ୍ତି। ଓଡ଼ିଶାର ସଉରା, ଲାଞ୍ଜିଆ ସଉରା, କୁଟିଆ କନ୍ଧ, ଡଙ୍ଗରିଆ କନ୍ଧ, ମାଙ୍କି ବିରହୋର, ଜୁଆଙ୍ଗ ଆଦି ୧୩ଟି ପିଭିଟିଜି ବସବାସ କରୁଥିବାବେଳେ ସେମାନଙ୍କ ମଧ୍ୟରୁ ୧୦ଟି ଜନଜାତି ସମୁଦାୟର ୫ଜଣିଆ ପ୍ରତିନିଧି ଦଳ ଗୁରୁବାର ରାଜଭବନରେ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଛନ୍ତି। ଏହି ସମ୍ପ୍ରଦାୟର ବ୍ୟକ୍ତିମାନେ ରାଷ୍ଟ୍ରପତିଙ୍କୁ ଭେଟି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି କ୍ଷେତ୍ରରେ ଥିବା ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ।

## ପାତ୍ରପଡ଼ାରେ ନିର୍ମାଣାଧୀନ ଘର ଦେଖିଲେ

ଭୁବନେଶ୍ୱରର ୬୫ନଂ. ୱାର୍ଡ଼ର ପାତ୍ରପଡ଼ାରେ ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କର ଏକ ଘର ନିର୍ମାଣ ଚାଲିଛି। ଓଡ଼ିଶା ଗସ୍ତ ଅବସରରେ ରାଷ୍ଟ୍ରପତି ଗୁରୁବାର ଏହି ଘର ବୁଲି ଦେଖିବା ସହ କାର୍ଯ୍ୟର ତଦାରଖ କରିଛନ୍ତି। ରାଷ୍ଟ୍ରପତିଙ୍କର ଏହା ପୁରୁଣା ଘର ହୋଇଥିବାବେଳେ ନୂଆ ରୂପରେଖ ଦିଆଯାଉଛି। ୨ବର୍ଷ ଧରି ଏହି ନିର୍ମାଣ କାର୍ଯ୍ୟ ଚାଲିଛି, ଆଉ ୬ ମାସ ମଧ୍ୟରେ ଘର କାମ ସରିବ ବୋଲି ସୂଚନା ମିଳିଛି। ରାଷ୍ଟ୍ରପତି ଶେଷଦିନରେ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ପୂର୍ବରୁ ଏଠାକୁ ଆସିଥିଲେ। ସେ ପାଖ ଅଞ୍ଚଳର ମହିଳାଙ୍କ ସହିତ କିଛି ସମୟ କଥା ହେବା ସହ ପିଲାଙ୍କୁ ଚକୋଲେଟ୍ ଦେଇଥିଲେ। ରାଷ୍ଟ୍ରପତିଙ୍କୁ ପାଖରେ ପାଇ ଅଞ୍ଚଳବାସୀ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି।



ଆଦିମ ଜନଜାତିଙ୍କ ଗହଣରେ ରାଷ୍ଟ୍ରପତି।

# ଓଡ଼ିଶାରେ ପ୍ରତିଷ୍ଠା ହେବ ସିଲିକନ୍ କାର୍ବାଇଡ୍ ପ୍ଲାଣ୍ଟ

ଭୁବନେଶ୍ୱର,୨୭।୭(ଅନିଲ ଦାସ)

ଓଡ଼ିଶାରେ ପ୍ରତିଷ୍ଠା ହେବ ସିଲିକନ୍ କାର୍ବାଇଡ୍ ପ୍ଲାଣ୍ଟ। ଆମେରିକାସ୍ଥିତ ସିଲିକନ୍ ଗ୍ରୁପ୍ ଓଡ଼ିଶାରେ ଏହି ପ୍ଲାଣ୍ଟ ପ୍ରତିଷ୍ଠା କରିବ। ଏଥିପାଇଁ ସିଲିକନ୍ ପାୱାର ଗ୍ରୁପ୍ ୧ ହଜାର କୋଟିର ପୁଞ୍ଜି ନିବେଶ କରିବ। ପ୍ରଥମଥର ପାଇଁ ଓଡ଼ିଶାରେ ଏଭଳି ପ୍ଲାଣ୍ଟ ପ୍ରତିଷ୍ଠା ହେବ। ଏହା ୧୫୦ ଏମ୍ଏମ୍ କ୍ଷମତା ବିଶିଷ୍ଟ ହେବ। ୧୮ରୁ ୨୪ ମାସ ମଧ୍ୟରେ ଏହି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବ। ଖୁବ୍‌ଶୀଘ୍ର ସିଲିକନ୍ ପାୱାରର ଏକ ଟିମ୍ ଓଡ଼ିଶା ଗସ୍ତରେ ଆସିବ। ଆମେରିକା ଗସ୍ତରେ ଥିବା ରାଜ୍ୟ ସରକାରଙ୍କ ଏକ ଟିମ୍ ସିଲିକନ୍ ଗ୍ରୁପ୍ ସହ ଏ ନେଇ ଆଲୋଚନା କରିଛି। ସିଲିକନ୍ ଗ୍ରୁପ୍‌ର ସହବନ୍ଧିତ ଭାରତୀୟ କମ୍ପାନୀ ଆର୍ଆଇଆର୍ ପାୱାର ଇଲେକ୍ଟ୍ରୋନିକ୍ସ ଦ୍ୱାରା ଏହି ପୁଞ୍ଜିନିବେଶ କରିବ। ଇଲେକ୍ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟର ଶିଳ୍ପ କ୍ଷେତ୍ରରେ ଗତ ୪ ଦଶନ୍ଧି ଧରି ଖ୍ୟାତି ଅର୍ଜନ କରିଥିବା ଗ୍ରୁପ୍‌ର ପ୍ରମୋଟର ହର୍ଷଦ ମେହେଟ୍ଟା ଏ ନେଇ ଆମେରିକା ଗସ୍ତରେ ଥିବା ଓଡ଼ିଶା ସରକାରଙ୍କ ପ୍ରତିନିଧିମଣ୍ଡଳୀକୁ ଲେଟର ଅଫ୍ ଇଣ୍ଟେଣ୍ଟ (ଏଲ୍ଓଆଇ) ପ୍ରଦାନ କରିଛନ୍ତି।

ହାଇପାୱାର ସେମିକଣ୍ଡକ୍ଟର ଡିଭାଇସ ଏବଂ ୟୁଟିଲିଟି ଆପ୍ଲିକେବଲ ସିଷ୍ଟମ୍‌ର ଡିଜାଇନ, ବିକାଶ ଓ ଉତ୍ପାଦନ ଆଦି କ୍ଷେତ୍ରରେ ଏକ ବୃହତ୍ ବୈଷୟିକ ଜ୍ଞାନକୌଶଳ ବିକାଶ ସଂସ୍ଥା ଭାବେ ୟୁଏସ୍ ସିଲିକନ୍ ପାୱାର ଖ୍ୟାତି ଅର୍ଜନ କରିଛି। ରାଜ୍ୟରେ ସେମିକଣ୍ଡକ୍ଟର



- ୧ ହଜାର କୋଟି ପୁଞ୍ଜି ବିନିଯୋଗ କରିବ ସିଲିକନ୍ ଗ୍ରୁପ୍
- ୨ ବର୍ଷରେ ହେବ କାର୍ଯ୍ୟକ୍ଷମ
- ମାସେ ମଧ୍ୟରେ କମ୍ପାନୀର ଏକ ଟିମ୍ ଓଡ଼ିଶା ଗସ୍ତରେ ଆସିବ

ଇକୋସିଷ୍ଟମ୍‌ର ବିକାଶ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ମେହେଟ୍ଟାଙ୍କ ନେତୃତ୍ୱରେ କମ୍ପାନୀର ଏକ ଟିମ୍ ଆସନ୍ତା ମାସକ ମଧ୍ୟରେ ଓଡ଼ିଶା ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ରାଜ୍ୟରେ ଶିଳ୍ପ ପ୍ରକଳ୍ପ ପାଇଁ ଥିବା ଅନୁକୂଳ ପରିବେଶ ସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ନୀତି ଜରିଆରେ ଯୋଗାଇ ଦିଆଯାଉଥିବା ପ୍ରୋତ୍ସାହନ ବିଷୟରେ ଓଡ଼ିଶା ଟିମ୍ ସିଲିକନ୍ ଗ୍ରୁପ୍‌କୁ ଅବଗତ କରାଇଛି। ନିକଟରେ ରାଜ୍ୟ କ୍ୟାବିନେଟରେ ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ଆଣ୍ଡ ଫ୍ୟାବଲେସ୍ ପଲିସିକୁ ଅନୁମୋଦନ ଦିଆଯାଇଥିବା ବିଷୟ ମଧ୍ୟ ଟିମ୍ ଆଲୋଚନା ବେଳେ ଉଲ୍ଲେଖ କରିଥିଲା। ଆଲୋଚନା ପରେ କମ୍ପାନୀ ପକ୍ଷରୁ ରାଜ୍ୟରେ ମାନୁଫାକ୍ଚରିଂ ୟୁନିଟ୍ ସ୍ଥାପନ ପାଇଁ ଏଲ୍ଓଆଇ ପ୍ରଦାନ କରାଯାଇଛି। ସିଲିକନ୍ ପାୱାର ମିଡିୟମ ଭୋଲ୍‌ଟେଜ, ସବ୍‌ସାଇକେଲ ସୁଇଚିଂ ଟେକ୍ନୋଲୋଜି ଆଣ୍ଡ ସଲ୍ୟୁଶନ କ୍ଷେତ୍ରର ଏକ ଯୁଗାନ୍ତକାରୀ କମ୍ପାନୀ। ଏହି କମ୍ପାନୀ ଅନୁବନ୍ଧିତ କମ୍ପାନୀ ଆର୍ଆଇଆର୍ ପାୱାର ଇଲେକ୍ଟ୍ରୋନିକ୍ସ ଜରିଆରେ ଭାରତରେ ଏହାର କାରବାର କରୁଛି। ଆର୍ଆଇଆର୍ ଶିଳ୍ପଭିତ୍ତିକ, ଇଲେକ୍ଟ୍ରିକ ୟୁଟିଲିଟି, ରେଲୱେ, ପ୍ରତିରକ୍ଷା ଆଦି କ୍ଷେତ୍ରରେ କାର୍ଯ୍ୟ କରୁଛି। ରାଜ୍ୟ ସରକାର ରାଜ୍ୟରେ କଟିଂ-ଏଜ୍ ମାନୁଫାକ୍ଚରିଂ ଓ ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ବିକାଶ ପ୍ରତିବଦ୍ଧତା କ୍ଷେତ୍ରରେ ଅହରହ କାର୍ଯ୍ୟ କରୁଛନ୍ତି। ଏହି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟିହେବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି।

# ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୨୭।୭(ଅନିଲ ଦାସ):** ରାଜ୍ୟ ସରକାର ଓଏଏସ୍ ଅଫିସର ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଗୁରୁବାର ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସ୍ୱତନ୍ତ୍ର ସଚିବ ତଥା ରାଜ୍ୟ ଜନଜାତି ନିର୍ଦ୍ଦେଶକ ଶ୍ରୀକାନ୍ତ ତରାଇଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। ସେହିପରି ନାରାୟଣପାଟଣା ତହସିଲଦାର ଯଦୁମଣି ନାଏକଙ୍କୁ ନବରଙ୍ଗପୁର ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗୋଷାଣୀ ବିଡିଓ ନୀଳମାଧବ ମାଝିଙ୍କୁ ଗଜପତି ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ପାପଡ଼ାହାଣ୍ଡି ତହସିଲଦାର ଯୋଗେଶ୍ୱର ଭୋଇଙ୍କୁ ନୂଆପଡ଼ା ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି କରାଯାଇଛି।

# ମହାନଦୀକୁ ଯୁବ ଇଞ୍ଜିନିୟର ଡେଇଁ ପଡ଼ିଥିବା ସନ୍ଦେହ

## ଦ୍ୱିତୀୟ ସନ୍ତାନ ଝିଅ ହେବାରୁ ପରିବାରରେ ଥିଲା ଅସନ୍ତୋଷ

ସମ୍ବଲପୁର,୨୭।୭( ଶୁଭାଶିଷ ପାଢ଼ୀ)

ବର୍ତ୍ତମାନ ସମୟରେ ଝିଅମାନେ ନିଜ ଦକ୍ଷତା ବଳରେ ବିଭିନ୍ନ କ୍ଷେତ୍ରରେ ଆଗରେ ରହିଛନ୍ତି। ଅଧିକାଂଶ ପରିବାରରେ ଝିଅଟିଏ ଜନ୍ମହେବା ପରେ ଘରକୁ ଲକ୍ଷ୍ମୀ ଆସିଲେ ବୋଲି ମନେ କରି ଖୁସି ମନାଇବା ଦେଖିବାକୁ ମିଳୁଛି। ହେଲେ ବୋହୂ ଦ୍ୱିତୀୟ ସନ୍ତାନ ଝିଅ ଜନ୍ମ କରିବା ପରେ ପରିବାରରେ ଦେଖାଦେଇଥିଲା ଅସନ୍ତୋଷ। ନବଜାତ ଶିଶୁକନ୍ୟାକୁ ଗ୍ରହଣ କଲେ ନାହିଁ ଶାଶୁଘର ଲୋକେ। ଫଳରେ ପୁଅ ସମିରନ୍ ପଧାନ(୩୪) ଓ ବୋହୂ ବିପାଶାଙ୍କୁ ଅଲଗା ଭଡ଼ାରେ ରହିବାକୁ ପଡ଼ିଲା। ଏହାପରେ ବି ପୁଅବୋହୂଙ୍କ ପ୍ରତି ପରିବାର ଲୋକଙ୍କ ମନୋଭାବ ଓ ବ୍ୟବହାର ପୂର୍ବଭଳି ରହିଥିଲା। ଶେଷରେ ମାନସିକ ଭାରସାମ୍ୟ ହରାଇ ଧନୁପାଲି ଥାନା ଅଧୀନ ଗୋବିନ୍ଦଟୋଲାର ଯୁବ ଇଞ୍ଜିନିୟର ସମିରନ୍ ମହାନଦୀକୁ ଡେଇଁ ପଡ଼ିଥିବା ସନ୍ଦେହ କରାଯାଉଛି। ସମ୍ବଲପୁର ଟାଉନ ଥାନା ଅଧୀନ ସୁଇସାଇଡ୍ ପଏଣ୍ଟ କୁହାଯାଉଥିବା ମହାନଦୀର ଦ୍ୱିତୀୟ ସେତୁରେ ବୁଧବାର ରାତିରେ ଏହି ଅଘଟଣ ଘଟିଛି। ମହାନଦୀ ବ୍ରିଜ୍ ଉପରୁ ପୋଲିସ ଏକ ସ୍କୁଟି ଓ ମୋବାଇଲ ଫୋନ ଜବତ କରିଛି। ତେଣୁ ସମିରନ୍ ମହାନଦୀ ପାଣିକୁ ଡେଇଁ ପଡିଥିବା ନେଇ ସନ୍ଦେହ କରାଯାଉଛି। ସମ୍ବଲପୁର, ବୁର୍ଲାର ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ଟିମ୍ ଗୁରୁବାର ଦିନତମାମ ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ ହେଁ ଖବର ଲେଖାହେବା ପର୍ଯ୍ୟନ୍ତ ସମିରନ୍‌ଙ୍କ କୌଣସି ପତ୍ତା ମିଳିନାହିଁ। ମହାନଦୀକୁ ଡେଇଁ ପାଣି ସୋତ୍ରରେ ତଳି ଅଞ୍ଚଳକୁ ଭାସି ଯାଇଥିବା କିମ୍ବା ଗାଡ଼ି ଥୋଇ ଅନ୍ୟ କୁଆଡେ ଚାଲି ଯାଇଛନ୍ତି ତାହା ଏବେ ସନ୍ଦେହ ଘେରରେ ରହିଛି। ପୂର୍ବରୁ ଏଭଳି ଅନେକ ଘଟଣା ରହସ୍ୟ ଭିତରେ ରହିଯାଇଛି।

ଏ ସମ୍ପର୍କରେ ସଦର ଏସ୍‌ଡିପିଓ ପ୍ରଦୀପ ସାହୁ କହିଛନ୍ତି, ପାରବାରିକ କଳହ ଯୋଗୁ ସମିରନ୍ ଘର ଛାଡି ଚାଲି ଆସିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଗତ କିଛି ମାସ ତଳେ ତାଙ୍କ ବାପାଙ୍କ ସହିତ ଝଗଡ଼ା ହୋଇ ସ୍ତ୍ରୀ ସହ ଅନ୍ୟ ସ୍ଥାନରେ ଭଡ଼ାଘରେ ରହି ଆସୁଥିଲେ। ସୂଚନାଯୋଗ୍ୟ, ବିପାଶା ବୁର୍ଲା ଭିମସାର୍‌ରେ ନର୍ସ ଭାବେ ଚାକିରି କରୁଥିବା ବେଳେ ସମିରନ୍ ଇଞ୍ଜିନିୟରିଂ ପଢ଼ି ଏକ ଘରୋଇ କମ୍ପାନୀରେ ଚାକିରି କରୁଥିଲେ। ତାଙ୍କର ପୂର୍ବରୁ ଏକ ୩ ବର୍ଷର ଝିଅ ରହିଛି। ୬ ମାସ ତଳେ ଦ୍ୱିତୀୟ ସନ୍ତାନ ମଧ୍ୟ ଝିଅ ହୋଇଥିଲା। ଏହାକୁ ନେଇ ପରିବାରରେ ଅସନ୍ତୋଷ ଲାଗି ରହିଥିଲା ବୋଲି ଆଲୋଚନା ହେଉଛି।

# ହାତୀକୁ ନିଆଁହୁଳା ମାଡ଼

- ସୋସିଆଲ ମିଡିଆରେ ଭିଡିଓ ଭାଇରାଲ
- ୨ ଅସ୍ଥାୟୀ ବନ କର୍ମଚାରୀ ଅଟକ

ବାରିପଦା,୨୭।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଦୁଧିଆଣି ରେଞ୍ଜ ଅଞ୍ଚଳରେ ହାତୀ ପ୍ରତି ମଣିଷର ଅମାନୁଷିକ ଅତ୍ୟାଚାର ଦେଖିବାକୁ ମିଳିଛି। ହାତୀପଲକୁ ଘଉଡ଼ାଇବାକୁ ଯାଇ କେତେଜଣ ଯୁବକ ହାତୀ ପିଠିରେ ନିଆଁହୁଳା ମାଡ଼ କରିବା ଭଳି ଘଟଣା ବନ୍ୟପ୍ରାଣୀପ୍ରେମୀଙ୍କୁ ବ୍ୟଥିତ କରିଛି। ଦୁଧିଆଣି ରେଞ୍ଜ ଦୁମୁରିଆ ଗାଁରେ ଏଭଳି ହୃଦୟବିଦାରକ ଘଟଣାର ଘଟିଥିବା ବେଳେ ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବନ ବିଭାଗ ଏହାକୁ ଗୁରୁତ୍ୱର ସହ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣସ୍ୱରୂପ ୨ ଅସ୍ଥାୟୀ ବନ କର୍ମଚାରୀଙ୍କୁ ଅଟକ ରଖିଛି। ସେମାନେ ହେଲେ ବାପି ମାଝି ଓ ଦୀପକ ହେମ୍ବ୍ରମ ବୋଲି ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାୟକ ପ୍ରକାଶ କରିଛନ୍ତି। ଭାଇରାଲ ଭିଡିଓରେ ଦେଖାଯାଉଛି ଯେ, ଲୋକେ ହାତୀକୁ ଘଉଡ଼ାଇବା ପାଇଁ ମଶାଲ ପ୍ରସ୍ତୁତ କରି ବାଜା,ବାଣ ସହ ହୋହାଲ୍ଲା କରୁଛନ୍ତି। ଚାଷଜମିରେ ହାତୀ ଯିବା ବେଳେ ଲୋକମାନେ ଘଉଡ଼ାଇବାକୁ ଚେଷ୍ଟା କରିବାରୁ ପଲରେ ଥିବା ପାଇଲଟ ହାତୀଟି ଆକ୍ରମଣ କରିବାକୁ ମାଡ଼ିଆସିଥିଲା। ମଶାଲ ଧରି ଛିଡ଼ା ହୋଇଥିବା ଜଣେ ଯୁବକଙ୍କୁ ଆକ୍ରମଣ ଉଦ୍ୟମ କରିଥିଲା। ହେଲେ ନିଆଁ ଦେଖି ବୁଲି ପଳାଇଥିଲା। ଏହି ସମୟରେ ମଶାଲକୁ ହାତୀ ପିଠିରେ ମାଡ଼ କରିବା ଦ୍ୱାରା ତେଲ ଦ୍ୱାରା ପ୍ରସ୍ତୁତ ମଶାଲରୁ ନିଆଁ ଲାଗି ହାତୀ ପିଠିରେ ହୁତୁ ହୁତୁ ଜଳୁଥିବା ଭିଡିଓରୁ ସ୍ପଷ୍ଟ ଦେଖାଯାଉଛି। ହାତୀକୁ ଦୁଇଥର ନିଆଁ ଲଗାଇବା ଦ୍ୱାରା ହାତୀଟି ଜୀବନ ବିକଳରେ ଅଞ୍ଚଳ ଛାଡ଼ି ପଳାଇଥିଲା। ଘଟଣା ଗତ ୧୫ ତାରିଖର ହୋଇଥିବା ବେଳେ ଭିଡିଓ ଭାଇରାଲ ପରେ ବନ ବିଭାଗ ତଦନ୍ତ ଆରମ୍ଭ କରିଥିଲା। ଏଥିରେ ସମ୍ପୃକ୍ତ ୨ ଅସ୍ଥାୟୀ ବନ କର୍ମଚାରୀଙ୍କୁ ବନ ବିଭାଗ ଅଟକ ରଖିଛି। ଦୁଇ କର୍ମଚାରୀ କେଉଁ କାରଣ ପାଇଁ ଏପରି କାର୍ଯ୍ୟ କଲେ ତାକୁ ରିପୋର୍ଟ ମଗାଯାଇଛି। ଦୋଷୀ ସାବ୍ୟସ୍ତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନଖଣ୍ଡ ଅଧିକାରୀ ନାୟକ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ, ହାତୀପଲ କରଞ୍ଜିଆ ବନଖଣ୍ଡରେ ମାସକ ମଧ୍ୟରେ ୩୫ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବା ବେଳେ ବ୍ୟାପକ ଚାଷଜମି କ୍ଷୟକ୍ଷତି କରିଛନ୍ତି। ଘର ଭାଙ୍ଗି ଖାଦ୍ୟ ଖାଇବାଠାରୁ ଆରମ୍ଭ କରି ପନିପରିବା ବାଡ଼ିରେ ପଶି ନଷ୍ଟ କରୁଛନ୍ତି।

# ମଣିପୁର ଛାତ୍ରୀଛାତ୍ରଙ୍କ ତଥ୍ୟ ମାଗିଲା ଉଚ୍ଚଶିକ୍ଷା ବିଭାଗ

## ୭ ଦିନରେ ତଥ୍ୟ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୭।୭ (ଅନିଲ ଦାସ)

ମଣିପୁରରେ ଜାତିଆଣ ହିଂସାକାଣ୍ଡ ଜାରି ରହିଛି। ଓଡ଼ିଶାରେ ପଢୁଥିବା ମଣିପୁର ଛାତ୍ରୀଛାତ୍ରଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବା ସହ ସେଠାରେ ପଢିବାକୁ ଇଚ୍ଛୁକ ଥିବା ପିଲାମାନଙ୍କ ନିମନ୍ତେ ନାମଲେଖା ତାରିଖକୁ କୋହଳ ପାଇଁ ଅନୁରୋଧ କରି ମଣିପୁର ରାଜ୍ୟପାଳ ଓ ମୁଖ୍ୟ ଶାସନ ସଚିବ ଓଡ଼ିଶା ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଅନୁରୋଧ ପରେ ମଣିପୁରର ଛାତ୍ରୀଛାତ୍ରଙ୍କ ବିଷୟରେ ଜରୁରିକାଳୀନଭିତ୍ତିରେ ଆସନ୍ତା ସପ୍ତାହକ ମଧ୍ୟରେ ତଥ୍ୟ ଦେବାକୁ ଉଚ୍ଚଶିକ୍ଷା ବିଭାଗ ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛି। ମିଳିଥିବା ସୂଚନା ଅନୁସାରେ, ବିଭାଗ ପକ୍ଷରୁ ଗୁରୁବାର ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ମଣିପୁର ଛାତ୍ରୀଛାତ୍ରଙ୍କ ନାମ, ପାଠ୍ୟକ୍ରମ, ନାମଲେଖା ବର୍ଷ, ହଷ୍ଟେଲରେ ରହୁଛନ୍ତି କି ନାହିଁ, ସମ୍ମୁଖୀନ ହେଉଥିବା ସମସ୍ୟା, ବିଶ୍ୱବିଦ୍ୟାଳୟ ଦ୍ୱାରା ସମସ୍ୟାର ସମାଧାନ ପାଇଁ ନିଆଯାଇଥିବା ପଦକ୍ଷେପ ଆଦି ସମ୍ପର୍କରେ ଏକ ନିର୍ଦ୍ଦିଷ୍ଟ ଫର୍ମାଟରେ ତଥ୍ୟ ଦେବାକୁ କୁହାଯାଇଛି। ଉଚ୍ଚଶିକ୍ଷା ବିଭାଗ ଭଳି ରାଜ୍ୟ ସରକାର ଅନ୍ୟ ବିଭାଗ ଅଧୀନରେ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକଠାରୁ ମଧ୍ୟ ଅନୁରୂପ ତଥ୍ୟ ମାଗିଛନ୍ତି।

ମଣିପୁର ରାଜ୍ୟପାଳ ଅନୁସୂୟା ଉକେ ଗତ ଜୁନ୍ ୮ରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଚିଠି ଲେଖି ତାଙ୍କ ରାଜ୍ୟରେ ଚାଲିଥିବା ଜାତିଆଣ ହିଂସା ସ୍ଥିତି ସମ୍ପର୍କରେ ଅବଗତ କରିବା ସହ ରାଜ୍ୟ ସରକାରଙ୍କ ଦ୍ୱାରା ଇଣ୍ଟରନେଟ୍ ସେବା ବନ୍ଦ ଓ କର୍ଫ୍ୟୁ ଲାଗୁ ହୋଇଥିବା ବିଷୟରେ ସୂଚନା ଦେଇଥିଲେ। ମଣିପୁରର ବହୁ ଛାତ୍ରୀଛାତ୍ର ଓଡ଼ିଶାରେ ପାଠ ପଢୁଥିବାରୁ ସେମାନେ ଏଭଳି ପରିସ୍ଥିତି ଯୋଗୁ ନିଜର ଦୈନନ୍ଦିନ ଓ ପାଠ୍ୟକ୍ରମ ସଂକ୍ରାନ୍ତ ଖର୍ଚ୍ଚ ପାଇଁ ସମସ୍ୟାର ସମ୍ମୁଖୀନ ହେଉଥିବେ ବୋଲି କହିଛନ୍ତି। ଏଭଳି ପ୍ରତିକୂଳ ଓ ଦୁର୍ଭାଗ୍ୟଜନକ ପରିସ୍ଥିତିରେ ମଣିପୁର ପିଲାମାନଙ୍କ ପାଠପଢା ଯେଭଳି ପ୍ରଭାବିତ ନ ହେବ ଓ ସେମାନେ କଷ୍ଟର ସମ୍ମୁଖୀନ ନ ହେବେ ସେଥିପାଇଁ ଆବଶ୍ୟକ ସହଯୋଗ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ଜୁନ୍ ୮ରେ ମଣିପୁର ରାଜ୍ୟପାଳ ଲେଖିଥିବା ଚିଠିକୁ ରାଜ୍ୟପାଳଙ୍କ ଅଫିସରୁ ଜୁନ୍ ୧୬ ତାରିଖରୁ ଉଚ୍ଚଶିକ୍ଷା ବିଭାଗକୁ ପଠାଯାଇଥିଲା। ସେହିପରି ମଣିପୁର ମୁଖ୍ୟ ଶାସନ ସଚିବ ମେ' ୧୯ରେ ଓଡ଼ିଶା ସମେତ ସବୁ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ମେ' ୩ତାରିଖରୁ ଆରମ୍ଭ ହୋଇଥିବା ଜାତିଆଣ ହିଂସା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହିତ ରାଜ୍ୟରେ କର୍ଫ୍ୟୁ ଓ ଇଣ୍ଟରନେଟ୍ ବ୍ୟବସ୍ଥା ନ ଥିବାରୁ ମଣିପୁର ପିଲାମାନଙ୍କ ପାଠପଢ଼ା ପାଇଁ ନାମଲେଖା ପ୍ରକ୍ରିୟାରେ ଆବଶ୍ୟକ କୋହଳ ନୀତି ଆପଣାଇବାକୁ ଅନୁରୋଧ କରିଛନ୍ତି। ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ନାମଲେଖା ପ୍ରକ୍ରିୟାର ଅବଧିକୁ ବୃଦ୍ଧି କରାଗଲେ ଉଚ୍ଚଶିକ୍ଷା ପାଇଁ ଆଗ୍ରହୀ ଥିବା ମଣିପୁରର ପିଲାମାନେ ବିଭିନ୍ନ ରାଜ୍ୟର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ସମ୍ଭବପର ହୋଇପାରିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ମଣିପୁରରେ ଓଡ଼ିଆ ଛାତ୍ରୀଛାତ୍ର ଓ ରାଜ୍ୟର ସାଧାରଣ ଲୋକଙ୍କ ସ୍ଥିତି ଜାଣିବା ନିମନ୍ତେ ଓଡ଼ିଶା ସରକାରଙ୍କ ଏକ ପ୍ରତିନିଧି ଦଳ ଖୁବ୍‌ଶୀଘ୍ର ମଣିପୁର ଯିବ ବୋଲି ସୂଚନା ମିଳିଛି।

# ଯାଜ୍ଞସେନୀର ସଂସ୍କୃତ ଭାଷାର ୨ୟ ସଂସ୍କରଣ ଉନ୍ମୋଚନ କଲେ ଧର୍ମେନ୍ଦ୍ର




ଭୁବନେଶ୍ୱର, ୨୭।୭(ସୁନିତ୍ ମିଶ୍ର)

ଭାରତର ଇତିହାସରେ 'ଯାଜ୍ଞସେନୀ' ଦ୍ରୌପଦୀ, ଅହଲ୍ୟା ଏବଂ ଶ୍ରବଣ କୁମାରଙ୍କ ଭଳି ଅନେକ ଚରିତ୍ର ଅଛନ୍ତି। ଏହି କଥାକୁ ନୂଆପିଢ଼ି ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ଆମର ବିଶ୍ୱବିଦ୍ୟାଳୟ ଗୁଡିକ ଉକ୍ତ ବିଷୟ ଉପରେ ଅନୁସନ୍ଧାନ ସହ ବ୍ୟାଖ୍ୟାନ କରିବା ପାଇଁ ଦାୟିତ୍ୱ ନେବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ କରିଛନ୍ତି।

ଗୁରୁବାର ନୂଆଦିଲ୍ଲୀଠାରେ ବିଶିଷ୍ଟ ସାହିତ୍ୟିକ ପଦ୍ମଭୂଷଣ ପ୍ରତିଭା ରାୟଙ୍କ ଲିଖିତ ଓଡ଼ିଆ ଉପନ୍ୟାସ 'ଯାଜ୍ଞସେନୀ'ର ସଂସ୍କୃତ ଭାଷାର ୨ୟ ସଂସ୍କରଣ ପୁସ୍ତକ ଉନ୍ମୋଚନ ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଅନନ୍ତ କାଳରୁ ଆମ ସଭ୍ୟତା ସମସ୍ତଙ୍କୁ ଜୀବନ୍ତ ରୂପରେ ଦେଖିଛି। ଆମ ସଭ୍ୟତା ସବୁବେଳେ ନାରୀଙ୍କୁ ସମ୍ମାନ ଦେବା ଶିଖାଇଛି। ବର୍ତ୍ତମାନ ସମୟରେ ଭାରତୀୟ ସଭ୍ୟତାକୁ ଉଜାଗର କରିଥିବା ମାଆଙ୍କ ଉପରେ ଚର୍ଚ୍ଚା ହେବା ଆବଶ୍ୟକ। କାରଣ ସ୍ରଷ୍ଟାଙ୍କୁ କେନ୍ଦ୍ରକୁ ନ ଆଣିଲେ ସୃଷ୍ଟି ହୋଇପାରିନାହିଁ। ବିଶ୍ୱବିଦ୍ୟାଳୟଗୁଡିକ ଆମର ପୁରାତନ ସଭ୍ୟତା, ସମାଜର ପୁଞ୍ଜି ତଥା ଭାରତୀୟତାକୁ ବ୍ୟାଖ୍ୟାନ କରିବା ଦିଗରେ କାମ କରିବା ଆବଶ୍ୟକ। ଭାରତ ନିଜ ପୂର୍ବ ଗୌରବ ଆଧାରରେ ମହାଶକ୍ତି ହେବାକୁ ଯାଉଛି ଏବଂ ଜି-୨୦ର ପ୍ରେସିଡେନ୍ସି କରୁଛି। ଏଭଳି ସମୟରେ ମହିଳା ସଶକ୍ତୀକରଣ ଉପରେ ଲିଖିତ 'ଯାଜ୍ଞସେନୀ'ର ୨ୟ ସଂସ୍କୃତ ସଂସ୍କରଣ ଉନ୍ମୋଚନ ଆନନ୍ଦର ବିଷୟ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଫାଟୁସିନେରିରେ ଓଡ଼ିଶା, ଆନ୍ଧ୍ର ପ୍ରଶାସନର ସମାନ୍ତରାଳ କାର୍ଯ୍ୟକ୍ରମ


ଓଡ଼ିଶାର ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ଚାଉଳ ବଣ୍ଟନ କରାଯାଉଛି।


ଆନ୍ଧ୍ର ପକ୍ଷରୁ ଜଣେ ଗ୍ରାମବାସୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ପଟ୍ଟାଙ୍ଗି,୨୭।୭(ଶରତ ଧଳ)

ଓଡ଼ିଶା ଏବଂ ଆନ୍ଧ୍ରର ପ୍ରଶାସନିକ ଅଧିକାରୀମାନେ ଗୁରୁବାର କୋଟିଆ ପଞ୍ଚାୟତର ଫାଟୁସିନେରି ଗ୍ରାମରେ ପହଞ୍ଚି ସମାନ୍ତରାଳ ଭାବେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ କରିଥିବା ଦେଖିବାକୁ ମିଳିଥିଲା। ଉଭୟ ରାଜ୍ୟର କର୍ମଚାରୀମାନେ ଗ୍ରାମବାସୀଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରିଥିଲେ। ଏହି ସମୟରେ ଆନ୍ଧ୍ରର କାର୍ଯ୍ୟକୁ କୋରାପୁଟ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା ବିରୋଧ କରିଥିଲେ। ଏପରି କିଛି ଦୃଶ୍ୟ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର କୋଟିଆ ପଞ୍ଚାୟତ ଉପରୋକ୍ତ ଗ୍ରାମରେ ଦେଖିବାକୁ ମିଳିଛି। ଖବରରୁ ଜଣାପଡିଛି, ଆନ୍ଧ୍ର ସୀମାନ୍ତକୁ ଲାଗି ରହିଥିବା ଫାଟୁସିନେରି ଗ୍ରାମରେ ଓଡ଼ିଶାର ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ଅଧିକାରୀମାନେ ନୂତନ ପ୍ରାଥମିକ ବିଦ୍ୟାଳୟରେ ଭତ୍ତା ଟଙ୍କା ବଣ୍ଟନ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ, ଆଶାବାଡ଼ି ଓ ଚାଉଳ ପ୍ରଦାନ କରିଥିଲେ। ଉପସ୍ଥିତ ଗ୍ରାମବାସୀଙ୍କୁ ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ, ଏଇ ବିଶ୍ୱନାଥ ମାଦଲି, ଏପିଓ ସୌମେନ୍ଦ୍ର ନାୟକ, ବିଏସ୍ଏସ୍ ଓ ସୁଧୀର ସାହୁ, ପିଇଓ କଣ୍ଡା ଗୋଲରି, ରାଜସ୍ୱ ନିରୀକ୍ଷକ ଦୁର୍ଯ୍ୟୋଧନ ନାୟକ, ପ୍ରତୀକ୍ଷା ଗୌଡ ପ୍ରମୁଖ ଅଧିକାରୀମାନେ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ। ଅନ୍ୟପକ୍ଷରେ ଏହି ସମୟରେ ଏହି ଗ୍ରାମରେ ଆନ୍ଧ୍ର ରାଜ୍ୟର ପାର୍ବତୀପୁରମ୍ ମାନ୍ୟମ୍ ଜିଲା ପ୍ରଶାସନର ସାଲୁର ବ୍ଲକ ପ୍ରଶାସନର କର୍ମଚାରୀ ଓ ସରପଞ୍ଚ ସେଦା ରାପୋ କାମି ଏକ ଚର୍ଚ୍ଚ ଘରେ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଠାରେ ସେମାନେ କେତେଜଣ ଗ୍ରାମବାସୀଙ୍କୁ ନିଜ ରାଜ୍ୟର ଜଗନ୍ ଆନ୍ନା ସୁରକ୍ଷା ଯୋଜନା ସମ୍ପର୍କରେ ବୁଝାଇ ୨୩୩ ଜଣ ଗ୍ରାମବାସୀଙ୍କୁ ବିଭିନ୍ନ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଆନ୍ଧ୍ରର ପିଓ ଆଇଟିଡିଏ ସି.ବିଷ୍ଣୁ ଚରଣଙ୍କୁ ମାଡକାର ଗ୍ରାମରେ ଜିଲା ପରିଷଦ ଅଧ୍ୟକ୍ଷା ମେଲକା, ପଟ୍ଟାଙ୍ଗି ଜୋନ -୨ ଜିଲା ପରିଷଦ ସଭ୍ୟ ଲଇଚନ ଖରାଙ୍କ ସମେତ କେତେଜଣ ବିଜେଡି କର୍ମୀ ଅଟକାଇ ବିରୋଧ କରିଥିଲେ। ସେମାନେ ସମ୍ପୃକ୍ତ ଅଧିକାରୀଙ୍କୁ ଉକ୍ତ ଗ୍ରାମରେ ଅନୁପ୍ରବେଶ ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ପଚାରି ଆନ୍ଧ୍ର ଗୋ ବ୍ୟାକ୍ କହି ବିରୋଧ କରିଥିଲେ। ତେବେ ଓଡ଼ିଶାର ଏହି କାର୍ଯ୍ୟକ୍ରମରେ ଜୋନ୍-୧ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲଙ୍କୁ ଅଣଦେଖା କରି ଉପରୋକ୍ତ କାର୍ଯ୍ୟକ୍ରମରେ ସାମିଲ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ପଟ୍ଟାଙ୍ଗି ବ୍ଲକ ପ୍ରଶାସନର କାର୍ଯ୍ୟକ୍ରମରେ ଫାଟୁସିନେରି, ମାଡକାର, ହରମାଣ୍ଡାଙ୍ଗି, ଫଗୁଣସିନେରି ଓ ପାନୁକୁବାଲସା ଗ୍ରାମର ୫୦ ଜଣଙ୍କୁ ନୂତନ ପେନ୍‌ସନ ସହ ବସ୍‌ପାସ୍ ଓ ଅନ୍ୟ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

## ଚାଟୁଆରେ ଆନ୍ଧ୍ର-ଓଡ଼ିଶା ସୀମା ବିବାଦ ବୈଠକ ବିଫଳ

ନନ୍ଦପୁର/କୋରାପୁଟ ୨୭।୭ (ଶଙ୍କର ପୂଜାରୀ/ଅମିତାଭ ବେହେରା)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସୀମାନ୍ତ ରାଇପାହାଡ଼ ଗ୍ରାମର ସୀମା ବିବାଦ ସମାଧାନ ନେଇ ଗୁରୁବାର ଓଡ଼ିଶା-ଆନ୍ଧ୍ର ମଧ୍ୟରେ ଚାଟୁଆଠାରେ ବସିଥିବା ବୈଠକ ପୁଣି ବିଫଳ ହୋଇଛି। ଜୁଲାଇ ୧୨ ତାରିଖରେ ହୋଇଥିବା ପ୍ରଥମ ପର୍ଯ୍ୟାୟ ବୈଠକକୁ କୌଣସି କାଗଜପତ୍ର ଧରି ଆସି ନ ଥିବା ଆନ୍ଧ୍ର ଅଧିକାରୀମାନେ ଏଥର ମଧ୍ୟ ପ୍ରମାଣପତ୍ରଭିତ୍ତିକ କାଗଜପତ୍ର ନ ଆଣି ଆସିଥିଲେ। ଫଳରେ ୨ ରାଜ୍ୟ ମଧ୍ୟରେ ବସିଥିବା ଏହି ବୈଠକରେ ବିଶେଷ ଆଲୋଚନା ହୋଇପାରିନାହିଁ। ଆନ୍ଧ୍ର ଅଧିକାରୀମାନେ ଏପରି ଖାଲି ହାତରେ ବାରମ୍ବାର ବୈଠକକୁ ଆସିବା ବିବାଦ ସମାଧାନ କରିବା ଆନ୍ଧ୍ରର ଉଦ୍ଦେଶ୍ୟ ନୁହେଁ ବୋଲି ସାଧାରଣରେ ଆଲୋଚନା ହେଉଛି।

# ଜିଲାପାଳମାନଙ୍କ ସହ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ବୈଠକ

ଭୁବନେଶ୍ୱର,୨୭।୭(ଅନିଲ ଦାସ)

ଆଗାମୀ ସାଧାରଣ ନିର୍ବାଚନ ପାଇଁ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ଦ୍ୱାରା ସାରା ରାଜ୍ୟରେ ଚାଲୁ ରହିଥିବା ଘରକୁ ଘର ବୁଲି ସର୍ବେକ୍ଷଣକୁ ଠିକ୍ ଭାବେ ତଦାରଖ କରିବା ଲାଗି ଗୁରୁବାର ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ସମସ୍ତ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀମାନଙ୍କ ସହ ଏକ ଭର୍ଚୁଆଲ ବୈଠକ କରିଛନ୍ତି। ସୁଇପ୍(ଏସ୍‌ଭିଇଇପି) କାର୍ଯ୍ୟକ୍ରମ ମାଧ୍ୟମରେ ଜିଲାରେ କମ୍ ମତଦାନ ହେଉଥିବା ସ୍ଥାନମାନଙ୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ସହ ଭୋଟର ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ ଥିବା ୪ଟି ଯୋଗ୍ୟତା ସୂଚକ ତାରିଖ ଧାର୍ଯ୍ୟ କରାଯାଇଛି। ୨୦୨୩ ଅକ୍ଟୋବର ୧ ଏବଂ ୨୦୨୪ ଜାନୁଆରୀ ୧, ଏପ୍ରିଲ ୧ ଏବଂ ଜୁଲାଇ ୧ ତାରିଖ ସୁଦ୍ଧା ଯେଉଁ ନୂତନ ଭୋଟରମାନଙ୍କ ବୟସ ୧୮ ବର୍ଷ ହୋଇଥିବ ସେମାନଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରାଯିବ। ଏଥିନିମନ୍ତେ ଜିଲାପାଳମାନେ ଗୁରୁତ୍ୱ ଦେବା ସକାଶେ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଭୋଟର ତାଲିକାରେ ପଞ୍ଜୀକୃତ ହୋଇଥିବା ଯୋଗ୍ୟ ଭୋଟରମାନଙ୍କୁ ନିର୍ବାଚନ ଫଟୋ ପରିଚୟପତ୍ର ବଣ୍ଟନ ନିମନ୍ତେ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି କରାଯାଉଥିବା ନିର୍ବାଚନ ସଂକ୍ରାନ୍ତ ନୂତନ ନିର୍ଦ୍ଦେଶାବଳୀଗୁଡ଼ିକୁ ଭଲ ଭାବେ ନିରୀକ୍ଷଣ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲାସ୍ତରରେ ଆନ୍ତଃ ଜିଲା ନିର୍ବାଚନ ପରିଚାଳନା ଯୋଜନା ପ୍ରସ୍ତୁତ କରିବା ସହ ଇଭିଏମ୍‌ଗୁଡ଼ିକର ପ୍ରଥମ ପର୍ଯ୍ୟାୟ ତନଖି କାର୍ଯ୍ୟ ଆରମ୍ଭ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଜିଲାପାଳମାନଙ୍କ ସହ ସମସ୍ତ ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ ସାହୁ ଓ ନିର୍ବାଚନ ଅଧିକାରୀ ସତୀଶ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

GOVERNMENT OF ODISHA No. O-486
OFFICE OF THE SUPERINTENDING ENGINEER
RURAL WORKS DIVISION, DHENKANAL
E-Mail: eerwdivisiondhenkanal@yahoo.co.in
e-Procurement Notice No. 02 / Road Works/2023-24

1. Name of the Work : Road Works
2. Total No. of Works : 1 (One) No.
3. Estimated Cost : Rs.15.484 lakh
4. Class of Contractor : "D" & "C" Class
5. Period of Completion : 2 (Two) Calendar Months
6. EMD Required : As mentioned in the Annexure at Column - 04
7. Online for Biding : 04.08.2023 at 11.00 A.M. to 14.08.2023 upto 5.00 P.M.
8. Last date & time of seeking tender clarification : 11.08.2023 upto 4.00 P.M.
9. Date & time of opening of tender (Technical) : 16.08.2023 at 11.00 A.M.

Other details can be seen from the website http://tendersorissa.gov.in.
Sd./- Executive Engineer
R.W. Division, Dhenkanal
OIPR-25101/11/0002/2324

ପୌରପରିଷଦ କାର୍ଯ୍ୟାଳୟ: ଝାରସୁଗୁଡ଼ା
MUNICIPAL OFFICE: JHARSUGUDA
No.4746/JM Dt.27.7.23
e-Mail:jsgmunicipality@yahoo.com Fax:06645-273019
jharsugudam.hud@nic.in ☎ 06645-273019

CORRIGENDUM TO EOI NOTICE NO. 4578/JM DT.19.07.2023
No.C-925:The date of opening the EOI is being extended to dt.31.07.2023 instead of dt.29.07.2023, Due to declaration of holiday on 29th July, 2023 by Govt. of Odisha. All the term and conditions, timing and venue same as per the notification remaining same.
Sd./- Executive Officer
Jharsuguda Municipality
OIPR-13165/11/0016/2324

OFFICE OF THE PANCHAYAT SAMITI, BANGIRIPOSI
At/P.O.: Bangiriposi, Dist.: Mayurbhanj, Odisha
E-Mail: ori-Bangiriposi@nic.in
Notice No. 03/2023-24 Date: 26.07.2023
No. i-262: Sealed tenders are invited from interested "C & B" Class Contractors registered with the Govt. for execution of Civil work under Panchayat Samiti, Bangiriposi, Mayurbhanj. The eligible criteria and the details of the tender documents which will be available at Block Panchayat Samiti, Bangiriposi. Interested bidders fulfilling the eligibility criteria may submit their Bid should be dropped at the Office of the Block Development Officer, Bangiriposi, Mayurbhanj. Other mode of communication will not be entertained.

1. Sale of Tender Papers : 27.07.2023 to 08.08.2023 upto 5.30 P.M.
2. Last date of receipt of tender paper : 10.08.2023 upto 5.30 P.M.
3. Date of opening of tender papers at Meeting Hall, Bangiriposi Block, Bangiriposi, Mayurbhanj : 11.08.2023 at 11.00 A.M.
4. Mode of receipt : Bid should be dropped at the Office of the Block Development Officer, Bangiriposi, Mayurbhanj
5. Envelope should be superscribed with the name of the works for which tender paper is being submitted otherwise will be rejected.
6. The tender paper received after due date or time will liable for rejection.

Authority reserves the right to reject all or any of the tender without assigning any reason thereof. Again the authority will not held responsible for any postal delay.
Sd./- Block Development Officer
Bangiriposi, Mayurbhanj
OIPR-19078/11/0004/2324

OFFICE OF THE
DISTRICT FISHERIES OFFICER, DHENKANAL
Telephone No. 06762-224408, Email ID: adfdkl@gmail.com
Notice No. 1534 Date: 19.07.2023
No. M-27: Sealed tenders are invited from interested reputed Travel Agencies/Tour Operators or Private individuals for providing 1 number (Petrol or Diesel) good condition Tiago/Bolt/Celerio/Indigo/Swift Dzire driven vehicle which shall conform to terms and conditions for official use in the District Fiseries Office, Dhenkanal on monthly rent basis.

1. The vehicle must be in Road Worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, valid contract Carriage permit, proof uptodate next Payment etc. which are mandatory for plying of vehicle.
2. The Driver of the vehicle must have a valid Driving Licence for driving light transport passenger vehicle and should be sufficiently experienced in driving transport passenger vehicle and should be sufficiently experienced in driving transport passenger vehicle.
3. The driver should be well behaved, gentle and obedient in nature.
4. A sum of Rs.5000/- shall be deposited by the intending bidder in shape of Account Pay Bank Draft down in favour of District Fisheries Officer, Dhenkanal and submitted along with the tender as security deposit. After completion of tender process, the amount will be refunded to unsuccessful bidders.
5. The monthly rate of the hire change is quoted separately in the general bid information (excluding fuel and lubricants).
6. The vehicle must achieve a fuel efficiency of 17 Km. per liter.
7. The details of the make and year of manufacture of the vehicle, registration No., mileage (Kms. covered per liter) and name of Driver with Driver licence No. and period of validity should be specially provided in the general bid information to be furnished with the Tender (Annexure - III).
8. The tender completed in all respect should reach the undersigned on or before **Dt.31.07.2023 by 12 A.M.** and shall be opened on the same day at **3.00 P.M.** in presence of the bidder or their authorized representatives.
9. The application form for tender containing General Bid information and terms and conditions for Hiring of vehicles etc. will be available with the Office of the District Fisheries Officer, Dhenkanal on payment of Rs.100/- in the working hour & working day between Dt.20.07.2023 to 30.07.2023.
10. The undersigned reserved the right to accept or cancel the tenders without assigning any reason thereof.

Sd./- District Fisheries Officer, Dhenkanal
OIPR-06053/11/0002/2324

ODISHA CONSTRUCTION CORPORATION LTD.
(A Govt. of Odisha Undertaking)
Central workshop, Rasulgarh,Bhubaneswar-751010 (Odisha)
Tel-0674-2580107, E-mail: gmocclcws@gmail.com, (GSTIN-21AAACO2571K2ZM)
"e"- Procurement Notice No. 19 /OCCL/2023-24 (on-line)
No.CAD-1458:Type of work: Supply of Casting items for 12T & 14T Rope Drum Hoist of Barrage Bay & Under-sluice gate of Saptamatruka Barrage Project. Total No. of work: 01 (One). Period of supply: 120 (One hundred twenty) days.

| Procurement Officer | Bid Identification No. | EMD through on-line transfer system | Cost of Tender document (Including GST) through online transfer system | Availability of tender (Online) | Submission of Bid (On-line) |
|---|---|---|---|---|---|
| General Manager (Mech.), OCC Ltd., Central Workshop, Rasulgarh, Bhubaneswar | OCCL-MECH/ CWS/ 03/ 2023-24 | Rs. 55,000/- | Rs.11,800/- (Non-refundable) | 28.07.2023 10.00 AM to 18.08.2023 5.00 PM | 28.07.2023 10.00 AM to 18.08.2023 5.00 PM |

Date of Opening of the Technical Bid: 19.08.2023 at 11.30 AM
Further details can be seen from the Govt. website: (www.tendersodisha.gov.in)
Amendment/corrigendum/cancellation, if any shall be posted online only.
OIPR-34120/11/0027/2324 Sd./- GENERAL MANAGER (MECH.)

OFFICE OF THE DISTRICT JUDGE, JHARSUGUDA
Dated, Jharsuguda the 26th Day of July, 2023.
ADVERTISEMENT NO. 01/2023
No.W-23:Applications in the prescribed format are invited from the desirous candidates for filling up of the following Group- 'C' posts in the Judgeship of Jharsuguda under Odisha District and Civil Courts'Judicial Staff Services (Method of Recruitment and Conditions of Service) Rules, 2008 (Amendment Rules, 2010 & 2023) and subject to the result of W.P (C) No. 1273/2014 pending before the Hon'ble High Court of Orissa.

CATEGORY-WISE VACANCY POSITION

| Sl. No. | Name of Post | Scale of Pay as per Pay Matrix of ORSP Rules, 2017 | UR | SC | ST | SEBC | Total | Remarks |
|---|---|---|---|---|---|---|---|---|
| 1 | Junior Clerk-cum-Typist | Rs.19,900/- to 63,200/- (Level-4) | 5 (W-2) | 1 | 1 | 1 | 8 | The Vacancy reserved for Women/P.H./ Ex.Servicemen/ Sports Person is inclusive of vacancy of respective category to which they belong |
| 2 | Junior Typist | Rs.19,900/- to 63,200/- (Level-4) | - | - | 1 | - | 1 | |
| 3 | Stenographer (Grade-III) | Rs.25,500/- to 81,100/- (Level-7) | - | - | 1* | - | 1* | |
| | Total | | 5(W-2) | 1 | 3 | 1 | 10 | |

'*' Rolled over/ backlog vacancy
'W' stands for women candidates
LAST DATE FOR RECEIPT OF APPLICATION :- 26.08.2023 by 5.00 P.M.
For More details, please visit the website i.e. https://districts.ecourts.gov.in/jharsuguda Or https://jharsuguda.nic.in.
Sd./-District Judge-cum-Chairman
District Recruitment Committee, Jharsuguda
OIPR-18064/11/0003/2324

Department of Water Resources
Superintending Engineer,
Minor Irrigation Division Ganjam-II, Berhampur
Engineering School Road, Berhampur, 760010.
No.A- E-mail: mi2_exe.engr@yahoo.co.in
REQUEST FOR BIDS (RFB) E-Procurement Notice
ABSTRACT OF E-PROCUREMENT NOTICE
RFB No.OIIPCRA-W2-GM-II-3/2023-24 Date:18.07.2023

| | |
|---|---|
| Name of the work | Civil Construction Works (Rehabilitation of Minor Irrigation Projects under OIIP-CRA). |
| Total No of work | 15 Minor Irrigation Projects. |
| Estimate Cost of Work(s) | Varies approximately from Rs. 14.00 lakhs to Rs 69.26 lakh (Total estimated cost of the 15 Nos of works Rs 627.08 Lakh) |
| Cost of Bid Document | Free of cost |
| Time for completion | Refer to DTCN |
| Availability of Bid documents | From 01.08.2023 at 10.00 Hrs to 31.08.2023 up to 15.00 Hrs in the e-procurement website (https://octdms.in) , (https://tendersodisha.gov.in) |
| Date of Pre Bid meeting | 11.08.2023 From 11.30 Hrs 12.30 Hrs As per Para-7 of DTCN |
| Period for receipt of bid(s) | From 01.08.2023 at 10.00 Hrs to 31.08.2023 up to 15.00 Hrs |
| Payment of Bid cost / Bid security | Shall be paid online through the e procurement portal of govt. of Odisha. |
| Date of opening of the technical bid | On Dated 31.08.2023 at 15.30 Hrs |
| Date of opening of financial bid | To be intimated online after off-line evaluation of Technical Bid. |
| Digital signature certificate of Bidder | The bidder must possess compatible digital signature certificate (DSC) of Class-II or III. |
| Details about the tender | Available in website (https://octdms.in) , (https://tendersodisha.gov.in) |
| Name/Address of the OIT | Superintending Engineer, M.I.Division Ganjam II, Berhampur, in front of Depaul School Engineering School road Berhampur , Pin 760010. |

Sd./- Superintending Engineer
M.I.Division, Ganjam-II, Berhampur
OIPR-32043/11/0007/2324

See Career Appointment on every Wednesday & Saturday

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୮ ଜୁଲାଇ, ୨୦୨୩



# ବିନା ବୁର୍ଖାରେ ଛାତ୍ରୀଙ୍କୁ ବସ୍ ମନା

## ଡ୍ରାଇଭରଙ୍କ ମନମାନିକୁ ନେଇ ଉତ୍ତେଜନା

ବେଙ୍ଗାଲୁରୁ,୨୭।୭

ବୁର୍ଖା ପିନ୍ଧି ନ ଥିବା ମୁସଲମାନ ସ୍କୁଲଛାତ୍ରୀମାନଙ୍କୁ ବସ୍‌ରେ ନେବାକୁ କର୍ନାଟକ କାଲାବୁରଗି ଜିଲାର ଜଣେ ଡ୍ରାଇଭର ମନା କରିଦେବା ପରେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ପିଲାମାନେ ପଢ଼ିବା ପାଇଁ ବସ୍ ଯୋଗେ କମଳାପୁର ତାଲୁକର ଓକଲି ଗ୍ରାମରୁ ବାସବକଲ୍ୟାଣକୁ ଯାଇଥାନ୍ତି। ସେହି ରୁଟ୍‌ର ଜଣେ ଡ୍ରାଇଭର ମୁସଲମାନ ଝିଅମାନଙ୍କୁ ବସ୍ ଚଢ଼ିବା ପୂର୍ବରୁ ବୁର୍ଖା ପିନ୍ଧିବାକୁ ପଡ଼ିବ ବୋଲି ଦାବି କରିଥିଲେ। ଏପରିକି ହିଜାବ ପିନ୍ଧିଥିଲେ ମଧ୍ୟରେ ବସ୍‌ରେ ଅନୁମତି ଦିଆଯିବ ନାହିଁ ବୋଲି ସେ କହିଥିଲେ। ଛାତ୍ରୀମାନେ ବୁର୍ଖା ପିନ୍ଧିବାକୁ ମନା କରିବାରୁ ଡ୍ରାଇଭର ସେମାନଙ୍କୁ ଗାଳିଦେଇ ଘଉଡ଼ାଇ ଦେଇଥିଲେ। ଅନ୍ୟ ଯାତ୍ରୀମାନେ ପ୍ରତିବାଦ କରିବାରୁ ଛାତ୍ରୀମାନେ ହଇରାଣ କରୁଥିବା ଡ୍ରାଇଭର ଯୁକ୍ତି ଦର୍ଶାଇଥିଲେ।

# ଦିଲ୍ଲୀରେ ମହିଳାଙ୍କୁ ଗୁଳିକରି ହତ୍ୟା

ନୂଆଦିଲ୍ଲୀ,୨୭।୭

ଦିଲ୍ଲୀର ଡାବ୍ରି ଅଞ୍ଚଳରେ ଗୁରୁବାର ରାତିରେ ଜଣେ ୪୦ ବର୍ଷୀୟା ମହିଳାଙ୍କୁ ତାଙ୍କ ଘର ସାମ୍ନାରେ ଗୁଳିକରି ହତ୍ୟା କରାଯାଇଛି। ଆକ୍ରମଣକାରୀ ଆଶିଷ (୨୩) ମହିଳାଙ୍କ ମୁଣ୍ଡକୁ ଗୁଳିକରି ଫେରାର ହୋଇଯାଇଥିଲେ। ରେଣୁ ଗୋୟଲ ନାମ୍ନୀ ଉକ୍ତ ମହିଳାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ଅଭିଯୁକ୍ତ ଘର ଛାତରେ ଏକ ଦେଶୀ ବନ୍ଧୁକରୁ ନିଜକୁ ଗୁଳିକରି ଆତ୍ମହତ୍ୟା କରିଥିବା ପୋଲିସ କହିଛି। ଖବର ଅନୁଯାୟୀ ଆଶିଷ ଓ ରେଣୁ ଦୁଇବର୍ଷ ହେଲା ଗୋଟିଏ ଜିମ୍‌କୁ ଯାଉଥିଲେ। ରେଣୁ ଜଣେ ଗୃହିଣୀ ଓ ତାଙ୍କର ସ୍ୱାମୀ ଓ ୩ ପିଲା ଅଛନ୍ତି।

# ନାଇଜରରେ ସାମରିକ ବିଦ୍ରୋହ

## ରାଷ୍ଟ୍ରପତି ଗାଦିଚ୍ୟୁତ

ନିଆମେ,୨୭।୭

ଆଫ୍ରିକାର ସର୍ବାଧିକ ଜନବହୁଳ ଦେଶ ନାଇଜରରେ ସାମରିକ ବିଦ୍ରୋହ ଘଟିଛି। ରାଷ୍ଟ୍ରପତି ମୋହମଦ ବାଜୁମ୍‌ଙ୍କୁ ହଟାଇ ସେନା ଶାସନ କ୍ଷମତା ନିଜ ହାତକୁ ନେଇଛି। ରାଷ୍ଟ୍ରପତି ଓ ତାଙ୍କ ପରିବାରକୁ ପ୍ରେସିଡେନ୍ସିଆଲ ପ୍ୟାଲେସରେ ଗିରଫ ପରେ ଗୃହବନ୍ଦୀ କରାଯାଇଛି। ସେନା ମୁଖପାତ୍ର କଲୋନେଲ୍ ମେଜର ଅମାଦୋଉ ଆଡରମନେ ଦେଶର ଜାତୀୟ ଟି.ଭି. ଚ୍ୟାନେଲକୁ ସମ୍ବୋଧିତ କରି ଏନେଇ ସୂଚନା ଦେଇଛନ୍ତି। ଏହି ସେନା ଗ୍ରୁପ୍ ନିଜକୁ ଦେଶର ତ୍ରାଣକର୍ତ୍ତା ଭାବେ ଅଭିହିତ କରି କହିଛି, ଆଜି ଯାଏ ନାଇଜରବାସୀ ଯେଉଁ ସରକାରକୁ ଜାଣିଥିଲେ, ତାକୁ କ୍ଷମତାଚ୍ୟୁତ କରାଯାଇଛି। ବିଗୁଡୁଥିବା ସୁରକ୍ଷା ସ୍ଥିତି ଓ ଆର୍ଥିକ କୁପରିଚାଳନାକୁ ଦେଖି ଏହି ପଦକ୍ଷେପ ନିଆଯାଇଛି। ନାଇଜରର ଆଭ୍ୟନ୍ତରୀଣ ବ୍ୟାପାରରେ କୌଣସି ବିଦେଶୀ ଶକ୍ତିକୁ ଦଖଲ ସୁଯୋଗ ଦିଆଯିବ ନାହିଁ। ଦେଶର ସବୁ ସୀମାକୁ ସିଲ୍ କରିଦିଆଯାଇଛି। ଆମେରିକା ଓ ଫ୍ରାନ୍ସ ସମେତ ଅନେକ ଦେଶ ଏହାକୁ ନିନ୍ଦା କରିବା ସହ ନାଇଜରରେ ତୁରନ୍ତ ଗଣତାନ୍ତ୍ରିକ ସରକାର ପ୍ରତିଷ୍ଠା ପାଇଁ ପରାମର୍ଶ ଦେଇଛନ୍ତି।


ମୋହମଦ ବାଜୁମ୍

# ୭୬ ଅପ୍ରଚଳିତ ଆଇନ ରଦ୍ଦ ପାଇଁ ଲୋକ ସଭାରେ ବିଲ୍ ଗୃହୀତ

ନୂଆଦିଲ୍ଲୀ,୨୭।୭(ପି.ଟି.)

କାମରେ ଲାଗୁ ନ ଥିବା ୭୬ଟି ଅନାବଶ୍ୟକ ଆଇନକୁ ରଦ୍ଦ କରିବା ପାଇଁ ଅଣାଯାଇଥିବା ଏକ ବିଲ୍ ଗୁରୁବାର ଲୋକ ସଭାରେ ଗୃହୀତ ହୋଇଯାଇଛି। ଜୀବନ ଧାରଣ ମାନ ଓ ବ୍ୟବସାୟକୁ ଉନ୍ନତ ତଥା ସରଳ କରିବା ପାଇଁ ପୁରୁଣା ଅଦରକାରୀ ଆଇନଗୁଡ଼ିକର ଉଚ୍ଛେଦ ପ୍ରକ୍ରିୟା ଜାରି ରହିଥିବା ସରକାର କହିଛନ୍ତି। ବର୍ତ୍ତମାନ ସୁଦ୍ଧା କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ୧,୪୮୬ ଆଇନ ରଦ୍ଦ କଲେଣି। ଆଜିର ବିଲ୍ ପାର୍ଲାମେଣ୍ଟର ଅନୁମୋଦନ ଲାଭ କଲାପରେ ରଦ୍ଦ ବିଲ୍ ସଂଖ୍ୟା ୧,୫୬୨ରେ ପହଞ୍ଚିବ ବୋଲି ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିଛନ୍ତି। ଗତବର୍ଷ ଡିସେମ୍ବରରେ ସରକାର ୬୫ଟି ପୁରୁଣା ଆଇନ ରଦ୍ଦ ଲାଗି ରିପିଲିଂ ଆଣ୍ଡ ଆମେଣ୍ଡିଂ ବିଲ୍ ଆଣିଥିଲେ। ତେବେ ଉକ୍ତ ବିଲ୍ ଉପରେ ଆଲୋଚନା ହୋଇପାରି ନ ଥିଲା। ଏବେ ସେଥିରେ ଆଉ ୧୧ଟି ଉପନିବେଶୀୟ ସମୟର ଆଇନକୁ ସାମିଲ କରାଯାଇଛି।

# ତେଲଙ୍ଗାନାରେ ବନ୍ୟା ଉଦ୍ଧାର କାର୍ଯ୍ୟରେ ସେନା ହେଲିକପ୍ଟର

ହାଇଦ୍ରାବାଦ,୨୭।୭

ତେଲଙ୍ଗାନାରେ ପ୍ରବଳ ବର୍ଷା ଯୋଗୁ ଜୟଶଙ୍କର ଭୁପାଳପାଲ୍ଲି ଜିଲାର ବିଭିନ୍ନ ନଦୀରେ ବନ୍ୟା ଆସି ଅନେକ ଗାଁ ଜଳାର୍ଣ୍ଣବ ହୋଇଛି। ଉକ୍ତ ଜିଲାର ମୋରାନଚାନ୍‌ପାଲେ ଗ୍ରାମରେ ଲୋକମାନେ ଘର ଛାତ ଓ ଗଛ ଉପରେ ଆଶ୍ରୟ ନେଇଥିବାବେଳେ ଉଦ୍ଧାର କାର୍ଯ୍ୟରେ ସେନା ହେଲିକପ୍ଟରକୁ ନିୟୋଜିତ କରାଯାଇଛି। ବନ୍ୟାଞ୍ଚଳର ଅନେକ ଲୋକଙ୍କୁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଟିମ୍ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନେଇଛି। ଖମାମ ଜିଲାରେ ମୁନେରୁ ନଦୀରେ ବନ୍ୟା ଯୋଗୁ ୭ ଜଣ ଭାସିଯାଇଥିବାବେଳେ ସେମାନଙ୍କୁ ଉଦ୍ଧାର କରିବା ଲାଗି ଏନ୍‌ଡିଆର୍‌ଏଫ୍ ଉଦ୍ୟମ ଚଳାଇଛି। ଗୋଦାବରୀ ନଦୀ ଦ୍ୱିତୀୟ ବିପଦ ସଙ୍କେତ ଅତିକ୍ରମ କରିଥିବାବେଳେ ମନ୍ଦିର ସହର ଭଦ୍ରାଚଳମ୍‌ର ଲୋକେ ପ୍ରଭାବିତ ହୋଇଛନ୍ତି। ତଳିଆ ଅଞ୍ଚଳର ଲୋକମାନଙ୍କୁ ନିରାପଦ ସ୍ଥାନ ଓ ରିଲିଫ୍ କ୍ୟାମ୍ପ୍‌କୁ ସ୍ଥାନାନ୍ତର କରାଯାଇଛି। ଗୋଦବରୀରେ ବନ୍ୟା ଯୋଗୁ ଭଦ୍ରାଦ୍ରି କୋଥାଗୁଡେମ୍ ଜିଲାର ୨୫ଟି ଗାଁରୁ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ସେହିପରି ଅନ୍ୟ ୧୮ଟି ଗାଁକୁ ମଧ୍ୟ ଖାଲି କରାଯାଇଛି।



# ୨୦୨୭ ସୁଦ୍ଧା ଭାରତ ହେବ ତୃତୀୟ ବୃହତ୍ ଅର୍ଥବ୍ୟବସ୍ଥା

ନୂଆଦିଲ୍ଲୀ,୨୭।୭

ଭାରତର ଅଭିବୃଦ୍ଧି ହାର ବର୍ତ୍ତମାନ ହାରରେ ଜାରି ରହିଲେ ଏହା ଜର୍ମାନୀ ଓ ଜାପାନକୁ ଅତିକ୍ରମ କରି ବିଶ୍ୱର ତୃତୀୟ ବୃହତ୍ ଅର୍ଥବ୍ୟବସ୍ଥା ପରିଚୟ ହାସଲ କରିପାରେ ବୋଲି ଏସ୍‌ବିଆଇର ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି। ଭାରତ ୨୦୨୯ ସୁଦ୍ଧା ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ହେବ ବୋଲି ପୂର୍ବରୁ ଏସ୍‌ବିଆଇ ରିସର୍ଚ୍ଚ ପୂର୍ବାନୁମାନ କରିଥିଲା। ୨୦୨୨-୨୭ରେ ଭାରତର ବର୍ଦ୍ଧିତ ବୃଦ୍ଧି ପରିମାଣ ଅଷ୍ଟ୍ରେଲିଆର ବର୍ତ୍ତମାନର ଅର୍ଥନୀତି ୧.୮ ଟ୍ରିଲିୟନରୁ ଅଧିକ ହେବ ବୋଲି ଆଶା କରାଯାଉଛି। ଏହି ହାରରେ ପ୍ରତି ଦୁଇବର୍ଷରେ ଭାରତର ଅର୍ଥନୀତି ୦.୭୫ ଟ୍ରିଲିୟନ ଡଲାର ବଢ଼ିଲେ, ୨୦୪୭ ବେଳକୁ ଏହା ୨୦ ଟ୍ରିଲିୟନ ଡଲାର ଛୁଇଁବ ବୋଲି ରିପୋର୍ଟରେ କୁହାଯାଇଛି। ବିଶ୍ୱ ଜିଡିପିରେ ଭାରତର ଭାଗ ଏବେ ୩.୫ ପ୍ରତିଶତ ଥିବାବେଳେ ୨୦୨୭ ବେଳକୁ ଏହା ୪ ପ୍ରତିଶତ ଅତିକ୍ରମ କରିବ।

# ଜୁଲାଇ ସବୁଠୁ ଉତ୍ତପ୍ତ

ନୂଆଦିଲ୍ଲୀ,୨୭।୭

ମାନବ ଇତିହାସରେ ଜୁଲାଇ ସବୁଠୁ ଉତ୍ତପ୍ତ ମାସ ଭାବେ ଘୋଷଣା କରାଯାଇଛି। ୨୦୨୩ ଜୁଲାଇ ବର୍ତ୍ତମାନ ସୁଦ୍ଧା ଆନୁଷ୍ଠାନିକ ଭାବେ ରେକର୍ଡ ହୋଇଥିବା ବିଶ୍ୱର ସବୁଠୁ ଉତ୍ତପ୍ତ ମାସ ବୋଲି ଲିପ୍‌ଜିଗ ୟୁନିଭର୍ସିଟିର ଜଳବାୟୀ ବିଜ୍ଞାନୀ ଡ. କର୍ଷ୍ଟେନ ହୁଷ୍ଟେଇନ୍ କହିଛନ୍ତି। ଚଳିତ ମାସର ହାରାହାରି ତାପମାତ୍ରା ସବୁ ରେକର୍ଡ ଅତିକ୍ରମ କରିଯାଇଛି। ଜୀବାଶ୍ମ ଇନ୍ଧନ ଦହନ ପୂର୍ବର ତାପମାତ୍ରାଠାରୁ ଏହା ପ୍ରାୟ ୧.୫ ଡିଗ୍ରୀ ସେଲ୍‌ସିୟସ୍ ଅଧିକ। ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ସୀମିତ ରଖିବାକୁ ପ୍ୟାରିସ ଜଳବାୟୁ ଚୁକ୍ତିନାମାରେ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ତେବେ ଜୁଲାଇ ତାପମାତ୍ରା ବୃଦ୍ଧିରୁ ଦେଶଗୁଡ଼ିକ ତାପମାତ୍ରାକୁ ଉକ୍ତ ସୀମା ମଧ୍ୟରେ ରଖିବାରେ ସ୍ଥାୟୀ ଭାବେ ବିଫଳ ହୋଇଥିବା କୁହାଯାଇପାରିବ ନାହିଁ। ଏଥିପାଇଁ ହାରିହାରି ଉତ୍ତାପ ବୃଦ୍ଧିର ଏକ ଦୀର୍ଘମିଆଦୀ ବିଶ୍ଳେଷଣ କରିବାକୁ ପଡ଼ିବ।

# ଅଗଷ୍ଟ ୩ରେ ଜ୍ଞାନବାପି ରାୟ

## ସେପର୍ଯ୍ୟନ୍ତ ଏଏସ୍‌ଆଇ ସର୍ଭେ ସ୍ଥଗିତ



ନୂଆଦିଲ୍ଲୀ,୨୭।୭

ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ବାରାଣସୀସ୍ଥିତ ଜ୍ଞାନବାପି ମସ୍‌ଜିଦ ସ୍ଥଳର ସର୍ଭେ କରିବା ନେଇ ଆଲ୍ଲାହାବାଦ ହାଇକୋର୍ଟ ଅଗଷ୍ଟ ୩ରେ ରାୟ ଘୋଷଣା କରିବେ। ସେପର୍ଯ୍ୟନ୍ତ ଉକ୍ତ ସ୍ଥଳର ସର୍ଭେ ଉପରେ ଅଦାଲତ ଅନ୍ତରୀଣ ସ୍ଥଗିତାଦେଶ ଲଗାଇଛନ୍ତି। ମସ୍‌ଜିଦ ସର୍ଭେ ସୋମବାରଠାରୁ ସ୍ଥଗିତ ରହିଥିବାବେଳେ ବୁଧବାର ଏହାକୁ ଜୁଲାଇ ୨୭ ବଢ଼ାଯାଇଥିଲା। ଗୁରୁବାର ହାଇକୋର୍ଟ ମୁଖ୍ୟ ବିଚାରପତି ପ୍ରୀତିଙ୍କର ଦିୱାକର ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ରାୟକୁ ଅଗଷ୍ଟ ୩ ଯାଏ ସଂରକ୍ଷିତ ରଖିଛନ୍ତି। ସର୍ଭେ ବେଳେ ମସ୍‌ଜିଦ ଢାଞ୍ଚାର କୌଣସି କ୍ଷତି ହେବ ନାହିଁ ବୋଲି ଏଏସ୍‌ଆଇର ଅତିରିକ୍ତ ନିର୍ଦ୍ଦେଶକ ସତ୍ୟପାଠ ଜରିଆରେ ହାଇକୋର୍ଟଙ୍କୁ ଜଣାଇଥିଲେ।

ଜ୍ଞାନବାପି ମସ୍‌ଜିଦ ମନ୍ଦିର ଢାଞ୍ଚା ଉପରେ ଗଢ଼ାଯାଇଛି କି ନାହିଁ, ଏହାର ଏଏସ୍‌ଆଇ ସର୍ଭେ ପାଇଁ ବାରାଣସୀ ଜିଲା କୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ। ଏହା ବିରୋଧରେ ମସ୍‌ଜିଦ ପରିଚାଳନା ଦାୟିତ୍ୱରେ ଥିବା ଅଞ୍ଜୁମନ ଇନ୍ତେଜାମିଆ ମସ୍‌ଜିଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ତଳକୋର୍ଟ ବିରୋଧରେ ଅପିଲ୍ ପାଇଁ ମସ୍‌ଜିଦ ପରିଚାଳନା କମିଟିକୁ ସୁଯୋଗ ଦେବା ନିମନ୍ତେ ସୁପ୍ରିମକୋର୍ଟ ଏଏସ୍‌ଆଇ ସର୍ଭେକୁ ବୁଧବାର ଅପରାହ୍ନ ୫ଟା ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ।

# ଅରୁଣାଚଳ ଖେଳାଳିଙ୍କୁ ଚାଇନାର ଷ୍ଟାପଲ୍ଡ ଭିଜା

## ଭାରତର ବିରୋଧ

ନୂଆଦିଲ୍ଲୀ,୨୭।୭

ଅରୁଣାଚଳପ୍ରଦେଶର କେତେଜଣ କ୍ରୀଡ଼ାବିତ୍‌ଙ୍କ ପାଇଁ ଚାଇନା ଷ୍ଟାପଲ୍ଡ ଭିଜା ଇସ୍ୟୁ କରିଥିବାରୁ ଭାରତ ଏହାର ତୀବ୍ର ବିରୋଧ କରିଛି। ଚାଇନାର ଏଭଳି ପଦକ୍ଷେପ ଗ୍ରହଣୀୟ ନୁହେଁ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହାର ଉପଯୁକ୍ତ ଜବାବ ଦେବା ଅଧିକାର ଭାରତର ରହିଛି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚି କହିଛନ୍ତି। ଷ୍ଟାପଲ୍ଡ ଭିଜା ହେଉଛି ଆବେଦନକାରୀଙ୍କ ପାସପୋର୍ଟ ସହ ଏହାକୁ ସିଧାସଳଖ ଷ୍ଟାମ୍ପ କରା ନ ଯାଇ ପାସ୍‌ପୋର୍ଟରେ ଯୋଡ଼ାଯାଇଥାଏ। ଚାଇନା ଦୀର୍ଘଦିନ ହେଲା ଅରୁଣାଚଳପ୍ରଦେଶକୁ ଏହାର ଅଂଶବିଶେଷ ଦାବି କରିଆସୁଥିବାବେଳେ ଭାରତ କ୍ରମାଗତ ଭାବେ ଏହାକୁ ଖଣ୍ଡନ କରିଆସିଛି। ସେହି କାରଣରୁ ବେଜିଂ ଅରୁଣାଚଳ ଖେଳାଳିଙ୍କ ପାଇଁ ଏଭଳି ଭିଜା ଇସ୍ୟୁ କରିଛି। ଭାରତୀୟ ନାଗରିକଙ୍କୁ ଭିଜା ଇସ୍ୟୁରେ ବାସିନ୍ଦା କିମ୍ବା ଜାତିକୁ ନେଇ ଭେଦଭାବ ରହିବା ଉଚିତ ନୁହେଁ। ଭାରତ ଚାଇନା ନିକଟରେ ଏହାର ତୀବ୍ର ପ୍ରତିବାଦ ଜଣାଇଥିବା ବାଗ୍‌ଚି କହିଛନ୍ତି। ଚାଇନାର ଚେଙ୍ଗଡୁରେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାଗନେବା ପାଇଁ ଭାରତର ୧୨ ଜଣିଆ ଟିମ୍ ସେଠାକୁ ଯିବାର ଥିବାବେଳେ ଉକ୍ତ ଗ୍ରୁପ୍‌ର ୩ ଜଣ ଅରୁଣାଚଳପ୍ରଦେଶ ଖେଳାଳିଙ୍କୁ ଚାଇନା ଷ୍ଟାପଲ୍ଡ ଭିଜା ଇସ୍ୟୁ କରିଥିବାରୁ ଟିମ୍ ଗସ୍ତକୁ ସ୍ଥଗିତ ରଖାଯାଇଛି।

## ଫୁରସତ୍

# ଗୋଟିଏ ଜୀବନ, ଗୋଟିଏ ଯକୃତ୍

ଡା. ନିତ୍ୟାନନ୍ଦ ସ୍ୱାଇଁ

ଯକୃତ୍ ବା ଲିଭର ଆମ ଶରୀରର ସବୁଠାରୁ ବଡ଼ ଏବଂ ଅତି ଦରକାରୀ ଅଙ୍ଗ। ଆମ ପେଟ ଭିତରର ଡାହାଣ ପଟେ ଏହି ଅଙ୍ଗଟି ରହିଛି। ଲିଭରକୁ 'ହେପାଟସ୍' ବୋଲି କୁହାଯାଉଥିବାରୁ ଲିଭରର ପ୍ରଦାହକୁ 'ହେପାଟାଇଟିସ୍' ବୋଲି କହନ୍ତି। ଭୂତାଣୁ ବା ଭାଇରସ୍ ସଂକ୍ରମଣ ଯୋଗୁ ପ୍ରଦାହ ହୋଇଥିଲେ ତାକୁ କୁହାଯାଏ ଭାଇରାଲ ହେପାଟାଇଟିସ୍। ହେପାଟାଇଟିସ୍ କରାଉଥିବା ଭୂତାଣୁ ଏକାଧିକ ପ୍ରକାରର, ଯେପରି କି ହେପାଟାଇଟିସ୍ 'ଏ', 'ବି', 'ସି', 'ଡି' ଓ 'ଇ' ଭୂତାଣୁ। ଯେଉଁ ଭୂତାଣୁଟି ପ୍ରଦାହ ଜାତ କରେ ସେହି ଅନୁସାରେ ରୋଗଟିର ନାମକରଣ କରାଯାଏ, ଯଥା- ହେପାଟାଇଟିସ୍ 'ଏ', ହେପାଟାଇଟିସ୍ 'ବି', ହେପାଟାଇଟିସ୍ 'ସି' ଇତ୍ୟାଦି।

ପ୍ରତିବର୍ଷ ଜୁଲାଇ ୨୮ ତାରିଖକୁ 'ବିଶ୍ୱ ହେପାଟାଇଟିସ୍ ଦିବସ' ଭାବରେ ପାଳନ କରାଯାଇଆସୁଅଛି। ଏହି ଦିନ ହେଉଛି ହେପାଟାଇଟିସ୍ 'ବି' ଭାଇରସ୍ ସଂକ୍ରମଣରୋଧୀ ପ୍ରତିଷେଧକ ଟିକାର ଆବିଷ୍କାରକ ତଥା ନୋବେଲ ବିଜୟୀ ବିଜ୍ଞାନୀ ବାରୁଖ ସାମୁଏଲ ବମ୍‌ବର୍ଗଙ୍କ ଜନ୍ମତିଥି। ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି 'ୱାନ୍ ଲାଇଫ୍ ୱାନ୍ ଲିଭର' ଅର୍ଥାତ୍ ଗୋଟିଏ ଜୀବନ, ଗୋଟିଏ ଯକୃତ୍।

ସୁସ୍ଥ ଜୀବନ ପାଇଁ ଯକୃତ୍‌ର ସୁସ୍ଥତା ଅପରିହାର୍ଯ୍ୟ। ଏହା ଆମ ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରେ। ଶରୀର ଭିତରକୁ ପ୍ରବେଶ କରୁଥିବା ବିଷାକ୍ତ ଉପାଦାନଗୁଡିକର ହାନିକାରୀଗୁଡାକୁ ପ୍ରତିହତ କରିଦିଏ। ଶକ୍ତି ସଞ୍ଚୟରେ ସାହାଯ୍ୟ କରେ। ଯକୃତ୍‌ରେ ଅବିରତ ଭଙ୍ଗାଗଢ଼ା କାମ ଚାଲିଥାଏ। ଏହାକୁ 'ଶରୀରର ରୋଷେଇଶାଳା' ବା କିଚେନ୍ ହାଉସ୍ ବୋଲି କହନ୍ତି। କାରଣ ଯକୃତ୍‌ରେ କେତେକ ଖାଦ୍ୟ ଉପାଦାନ ତିଆରି ହୁଏ। ସେହି ଉପାଦାନଗୁଡିକ ରକ୍ତ ମାଧ୍ୟମରେ ଓ ଅନ୍ୟ ପ୍ରକାରରେ ଶରୀରର ବିଭିନ୍ନ ଅଙ୍ଗକୁ ଯୋଗାଇ ଦିଆଯାଏ। କେତେକ ଉପାଦାନ ମଧ୍ୟ ଲିଭର ବା ଯକୃତ୍‌ରେ ତିଆରି ହୋଇ ଭବିଷ୍ୟତରେ ବ୍ୟବହାର ପାଇଁ ସାଇତା ହୁଏ। ବୈଜ୍ଞାନିକମାନେ ହିସାବ କରି କହିଛନ୍ତି ଯେ ଯକୃତ୍ ପାଞ୍ଚଶହରୁ ବେଶି ପ୍ରକାରର କାର୍ଯ୍ୟ କରେ। କେବଳ ଯକୃତରେ ତିଆରି ହୋଇଥାଏ ଏକହଜାରରୁ ବେଶି ସଂଖ୍ୟକ ଏନ୍‌ଜାଇମ୍।

ଯକୃତ୍‌କୁ ଆମେ 'କଲିଜା' ବୋଲି କହୁ। ଇଂଲିଶରେ କହୁ ଲିଭର। ଲିଭ୍‌ର ଅର୍ଥ ହେଉଛି ବଞ୍ଚିବା। ବଞ୍ଚେଇ ରଖିବା ପାଇଁ ଯେଉଁ ଅଙ୍ଗଟି ଅପରିହାର୍ଯ୍ୟ ତାକୁ ଲିଭର ବା ଜୀବନରକ୍ଷାକାରୀ ନାମ ଦେବା ଯଥାର୍ଥ।

ଶରୀର ଅନ୍ୟ ଅଙ୍ଗଗୁଡ଼ିକ ପରି ଯକୃତ୍ ମଧ୍ୟ ବିଭିନ୍ନ କାରଣରୁ ରୋଗାକ୍ରାନ୍ତ ହୋଇଥାଏ। କିନ୍ତୁ ଯକୃତରେ ଯେଉଁ ରୋଗଟି ସଚରାଚର ଦେଖାଯାଏ ତାହା ହେଲା ଭାଇରାଲ ହେପାଟାଇଟିସ୍ ବା ଭୂତାଣୁଜନିତ ଯକୃତ୍ ପ୍ରଦାହ। ପୃଥିବୀରେ ରହିଛନ୍ତି ୩୫ କୋଟିରୁ ବେଶି ଭାଇରାଲ ହେପାଟାଇଟିସ୍ ରୋଗୀ। ସମସ୍ତେ କିନ୍ତୁ ରୋଗ ନିର୍ଣ୍ଣୟ ଓ ଚିକିତ୍ସାର ସୁବିଧା ପାଇପାରୁନାହାନ୍ତି। ଭାଇରାଲ ହେପାଟାଇଟିସ୍‌ରେ ଆକ୍ରାନ୍ତ ହୋଇ ପୃଥିବୀରେ ପ୍ରତିବର୍ଷ ମୃତ୍ୟୁବରଣ କରିଥାଆନ୍ତି ୧୦ ଲକ୍ଷରୁ ବେଶି ଲୋକ। ପ୍ରତିବର୍ଷ ଆକ୍ରାନ୍ତ ହୋଇଥାଆନ୍ତି ୧୦କୋଟିରୁ ବେଶି। ଆମ ଦେଶରେ ହେପାଟାଇଟିସ୍ 'ବି' ସଂକ୍ରମିତ ରୋଗୀଙ୍କର ସଂଖ୍ୟା ପାଖାପାଖି ୪ କୋଟି ଏବଂ ସେମାନଙ୍କ ଭିତରୁ ପ୍ରତିବର୍ଷ ମୃତ୍ୟୁରେ ପଡୁଛନ୍ତି ଏକ ଲକ୍ଷରୁ ବେଶି ରୋଗୀ।

ଭାଇରାଲ ହେପାଟାଇଟିସ୍ 'ଏ' ଏବଂ 'ଇ'-ଏହା ଭୂତାଣୁ ଦ୍ୱାରା ସଂକ୍ରମିତ ଜଳ ପିଇବା ଓ ଖାଦ୍ୟ ଖାଇବା ଯୋଗୁ ହୋଇଥାଏ। କିନ୍ତୁ ହେପାଟାଇଟିସ୍ 'ବି', 'ସି' ଓ 'ଡି' ରୋଗୀଙ୍କ ସହ ଅସୁରକ୍ଷିତ ଯୌନ ସମ୍ପର୍କ ରଖିଲେ ହୋଇଥାଏ। ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ରକ୍ତ ନେଲେ କିମ୍ବା ଭୂତାଣୁ ଲାଗିଥିବା ଇଞ୍ଜେକଶନ୍ ଛୁଞ୍ଚିକୁ ବିଶୋଧନ ନ କରି ସେଭଳି ସଂକ୍ରମିତ ଛୁଞ୍ଚି ବ୍ୟବହାର କରି ଇଞ୍ଜେକଶନ ନେଲେ ସୁସ୍ଥ ବ୍ୟକ୍ତି ଯଥାକ୍ରମେ ହେପାଟଇଟିସ୍ 'ବି', 'ସି' କିମ୍ବା 'ଡି' ଦ୍ୱାରା ଆକ୍ରାନ୍ତ ହୋଇପଡ଼େ। ସଂକ୍ରମିତ ଛୁଞ୍ଚି ଦ୍ୱାରା ଚିତା କୁଟେଇଲେ ମଧ୍ୟ ଏହି ରୋଗ ହେବାର ଆଶଙ୍କା ରହିଛି। ହେପାଟାଇଟିସ୍ ଭୋଗୁଥିବା ଗର୍ଭବତୀଙ୍କର ଗର୍ଭସ୍ଥ ଶିଶୁକୁ ମଧ୍ୟ ହେପାଟାଇଟିସ୍ ହେବାର ଆଶଙ୍କା ରହିଛି।

ପୁଣି ବଡ଼ ଆଶ୍ଚର୍ଯ୍ୟର କଥା ଯେ, ହେପାଟାଇଟିସ୍ 'ବି' କିମ୍ବା 'ସି' ଭୂତାଣୁ ଶରୀର ଭିତରେ ଥାଇ ମଧ୍ୟ ତାହାର କୌଣସି ଲକ୍ଷଣ କି ଉପସର୍ଗ ପ୍ରକାଶ ନ କରିପାରେ। ମାତ୍ର ବଡ଼ ଆଶ୍ୱାସନାର କଥା ଯେ, ରକ୍ତ ପରୀକ୍ଷାରୁ ହେପାଟାଇଟିସ୍ କରାଇଥିବା ଭୂତାଣୁକୁ ସହଜରେ ଚିହ୍ନଟ କରିହୁଏ। ହେପାଟାଇଟିସ୍ 'ବି', 'ସି' ଓ 'ଡି'କୁ ବେଳହୁଁ ଚିକିତ୍ସା ନ କଲେ ପରେ ଏଥିରେ ଜଟିଳତା ପ୍ରକାଶ ପାଇ ହୋଇପାରେ ଯକୃତ୍ ସିରୋସିସ୍, ଯକୃତ୍ କ୍ୟାନ୍‌ସର ଓ ଯକୃତ୍ ଫେଲିଓର। କିନ୍ତୁ ଚିକିତ୍ସାରେ ରହିଲେ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ ନ ହେଲେ ମଧ୍ୟ ରୋଗୀ ସୁସ୍ଥ ଜୀନବ ଉପଭୋଗ କରିଥାଏ। ହେପାଟାଇଟିସ୍ 'ଏ', 'ବି' ଓ 'ଇ' ପାଇଁ ପ୍ରତିଷେଧକ ଟିକା ଅଛି। କିନ୍ତୁ 'ସି' ଓ 'ଡି'ର କୌଣସି ଟିକା ବାହାରିନି। ଚାଲନ୍ତୁ- ଯକୃତ୍‌କୁ ସୁସ୍ଥ ରଖିବା, ଜୀବନକୁ ସୁରକ୍ଷିତ ରଖିବା ଏବଂ ବିଶ୍ୱକୁ ହେପାଟାଇଟିସ୍ ମୁକ୍ତ କରିବାର ସଂକଳ୍ପ ନେବା।

-ଅଭୀପ୍‌ସା,
ସେକ୍ଟର-୬, ପ୍ଲଟ ନଂ-୧୧୩୧,
ଅଭିନବ ବିଡାନାସୀ, କଟକ-୧୪
ମୋ: ୯୪୩୭୭୬୬୧୧୭

## ଆଜି ବିଶ୍ୱ ହେପାଟାଇଟିସ୍ ଦିବସ



# 'କ୍ୟାଟ୍ରିନାଙ୍କ ସହ ତୁଳନା ମୋ କ୍ୟାରିୟର ନଷ୍ଟ କଲା'

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍‌ଙ୍କ ସହ ତୁଳନା ହେବାରୁ ମୋ କ୍ୟାରିୟର ନଷ୍ଟ ହୋଇଯାଇଛି। ନିକଟରେ ଏକ ସାକ୍ଷାତ୍‌କାରରେ ଏଭଳି କିଛି ମନ୍ତବ୍ୟ ରଖି ଅଭିନେତ୍ରୀ ଜରିନ ଖାନ୍ ଚର୍ଚ୍ଚାକୁ ଆସିଛନ୍ତି। ଜରିନ ଯେତେବେଳେ ବଲିଉଡ୍ ଡେବ୍ୟୁ କରିଥିଲେ, ସେତେବେଳେ ତାଙ୍କୁ କ୍ୟାଟ୍ରିନାଙ୍କ ସହ ତୁଳନା କରାଯାଇଥିଲା। ଦୁହିଁଙ୍କ ମୁହଁ ପାଖାପାଖି ସମାନ ଦିଶୁଥିବା ଅନେକ ଲୋକ କହିଥିଲେ। ଏହା ତାଙ୍କ ଅଭିନୟ କ୍ୟାରିୟର ଉପରେ ବେଶ୍ ପ୍ରଭାବ ପକାଇଥିବା ସେ କହିଛନ୍ତି। ଜରିନ ୨୦୧୦ରେ ଭାଇଜାନ୍ ସଲମାନ ଖାନ୍‌ଙ୍କ ସହ 'ବୀର' ଚଳଚ୍ଚିତ୍ର ଜରିଆରେ ଡେବ୍ୟୁ କରିଥିଲେ। ଏତେ ବଡ଼ ଷ୍ଟାରଙ୍କ ସହିତ ଅଭିନୟ କରିବା ପରେ ବି ତାଙ୍କ ଫିଲ୍ମ ଫ୍ଲପ ହୋଇଥିଲା। ଏହାପରେ ସେ କୌଣସି ଫିଲ୍ମରେ କାମ କରିଥିଲେ ବି ତାଙ୍କୁ ସେଭଳି କିଛି ସଫଳତା ମିଳିପାରିନାହିଁ। ସାକ୍ଷାତ୍‌କାରରେ ସେ କହିଥିଲେ, ପ୍ରଥମ କରି ବଲିଉଡ୍‌ରେ ଅଭିନୟ ତାଙ୍କୁ ବେଶ୍ ଭଲ ଲାଗୁଥିଲା। କ୍ୟାଟ୍ରିନାଙ୍କ ସହ ତାଙ୍କର ତୁଳନା ମଧ୍ୟ ତାଙ୍କୁ ଖୁସି ଦେଇଥିଲା। କାରଣ ସେ ତାଙ୍କର ବଡ଼ ଫ୍ୟାନ ଥିଲେ। ହେଲେ ତାଙ୍କ ସହ ତୁଳନା ଫଳରେ ଜରିନଙ୍କ କ୍ୟାରିୟର ଉପରେ ଖରାପ ପ୍ରଭାବ ପଡ଼ିଥିବା ସେ କହିଛନ୍ତି। ଏହି ଇଣ୍ଡଷ୍ଟ୍ରିରେ ତାଙ୍କୁ ତାଙ୍କ ପରିଚୟ ସୃଷ୍ଟି ପାଇଁ ଆଉ ସୁଯୋଗ ମିଳିଲାନି। ଇଣ୍ଡଷ୍ଟ୍ରିରେ ଅଭିନୟର ଦକ୍ଷତାକୁ ଦେଖି ନୁହେଁ, ବନ୍ଧୁତା ଥିଲେ କାମ ମିଳେ, ଯାହାକୁ ସେ ପସନ୍ଦ କରନ୍ତିନି ବୋଲି କହିଛନ୍ତି।


ଜରିନ ଖାନ୍

# ଡାକ୍ତରଖାନାରେ ପ୍ରେମୀଯୁଗଳଙ୍କ ବିବାହ

**ଟିବିଲିସି:** ଗୁରୁତର ଭାବେ ରାସାୟନିକ ଜିନିଷରେ ପୋଡ଼ିଯାଇଥିବା ଜଣେ ଯୁବକ ନିକଟରେ ତାଙ୍କ ପ୍ରେମିକାଙ୍କୁ ବିବାହ କରିଛନ୍ତି। ରିପୋର୍ଟ ମୁତାବକ, ଜିଓରଜିଆ ବାସିନ୍ଦା ପ୍ରେଷ୍ଟୋନ କୋବ୍ ଗତ ସେପ୍ଟେମ୍ବରରେ ପ୍ରେମିକା ତନିଶାଙ୍କ ସହ ପ୍ରେମ ସମ୍ପର୍କକୁ ଆସିଥିଲେ। ବିବାହର ମାସେ ପୂର୍ବରୁ ପ୍ରେଷ୍ଟୋନ କାମ କରିବା ସମୟରେ ରାସାୟନିକ ପଦାର୍ଥ ସଂସ୍ପର୍ଶରେ ଆସିବାରୁ ତାଙ୍କ ଶରୀର ୩୨ ପ୍ରତିଶତ ପୋଡ଼ିଯାଇଥିଲା। ଜିଓରଜିଆରେ ଚିକିତ୍ସା ବେଳେ ତାଙ୍କ ୨ ହାତର ୯ ଆଙ୍ଗୁଳି କାଟିବାକୁ ପଡ଼ିଥିଲା। ପ୍ରେଷ୍ଟୋନଙ୍କ ଏପରି ଅବସ୍ଥା ପରେ ପ୍ରେମିକା ତନିଶା ତାଙ୍କୁ ବିବାହ କରିବାକୁ ମନା କରିଦେବେ ବୋଲି ସେ ଭାବିଥିଲେ। ହେଲେ ତନିଶା ତାଙ୍କର ଏହି ଭାବନାକୁ ଭୁଲ ବୋଲି ସାବ୍ୟସ୍ତ କରିଥିଲେ। ପ୍ରେଷ୍ଟୋନଙ୍କ ସ୍ୱାସ୍ଥ୍ୟାବସ୍ଥାରେ କିଛିଟା ସୁଧାର ଆସିବା ବେଳକୁ ଦୁହେଁ ତାଙ୍କ ବିବାହ ସମ୍ପର୍କରେ କଥା ହେଉଥିବା ସେଠାକାର ନର୍ସ ଶୁଣିବାକୁ ପାଇଥିଲେ। ତାଙ୍କ ରୋଷେୟାଙ୍କ ସହଯୋଗରେ ଡାକ୍ତରଖାନାର ନର୍ସ, ଡାକ୍ତର ମିଶି ପ୍ରେମୀଯୁଗଳଙ୍କ ପାଇଁ ସେଠାରେ ଉପହାରର ଯୋଜନା କରିଥିଲେ। ନିର୍ଦ୍ଧାରିତ ତାରିଖ ଜୁଲାଇ ୨୨ରେ ଉଭୟେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି।



**ସୁଧ ହାର ବଢ଼ାଇଲା ଫେଡେରାଲ ରିଜର୍ଭ**

ନୂଆଦିଲ୍ଲୀ,୨୭।୭: ବିଗତ କିଛି ମାସ ହେବ ଆମେରିକା ଫେଡେରାଲ ରିଜର୍ଭ ସୁଧ ହାରରେ ପରିବର୍ତ୍ତନ କରୁଛି। ବିଶ୍ୱ ଅର୍ଥନୀତିରେ ତା'ର ପ୍ରଭାବ ପରିଲକ୍ଷିତ ହୋଇଥାଏ। ଚଳିତ ଥର ପାଇଁ ଫେଡେରାଲ ରିଜର୍ଭ ଅଫ୍ ଆମେରିକା ସୁଧହାରରେ ପ୍ରାୟ ୨୫ ବିପିଏସ୍ ବଢ଼ାଇଛନ୍ତି। ଫଳରେ ଫେଡେରାଲ ରିର୍ଜଭର ସୁଧହାର ୫.୨୫%ରୁ ବଢ଼ି ୫.୫୦%ରେ ପହଞ୍ଚିଛି। ଗତ ୧୨ଟି ବୈଠକରୁ ଏହା ୧୧ତମ ବୃଦ୍ଧି ହୋଇଥିବାବେଳେ ଆମେରିକାରେ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ଲାଗି ଋଣ ଉଧାର ନେବା ଅଧିକ ମହଙ୍ଗା ହୋଇଯିବ ବୋଲି କୁହାଯାଉଛି। ସେହିଭଳି ଭାରତରେ ଯେବେ ରିଜର୍ଭ ବ୍ୟାଙ୍କ ସୁଧହାର ବୃଦ୍ଧି କରିଥାନ୍ତି, ସେତେବେଳେ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ଆର୍‌ବିଆଇଠାରୁ ଉଚ୍ଚ ସୁଧହାରରେ ଋଣ ନେବାକୁ ପଡିଥାଏ।



ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)ର ନୂତନ ଉତ୍ପାଦ 'ଜୀବନ କିରଣ' ( ପ୍ଲାନ୍ ନଂ. ୮୭୦)ର ଆନୁଷ୍ଠାନିକ ଉନ୍ମୋଚନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଏଲ୍ଆଇସିର ମୁମ୍ବାଇ ମୁଖ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଏଲ୍ଆଇସିର ଅଧକ୍ଷ (ଚେୟାରମ୍ୟାନ) ସିଦ୍ଧାର୍ଥ ମହାନ୍ତିଙ୍କ ସମେତ ନିଗମର ସମସ୍ତ ନିର୍ଦ୍ଦେଶକ ଓ ଇଡି ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହାର ପୋଷ୍ଟର ଉନ୍ମୋଚନ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୩ ଜୁଲାଇ ୨୭ରୁ ଏହି ପ୍ଲାନ୍ ଅନ୍‌ଲାଇନରେ ଉପଲବ୍ଧ ହେଉଥିବବେଳେ ଦେଶର ସମସ୍ତ ଏଲ୍ଆଇସି ସହବନ୍ଧିତ ଏଜେଣ୍ଟ, କର୍ପୋରେଟ ଏଜେଣ୍ଟ, ବ୍ରୋକର, ଆଇଏମ୍ଏଫ୍‌ଗୁଡିକରେ ମଧ ଅଫ୍‌ଲାଇନ ସେବା ଆଶାୟୀ ବୀମାଧାରୀମାନେ ପାଇପାରିବେ।

# କିଶୋର ନୂଆ ମୁଖ୍ୟ ଆୟକର ଆୟୁକ୍ତ

**ଭୁବନେଶ୍ୱର,୨୭।୭**



ଜେ.କ୍ରିଷ୍ଣା କିଶୋର

ଭାରତ ସରକାରଙ୍କ ଅଗ୍ରଣୀ ଏଜେନ୍ସି 'ଆୟକର ବିଭାଗ'ର ମୁଖ୍ୟ ଆୟକର ଆୟୁକ୍ତ ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଜେ.କ୍ରିଷ୍ଣା କିଶୋରଙ୍କୁ ଗୁରୁବାର ସରକାରଙ୍କ ପକ୍ଷରୁ ନିଯୁକ୍ତି ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୧୯୯୦ ବ୍ୟାଚ୍‌ର ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ) ଅଧିକାରୀ ଜେ.କ୍ରିଷ୍ଣା କିଶୋରଙ୍କୁ ମୁଖ୍ୟ ଆୟକର ଆୟୁକ୍ତ ଭାବେ ନିକଟରେ ପଦୋନ୍ନତି ମିଳିଛି। ବର୍ତ୍ତମାନ କିଶୋର ଆୟକର ବିଭାଗ ଓଡ଼ିଶା ପ୍ରାନ୍ତର ତଦନ୍ତ ନିର୍ଦ୍ଦେଶାଳୟରେ ପ୍ରମୁଖ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି। ସେହିଭଳି ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଅଧୀନରେ ଥିବା କେନ୍ଦ୍ର ପ୍ରତ୍ୟକ୍ଷ ଟିକସ ବୋର୍ଡ ପକ୍ଷରୁ କିଶୋରଙ୍କ ପଦୋନ୍ନତି ସମ୍ପର୍କରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଅପରପକ୍ଷରେ ଜେ.କ୍ରିଷ୍ଣା କିଶୋରଙ୍କର ଆୟକର କ୍ଷେତ୍ରରେ ଯଥେଷ୍ଟ ଅଭିଜ୍ଞତା ଓ କାର୍ଯ୍ୟଦକ୍ଷତା ରହିଛି। କିଶୋର ଦକ୍ଷ ଓ ସଚ୍ଚୋଟ ଅଧିକାରୀ ଭାବେ ବେଶ୍ ଜଣାଶୁଣା। ଏପରିକି ଓଡ଼ିଶା ପ୍ରାନ୍ତରେ କିଶୋରଙ୍କର କାର୍ଯ୍ୟକାଳ ସମୟରେ ଆୟକର ତଦନ୍ତ ନିର୍ଦ୍ଦେଶାଳୟ ସବୁ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ କରିଛି। ତାଙ୍କ ତତ୍ତ୍ୱାବଧାନରେ ସବୁଠୁ ଅଧିକ ନଗଦ ଟଙ୍କା ଜବତ କରାଯିବା ସହ ସର୍ବାଧିକ ଗୋପନୀୟ ଆୟ ଠାବ କରାଯିବା କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ସଫଳତା ମିଳିଛି।

# ପ୍ରଥମ ତ୍ରୈମାସରେ ୫୯,୪୯୦ କୋଟିର ରାଜସ୍ୱ

**ଭୁବନେଶ୍ୱର,୨୭।୭**

ଟାଟା ଷ୍ଟିଲ୍ ପକ୍ଷରୁ ୨୦୨୩ ଜୁନ୍ ୩୦ସୁଦ୍ଧା ଶେଷ ପ୍ରଥମ ତ୍ରୈମାସିକର ଆର୍ଥିକ ଫଳାଫଳକୁ ଘୋଷଣା କରାଯାଇଛି। ଏହି ତ୍ରୈମାସିକରେ କମ୍ପାନୀ ୫୯,୪୯୦ କୋଟି ଟଙ୍କାର ରାଜସ୍ୱ ହାସଲ କରିଛି। ଏହି ସମୟରେ କମ୍ପାନୀର ଇବିଆଇଟିଡିଏ ୬,୧୨୨ କୋଟି ଟଙ୍କା ହୋଇଥିବା ବେଳେ ଇବିଆଇଟିଡିଏ ମାର୍ଜିନ୍ ୧୦% ରହିଛି। ଟିକସ ପରବର୍ତ୍ତୀ ଲାଭ ୫୩୫ କୋଟି ଟଙ୍କା ରହିଛି। ବ୍ରିଟିଶ ଷ୍ଟିଲ୍ ପେନ୍‌ସନ ସ୍କିମ୍ ପ୍ରଭାବରେ ଲାଭ କିଛିଟା ପ୍ରଭାବିତ ହୋଇଛି। କିନ୍ତୁ ଏହା ଦ୍ୱାରା ଟାଟା ଷ୍ଟିଲ୍ ୟୁକେ ପ୍ରତି ରହିଥିବା ବିପଦ ଦୂର ହୋଇଛି। ଭାରତରେ କମ୍ପାନୀର ରାଜସ୍ୱ ୩୪,୯୦୧ କୋଟି ଟଙ୍କା ହୋଇଥିବା ବେଳେ ଇବିଆଇଟିଡିଏ ୭,୫୧୪ କୋଟି ଟଙ୍କା ହୋଇଛି। ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପରିଚାଳନା ନିର୍ଦ୍ଦେଶକ ଟି. ଭି. ନରେନ୍ଦ୍ରନ କହିଛନ୍ତି, ବିଶ୍ୱ ଅର୍ଥନୈତିକ ସୁଧାରରେ ଅସ୍ଥିରତା ଲାଗି ରହିଥିଲା ଯାହାର ପ୍ରଭାବରେ ଇସ୍ପାତ ଭଳି ସାମଗ୍ରୀର ମୂଲ୍ୟ ପ୍ରଭାବିତ ହୋଇଥିଲା। ବିଶେଷକରି ଭାରତରେ ଇସ୍ପାତ ଚାହିଦା ବର୍ଷକୁ ବର୍ଷ ଭିତ୍ତିରେ ୧୦% ବଢ଼ିଥିଲା। ମାତ୍ର ବିଶ୍ୱ ବଜାର ପ୍ରଭାବ ଅନୁସାରେ ଇସ୍ପାତର ସ୍ପଟ୍ ମୂଲ୍ୟ ହ୍ରାସ ପାଇଥିଲା। ଭାରତରେ ଟାଟା ଷ୍ଟିଲ୍‌ର ଅଶୋଧିତ ଇସ୍ପାତ ଉତ୍ପାଦନ ୫ ନିୟୁତ ଟନ୍ ହୋଇଛି। ଦେଶ ଭିତରେ ଡେଲିଭରି ଏହି ସମୟରେ ୨୦%ରୁ ଅଧିକ ବୃଦ୍ଧି ପାଇଛି ଯାହା ଭାରତର ଇସ୍ପାତ ବ୍ୟବହାର ତୁଳନାରେ ଅଧିକ। ବ୍ରାଣ୍ଡେଡ୍ ଉତ୍ପାଦ ଓ ରିଟେଲ୍ ଏବଂ ଶିଳ୍ପ ଉତ୍ପାଦ ଓ ପ୍ରକଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ଯଥାକ୍ରମେ ୩୭% ଓ ୨୪% ଭଳି ଦୃଢ଼ ରହିଛି।

# ଷ୍ଟାର୍ଟଅପ୍ କ୍ଷେତ୍ରକୁ ବିଓଆଇର ଗୁରୁତ୍ୱ




ବିଓଆଇର ଅଧିକାରୀମାନେ ଷ୍ଟାର୍ଟଅପ୍ ସେଣ୍ଟରର ଶୁଭାରମ୍ଭ ଅବସରରେ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରୁଛନ୍ତି।

**ଭୁବନେଶ୍ୱର,୨୭।୭**

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ)ର ବହୁ ପ୍ରତୀକ୍ଷିତ ଷ୍ଟାର୍ଟଅପ୍ ସେଣ୍ଟର (ଶାଖା) ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ପ୍ରଥମ ପର୍ଯ୍ୟାୟରେ ୩ଟି ସେଣ୍ଟର ବେଙ୍ଗାଲୁରୁ, ମୁମ୍ବାଇ ଏବଂ ନୂଆଦିଲ୍ଲୀଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଥିବାବେଳେ ଆଗକୁ ଏହି ସଂଖ୍ୟା ବଢ଼ିବ ବୋଲି ବିଓଆଇ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ବିଓଆଇର ଏହି ସେଣ୍ଟରଗୁଡିକ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଓ ଲକ୍ଷ୍ୟକୁ ଗତିଶୀଳ କରାଇବା ସହ ଯୁବ ଉଦ୍ୟୋଗୀ ସୃଷ୍ଟି କରିବା ଦିଗରେ ଆବଶ୍ୟକ ସହାୟତା ପ୍ରଦାନ କରିବ। ସେହିଭଳି ଏହା ଜରିଆରେ ବ୍ୟାଙ୍କିଙ୍ଗ୍ ସେବା ସହ ଷ୍ଟାର୍ଟଅପ୍ ସେବା ଓ ସୁବିଧା ଆଶାୟୀ ହିତାଧିକାରୀମାନଙ୍କୁ ନିୟମ ଅନୁଯାୟୀ ଯୋଗାଇଦେବ। ଏ ସମ୍ପର୍କରେ ବିଓଆଇ ସିଇଓ ଆଣ୍ଡ ଏମ୍‌ଡି ରଜନୀଶ କର୍ନାଟକ କହିଛନ୍ତି, ଆମେ ନିକଟରେ ୭ଟି ଷ୍ଟାର୍ଟଅପ୍ ସେଣ୍ଟର (ଶାଖା) ଖୋଲିବାକୁ ଅନୁମତି ପାଇଛୁ। ପ୍ରଥମ ପର୍ଯ୍ୟାୟରେ ୩ଟି ଖୋଲିଥିବାବେଳେ ଆଗାମୀ ଦିନରେ ଆଉ ୪ଟି ସହ ଶାଖା ସଂଖ୍ୟା ବଢ଼ାଇବାକୁ ପ୍ରୟାସ କରିବୁ ବୋଲି କର୍ନାଟକ ମତପ୍ରକାଶ କରିଛନ୍ତି। ସେହିପରି ସରକାରଙ୍କ ଆଭିମୁଖ୍ୟ ଓ ଏମ୍‌ଏସ୍‌ଏମ୍‌ଇ ସୁବିଧା ଓ ଯୁବୋଦ୍ୟୋଗୀ ସଂଖ୍ୟା ବୃଦ୍ଧି କରିବା ଦିଗରେ ଏହି ସେଣ୍ଟରଗୁଡ଼ିକ କାର୍ଯ୍ୟ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ଜେଏସ୍‌ଏଲ୍‌ର ପ୍ରଥମ ତ୍ରୈମାସିକ ଫଳାଫଳ

**ଭୁବନେଶ୍ୱର,୨୭।୭**

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜେଏସ୍‌ଏଲ୍‌ର ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ବିଶେଷ କରି ମାକ୍ରୋ-ଅର୍ଥନୈତିକ କାରଣଗୁଡିକ ଦ୍ୱାରା ବିକ୍ରୟ ଏବଂ ବଜାରର ଅସ୍ଥିରତା ସତ୍ତ୍ୱେ କମ୍ପାନୀର ସ୍ୱତନ୍ତ୍ର ବିକ୍ରୟ ପରିମାଣ ୫୪୮,୬୧୩ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି, ଯାହା ଗତ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ୫୪% ଅଭିବୃଦ୍ଧି ହୋଇଛି। ଏପରିକି ପ୍ରଥମ ତ୍ରୈମାସିକରେ କମ୍ପାନୀର ନେଟ୍ ରାଜସ୍ୱ ୧୦,୦୨୭ କୋଟି ଟଙ୍କା ହୋଇଛି, ଯାହାକି ଗତ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ଏହା ୨୫% ବୃଦ୍ଧି ପାଇଛି। ସେହିପରି କମ୍ପାନୀର ଇବିଆଇଟିଡିଏ ୧,୧୧୮ କୋଟି ଟଙ୍କାରେ ରହିଥିବାବେଳେ ଲାଭ ପରବର୍ତ୍ତୀ ଟିକସ (ପିଏଟି) ପରିମାଣ ୬୬୬ କୋଟି ଟଙ୍କାରେ ରହିଛି। ଏପରିକି ପ୍ରଥମ ତ୍ରୈମାସିକ ପାଇଁ କମ୍ପାନୀର ସର୍ବମୋଟ ଋଣ ୨,୯୫୬ କୋଟି ଟଙ୍କା ରେକର୍ଡ କରାଯାଇଥିଲା ବେଳେ ସର୍ବମୋଟ ଡେବ୍‌ଟ-ଟୁ-ଇକ୍ୱିଟି ୦.୨ ଅନୁପାତରେ ପହଞ୍ଚିଛି। ଅପରପକ୍ଷରେ କମ୍ପାନୀର ନେଟ୍ ରାଜସ୍ୱ ୨୫% ବୃଦ୍ଧି ପାଇ ୧୦,୧୮୪ କୋଟିରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ଇବିଆଇଟିଡିଏ ଏବଂ ପିଏଟି ଯଥାକ୍ରମେ ୧,୧୯୨ କୋଟି ଏବଂ ୭୩୮ କୋଟି ଟଙ୍କାରେ ପହଞ୍ଚିଛି। ଏ ସମ୍ପର୍କରେ ଜେଏସ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଆମେ ନିକଟରେ ଆମର କ୍ଷମତା ବୃଦ୍ଧି କରିଛୁ। ତେଣୁ ସମ୍ପ୍ରସାରିତ ୟୁନିଟ୍‌ଗୁଡ଼ିକର ସ୍ଥିରତା ଏବଂ ସମନ୍ୱୟ ଉପରେ ବିଶେଷ ଧ୍ୟାନ ଦିଆଯିବ। ଯେଉଁଠାରେ ସମ୍ଭବପର ଏବଂ ଘରୋଇ ବଜାର ଉପରେ ଆମେ ଏକ ତୀକ୍ଷଣ ଧ୍ୟାନ ବଜାୟ ରଖିବୁ।

# ବ୍ୟାଙ୍କିଙ୍ଗ୍ ସେବାକୁ ଗୁରୁତ୍ୱାରୋପ

**ଭୁବନେଶ୍ୱର,୨୭।୭**

କାନାରା ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଶୋକ ଚନ୍ଦ୍ର ପ୍ରଥମ ଥର ପାଇଁ ୨ ଦିନିଆ ଓଡ଼ିଶା (ଭୁବନେଶ୍ୱର) ଗସ୍ତରେ ଆସି ବ୍ୟାଙ୍କ ପକ୍ଷରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଏପରିକି ଗସ୍ତର ପ୍ରଥମ ଦିନରେ ଅଶୋକ ଧୂମାଳଠାରେ ଆୟୋଜିତ ଏକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଶୋକ ଚନ୍ଦ୍ର କହିଥିଲେ, ଠିକ୍ ସମୟରେ ଏସ୍‌ଏଚ୍‌ଜି କର୍ମକର୍ତ୍ତାମାନେ ଋଣ ପରିଶୋଧ କରୁଥିବାରୁ ଏହା ତାଙ୍କ ଭିତରେ ଏକ ସକାରାତ୍ମକ ମନୋଭାବ ସୃଷ୍ଟି କରିପାରିଛି। ଏହି ପରିପ୍ରେକ୍ଷୀରେ କାନାରା ବ୍ୟାଙ୍କ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ୧୦୦୯ ଜଣ ଏସ୍‌ଏଚ୍‌ଜିଙ୍କୁ ୫୧କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ସମାରୋହରେ ମିଶନ ଶକ୍ତିର ଯୁଗ୍ମ ସଚିବ ବିନୋଦ କୁମାର ଜେନା, ନାବାର୍ଡର ଉପ-ମହାପ୍ରବନ୍ଧକ ବିଶ୍ୱଭୂଷଣ ମହାନ୍ତି, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ-୧ର କ୍ଷେତ୍ରୀୟ ମୁଖ୍ୟ ମହାମାୟା ପ୍ରସାଦ ରଏ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ଅଶୋକ ଚନ୍ଦ୍ର ବ୍ୟାଙ୍କର କର୍ପୋରେଟ୍ ଏବଂ ଏଚ୍‌ଏନ୍‌ଆଇ ଗ୍ରାହକଙ୍କ ସହ ଏକ ବୈଠକରେ ଯୋଗଦେଇ ଗ୍ରାହକ ସେବା, ବ୍ୟାଙ୍କିଙ୍ଗ୍ ସେବାରେ ଉନ୍ନତି ଆଣିବା ପାଇଁ ଅଧିକାରୀମାନଙ୍କୁ କହିବା ସହିତ ଗ୍ରାହକଙ୍କ ଅଧିକାର ଓ ଅଭିଯୋଗ ସମାଧାନ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସେହିଭଳି ବ୍ୟାଙ୍କ ପକ୍ଷରୁ ଆୟୋଜିତ ଏକ ଟାଉନ୍ ହଲ୍ ବୈଠକରେ ମଧ୍ୟ ଚନ୍ଦ୍ର ଯୋଗ ଦେଇଥିଲେ। ଉକ୍ତ ବୈଠକରେ ପ୍ରାୟ ୩୦୦ ବ୍ୟାଙ୍କ କର୍ମଚାରୀଙ୍କ ସହ ଅଶୋକ ଚନ୍ଦ୍ର ବ୍ୟାଙ୍କିଙ୍ଗ୍ ସମ୍ପର୍କିତ ବିଭିନ୍ନ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ସେହିପରି ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ମିଶନ ଶକ୍ତି ମୁଖ୍ୟ ସୁଜାତା ଆର୍ . କାର୍ତ୍ତିକେୟନ୍, ଅର୍ଥ ସଚିବ ବିଶାଲ ଦେବ ଏବଂ ଓୟୁଏଟିର କୁଳପତି ପ୍ରଭାତ କୁମାର ରାଉଳଙ୍କ ସହ ଅଶୋକ ଚନ୍ଦ୍ର ଏକ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ପରିଶେଷରେ ଭୁବନେଶ୍ୱର ଅଞ୍ଚଳ ଅନ୍ତର୍ଗତ ୫ଟି କ୍ଷେତ୍ରୀୟ କାର୍ଯ୍ୟାଳୟ ସମେତ ଇଏଲ୍‌ବି, ଭିଏଲ୍‌ବି,ଏଲ୍‌ସିବି, ଏମ୍‌ସିବି,ଏଆର୍‌ଏମ୍‌ର ବ୍ୟବସାୟ ଷ୍ଟ୍ରାଟେଜି ମିଟ୍‌ରେ ଅଶୋକ ଚନ୍ଦ୍ର ଯୋଗଦେବା ସହ ଉପସ୍ଥିତ ଅଧିକାରୀମାନଙ୍କୁ ବ୍ୟାଙ୍କିଙ୍ଗ୍ ବ୍ୟବସାୟରେ ଉନ୍ନତି ଆଣିବାକୁ ପ୍ରୋତ୍ସାହିତ କରିଥିଲେ। ଉଲ୍ଲେଖଯୋଗ୍ୟ, କାନାରା ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ଜଗଦୀଶ ଚନ୍ଦର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଶୋକ ଚନ୍ଦ୍ରଙ୍କୁ ସ୍ୱାଗତ ଜଣାଇବା ସହ ସମସ୍ତ କାର୍ଯ୍ୟକ୍ରମର ଆୟୋଜନ ଓ ପରିଚାଳନା କରିଥିଲେ।

# ଓଡ଼ିଶା ବଜାରରେ ଡାଲ୍‌ମିଆ ଇଭି ସିରିଜ



**ଭୁବନେଶ୍ୱର,୨୭।୭**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ଡାଲ୍‌ମିଆ ଗ୍ରୁପ୍ ଅଫ୍ କମ୍ପାନିଜ୍‌ର ଇଲେକ୍ଟ୍ରିକ୍ ଯାନ ଶାଖା ଡାଲ୍‌ମିଆ ଇଲେକ୍ଟ୍ରିକ୍ ଭେଇକିଲ୍ ପ୍ରାଇଭେଟ୍ ଲିମିଟେଡ୍‌ର ବିଭିନ୍ନ ସିରିଜ (ରେଞ୍ଜ) ଉନ୍ମୋଚିତ ହୋଇଯାଇଛି। ବିଶେଷକରି କମ୍ପାନୀର ନୂତନ ଇ-ବାଇକ୍, ଇ-ସ୍କୁଟର ଓ ଇ-ରିକ୍ସାର ଶୁଭାରମ୍ଭ ସହ ଓଡ଼ିଶା ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଡାଲ୍‌ମିଆ ଇଭି ପକ୍ଷରୁ ଡାଲ୍‌ମିଆ ସାଇବର୍ଗ ବ୍ରାଣ୍ଡ ରେଞ୍ଜ ଅଧୀନରେ ଗୋଟିଏ ଇ-ବାଇକ୍ ବିମର୍, ୫ଟି ଇ-ସ୍କୁଟର ହାଇ-ସ୍ପିଡ୍ ସ୍କାଏହକ୍, ଇ-ସ୍କାଉଟ୍, ମ୍ୟାକ୍‌ପ୍ଲାଏ, ଇୱନ୍ ଓ ମ୍ୟାକ୍‌ଏୟାର ଏବଂ ଇ- ସାଇକେଲ ଆଇ ସ୍ପାର୍କକୁ ଉନ୍ମୋଚନ କରାଯାଇଛି। କମ୍ପାନୀ ପକ୍ଷରୁ ଗୋଟିଏ ଯାତ୍ରୀବାହୀ ଯାନ ଇ-ରିକ୍ସା ଇ୨୦ ସୁପର ଏବଂ ଏକ ମାଲ୍‌ବାହୀ ଯାନ ଇ-ରକ୍ସା ଛୋଟା ଭୀମ୍‌କୁ ଡାଲ୍‌ମିଆ ନ୍ୟୁଅନ୍ ବ୍ରାଣ୍ଡ ରେଞ୍ଜ ଅଧୀନରେ ଓଡ଼ିଶାର ଦ୍ରୁତ ଅଭିବୃଦ୍ଧିଶୀଳ ଇ-ଯାନ ବଜାର ପାଇଁ ଲଞ୍ଚ କରାଯାଇଛି। ବର୍ତ୍ତମାନ ଡାଲ୍‌ମିଆ ଇଭି ନିକଟରେ ଏହାର ଇଲେକ୍ଟ୍ରିକ୍‌ଯାନଗୁଡ଼ିକର ବିକ୍ରି ପାଇଁ ୧୬ଟି ଏକ୍ସକ୍ଲୁସିଭ୍ ଶୋ'ରୁମ୍ ରହିଛି ଏବଂ ଏହାର ବିକ୍ରି ଓ ବିତରଣ ନେଟ୍‌ୱର୍କକୁ ବିସ୍ତାର କରିବା ପାଇଁ ଖୁବ୍‌ଶୀଘ୍ର ଏହା ରାଜ୍ୟର ସମସ୍ତ ପ୍ରମୁଖ ସ୍ଥାନରେ ପହଞ୍ଚିବ। ଏହି ଉନ୍ମୋଚନ ଅବସରରେ ଡାଲ୍‌ମିଆ ଇଲେକ୍ଟ୍ରିକ୍ ଭେଇକିଲ୍ ପ୍ରାଇଭେଟ୍ ଲିମିଟେଡ୍‌ର ସିଇଓ ବିକାଶ ଆନନ୍ଦ କହିଛନ୍ତି, ଡାଲ୍‌ମିଆ ଗ୍ରୁପ୍‌ର ଇଲେକ୍ଟ୍ରିକ୍ ମୋବିଲିଟି କମ୍ପାନୀ ଡାଲ୍‌ମିଆ ଇଭି ଭବିଷ୍ୟତକୁ ଆଗକୁ ଆଣିଛି। ଆଜି ଆମେ ଡାଲ୍‌ମିଆ ନ୍ୟୁଅନ୍ ଇ୨୦ ସୁପର ଓ ଏକ ଇ-ଲୋଡର ଡାଲ୍‌ମିଆ ନ୍ୟୁଅନ୍ ଛୋଟା ଭୀମ୍ ନାମକ ଇ-ରିକ୍ସାର ଶୁଭାରମ୍ଭ କରିଛୁ। ୪୫କି.ମି./ଘଣ୍ଟାର ସର୍ବାଧିକ ବେଗ ସହ ଏକ ସିଙ୍ଗଲ ଚାର୍ଜରେ ୧୦୦ କି.ମି. କଭର କରିବାର କ୍ଷମତା ରଖୁଥିବା ଡାଲ୍‌ମିଆ ନ୍ୟୁଅନ୍‌ର ଯାନଗୁଡିକ ଉତ୍କୃଷ୍ଟମାନର ସୁରକ୍ଷା ଓ ଆରାମ ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି ଜିରୋ-ନଏଜ୍ ଓ ଜିରୋ-ପଲ୍ୟୁଶନ ବିଶିଷ୍ଟ ଯାନ ଓଡ଼ିଶାର ସହର ଓ ଗ୍ରାମଗୁଡ଼ିକ ପାଇଁ ଏକ ଉପଯୁକ୍ତ ଶେଷ ଦୂରତା ପରିବହନ ବିକଳ୍ପ। ସେହିପରି ଓଡ଼ିଶା ପାଇଁ ଡାଲ୍‌ମିଆ ଇଭିର ବିଜ୍‌ନେସ୍ ପାର୍ଟନର ଜଗଦିଶ ଟେକ୍ନୋ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଜଗଦିଶ୍ ସାମଲ କହିଛନ୍ତି, ଭାରତର ଅନ୍ୟତମ ପ୍ରତିଷ୍ଠିତ ଓ ପୁରାତନ ବ୍ରାଣ୍ଡର ଏକ ସହଯୋଗୀ ହେବା ମୋ ପାଇଁ ଖୁସିର ବିଷୟ। ଓଡ଼ିଶା ହେଉଛି ଦେଶର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ଇ-ଭେଇକିଲ୍ ମାର୍କେଟ୍ ଏବଂ ଆମର ଲକ୍ଷ୍ୟ ହେଉଛି ଡାଲ୍‌ମିଆ ଇଭି ସହ ଆମର ବିଶ୍ୱସ୍ତରୀୟ ଉତ୍ପାଦ ସହିତ ଇ-ଯାନର ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବା।

# ସିୟୁଇଟି ଜରିଆରେ ଏଲ୍‌ପିୟୁରେ ଆଡ୍‌ମିଶନ




**ଭୁବନେଶ୍ୱର,୨୭।୭**

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଲଭ୍‌ଲି ପ୍ରେଫସନାଲ ୟୁନିଭର୍ସିଟି (ଏଲ୍‌ପିୟୁ)ର ଶିକ୍ଷାବର୍ଷ ଆଡ୍‌ମିଶନ ପ୍ରକ୍ରିୟା ନିକଟରେ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏଲ୍‌ପିୟୁ ପକ୍ଷରୁ ଘୋଷଣା କରାଯାଇଛି, ୨୦୨୩-୨୪ ଶିକ୍ଷାବର୍ଷର ଆଡମିଶନ ପାଇଁ ଆଶାୟୀ ଛାତ୍ରୀଛାତ୍ରଙ୍କୁ ଆମନ୍ତ୍ରଣ କରାଯାଉଛି। ଏପରିକି ନିକଟରେ ଶେଷ ହୋଇଥିବା କମନ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ (ସିୟୁଇଟି-୨୩)ରେ କୃତକାର୍ଯ୍ୟ ହୋଇଥିବା କିମ୍ବା ଏଲ୍‌ପିୟୁନେଷ୍ଟ ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଷୟରେ ଆଡମିଶନ ପାଇଁ ସୁଯୋଗ ପ୍ରଦାନ କରାଯାଉଛି। ଉଲ୍ଲେଖଯୋଗ୍ୟ, ଚଳିତ ଶିକ୍ଷାବର୍ଷରେ ଆଡମିଶନ ପାଇଁ ଆଶାୟୀ ଥିବା ଛାତ୍ରୀଛାତ୍ରଙ୍କୁ ଏଲ୍‌ପିୟୁ ପକ୍ଷରୁ ଆକର୍ଷଣୀୟ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ବିଶେଷକରି ସିୟୁଇଟି-୨୦୨୩ରେ ସଫଳ ହୋଇଥିବା ଛାତ୍ରୀଛାତ୍ରମାନେ ଆଡମିଶନ ଗ୍ରହଣକଲେ ସେମାନଙ୍କୁ ଏଲ୍‌ପିୟୁର ଛାତ୍ରବୃତ୍ତି ପ୍ରାୟ ୫.୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥ ରାଶି ପ୍ରତ୍ୟେକ ଛାତ୍ରଙ୍କୁ ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ଏଲ୍‌ପିୟୁରେ ଆଡମିଶନ ପାଇଁ ଆଶାୟୀ ଛାତ୍ରୀଛାତ୍ରମାନେ ଏହାର ୱେବ୍‌ସାଇଟରୁ ଆବଶ୍ୟକ ସୂଚନା ପ୍ରାପ୍ତ କରିପାରିବେ।

# ଦିନକରେ ୩୫,୦୦୦ କୋଟି ହରାଇଲେ ନିବେଶକ

**ଭୁବନେଶ୍ୱର,୨୭।୭ (ଅଭୟ ଦାଶ)**



ଗତ କିଛିଦିନ ହେବ ଭାରତୀୟ ଶେୟାର ବଜାର କାରବାରରେ ପରିବର୍ତ୍ତନ ଦେଖାଦେଇଛି। ଫଳରେ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଉଛନ୍ତି। ଏପରିକି ଗୁରୁବାର ବଜାର କାରବାର ଶେଷ ସୁଦ୍ଧା ନିବେଶକ ପ୍ରାୟ ୩୫,୦୦୦ କୋଟି ଟଙ୍କା ହରାଇଛନ୍ତି। ବିଶେଷକରି ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନୀଗୁଡିକର ମୋଟ ବଜାର ପୁଞ୍ଜି ଜୁଲାଇ ୨୭ରେ ୩୦୩.୯୫ ଲକ୍ଷ କୋଟି ଟଙ୍କାରେ ରହିଛି। ଏହା ପୂର୍ବ କାରବାର ଦିନ (ବୁଧବାର) ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜି ୩୦୩.୬୦ ଲକ୍ଷ କୋଟି ଟଙ୍କା ଥିଲା। ସେହିଭଳି ଶେୟାର ବଜାର ୨ ପ୍ରମୁଖ ସୂଚକାଙ୍କ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟିରେ ଏକ ବଡ଼ ଧରଣର ହ୍ରାସ ଘଟିଛି। ଜୁଲାଇ ୨୭ରେ ସେନ୍‌ସେକ୍ସ ୪୪୦ ପଏଣ୍ଟ ହ୍ରାସ ଘଟିଥିବାବେଳେ ନିଫ୍ଟି-୫୦ରେ ମଧ୍ୟ ୧୧୮ ପଏଣ୍ଟ କମିଛି। ତେବେ ବିଏସ୍‌ଇ ମିଡକ୍ୟାପ୍ ଶେୟାରଗୁଡିକରେ ବୃଦ୍ଧି ଯୋଗୁ ନିବେଶକମାନେ କିଛି ପରିମାଣରେ ଆଶ୍ୱସ୍ତି ଲାଭ କରିଛନ୍ତି। ଏପରିକି ବିଏସ୍‌ଇର ମିଡ୍‌କ୍ୟାପ୍ ଏବଂ ସ୍ମଲ୍‌କ୍ୟାପ୍ ସୂଚକାଙ୍କ ଯଥାକ୍ରମେ ୦.୪୮% ଏବଂ ୦.୦୭% ବୃଦ୍ଧି ସହ କାରବାର ବନ୍ଦ କରିଥିବାବେଳେ ସେକ୍ଟୋରଲ ଇଣ୍ଡେକ୍ସରେ ଅଟୋ, ଅଏଲ ଆଣ୍ଡ ଗ୍ୟାସ୍, ବ୍ୟାଙ୍କିଙ୍ଗ୍ ଏବଂ ଏନର୍ଜି ଆଦି ଶେୟାରଗୁଡିକରେ ମଧ୍ୟ ହ୍ରାସ ଦେଖିବାକୁ ମିଳିଛି। ଅପରପକ୍ଷରେ ଫାର୍ମା ଏବଂ ରିୟଲ୍ଟି କ୍ଷେତ୍ରର ଶେୟାରଗୁଡିକରେ ଭଲ ବୃଦ୍ଧି ଦେଖିବାକୁ ମିଳିଛି।

## ଖସିଲା ଶେୟାର ବଜାର କାରବାର

ଦିନକ ପରେ ପୁଣି ଥରେ ଭାରତୀୟ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର) ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଗୁରୁବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୪୪୦(୪୪୦.୩୮) ପଏଣ୍ଟ କମି ୬୬,୨୬୭ (୬୬,୨୬୬.୮୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୧୮ (୧୧୮.୪୦) ପଏଣ୍ଟ ହ୍ରାସ ଘଟି ୧୯,୬୬୦(୧୯,୬୫୯.୯୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।



ତେଲଙ୍ଗାନା ସରକାରଙ୍କ ଲୋକପ୍ରିୟ ଯୋଜନା ତଥା ଆସରା ପେନ୍‌ସନ ସ୍କିମ୍‌ର ରାଶି ବୃଦ୍ଧି ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ତେଲଙ୍ଗାନାର ସବୁ ବର୍ଗର ହିତାଧିକାରୀଙ୍କ ସମେତ ଦିବ୍ୟାଙ୍ଗ ହିତାଧିକାରୀମାନେ ନିକଟରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓଙ୍କୁ ଭେଟିଛନ୍ତି। ଏହି ଅବସରରେ ତେଲଙ୍ଗାନା ସରକାରଙ୍କ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୧୪ରେ ତେଲଙ୍ଗାନା ସରକାର ଆସରା ପେନ୍‌ସନ ସ୍କିମ୍‌ର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ଶୁଭାରମ୍ଭ ସମୟରେ ଉକ୍ତ ସ୍କିମ୍‌ର ହିତାଧିକାରୀଙ୍କ ସଂଖ୍ୟା ୨୮,୪୭,୮୫୫ ରହିଥିଲାବେଳେ ୨୦୨୩ରେ ହିତାଧିକାରୀଙ୍କ ସଂଖ୍ୟା ୪୩,୮୧,୩୩୮ରେ ପହଞ୍ଚିଛି। ସୂଚନାଯୋଗ୍ୟ, ୨୦୧୪ରେ ସରକାର ମାସିକ ୬୭.୪୭ କୋଟି ଟଙ୍କାର ସହାୟତା ରାଶିର ବ୍ୟବସ୍ଥା କରୁଥିବାବେଳେ ବର୍ତ୍ତମାନ ସମୟରେ ମାସିକ ୯୭୬.୪୨ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଅନ୍ୱେଷା ଅନୌଷ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




ରାଜ୍ୟ ସଭାରୁ ନିଜ ନିଲମ୍ବନକୁ ବିରୋଧ କରି ଏଏପି ଏମ୍‌ପି ସଂଜୟ ସିଂ ଅନ୍ୟ ବିରୋଧୀ ଏମ୍‌ପିଙ୍କ ସହ ପାର୍ଲାମେଣ୍ଟ ପରିସରରେ ଗୁରୁବାର ବିକ୍ଷୋଭ କରୁଛନ୍ତି।

# ଦଳରେ ବିଶୃଙ୍ଖଳା ବରଦାସ୍ତ କରାଯିବନି: ଦୁର୍ଗାଶଙ୍କର

**ନାରାୟଣପାଟଣା,୨୭।୭(ରାଜ କିଶୋର ଜେନା)** କୋରାପୁଟ ଜିଲା ନବ ନିଯୁକ୍ତ କଂଗ୍ରେସ ସଭାପତି ଦୁର୍ଗା ଶଙ୍କର ସାହୁ ଗୁରୁବାର ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକ ଗସ୍ତ କରିଥିଲେ। ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ଏହି ଦୁଇ ପ୍ରମୁଖ ବ୍ଲକକୁ ଗସ୍ତ କରି ସେ ବିଭିନ୍ନ ପଞ୍ଚାୟତରେ ବୈଠକ କରି କର୍ମୀମାନଙ୍କ ସହ ଦଳୀୟ ସଙ୍ଗଠନ କିପରି ମଜବୁତ ହେବ ସେନେଇ ଆଲୋଚନା କରିଥିଲେ। କର୍ମୀ ମାନଙ୍କ ମଧ୍ୟରେ ବିଶୃଙ୍ଖଳା ଯେପରି ନହୁଏ,ମତାନ୍ତର ମନାନ୍ତର ସବୁ ଛାଡ଼ି ସମସ୍ତେ ଏକ ହୋଇ ଦଳକୁ କିପରି ତୃଣମୂଳ ସ୍ତରରୁ ସୁଦୃଢ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଏହି ସମୟରେ ସେ ଦଳରେ ବିଶୃଙ୍ଖଳାକୁ ବରଦାସ୍ତ କରାଯିବନି ବୋଲି ପ୍ରକାଶ କରିଥିଲେ। ପିସିସି ସଭ୍ୟ ଅଜିତ ଦାସ ଏବଂ ଜିଲା କଂଗ୍ରେସ ସଭାପତି ସାହୁ କର୍ମୀମାନଙ୍କ ସହ ପୃଥକପୃଥକ ଆଲୋଚନା କରିଥିଲେ। ପ୍ରଥମେ ବନ୍ଧୁଗାଁ ବ୍ଲକର କୁମ୍ଭାରିପୁଟ, ଆଲମଣ୍ଡା, ବନ୍ଧୁଗାଁ ଏବଂ ପରେ ସେ ନାରାୟଣପାଟଣା ଗସ୍ତ କରିଥିଲେ। ରାଜ୍ୟ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ ଅଗଷ୍ଟ ପ୍ରଥମ ସପ୍ତାହରେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀ ଗସ୍ତ କରି ଦଳୀୟ ସଙ୍ଗଠନ ସୁଦୃଢ କରିବା ସହ ବୁଥ ସ୍ତରୀୟ, ପଞ୍ଚାୟତସ୍ତରୀୟ କର୍ମୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଥିବା ଜିଲା ସଭାପତି ସାହୁ ସୂଚନା ଦେଇଥିଲେ। ପରେ ସେ ଜଗନ୍ନାଥ ମନ୍ଦିର ଯାଇ ସେଠାରେ ପୂଜା ଅର୍ଚ୍ଚନା କରି କୋରାପୁଟ ଫେରିଯାଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ସଭାପତି ବିଭିଷଣ ମହାନନ୍ଦିଆ, ପିସିସି ସଭ୍ୟ ଦାସ, ଦଶମନ୍ତପୁର ଏମ୍‌ପି ପ୍ରତିନିଧି ରାଜେନ୍ଦ୍ର ହୁଇକା, ବନ୍ଧୁଗାଁ ବ୍ଲକ ଉପାଧ୍ୟକ୍ଷା ଗିତାଞ୍ଜଳି ପିଡିକା, ଜିଲା କଂଗ୍ରେସ ଉପସଭାପତି ଅଜିତ ସାମନ୍ତରାୟ, ଜିଲା ଯୁବ କଂଗ୍ରେସ ଉପସଭାପତି ରମେଶ ଖରା, ବରିଷ୍ଠ ନେତା ତ୍ରିନାଥ ତ୍ରିପାଠୀ, ନାରାୟଣପାଟଣାର ପୂର୍ବତନ ଜିଲା ପରିଷଦ ସଭ୍ୟ ହବିକା ରବି, ବନ୍ଧୁଗାଁ ବ୍ଲକ ସଭାପତି ଡି.ଏଙ୍କାଟି, ବନ୍ଧୁଗାଁ ଏମ୍‌ପି ପ୍ରତିନିଧି ଲକ୍ଷ୍ମଣ ଖୋସଲା, ନାରାୟଣପାଟଣା ବ୍ଲକ ଏମ୍‌ପି ପ୍ରତିନିଧି ସପନ ସରିତ ତୁରୁକ, ଅନିଲ ସୁବୁଦ୍ଧିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ଦଳୀୟ କର୍ମକର୍ତ୍ତାଙ୍କ ସହ କୋରାପୁଟ ଜିଲା ନବ ନିଯୁକ୍ତ କଂଗ୍ରେସ ସଭାପତି ଦୁର୍ଗା ଶଙ୍କର ସାହୁ।

# ଲାଲ୍ ଡାଏରି କଂଗ୍ରେସର ଲୁଟ୍ ଦୋକାନର ନୂଆ ସାମଗ୍ରୀ: ମୋଦି

## ରାଜସ୍ଥାନର ବହିଷ୍କୃତ ମନ୍ତ୍ରୀ ରାଜେନ୍ଦ୍ର ଗୁଧାଙ୍କ 'ଲାଲ୍ ଡାଏରି'କୁ ନେଇ ପ୍ରଧାନମନ୍ତ୍ରୀଙ୍କ ଟାର୍ଗେଟ



**ନୂଆଦିଲ୍ଲୀ,୨୭।୭(ପି.ଟି.)** ରାଜସ୍ଥାନର ବହିଷ୍କୃତ ମନ୍ତ୍ରୀ ରାଜେନ୍ଦ୍ର ଗୁଧାଙ୍କ 'ଲାଲ୍ ଡାଏରି'କୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ରାଜ୍ୟର କଂଗ୍ରେସ ସରକାରଙ୍କ ଉପରେ ଜୋର୍‌ଦାର ବର୍ଷିଛନ୍ତି। ଉକ୍ତ ଡାଏରିରେ ରହିଥିବା ସରକାରଙ୍କ କଳା କାରନାମା କଂଗ୍ରେସକୁ ବିଧାନସଭା ନିର୍ବାଚନରେ ପରାଜିତ କରିବ ବୋଲି ମୋଦି କହିଛନ୍ତି। ସିକରଠାରେ ଏକ ଜନସଭାକୁ ସମ୍ବୋଧିତ କରି ଦୁର୍ନୀତି ଭାରତ ଛାଡ଼, ବଂଶବାଦ ଭାରତ ଛାଡ଼ ଏବଂ ତୁଷ୍ଟୀକରଣ ଭାରତ ଛାଡ଼ ସ୍ଲୋଗାନ ଦେଇଥିଲେ। ସେ କହିଥିଲେ 'ଲାଲ୍ ଡାଏରି' ହେଉଛି କଂଗ୍ରେସର 'ଲୁଟ୍ ଦୋକାନ'ର ନୂଆ ସାମଗ୍ରୀ। ବିଧାନସଭା ନିର୍ବାଚନ ହେବାକୁ ଥିବା ରାଜସ୍ଥାନକୁ ୬ ମାସ ମଧ୍ୟରେ ଏହା ଥିଲା ପ୍ରଧାନମନ୍ତ୍ରୀଙ୍କ ସପ୍ତମ ଗସ୍ତ। ରାଜସ୍ଥାନର କଂଗ୍ରେସ ସରକାର ଲୋକଙ୍କୁ ଲୁଟିବା ସହ ବିଭିନ୍ନ ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ର ଲିକ୍‌ରେ ସମ୍ପୃକ୍ତ। ସରକାର ନାଁରେ କଂଗ୍ରେସ ମିଛ ବଜାରରେ ଏକ ଲୁଟ୍‌ର ଦୋକାନ ଖୋଲିଛି। ଲାଲ୍ ଡାଏରି ଖୋଲିଲେ କଂଗ୍ରେସର ବହୁ ବଡ଼ ନେତାଙ୍କ କଳା କାରନାମା ପଦାକୁ ଆସିବ ଏବଂ ଦଳ ନିର୍ବାଚନରେ ପରାଜିତ ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ପ୍ରଧାନମନ୍ତ୍ରୀଙ୍କ ସମାଲୋଚନାର ଜବାବ ରଖି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ କହିଛନ୍ତି, ଆଗାମୀ ଦିନରେ ଲୋକେ ପ୍ରଧାନମନ୍ତ୍ରୀଙ୍କୁ ଲାଲ୍ ପତାକା ଦେଖାଇବେ। ପ୍ରଧାନମନ୍ତ୍ରୀ ପଦବୀର ନିଜସ୍ୱ ମର୍ଯ୍ୟାଦା ରହିଛି। ମୋଦି ଓ ତାଙ୍କ ଦଳର ନେତାମାନେ କଂଗ୍ରେସକୁ ଭୟକରି ରାଜେନ୍ଦ୍ର ଗୁଧାଙ୍କୁ ବଳିବୋଦା କରିଥିବା ଗେହଲଟ କହିଛନ୍ତି।

# ପିସିସି ନିର୍ବାଚନ ଇସ୍ତାହାର କମିଟି ଘୋଷଣା



ପଞ୍ଚାନନ କାନୁନ୍‌ଗୋ

**ଭୁବନେଶ୍ୱର, ୨୭।୭(ସୁନିତ୍ ମିଶ୍ର)** ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ପ୍ରଦେଶ କଂଗ୍ରେସ ନିର୍ବାଚନ ଇସ୍ତାହାର କମିଟି ଅଧ୍ୟକ୍ଷ ପଞ୍ଚାନନ କାନୁନ୍‌ଗୋ ପିସିସି ନିର୍ବାଚନ ଇସ୍ତାହାର କମିଟି ଘୋଷଣା କରିଛନ୍ତି। ଏହି କମିଟିରେ କଂଗ୍ରେସ ପ୍ରଭାରୀ ଡ. ଏ. ଚେଲ୍ଲା କୁମାର, ପିସିସି ସଭାପତି, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା ଓ ପ୍ରସାଦ ହରିଚନ୍ଦନ, ବରିଷ୍ଠ ଉପସଭାପତି ଗଣେଶ୍ୱର ବେହେରା, ପ୍ରୋଗ୍ରାମ ଇମ୍ପ୍ଲିମେଣ୍ଟେସନ କମିଟି ଅଧ୍ୟକ୍ଷ ଯଜ୍ଞେଶ୍ୱର ବାବୁ, କୋଷାଧ୍ୟକ୍ଷ ସନ୍ତୋଷ ସିଂ ସାଲୁଜା ପ୍ରମୁଖ ରହିଛନ୍ତି। କମିଟିର ସଦସ୍ୟ ଭାବେ ଇନ୍ଦ୍ରମୋହନ ପଣ୍ଡା, ବିସ୍ମୟ ମହାପାତ୍ର, ଅମିୟ କୁମାର ପଟ୍ଟନାୟକ, ବାଙ୍କନିଧି ବେହେରା, ସୁଦର୍ଶନ ଦାସ, ରଜନୀ ମହାନ୍ତି, ଭୁଜବଳ ମାଝି, ମନୀଷା ତ୍ରିପାଠୀ, ସସ୍ମିତା ବେହେରା, କିଶୋର ଜେନା, ଜିଆଉଲ ହକ୍, ୟାସିର ନୱାଜ, ଯୁବ କଂଗ୍ରେସ ସଭାପତି, ବନ୍ଦିତା ପରିଡ଼ା, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଏବଂ ବେଣୁମାଧବ ତ୍ରିପାଠୀ ପ୍ରମୁଖ ଅଛନ୍ତି। କମିଟିର ଆବାହକ ଭାବେ ପ୍ରଶାନ୍ତ ଶତପଥୀ ରହିଥିବା କଂଗ୍ରେସ ଭବନ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

# ଅଜିତ ପାୱାରଙ୍କୁ ମୁଖ୍ୟମନ୍ତ୍ରୀ ହେବା ସୁଯୋଗ ମିଳିବ: ପ୍ରଫୁଲ ପଟେଲ



ଅଜିତ୍ ପାୱାର



ପ୍ରଫୁଲ ପଟେଲ

**ମୁମ୍ବାଇ,୨୭।୭** ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାର ଜଣେ ଲୋକପ୍ରିୟ ଓ ଟାଣୁଆ ନେତା। ତାଙ୍କୁ ମୁଖ୍ୟମନ୍ତ୍ରୀ ହେବା ଲାଗି ସୁଯୋଗ ମିଳିବ ବୋଲି ଏନ୍‌ସିପି ରାଜ୍ୟ ସଭା ସଦସ୍ୟ ପ୍ରଫୁଲ ପଟେଲ ଗୁରୁବାର କହିଛନ୍ତି। ଅଜିତ ମୁଖ୍ୟମନ୍ତ୍ରୀ ହେବା ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ଏହା ଉପରେ ପ୍ରଶ୍ନ ହେବାରୁ ପଟେଲ କହିଥିଲେ, ଏବେ ମୁଖ୍ୟମନ୍ତ୍ରୀ ପଦ ଖାଲି ନ ଥିବାବେଳେ ତାହା ଉପରେ ଏତେ ଆଲୋଚନା କ'ଣ ପାଇଁ। ଅଜିତ ବହୁବର୍ଷ ଧରି ଏନ୍‌ସିପିର ନେତୃତ୍ୱ ନେଉଛନ୍ତି। ଯେଉଁମାନେ କାମ କରୁଛନ୍ତି, ସେମାନେ ଆଜି ନ ହେଲେ କାଲି ସୁଯୋଗ ପାଇବେ। ଅନେକେ ସୁଯୋଗ ପାଇଛନ୍ତି। ଅଜିତ ଦାଦା ମଧ୍ୟ ଭବିଷ୍ୟତରେ ସୁଯୋଗ ପାଇବେ। ଆମେ ସେ ଦିଗରେ କାର୍ଯ୍ୟ କରୁଛୁ ବୋଲି ପଟେଲ କହିଛନ୍ତି। ସୂଚନାଯୋଗ୍ୟ, ଅଜିତ ପାୱାର ଅଗଷ୍ଟ ୧୦ରେ ଏକନାଥ ଶିନ୍ଦେଙ୍କୁ ହଟାଇ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ହେବେ ବୋଲି କଂଗ୍ରେସ ନେତା ପୃଥ୍ୱୀରାଜ ଚଭନ ନିକଟରେ କହିବା ପରେ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଦେବେନ୍ଦ୍ର ଫଡ଼ନବିସ୍ ସୋମବାର ଚଭନଙ୍କ ଦାବିକୁ ଖଣ୍ଡନ କରିଥିବାବେଳେ। ଏକନାଥ ମୁଖ୍ୟମନ୍ତ୍ରୀ ପଦରେ ରହିବେ ବୋଲି ସେ କହିଥିଲେ।


## D.M PUBLIC SCHOOL, PURI

**S.C.S. College Back Gate,
Old Sadar Thana Square, Puri**

We are pleased to inform you that new admission session 2023-2024 is going to held from 01.04.2023. According to RTE ACT 2009, 25% of our seat renumerated for economically weaker section. This facility they can avail by providing respective document.

- **Cast Certificate**
- **Income certificate**

**Contact number - 833901220, 9938702859.**

**Principal**


# ଅନ୍ୟଦଳର କର୍ମୀ କଂଗ୍ରେସରେ ମିଶିଲେ

**ଧର୍ମଶାଳା,୨୭।୭(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ କୋଟପୁର ପଞ୍ଚାୟତ ବଜ୍ରଗିରି ଗ୍ରାମର ହନୁମାନ ମନ୍ଦିର ପରିସରରେ କଂଗ୍ରେସର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସାଧାରଣ ସମ୍ପାଦକ କିଷାନ ପଣ୍ଡାଙ୍କ ଉପସ୍ଥିତିରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ସମିତିସଭ୍ୟା ପ୍ରାର୍ଥିନୀ ସ୍ୱରସ୍ୱତୀ ଜେନାଙ୍କ ନେତୃତ୍ୱରେ ବିଜୟ ଜେନାଙ୍କ ସମେତ ଅନ୍ୟ ଦଳର ୨୦ଜଣ କର୍ମୀ ବୁଧବାର ସନ୍ଧ୍ୟାରେ କଂଗ୍ରେସରେ ସାମିଲ ହୋଇଛନ୍ତି। ପଣ୍ଡା ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ସମିତିସଭ୍ୟ ନରୋତ୍ତମ ନାୟକ, ମାଧବାନନ୍ଦ ଦଳେଇ, ନକୁଳ ଜେନା, କୃଷକ ନେତା ବସନ୍ତ ପରିଡ଼ା, ଅମରେନ୍ଦ୍ର ସାମଲ, ଅଶୋକ କୁମାର ବେହେରା, ପ୍ରଶାନ୍ତ କୁମାର ଜେନା, ଗୌରାଙ୍ଗ ବେହେରା, ବିଷ୍ଣୁଚରଣ ଦଳେଇ ଓ ନାରାୟଣ ଦଳେଇ ପ୍ରମୁଖ ଯୋଗଦେଇ କଂଗ୍ରେସ ସଙ୍ଗଠନକୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ।


# Classified Everyday 0674-2580101, 2549949



REAL ESTATE

**SALE**

**Private Resale plot sale measuring 3200sqft. near AIIMS Hospital Bhubaneswar, cost @ 90lac. Facility (BDA Yellowzone, Gharabari, Boundary wall, Electricity & both side 30ft. wide open road). Contact- 9938867397.** D-0924

Plot sale near Sundarpada Petrol Pump, 3000/sqft. Contact-9937737720. D-71379

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.-3, 60,000/-, ଛତାବର 1200sqft.-3,00,000/-, ନଖରା– 300/-. 7978663279. D-74895

Duplex sale at Bhubaneswar @ 57 Lakhs only. Contact-9777433701. D-74893

Plots sale available Puri Jatnigate, Krupajal-Engg nearby Puri, Cuttack (NH) near Chanceller hotel and Chandanvihar Mendhasal, PK Patnaik. 9937469703. D-70604

ଭୁବନେଶ୍ୱର ବାଲିଅନ୍ତାରେ **30ft road,** ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। **9114121344, 7978203723.** D-74882

ଗୃହୋପଯୋଗୀ ସ୍ଥିତିବାନ ପ୍ଲଟ୍ ମୌଜା: ମାଗୁରଗାଡ଼ିଆ, କେନ୍ଦୁଝର ଟାଉନ୍ ସରକାରୀ ରାସ୍ତାକୁ ଲାଗି (ବ୍ରାହ୍ମଣ ଲୋକଙ୍କ ଜାଗା) AC 0.66 Dec. ବିକ୍ରିହେବ। ଯୋଗାଯୋଗ: 9437303790. D-0861

3BHK Apartment Rasulgarh-89,00,000/-, 3BHK Duplex near Tankapani-79,00,000/-, 3BHK Duplex Nandankanan-99,00,000/-, Chandaka 5 Acre, Mendhasala 5 Acre, Balianta 3 Acre. Residential Land Patia-2890, Tankapani- 2650, Tamando-2700, Hanspal- 2500, Mancheswar-1650, Pitapalli- 1650, Balianta-1200, Baranga-1200, Sundarpada-900, Jaanla-900,DPSback-900. 8984071303, 8249630501. D-0923

Gharabari plot sale at Pipli, near Puri by-pass, adject to NH with boundary wall, plantation, Electricity. Contact: 7008346486. D-74556





Asribadada Panchakarma herbal SPA Kesharimall, Bhubaneswar. Contact: 8926173473. D-75013

**Relax, Refresh your body, mind at Saikrupa Spa with best therapies. 8984068077.** D-0921

Newly opened (One8 Spa)/(Salon Service) with expert therapist, 9938843929. D-75136

Newly Healthcare benefited SPA experience therapist in Bhubaneswar. Please visit this SPA. 7749034655. D-75132

Spa Kerala Body Massage only best Therapist @699/- Bhubaneswar. 9337672475. D-0857

## AFFIDAVIT

I, Sameer Panda, S/o- Simanchala Panda, resident of 55-A, Kharvel Nagar, Unit-3, 751001, Bhubaneswar, Odisha declare by this affidavit No.61AA 795624 dated 27/07/23 that my father SIMANCHALA PANDA and SIMANCHAL PANDA is one Person having one identity. Henceforth all my legal and essential Documents are to carry the name SIMANCHALA PANDA. D-71685

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

In the Court of Executive Magistrate, Bhadrak I NAMINA NATH @MAMINA PAKAL (aged38) W/O. SUDARSHAN PAKAL, At. Lenjara, PO. Asurali, PS. Dhusuri, Dist.-Bhadrak declared That, I have an LIC policy no. 599460200 where my name as NAMINA NATH W/o. Sudarsan Pakal. Both name in LIC documents & Bank A/C . 59115146603 as Namina Nath & Mamina Pakal, W/o. Sudarsan Pakal is same and one person. D-0931

## LOST

ମୁଁ, ଶ୍ରୀ ମହେଶ କୁମାର ଅଗ୍ରୱାଲ, ପିଂ ଭୋଲାରାମ ଅଗ୍ରୱାଲ, ଗ୍ରାମ–ଥାନା–ତହସିଲ– ପାଇକମାଲ, ଜିଲ୍ଲା– ବରଗଡ଼ ଜଣାଉଅଛି ଯେ ମୋର କ୍ରୟ କରିଥିବା ଜମିର ଦଲିଲ ନମ୍ବର 405/2020,608/2020 ଓ 52/2020. ତିନୋଟି ଯାକ ହଜି ଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ପାଇଲେ ଏହି ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ । ମୋ– 9583596669. D-0927

## ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ପୂର୍ଣ୍ଣଚନ୍ଦ୍ର କର**

ରାମଚନ୍ଦ୍ରପୁର, ବାଲିଅନ୍ତା ଥାନା, ଖୋର୍ଦ୍ଧା ଜିଲ୍ଲା

ଆବିର୍ଭାବ : ୨୪/୦୧/୧୯୪୧ | ତିରୋଧାନ : ୧୮.୦୭.୨୦୨୩

ନନା, ଆପଣଙ୍କ ସ୍ମୃତି ସର୍ବଦା ବିଦ୍ୟମାନ। ଆପଣଙ୍କ ଜୀବନ ଦର୍ଶନର ସ୍ୱଚ୍ଛତା ଚିର ଅମ୍ଳାନ ହୋଇରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ : ପୁତ୍ର, ପୁତ୍ରବଧୂ ଗଣ, କନ୍ୟା, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀଜ୍ୱାଇଁ ବନ୍ଧୁ ପରିବାରବର୍ଗ ଓ ସମସ୍ତ ଆତ୍ମୀୟସ୍ୱଜନ।

ଧ–୭୪୫୫୭

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମାଛ ଧରାଳିରୁ ଟୁର୍ ଡି ଫ୍ରାନ୍ସ

# ବିଜେତା ଭିଙ୍ଗେଗାର୍ଡ

**ବିଶ୍ୱର ସର୍ବଶ୍ରେଷ୍ଠ ସାଇକେଲ ରେସ୍ ଟୁର୍ ଡି ଫ୍ରାନ୍ସର ୧୧୦ତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଜୁମ୍ବୋ-ଭିଷ୍ମା ଟିମ୍‌ର ଜୋନାସ ଭିଙ୍ଗେଗାର୍ଡ ଟାଇଟଲ ବଜାୟ ରଖିଥିବାବେଳେ ୟୁଏଇ ଟିମ୍ ଏମିରେଟ୍ସର ଦୁଇ ରାଇଡର ଟାଡେଜ ପୋଗାକର ଓ ଆଡାମ ୟେଟ୍ସ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି...**



ବିଭିନ୍ନ କ୍ଲାସିଫିକେସନ ବିଜେତା



ବିଶ୍ୱର ସର୍ବଶ୍ରେଷ୍ଠ ସାଇକେଲ ପ୍ରତିଯୋଗିତା ଟୁର ଡି ଫ୍ରାନ୍ସର ୧୧୦ତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଜୁଲାଇ ୧ରେ ସ୍ପେନ୍‌ର ବିଲବାଓରୁ ଏହା ଆରମ୍ଭ ହୋଇ ୨୩ରେ ପ୍ୟାରିସର ଚାମ୍ପ-ଏଲିସେସଠାରେ ଶେଷ ହୋଇଥିଲା। ଗତଥରର ଚାମ୍ପିୟନ ଟିମ୍ ଜୁମ୍ବୋ-ଭିଷ୍ମା ରାଇଡର ଜୋନାସ ଭିଙ୍ଗେଗାର୍ଡ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଚାମ୍ପିୟନ ହୋଇଛନ୍ତି। ଅର୍ଥାତ୍ ଭିଙ୍ଗେଗାର୍ଡ ଏଥର ଟାଇଟଲ ବଜାୟ ରଖିବାରେ ସକ୍ଷମ ହୋଇଛନ୍ତି। ଦୁଇଥର ଚାମ୍ପିୟନ ୟୁଏଇ ଟିମ୍ ଏମିରେଟ୍ସ ରାଇଡର ଟାଡେଜ ପୋଗାକର ଦ୍ୱିତୀୟ ଓ ତାଙ୍କ ଟିମ୍‌ମେଟ୍ ଆଡାମ ୟେଟ୍ସ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ରେସ୍‌ର ପ୍ରଥମ ଦୁଇ ସପ୍ତାହରେ ଭିଙ୍ଗେଗାର୍ଡ ଓ ପୋଗାକରଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଦ୍ୱିତୀୟ ସପ୍ତାହ ଶେଷ ବେଳକୁ ଦୁଇ ରାଇଡରଙ୍କ ମଧ୍ୟରେ ମାତ୍ର ୧୦ ସେକେଣ୍ଡର ବ୍ୟବଧାନ ଥିଲା। ଇଣ୍ଡିଭିଜୁଆଲ ଟାଇମ୍ ଟ୍ରାଏଲ ବିଶିଷ୍ଟ ଷ୍ଟେଜ୍ ୧୬ ଭିଙ୍ଗେଗାର୍ଡଙ୍କ ପାଇଁ ଲକି ସାବ୍ୟସ୍ତ ହୋଇଥିଲା। ଏହି ରେସ୍‌ରେ ସେ ୧ ମିନିଟ ୩୮ ସେକେଣ୍ଡରେ ପୋଗାକରଙ୍କୁ ପଛରେ ପକାଇ ଦେଇଥିଲେ। ଏହା ହିଁ ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଏହାପରେ ଭିଙ୍ଗେଗାର୍ଡ ଆଉ ପଛକୁ ଫେରି ଚାହିଁ ନ ଥିଲେ। ତାଙ୍କର ବିଜୟ ବ୍ୟବଧାନ ୭ ମିନିଟ ୨୯ ସେକେଣ୍ଡ ଥିଲା। ୨୦୧୪ ପରେ କୌଣସି ରାଇଡର ଏତେ ସମୟ ବ୍ୟବଧାନରେ ବିଜୟୀ ହେବା ଏହା ପ୍ରଥମ।

### ଟପ୍-୧୦ ଫିନିଶ୍

| ରାଇଡର | ଟିମ୍ |
|---|---|
| ଜୋନାସ ଭିଙ୍ଗେଗାର୍ଡ (ଡେନମାର୍କ) | ଜୁମ୍ବୋ-ଭିଷ୍ମା |
| ଟାଡେଜ ପୋଗାକର (ସ୍ଲୋଭାନିଆ) | ୟୁଏଇ ଟିମ୍ ଏମିରେଟ୍ସ |
| ଆଡାମ ୟେଟ୍ସ (ଗ୍ରେଟ ବ୍ରିଟେନ) | ୟୁଏଇ ଟିମ୍ ଏମିରେଟ୍ସ |
| ସିମନ ୟେଟ୍ସ (ଗ୍ରେଟ ବ୍ରିଟେନ) | ଟିମ୍ ଜୟକୋ-ଆଲୁଲା |
| କାର୍ଲୋସ ରୋଡ୍ରିଗ୍ରେଜ (ସ୍ପେନ୍) | ଇନିଅସ ଗ୍ରେନାଡେର୍ସ |
| ପେଲୋ ବିଲ୍‌ବାଓ (ସ୍ପେନ୍) | ଟିମ୍ ବାହାରିନ ଭିକ୍ଟୋରିଅସ |
| ଜଇ ହିଣ୍ଡଲେ (ଅଷ୍ଟ୍ରେଲିଆ) | ବୋରା-ହଂସଗ୍ରୋହେ |
| ଫେଲିକ୍ସ ଗଲ୍ (ଅଷ୍ଟ୍ରିଆ) | ଏଜି୨ଆର ସିଟ୍ରୋଏନ୍ |
| ଡେଭିଡ ଗଉଡୁ (ଫ୍ରାନ୍ସ) | ଗ୍ରୁପାମା-ଏଫ୍‌ଡିଜେ |
| ଗ୍ୱିଲୌମେ ମାର୍ଟିନ (ଫ୍ରାନ୍ସ) | କୋଫିଡିସ୍ |

ପଏଣ୍ଟ କ୍ଲାସିଫିକେଶନ ବିଜେତା ହୋଇଥିଲେ ଆଲପେସିନ-ଡେକେଉନିକ୍) ଟିମ୍‌ର ଜାସ୍ପର ଫିଲିପସେନ। ପ୍ରଥମଥରପାଇଁ ସେ ଏହି ସଫଳତା ପାଇଥିଲେ। ସେହିପରି ମାଉଣ୍ଟେନ କ୍ଲାସିଫିକେଶନ ବିଭାଗରେ ଟ୍ରେକ୍-ସେଗାଫ୍ରେଡୋ ଟିମ୍‌ର ଗ୍ୟୁଲିଓ ସିକୋନେ ବିଜେତା ହୋଇଥିଲେ। ୧୯୯୨ ପରେ ପ୍ରଥମ ଇଟାଲୀୟ ରାଇଡରଭାବେ ସେ ସଫଳ ହୋଇଥିଲେ। ପୋଗାକର କ୍ରମାଗତ ୪ର୍ଥ ବର୍ଷ ପାଇଁ ୟଙ୍ଗ୍ ରାଇଡର କ୍ଲାସିଫିକେଶନ ଟାଇଟଲ ଜିତିଥିଲେ। ଟିମ୍ କ୍ଲାସିଫିକେଶନ ଟାଇଟଲ ଜିତିଥିଲା ଟିମ୍ ଜୁମ୍ବୋ-ଭିଷ୍ମା। ଲୋଟ୍ଟୋ-ଡେଷ୍ଟନି ଟିମ୍‌ର ଭିକ୍ଟର କାମ୍ପେନର୍ଟ୍ସ ଶ୍ରେଷ୍ଠ ସଂଘର୍ଷପ୍ରିୟ ରାଇଡର ବିବେଚିତ ହୋଇଥିଲେ।



ଡେନମାର୍କର ୨୬ ବର୍ଷୀୟ ଭିଙ୍ଗେଗାର୍ଡ ସାଇକେଲ ଚାଳନା କରିବା ପୂର୍ବରୁ ଜଣେ ମାଛ ଧରାଳି ଭାବରେ କାମ କରୁଥିଲେ। ଡେନମାର୍କ ସମୁଦ୍ର ପତନରୁ ମାତ୍ର ୧୭୩ ମିଟର ଉପରେ ଅବସ୍ଥିତ। ଏପରି ପରିବେଶରୁ ଆସି ମଧ୍ୟ ସାଇକେଲ ଚାଳନାରେ ସଫଳ ହେବା ନିଶ୍ଚିତ ଭାବରେ ପ୍ରଶଂସାଯୋଗ୍ୟ। ତେବେ ଅନ୍ୟ ରେସରଙ୍କ ପରି ଆରମ୍ଭରୁ ସାଇକେଲ ଚାଳନା ପ୍ରତି ଜୋନାସଙ୍କ କୌଣସି ଆଗ୍ରହ ନ ଥିଲା। ଯୁବାବସ୍ଥାରେ ସେ ମାଛ ଧରିବାକୁ ଭଲ ପାଉଥିଲେ ଏବଂ ମାଛ ଧରାଳି ଭାବରେ କାମ ମଧ୍ୟ କରୁଥିଲେ। ଉତ୍ତର ଡେନମାର୍କର ହିଲ୍ଲରସ୍ଲେଭରେ ଜନ୍ମିତ ଜୋନାସ୍ ହାନ୍ସଥୋଲମ୍ ବନ୍ଦରର ଏକ ମାଛ ଗୋଦାମରେ କାମ କରୁଥିଲେ। ''ଉକ୍ତ ସ୍ଥାନରେ କାମ କରିବାରେ ମୋତେ ବେଶ୍ ଆନନ୍ଦ ମିଳୁଥିଲା। ନିୟମିତ ସକାଳ ୫ଟାରୁ ଉଠିବାକୁ ପଡୁଥିଲେ ମଧ୍ୟ ମୁଁ ଏହାକୁ ଉପଭୋଗ କରୁଥିଲି। ଜଣେ ପ୍ରଫେଶନାଲ ସାଇକ୍ଲିଷ୍ଟ ହେବା ସମ୍ପର୍କରେ ମୁଁ କେବେ ଚିନ୍ତା କରି ନ ଥିଲି'' ବୋଲି ଜୋନାସ୍ କହିଛନ୍ତି। ଏକାନ୍ତ ସମୟରେ ସପ୍ତାହକୁ ଦୁଇ ଦିନ ସାଇକେଲ ଚାଳନା ଅଭ୍ୟାସ କରୁଥିବା ବେଳେ ଏକ ସ୍ଥାନୀୟ ପ୍ରତିଯୋଗିତା ତାଙ୍କୁ ପ୍ରସିଦ୍ଧି ଆଣି ଦେଇଥିଲା।

ସାଇକ୍ଲିଂ ବ୍ୟତୀତ ଫୁଟବଲ୍, ହ୍ୟାଣ୍ଡବଲ୍ ଓ ବ୍ୟାଡମିଣ୍ଟନ ଏବଂ ସନ୍ତରଣ ଜୋନାସଙ୍କର ଅନ୍ୟତମ ପସନ୍ଦର କ୍ରୀଡ଼ା ଇଭେଣ୍ଟ। କମ୍ ଉଚ୍ଚତା କାରଣରୁ ଫୁଟବଲ ଦଳରେ ଚୟନ ନ ହେବା ପରେ ଏକ ସ୍ଥାନୀୟ ସାଇକେଲ ଚାଳନା ପ୍ରତିଯୋଗିତାରେ ଭାଗ ନିଅନ୍ତି। ପ୍ରଥମ ସ୍ଥାନ ଅଲଙ୍କୃତ କରିଥିବା ୧୬ ବର୍ଷୀୟ ଜୋନାସ୍‌ଙ୍କ ଉପରେ ଜୁମ୍ବୋ ଭିଷ୍ମା ଟିମ୍‌ର ନଜର ପଡେ। ଜୁମ୍ବୋରେ ପ୍ରଶିକ୍ଷଣ ଗ୍ରହଣ କରିବା ପରେ ୨୦୨୨ ଓ ୨୦୨୩ ସିଜନରେ କ୍ରମାଗତ ୨ଥର ଟୁର୍ ଡି ଫ୍ରାନ୍ସ ଟାଇଟଲ୍ ହାସଲ କରିଛନ୍ତି ଏହି ତାରକା ସାଇକ୍ଲିଷ୍ଟ।

-ତପନ ସ୍ୱାଇଁ

# ନୂଆ ସମ୍ଭାବନା

**ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜ ପାଇଁ ଭାରତୀୟ ଦଳ ଅନେକ ଯୁବ ଖେଳାଳିଙ୍କୁ ସୁଯୋଗ ଦେଇଥିଲା। ସେମାନଙ୍କ ପ୍ରଦର୍ଶନ ମଧ୍ୟ ଆଖିଦୃଶିଆ ରହିଥିଲା। ଯଶସ୍ୱୀ ଜୟସ୍ୱାଲ ଓ ମୁକେଶ କୁମାର ସବୁଠାରୁ ଅଧିକ ପ୍ରଭାବିତ କରିଥିବା ବେଳେ ଇଶାନ କିଶନ ମଧ୍ୟ ଲମ୍ବା ସମୟ ପର୍ଯ୍ୟନ୍ତ ଭାରତୀୟ ଦଳରେ ରହିବାର ଦାବିଦାର ହୋଇଛନ୍ତି...**

ୱେଷ୍ଟଇଣ୍ଡିଜ ବିପକ୍ଷ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ବିଜୟୀ ହୋଇଛି ଟିମ୍ ଇଣ୍ଡିଆ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି)ଫାଇନାଲ ପରାଜୟ ପରେ ଏହି ବିଜୟ ଭାରତ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ଥିଲା। ଭାରତୀୟ ଦଳ ଅନେକ ଯୁବ ଖେଳାଳିଙ୍କୁ ଏହି ସିରିଜ୍‌ରେ ସାମିଲ କରିଥିଲା। ଯୁବ ଖେଳାଳିଙ୍କ ପ୍ରଦର୍ଶନ ଆଖିଦୃଶିଆ ରହିଥିବା ବେଳେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ପରି ଖେଳାଳି ମଧ୍ୟ ରନ୍ ସଂଗ୍ରହ କରି ଫର୍ମକୁ ଫେରିବା ଭାରତୀୟ ଦଳ ପାଇଁ ଏକ ଶୁଭ ସଙ୍କେତ। ଯୁବ ଖେଳାଳିଙ୍କ ମଧ୍ୟରେ ଯଶସ୍ୱୀ ଜୟସ୍ୱାଲ ଓ ମୁକେଶ କୁମାର ସବୁଠାରୁ ଅଧିକ ପ୍ରଭାବିତ କରିଥିବା ବେଳେ ଇଶାନ କିଶନ ମଧ୍ୟ ଲମ୍ବା ସମୟ ପର୍ଯ୍ୟନ୍ତ ଭାରତୀୟ ଦଳରେ ରହିବାର ଦାବିଦାର ହୋଇଛନ୍ତି। ପଦାର୍ପଣ ସିରିଜ୍ ଖେଳିଥିବା ଜୟସ୍ୱାଲ ୨୬୬ ରନ୍ କରି ସିରିଜ୍‌ର ସର୍ବାଧିକ ରନ୍ ହାସଲକାରୀ ରହିଥିଲେ। ଅନ୍ୟପକ୍ଷରେ ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି ମଧ୍ୟ ଗୋଟିଏ ଲେଖାଏ ଶତକ ସହିତ ଯଥାକ୍ରମେ ୨୪୦ ଓ ୧୯୭ ରନ୍ ସଂଗ୍ରହ କରିଥିଲେ। ଏହି ଦଳ ଆସନ୍ତା ସିରିଜରେ ଦକ୍ଷିଣ ଆଫ୍ରିକା ଗସ୍ତ କରିବ। ଦକ୍ଷିଣ ଆଫ୍ରିକା ଦଳ ବେଶ୍ ଶକ୍ତିଶାଳୀ ରହିଥିବା ବେଳେ ସେଠିକାର ପିଚ୍ ପେସ୍ ବୋଲରଙ୍କୁ ସୁହାଇଥାଏ। ଏହା ଭାରତୀୟ ଦଳ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବ।

**ଜୟସ୍ୱାଲଙ୍କ ବ୍ୟାଟିଂ:** ଭାରତୀୟ ଦଳରେ ଓପନିଂ ବ୍ୟାଟର ଭାବରେ ଯଶସ୍ୱୀ ଜୟସ୍ୱାଲଙ୍କୁ ସାମିଲ କରାଯାଇଥିବା ବେଳେ ସେ ସମସ୍ତଙ୍କୁ ପ୍ରଭାବିତ କରିବାରେ ସଫଳ ହୋଇଛନ୍ତି। ପଦାର୍ପଣ ମ୍ୟାଚରେ ୩୮୭ ବଲ୍‌ର ମାରାଥନ ଇନିଂସ ଖେଳି ସେ କ୍ରିକେଟର ଲମ୍ବା ଫର୍ମାଟ ପାଇଁ ତିଆରି ହୋଇଛନ୍ତି ବୋଲି ପ୍ରମାଣିତ କରିଥିଲେ। ଏହା ସହିତ ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଇନିଂସରେ ୩୦ ବଲ୍‌ରୁ ୩୮ ରନ୍‌ର ଇନିଂସ ଖେଳିବା ସହିତ ନିଜ ମଧ୍ୟରେ ଥିବା ବିବିଧତାର ଏକ ନିଦର୍ଶନ ଦେଖାଇଥିଲେ। ଆଗାମୀ ଦିନ ଜୟସ୍ୱାଲଙ୍କ ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ତେବେ ଏହି ପ୍ରତିଭାଶାଳୀ ଖେଳାଳି ଜଣଙ୍କ କିଭଳି ଏହାର ମୁକାବିଲା କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

**ରାହାନେ, ଉନାଡକଟଙ୍କ ଅଡୁଆ ବଢ଼ିଲା:** ଡବ୍ଲ୍ୟୁଟିସି ଫାଇନାଲରେ ଦମ୍‌ଦାର ପ୍ରଦର୍ଶନ ସହିତ ଭାରତୀୟ ଦଳର ଉପଅଧିନାୟକ ପଦ ପାଇଥିବା ଅଜିଙ୍କ୍ୟ ରାହାନେଙ୍କ ଅଡୁଆ ବଢ଼ିବାରେ ଲାଗିଛି। କାରବିୟାନ ମାଟିର ଧିମା ପିଚ୍‌ରେ ଉଭୟ ଟେଷ୍ଟରେ ରାହାନେଙ୍କ ବ୍ୟାଟ ନୀରବ ରହିଥିଲା। ଶ୍ରେୟସ ଆୟାର ଓ ଲୋକେଶ ରାହୁଲ ଫିଟ୍ ହୋଇ ଫେରିଲେ ଦଳରେ ସ୍ଥାନ ପାଇବା ରାହାନେଙ୍କ ପାଇଁ କଷ୍ଟକର ହୋଇପାରେ। ତେବେ ବିଦେଶରେ ଭଲ ରେକର୍ଡ ରଖିଥିବା ରାହାନେଙ୍କୁ ଆଉ ଏକ ସୁଯୋଗ ମିଳିପାରେ। ଅନ୍ୟ ପକ୍ଷରେ ଏହା ଉନାଡକଟଙ୍କ ପାଇଁ ଶେଷ ଟେଷ୍ଟ ଭାବରେ ବିବେଚନା କରାଯାଉଛି। ଦୁଇଟି ଯାକ ଟେଷ୍ଟରେ ଉଇକେଟ ଶୂନ୍ୟ ରହିଥିବା ଉନାଡକଟଙ୍କ ଭବିଷ୍ୟତକୁ ନେଇ ଆଶଙ୍କା ପ୍ରକାଶ ପାଉଛି।

**ମୁକେଶ ତୃତୀୟ ସିମର:** ଘରୋଇ କ୍ରିକେଟରେ ଦୀର୍ଘ ୭ ବର୍ଷ ଧରି ଖେଳିବା ପରେ ମୁକେଶ କୁମାରଙ୍କୁ ଭାରତୀୟ ଦଳରେ ସୁଯୋଗ ମିଳିଥିଲା। ପ୍ରଥମ ଟେଷ୍ଟରେ ମାତ୍ର ଦୁଇ ଉଇକେଟ ପାଇଥିଲେ ହେଁ ଫ୍ଲାଟ ଓ ବ୍ୟାଟିଂ ସହାୟକ ଟ୍ରାକ୍‌ରେ ତାଙ୍କ ବୋଲିଂ ସମସ୍ତଙ୍କୁ ପ୍ରଭାବିତ କରିଛି। ତୃତୀୟ ସିମ୍ ବୋଲର ଭାବରେ ଭାରତୀୟ ଦଳରେ ଯେଉଁ ସମସ୍ୟା ଥିଲା ମୁକେଶ ତାହାକୁ ଦୂର କରିପାରିବେ। ତାଙ୍କ ନିକଟରେ ପେସ୍ ନ ଥିଲେ ମଧ୍ୟ କଟର୍ ଓ ବୋଲିଂ ବିବିଧତା ତାଙ୍କୁ ଜଣେ ଘାତକ ବୋଲରଭାବେ ପ୍ରମାଣିତ କରିଛି। ମହମ୍ମଦ ଶାମି ଓ ସିରାଜଙ୍କ ପରେ ସେ ତୃତୀୟ ବୋଲର ଦାୟିତ୍ୱ ନିର୍ବାହ କରିବେ। ୨୦୦୮-୧୧ ମଧ୍ୟରେ ମୁନାଫ ପଟେଲ ଯେଉଁ ଭୂମିକା ନିର୍ବାହ କରିଥିଲେ ମୁକେଶଙ୍କୁ ସେଥିରେ ଦେଖିବାକୁ ମିଳିବ।

**ପନ୍ତଙ୍କ ସ୍ଥାନରେ କିଶନ:** ଗତ ସିରିଜରେ ପଦାର୍ପଣ ସୁଯୋଗ ପାଇଥିଲେ ଇଶାନ କିଶନ। ପ୍ରଥମ ଟେଷ୍ଟରେ ବିଶେଷ ସୁଯୋଗ ପାଇ ନ ଥିଲେ ମଧ୍ୟ ଦ୍ୱିତୀୟ ଟେଷ୍ଟରେ ୩୨ ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିଥିଲେ। ପୂର୍ବରୁ ଶ୍ରୀକର ଭରତଙ୍କୁ ୫ ଟେଷ୍ଟରେ ସୁଯୋଗ ମିଳିଥିବା ବେଳେ ସେ ସଫଳ ହୋଇ ନ ଥିଲେ। ଅନ୍ୟପକ୍ଷରେ ଦ୍ୱିତୀୟ ଟେଷ୍ଟରେ ଅର୍ଦ୍ଧଶତକ ହାସଲ କରି କିଶନ ତାଙ୍କୁ ପଛରେ ଛାଡି ଦେଇଛନ୍ତି। ତେବେ ଭରତ ବ୍ୟାଟିଂ କରିଥିବା ଟ୍ରାକ୍ ଓ ଇଶାନ୍ ବ୍ୟାଟିଂ କରିଥିବା ଟ୍ରାକ୍ ସମ୍ପୂର୍ଣ୍ଣ ଭିନ୍ନ । ଦକ୍ଷିଣ ଆଫ୍ରିକାର ବାଉନ୍ସ ଟ୍ରାକ୍‌ରେ ଇଶାନ୍ ଅସୁବିଧାର ସମ୍ମୁଖୀନ ହୋଇ ପାରନ୍ତି।

-ସରୋଜ ଜେନା



ଯଶସ୍ୱୀ ଜୟସ୍ୱାଲ

ମୁକେଶ କୁମାର

## ଏକାଗ୍ରତା



ଫୋର୍ଥ ଏସିଆନ ପାରା ଗେମ୍ସ ପାଇଁ
ଓଡ଼ିଶାକୁ ଗ୍ରୀନ୍ ପାଳି
ପ୍ରମୋଦ ଭଗତ କ୍ୱାଲିଫାଏ କରି
ଚାଇନାକୁ ଯିବ ଖେଳି
ଦୃଢ଼ ମନୋବଳ କଳି
ସିଙ୍ଗଲ୍ସ, ଡବଲ୍ସ, ମିକ୍ସଡ ଡବଲ୍ସରେ
ମେଡାଲ ଆସୁ ମାର ତାଳି।

ମୁମ୍ବାଇ ରାଜ ରାସ୍ତାରେ ଥାଳ ଧରି
ଭିକମାଗି କୋଟିପତି
ସାଢ଼େ ସାତ କୋଟି ମୋଟ ସମ୍ପତ୍ତି
ତେଲି କରି ଭିକ୍ଷା ବୃତ୍ତି
ଥିଲା ଦୟନୀୟ ସ୍ଥିତି
ପଢ଼ିବା ଖେଳିବା ସୁଯୋଗ ନ ପାଇ
ଭାରତ ବଢ଼ିଛି ପ୍ରୀତି।

ପାଞ୍ଚ ବରଷର ତେଜସ୍ୱୀ ତିୱାରୀ
ଘର ତା ଉତ୍ତରାଖଣ୍ଡ
ତିନି ବର୍ଷ ଛଅମାସ ବେଳେ ଚେସ୍
ଖେଳ ପ୍ରତି ଦେଇ ମୁଣ୍ଡ
ୱାର୍ଲ୍ଡର ସେ ଆଜି ଷଣ୍ଢ
ସର୍ବକନିଷ୍ଠ ଫିଡେ ରେଟେଡ ଖେଳାଳି
ଏକାଗ୍ରତା ରଖି ପିଣ୍ଡ।

-ସୁବାସ ଚନ୍ଦ୍ର ପ୍ରଧାନ

# ଭାରତ ୫ ଉଇକେଟରେ ବିଜୟୀ

## ପ୍ରଥମ ଦିନିକିଆ

**ବାର୍ବାଡୋସ୍, ୨୭।୭**

ବାର୍ବାଡୋସର କେନସିଙ୍ଗଟନ୍ ଓଭାଲରେ ଅନୁଷ୍ଠିତ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚକୁ ୫ ଉଇକେଟରେ ଜିତି ନେଇଛି ଭାରତ। କୁଲଦୀପ ଯାଦବ ଓ ରବୀନ୍ଦ୍ର ଜାଡେଜାଙ୍କ ଘାତକ ବୋଲିଂ ବଳରେ ୱେଷ୍ଟଇଣ୍ଡିଜ୍ ମାତ୍ର ୧୧୪ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଜବାବରେ ୨୨.୫ ଓଭରରେ ଇଶାନ କିଶନଙ୍କ ଅର୍ଦ୍ଧଶତକ ବଳରେ ଭାରତ ୫ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ମହମ୍ମଦ ସିରାଜଙ୍କ ଅନୁପସ୍ଥିତିରେ ମୁକେଶ କୁମାର ଦିନିକିଆ ପଦାର୍ପଣ କରିଥିଲେ।

ଟସ୍ ଜିତି ରୋହିତ ଶର୍ମା ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ମେଡେନ୍ ଓଭର ସହିତ ଅନ୍ତର୍ଜାତୀୟ ଦିନିକିଆ କ୍ୟାରିୟର ଆରମ୍ଭ କରିଥିଲେ ମୁକେଶ କୁମାର। କାଇଲ ମେୟର୍ସ(୨)ଙ୍କୁ ଆଉଟ କରି ହାର୍ଦ୍ଦିକ ଭାରତକୁ ପ୍ରଥମ ସଫଳତା ପ୍ରଦାନ କରିଥିଲେ। ବ୍ରାଣ୍ଡନ କିଙ୍ଗ(୧୭)ଓ ପ୍ରଥମ ଦିନିକିଆ ଖେଳୁଥିବା ଆଲିକ୍ ଅଥାଞ୍ଜ (୨୨) ଦ୍ୱିତୀୟ ଉଇକେଟରେ ୩୮ ରନ୍ ଯୋଡିଥିଲେ। ମୁକେଶ କୁମାର ଅଥାଞ୍ଜଙ୍କୁ ଆଉଟ କରି ଭାରତକୁ ତୃତୀୟ ସଫଳତା ପ୍ରଦାନ କରିଥିଲେ। ପରବର୍ତ୍ତୀ ଦୁଇ ବ୍ୟାଟର ସାଇ ହୋପ୍ ଓ ସିମରନ୍ ହେଟମେୟର ଚତୁର୍ଥ ଉଇକେଟରେ ୪୩ ରନ୍ ଯୋଡିଥିଲେ। ୧୧ ରନ୍ କରିଥିବା ହେଟମେୟରଙ୍କୁ ଜାଡେଜା ଆଉଟ କରିବା ସହିତ ୱେଷ୍ଟଇଣ୍ଡିଜର ବିପର୍ଯ୍ୟୟ ଘଟାଇଥିଲେ। ପରବର୍ତ୍ତୀ ୬ ବ୍ୟାଟର ମାତ୍ର ୨୬ ରନ୍ ମଧ୍ୟରେ ପ୍ୟାଭିଲିୟନ ଫେରିଥିଲେ। ଦଳ ପକ୍ଷରୁ ଜଣେ ହେଲେ ବ୍ୟାଟର ଅର୍ଦ୍ଧଶତକ ହାସଲ କରି ନ ଥିବା ବେଳେ ସାଇ ହୋପ୍ ସର୍ବାଧିକ ୪୩ ରନ୍ କରିଥିଲେ। କୁଲଦୀପ ଯାଦବ ୬ ରନ୍‌ରେ ୪ ଓ ରବୀନ୍ଦ୍ର ଜାଡେଜା ୩୭ ରନ୍‌ରେ ୩ ଉଇକେଟ ନେଇଥିଲେ। ଭାରତ ପକ୍ଷରୁ ଇଶାନ କିଶନ ଓ ଗିଲ୍ ଓପନ କରିଥିଲେ। ଗିଲ୍ ୭ ରନ୍ କରି ଜାଡେନ୍ ସେଲ୍ସଙ୍କ ବଲରେ ଆଉଟ ହୋଇଥିଲେ। କିଶନ୍ ୪୬ ବଲ୍ ଖେଳି ୫୨ ରନ୍ କରିଥିବା ବେଳେ ସୂର୍ଯ୍ୟକୁମାର ଯାଦବ ୧୯ ରନ୍ ସ୍କୋର କରିଥିଲେ। କିଶନଙ୍କ ଇନିଂସରେ ୭ ଚୌକା ଓ ୧ ଛକା ସାମିଲ ଥିଲା। ରବୀନ୍ଦ୍ର ଜାଡେଜା(୧୬) ଓ ରୋହିତ ଶର୍ମା (୧୨) ଅପରାଜିତ ରହି ଭାରତକୁ ଜିତାଇଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ଗୁଡାକେଶ ମୋତି ଦୁଇଟି ଉଇକେଟ ନେଇଥିଲେ।


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ କୁଲ୍‌ଦୀପ ଯାଦବ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ୍ ୨୩ ଓଭରରେ ୧୧୪/୧୦ (ସାଇ ହୋପ୍-୪୩, ଆଲିକ୍ ଅଥାଞ୍ଜ-୨୨, ବ୍ରାଣ୍ଡନ୍ କିଙ୍ଗ-୧୭, କୁଲଦୀପ ଯାଦବ-୪/୬, ରବୀନ୍ଦ୍ର ଜାଡେଜା-୩/୩୭, ଶାର୍ଦ୍ଦୂଳ ଠାକୁର-୧/୧୪)। ଭାରତ ୨୨.୫ ଓଭରରେ ୧୧୮/୫(ଇଶାନ କିଶନ୍-୫୨,ସୂର୍ଯ୍ୟକୁମାର ଯାଦବ-୧୯, ଗୁଡାକେଶ ମୋତି-୨/୨୬)।

BGU BIRLA GLOBAL UNIVERSITY
ADMISSION 2023-24
PG Programs
- MAJMC
- M.Sc Financial Economics
- M.Com
- MCA
UG Programs
- BAJMC (Hons.)
- BBA (Hons.)
- BBA LL.B. (Hons.)
- B.Com (Hons.) • BCA
- B.Sc Data Science (Hons.)
The University Provides Excellent Placement Assistance
BIRLA GLOBAL UNIVERSITY
BHUBANESWAR
Visit us at : www.bgu.ac.in
Mobile: 7381058307, 9776129900

# ଯୋଗ୍ୟତା ହାସଲ କଲା ଆୟର୍ଲାଣ୍ଡ

## ଆଇସିସି ଟି୨୦ ବିଶ୍ୱକପ୍

**ଏଡିନ୍‌ବର୍ଗ, ୨୭।୭(ପି.ଟି.)**

ଜର୍ମାନୀ ବିପକ୍ଷ ମ୍ୟାଚ ବର୍ଷା ଯୋଗୁ ସମ୍ଭବ ନ ହେବାରୁ ୱେଷ୍ଟଇଣ୍ଡିଜ ଓ ଯୁକ୍ତରାଷ୍ଟ୍ର ଆମେରିକାରେ ହେବାକୁଥିବା ଆଇସିସି ଟି୨୦ ବିଶ୍ୱକପ୍ ୨୦୨୪ ପାଇଁ ଆୟର୍ଲାଣ୍ଡ ଯୋଗ୍ୟତା ହାସଲ କରିଛି। ୟୁରୋପିଆନ କ୍ୱାଲିଫାୟର୍ସର ଶ୍ରେଷ୍ଠ ୨ ଦଳ ମୁଖ୍ୟ ରାଉଣ୍ଡକୁ ଉନ୍ନୀତ ହେବେ। ଆୟର୍ଲାଣ୍ଡ ବର୍ତ୍ତମାନ ଦ୍ୱିତୀୟ ସ୍ଥାନରେ ଅଛି। ଦଳ ଏହାର ଅନ୍ତିମ ମ୍ୟାଚ ସ୍କଟଲାଣ୍ଡ ବିପକ୍ଷରେ ଖେଳିବ, ଯେଉଁ ଦଳ ପୂର୍ବରୁ ମୁଖ୍ୟ ରାଉଣ୍ଡକୁ ଯୋଗ୍ୟତା ଅର୍ଜନ କରିସାରିଛି। ଆୟର୍ଲାଣ୍ଡ ଏପର୍ଯ୍ୟନ୍ତ ସୁଦ୍ଧା ଖେଳିଥିବା ୫ଟି ମ୍ୟାଚରୁ ୪ଟିରେ ବିଜୟ ହାସଲ କରିଥିବା ବେଳେ ଗୋଟିଏ ଡ୍ର ରଖିଛି। ଦଳ ଯଦି ଶୁକ୍ରବାର ସ୍କଟଲାଣ୍ଡକୁ ଜିତେ ତେବେ ଟେବୁଲ ଶୀର୍ଷରେ ରହିବ। ଆୟର୍ଲାଣ୍ଡ ଅଧିନାୟକ ପଲ୍ ଷ୍ଟିର୍ଲିଂ କହିଛନ୍ତି, ସ୍କଟଲାଣ୍ଡକୁ ହରାଇ ଟେବୁଲ ଶୀର୍ଷରେ ରହିବା ପରେ ଯାଇ ବିଶ୍ୱକପ୍ ଯୋଗ୍ୟତା ହାସଲ ଉତ୍ସବ ମନାଇବେ। ଆସନ୍ତା ମାସରେ ଆମେ ଏକ ଟି୨୦ ସିରିଜ ଖେଳିବା ଲାଗି ଭାରତ ଗସ୍ତରେ ଯିବୁ। ସେଠାରେ ଭଲ ପ୍ରଦର୍ଶନ ଜାରି ରଖିବା ଲାଗି ଆମେ ଚେଷ୍ଟା କରିବୁ।

# ଓଡ଼ିଶାରୁ ଭାଗନେବେ ୭ କରାଟେକା

## 'ଇଣ୍ଡିଆନ୍ସ ଚ୍ୟାଲେଞ୍ଜ୍ କପ୍' ଅନ୍ତର୍ଜାତୀୟ କରାଟେ

**ଭୁବନେଶ୍ୱର, ୨୭।୭ (ତପନ ସ୍ୱାଇଁ)**

ଚଳିତ ମାସ ୨୯ ଓ ୩୦ ତାରିଖ ଦୁଇଦିନଧରି କୋଲକାତାର ନେତାଜୀ ଇନ୍‌ଡୋର ଷ୍ଟାଡିୟମରେ ୭ମ 'ଇଣ୍ଡିଆନ୍ସ ଚ୍ୟାଲେଞ୍ଜ୍ କପ୍' ଅନ୍ତର୍ଜାତୀୟ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୭ କରାଟେକା ଅଂଶଗ୍ରହଣ କରିବେ। ସେମାନେ ହେଲେ କୃଷ୍ଣଚନ୍ଦ୍ର ନାୟକ, ରାଜେଶ ମହାପାତ୍ର, ଡି. ଭଗବାନ ରେଡ୍ଡୀ, ରିତେଶ ରାୟ, ସୁମନ ଶେଖର ଦାସ, ରିତେଶ ମହାନ୍ତି ଓ ସାହିଲ କୁମାର। ଟିମ୍ ଫାଇଟିଂରେ ୭ ଜଣଯାକ ପ୍ରତିଯୋଗୀ ଭାଗନେବେ। ଗୁରୁବାର କୋଲକାତା ଯାତ୍ରା କରିଥିବା କରାଟେକାମାନଙ୍କୁ ରାଜ୍ୟ କରାଟେ ସଂଘ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।


ଇଣ୍ଡିଆନ୍ସ ଚ୍ୟାଲେଞ୍ଜ୍ କପ୍ ପାଇଁ ମନୋନୀତ କରାଟେକା।

# ଭାରତୀୟ ଦଳରେ ଓଡ଼ିଶାର ୩ ଖେଳାଳି

## ଜର୍ମାନୀ ଚତୁଃରାଷ୍ଟ୍ରୀୟ ଜୁନିୟର ପୁରୁଷ ହକି

**ନୂଆଦିଲ୍ଲୀ, ୨୭।୭**

ଜର୍ମାନୀର ଡୁସେଲଡର୍ଫଠାରେ ଅଗଷ୍ଟ ୧୮ରୁ ୨୨ ପର୍ଯ୍ୟନ୍ତ ଚତୁଃରାଷ୍ଟ୍ରୀୟ ଜୁନିୟର ହକି ଟୁର୍ନାମେଣ୍ଟ ହେବ। ଏଥିରେ ଆୟୋଜକ ଜର୍ମାନୀ ସମେତ ଭାରତ, ଇଂଲଣ୍ଡ ଓ ସ୍ପେନ୍ ଦଳ ଅଂଶଗ୍ରହଣ କରିବେ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ହକି ଇଣ୍ଡିଆ ପକ୍ଷରୁ ଗୁରୁବାର ୨୦ ଜଣିଆ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୩ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଅମନଦୀପ ଲାକ୍ରା, ମିଡ୍‌ଫିଲ୍ଡର ସୁନିତ ଲାକ୍ରା ଓ ଫରୱାର୍ଡ ସୁଦୀପ ଚିରମାକୋ। ଚଳିତ ବର୍ଷ ଡିସେମ୍ବର ୫ରୁ ୧୬ ପର୍ଯ୍ୟନ୍ତ ମାଲେସିଆର କୁଆଲାଲମ୍ପୁରଠାରେ ଜୁନିୟର ହକି ବିଶ୍ୱକପ ଅନୁଷ୍ଠିତ ହେବ। ତେଣୁ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଭାରତ ପାଇଁ ଭଲ ଅଭ୍ୟାସ ସଦୃଶ ହେବ।

''ଏଫ୍‌ଆଇଏଚ୍ ହକି ପୁରୁଷ ଜୁନିୟର ବିଶ୍ୱକପ୍ ପ୍ରସ୍ତୁତି ପାଇଁ ଆମେ ଟ୍ରେନିଂ ସମୟରେ କଠିନ ପରିଶ୍ରମ କରିଛୁ। କେତେକ ବିଭାଗରେ ଆମକୁ ଉନ୍ନତି କରିବାକୁ ହେବ ବୋଲି ଆମେ ଜାଣିପାରିଛୁ। ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଆମର ପ୍ରସ୍ତୁତି ସମ୍ପର୍କରେ ବାସ୍ତବ ଚିତ୍ର ମିଳିପାରିବ। ଉଚ୍ଚ ଚାପଯୁକ୍ତ ମ୍ୟାଚ ପରିସ୍ଥିତି ଖେଳାଳିଙ୍କୁ ସହାୟକ ହେବ'' ବୋଲି କୋଚ୍ ସି.ଆର. କୁମାର ପ୍ରକାଶ କରିଛନ୍ତି।


ଭାରତୀୟ ପୁରୁଷ ଜୁନିୟର ହକି ଦଳ।

**ଭାରତୀୟ ଦଳ**

ଗୋଲକିପର୍ସ: ମୋହିତ ଏଚ୍.ଏସ୍., ରଣବିଜୟ ସିଂ ଯାଦବ।

ଡିଫେଣ୍ଡର୍ସ: ଶାରଦା ନନ୍ଦ ତିୱାରୀ, ରୋହିତ, ଅମନଦୀପ ଲାକ୍ରା, ଅମିର ଅଲୀ, ୱାରିବାମ୍ ନିରଜ କୁମାର ସିଂ, ଯୋଗେମ୍ବର ରାୱତ।

ମିଡ୍‌ଫିଲ୍ଡର୍ସ: ପୁଭନ୍ନା ସି.ବି., ବିଷ୍ଣୁକାନ୍ତ ସିଂ, ଅମନଦୀପ, ସୁନିତ ଲାକ୍ରା, ଚେତନ ଶର୍ମା, ଅମିତ କୁମାର ଯାଦବ।

ଫରୱାର୍ଡ୍ସ: ଅରିଜିତ ସିଂ ହୁଣ୍ଡାଲ, ଅଙ୍ଗଦ ବୀର ସିଂ, ବବି ସିଂ ଧାମି (ଉପ-ଅଧିନାୟକ), ଉତ୍ତମ ସିଂ (ଅଧିନାୟକ), ସୁଦୀପ ଚିରମାକୋ।

## ଆଶିଷଙ୍କୁ ଏବିଏଫ୍ କଣ୍ଟିନେଣ୍ଟାଲ ହେଭିୱେଟ୍ ଟାଇଟଲ

**ବ୍ୟାଙ୍କକ୍, ୨୭।୭(ପି.ଟି.):** ଦର୍ଶକଙ୍କ ଫେଭରିଟ୍ ଏକ୍କାଫେରଙ୍କୁ ୫-୧ରେ ପରାସ୍ତ କରି ଭାରତୀୟ ବକ୍ସର ଆଶିଷ ଭାଣ୍ଡୋର ଏସିଆନ ବକ୍ସିଂ ଫେଡେରେଶନ (ଏବିଏଫ) କଣ୍ଟିନେଣ୍ଟାଲ ହେଭିୱେଟ୍ ଟାଇଟଲ ହାସଲ କରିଛନ୍ତି। ଏହି ଲଢେଇ ୧୦ ରାଉଣ୍ଡ ବିଶିଷ୍ଟ ହୋଇଥିଲା। ଜଜ୍ ୯୩:୯୬, ୯୫:୯୬ ଓ ୯୫:୯୪ ସ୍କୋର ଦେଇଥିବାରୁ ବାଉଟ କେତେ ସଂଘର୍ଷପୂର୍ଣ୍ଣ ଥିଲା ସେଥିରୁ ଅନୁମାନ କରାଯାଇପାରେ। ୩ ଜଜ୍‌ଙ୍କ ବିଭାଜିତ ନିଷ୍ପତ୍ତିରେ ଆଶିଷ ବିଜୟୀ ଘୋଷିତ ହୋଇଥିଲେ।

## ଗ୍ରୁପ୍ 'ବି'ରେ, ପୁରୁଷ ଗ୍ରୁପ୍ 'ଏ'ରେ ମହିଳା ଦଳ

### ଏସିଆନ୍ ଗେମ୍ସ ଫୁଟ୍‌ବଲ

**ହାଙ୍ଗଝୋ, ୨୭।୭ (ପି.ଟି.)**

ହାଙ୍ଗଝୋ ଏସିଆନ ଗେମ୍ସ ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ଡ୍ର' ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ତଦନୁସାରେ ଥାଇଲାଣ୍ଡ ଓ ଚାଇନିଜ ତାଇପେ ସହ ଭାରତୀୟ ମହିଳା ଦଳ ଗ୍ରୁପ୍ 'ବି'ରେ ସ୍ଥାନ ପାଇଥିବା ବେଳେ ଚାଇନା, ବାଂଲାଦେଶ ଓ ମ୍ୟାନମାର ସହ ପୁରୁଷ ଦଳ ତୁଳନାତ୍ମକ ଭାବେ ସହଜ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛି। ମହିଳା ପ୍ରତିଯୋଗିତାରେ ୧୭ଟି ଦଳ ଭାଗ ନେବେ। ସେମାନଙ୍କୁ ୫ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ', 'ବି' ଓ 'ସି'ରେ ତିନୋଟି ଲେଖାଏ ଦଳ ସ୍ଥାନ ପାଇଥିବା ବେଳେ 'ଡି' ଓ 'ଇ'ରେ ଚାରୋଟି ଲେଖାଏ ଦଳ ରହିଛନ୍ତି। ପୁରୁଷ ଇଭେଣ୍ଟ ଭଳି ମହିଳା ପ୍ରତିଯୋଗିତା ୨ ପର୍ଯ୍ୟାୟ ବିଶିଷ୍ଟ ହେବ। ଗ୍ରୁପ୍ ପର୍ଯ୍ୟାୟ ଏକ ସିଙ୍ଗଲ ରାଉଣ୍ଡ ରବିନ ଲିଗ୍ ସିଷ୍ଟମରେ ହେବାକୁ ଥିବା ବେଳେ କ୍ୱାର୍ଟରଫାଇନାଲ ନକ୍‌ଆଉଟ ବିଶିଷ୍ଟ ହେବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦଳ ଦ୍ୱିତୀୟ ସ୍ଥାନରେ ଥିବା ଶ୍ରେଷ୍ଠ ୩ ଦଳ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବେ।

## କଳିଙ୍ଗରେ ଡ୍ରାଗ୍‌ଫ୍ଲିକ୍ କ୍ୟାମ୍ପ

**ଭୁବନେଶ୍ୱର, ୨୭।୭ (ତପନ ସ୍ୱାଇଁ):** ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ହକି ଏବଂ ନାଭାଲ ଟାଟା ଏଚ୍‌ପିସିର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଏକ ସ୍ୱତନ୍ତ୍ର ଡ୍ରାଗ୍ ଫ୍ଲିକ୍ ଟ୍ରେନିଂ କ୍ୟାମ୍ପ ଅନୁଷ୍ଠିତ ହେବ। ଏହା ଶୁକ୍ରବାରଠାରୁ ଆରମ୍ଭ ହୋଇ ଅଗଷ୍ଟ ୩ ପର୍ଯ୍ୟନ୍ତ ଚାଲିବ। ହକି ଅଲିମ୍ପିଆନ ରୂପିନ୍ଦରପାଲ ସିଂ ଏହି କ୍ୟାମ୍ପକୁ ପରିଚାଳନା କରିବେ। ଓଡ଼ିଶାର ଡ୍ରାଗ୍ ଫ୍ଲିକର୍ସଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ସଦୃଶ। ସେମାନେ ରୂପିନ୍ଦରପାଲଙ୍କ ପାଖରୁ ଟ୍ରେନିଂ ନେଇ ନିଜ ଦକ୍ଷତାକୁ ଅଧିକ ମାର୍ଜିତ କରିପାରିବେ। ଏହି କ୍ୟାମ୍ପର ଅଂଶବିଶେଷ ହୋଇଥିବାରୁ ନିଜେ ରୂପିନ୍ଦରପାଲ ସିଂ ମଧ୍ୟ ଖୁସି ପ୍ରକାଶ କରିଛନ୍ତି।

# ଶ୍ରୀଲଙ୍କା ବିପକ୍ଷରେ ପାକିସ୍ତାନର କ୍ଲିନ୍ ସୁଇପ୍

**କଲମ୍ବୋ, ୨୭।୭:** ସ୍ଥାନୀୟ ସିଂହଳିଜ୍ ସ୍ପୋର୍ଟ୍ସ କ୍ଲବରେ ଅନୁଷ୍ଠିତ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ପାକିସ୍ତାନ ଏକ ଇନିଂସ ଓ ୨୨୨ ରନରେ ଶ୍ରୀଲଙ୍କାକୁ ହରାଇ ଦେଇଛି। ଏଥି ସହ ଦଳ ସିରିଜ ୨-୦ରେ କ୍ଲିନ୍ ସୁଇପ୍ କରିଛି। କହିବାକୁ ଗଲେ ମ୍ୟାଚ ୩ ଦିନରେ ଫଇସଲା ହୋଇ ଯାଇଥିଲା। କାରଣର ଗୋଟିଏ ଦିନ ମାତ୍ର ୧୦ ଓଭର ଖେଳାଯାଇଥିଲା। ପାକିସ୍ତାନର ନୋମାନ ଅଲି ଦ୍ୱିତୀୟ ଇନିଂସରେ ପ୍ରଥମ ୭ ଉଇକେଟ ଅକ୍ତିଆର କରିଥିବା ବେଳେ ଅବଶିଷ୍ଟ ୩ ନସିମ ଶାହା ଅକ୍ତିଆର କରିଥିଲେ। ଖେଳର ପ୍ରଥମ ଦିବସରେ ଦୁଇଟି ସେସନରେ ଶ୍ରୀଲଙ୍କାଙ୍କୁ ୧୬୬ ସ୍କୋରରେ ବୋଲ୍ଡ କରିଦେବା ପରେ ବାଜ୍‌ବଲ ରଣନୀତି ଆପଣେଇ ପାକିସ୍ତାନ ୫୭୬/୫ ସ୍କୋରରେ ଏହାର ପ୍ରଥମ ଇନିଂସ ଘୋଷଣା କରିଥିଲା। ଶାନ ମାସୁଦ, ସାଉଦ ଶକିଲ ଓ ମହମ୍ମଦ ରିଜୱାନ ପ୍ରମୁଖ ଅର୍ଦ୍ଧ ଶତକ ହାସଲ କରିଥିବା ବେଳେ ଆଘା ସଲମନ ଏକ ଶତକ ଏବଂ ଅବ୍ଦୁଲ୍ଲା ଶାଫିକ୍ ଏକ ଦ୍ୱିଶତକ ହାସଲ କରିଥିଲେ। ପ୍ରଥମ ଇନିଂସରେ ୪୧୦ରନ ପଛୁଆ ଥିଲା। ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ ଖେଳିବାକୁ ଯାଇ ୧୮୮ରନରେ ଅଲଆଉଟ ହୋଇଯାଇଥିଲା। ଦଳ ଟପ୍ ସ୍କୋରର ଆଞ୍ଜେଲୋ ମାଥ୍ୟୁସ ୬୩ ରନ କରିଥିଲେ।

# ସ୍ପେନ୍ ସହ ଡ୍ର ରଖିଲା ଭାରତ

**ନୂଆଦିଲ୍ଲୀ, ୨୭।୭ (ପି.ଟି.)**

ନବନୀତ କୌରଙ୍କ ଡବଲ ଗୋଲ ବଳରେ ସ୍ପେନ୍ ସହିତ ମ୍ୟାଚ୍ ଡ୍ର ରଖିଛି ଭାରତୀୟ ମହିଳା ଦଳ। ସ୍ପାନିଶ ହକିର ଶତବାର୍ଷିକୀ ପାଳନ ଅବସରରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ୨-୧ରେ ପଛୁଆ ରହିଥିଲା। ତେବେ ନବନୀତଙ୍କ ଗୋଲ ବଳରେ ଦଳ ୧ ପଏଣ୍ଟ ଅର୍ଜନ କରିବାରେ ସଫଳ ହୋଇଛି। ସ୍ପେନ୍ ପକ୍ଷରୁ ଜାଣ୍ଟାଲ ଗିନେ(୧୩ ମିନିଟ୍) ଓ ଲାଇଆ ଭଡୋସା(୨୬ ମିନିଟ) ଗୋଟିଏ ଲେଖାଏ ଗୋଲ ଦେଇଥିବା ବେଳେ ନବନୀତ କୌର(୧୪ ଓ ୨୯ ମିନିଟ) ଭାରତ ପକ୍ଷରୁ ସ୍କୋର କରିଥିଲେ।

ଘରୋଇ ଦଳ ପ୍ରଥମ କ୍ୱାର୍ଟରରୁ ହିଁ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ମ୍ୟାଚ୍‌ର ୧୩ତମ ମିନିଟରେ ଜାଣ୍ଟାଲ ଗିନେ ପ୍ରଥମ ଗୋଲ ଦେଇଥିଲେ। ଏହାର ୧ ମିନିଟ ମଧ୍ୟରେ ଏକ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ନବନୀତ ଭାରତକୁ ଅଗ୍ରଣୀ ପ୍ରଦାନ କରିଥିଲେ। ପ୍ରଥମ କ୍ୱାର୍ଟର ୧-୧ରେ ଶେଷ ହେବା ପରେ ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ସ୍ପେନର କାଉଣ୍ଟର ଆଟାକ୍ ଜାରି ରହିଥିଲା। ମାର୍ଟା ସେଗୁ ସର୍କଲ ଭେଦ କରିଥିଲେ ହେଁ ସବିତା ପୁନିଆଙ୍କ ଚମତ୍କାର ଉଦ୍ୟମ ବଳରେ ଗୋଲ୍ ଶେଭ୍ କରିଥିଲା ଭାରତ। ୨୬ ତମ ମିନିଟରେ ଲାଇଆ ଭଡୋସା ଗୋଲ ସ୍କୋର କରିବା ସହିତ ସ୍ପେନ୍‌କୁ ୨-୧ରେ ଆଗୁଆ କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଶେଷ ହେବାର ଏକ ମିନିଟ ପୂର୍ବରୁ ଦୀପିକାଙ୍କ ଉଦ୍ୟମରେ ଭାରତକୁ ପେନାଲ୍ଟି କର୍ନର ମିଳିଥିବା ବେଳେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇଥିଲେ ନବନୀତ। ଅନ୍ତିମ ଦୁଇ କ୍ୱାର୍ଟର ଗୋଲ ଶୂନ୍ୟ ରହିଥିବା ବେଳେ ଭାରତୀୟ ମହିଳା ଦଳ କ୍ରମାଗତ ମ୍ୟାଚରେ ପଏଣ୍ଟ ଅର୍ଜନ କରିଥିଲା।


ଭାରତ ଓ ସ୍ପେନ୍ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ପ୍ରଣୟ, ଲକ୍ଷ୍ୟ ଓ ସାତ୍ୱିକ କ୍ୱାର୍ଟରରେ

**ଟୋକିଓ, ୨୭।୭ (ପି.ଟି.):** ଭାରତର ଏଚ୍.ଏସ୍. ପ୍ରଣୟ, ଲକ୍ଷ୍ୟ ସେନ୍ ଏବଂ ଫର୍ମରେ ଥିବା ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଏଠାରେ ଚାଲିଥିବା ଜାପାନ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ୨୧ ବର୍ଷୀୟ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ସେନ୍ ପ୍ରି-କ୍ୱାର୍ଟରରେ ଜାପାନର କାଣ୍ଟା ସୁନେୟାମାଙ୍କୁ ୨୧-୧୪, ୨୧-୧୬ ସିଧାସଳଖ ସେଟ୍‌ରେ ପରାସ୍ତ କରି କ୍ୱାର୍ଟରକୁ ଉନ୍ନୀତ ହୋଇଛନ୍ତି। ସାତ୍ୱିକ ସାଇରାଜ ଓ ଚିରାଗ ମଧ୍ୟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

# ଆଶେସ୍: ହ୍ୟାରୀ ବ୍ରୁକ୍‌ଙ୍କ ଅର୍ଦ୍ଧଶତକ

**ଲଣ୍ଡନ, ୨୭।୭ (ପି.ଟି.)**

କେନିଙ୍ଗଟନ୍ ଓଭାଲରେ ଅନୁଷ୍ଠିତ ଆଶେସ୍ ସିରିଜ୍‌ର ଅନ୍ତିମ ଟେଷ୍ଟର ପ୍ରଥମ ଦିନରେ ଅର୍ଦ୍ଧଶତକ ହାସଲ କରିଛନ୍ତି ଇଂଲଣ୍ଡର ହ୍ୟାରୀ ବ୍ରୁକ୍। ଇଂଲଣ୍ଡ ୨୮୩ ରନ୍‌ରେ ଅଲଆଉଟ ହୋଇଥିବା ବେଳେ ପ୍ରଥମ ଦିନର ଷ୍ଟମ୍ପସ ସୁଦ୍ଧା ଇଂଲଣ୍ଡ ୧ ଉଇକେଟ ହରାଇ ୬୧ ରନ୍ କରିଛି। ବ୍ରୁକ୍ ୮୫ ରନ୍‌ର ଇନିଂସ ଖେଳିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ୍ ଷ୍ଟାର୍କ ୪ ଉଇକେଟ ନେଇଥିଲେ।

ଆଗୁଆ ଆଶେସ୍ ନିଜ କବ୍‌ଜାରେ ରଖିଥିବା ଇଂଲଣ୍ଡ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିଲେ। ଦୁଇ ଓପନର ଜ୍ୟାକ୍ କ୍ରଲି (୨୨) ଓ ବେନ୍ ଡକେଟ୍(୪୧) ପ୍ରଥମ ଉଇକେଟରେ ୬୨ ରନ୍ ଯୋଡିଥିଲେ। ତେବେ ପରବର୍ତ୍ତୀ ୧୧ ରନ୍‌ରେ ଦଳ ୩ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ତେବେ ମୋଇନ୍ ଅଲୀ ଓ ହ୍ୟାରୀ ବ୍ରୁକ୍ ଚତୁର୍ଥ ଉଇକେଟରେ ୧୧୧ ରନ୍ ଯୋଡିଥିଲେ। ମୋଇନ୍ ୪୭ ବଲ୍ ଖେଳି ୩ ଚୌକା ଓ ୨ ଛକା ସହିତ ୩୪ ରନ୍ କରିଥିଲେ। ତେବେ ମୋଇନ ଆଉଟ ହେବା ପରେ ଇଂଲଣ୍ଡ ଆଉ ଏକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ବେନ୍ ଷ୍ଟୋକ୍ସ(୩) ଓ ଜନି ବେୟାରଷ୍ଟୋ(୫) ସହଜରେ ଆଉଟ ହେବାରୁ ଦଳ ସଙ୍କଟରେ ପଡିଥିଲା। ତେବେ ବ୍ରୁକ୍ ଆକ୍ରମଣାତ୍ମକ ବ୍ୟାଟିଂ କରି ୯୧ ବଲ୍‌ରୁ ୮୫ ରନ୍ କରିଥିଲେ। ଏହି ଇନିଂସରେ ୧୧ ଚୌକା ଓ ୨ ଛକା ସାମିଲ ଥିଲା। ଦଳୀୟ ସ୍କୋର ୨୧୨ ରନ୍‌ରେ ବ୍ରୁକ୍ ଆଉଟ ହେବା ପରେ କ୍ରିସ୍ ୱକ୍ସ(୩୬) ଓ ମାର୍କ ଉଡ୍(୨୮) ଅଷ୍ଟମ ଉଇକେଟରେ ୪୯ ରନ୍ ଯୋଡିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ ସର୍ବାଧିକ ୪ ଉଇକେଟ ନେଇଥିବା ବେଳେ ଜୋଶ ହାଜେଲଉଡ୍, ଟଡ୍ ମର୍ଫି ଦୁଇଟି, ପ୍ୟାଟ୍ କମିନ୍ସ ଓ ମିଚେଲ ମାର୍ଶ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଖେଳ ଶେଷ ହେବା ସୁଦ୍ଧା ଅଷ୍ଟ୍ରେଲିଆ ୨୫ ଓଭରରେ ୧ ଉଇକେଟ ହରାଇ ୬୧ ରନ୍ ସଂଗ୍ରହ କରିଛି। ଉସ୍ମାନ ଖ୍ୱାଜା ୨୬* ଓ ଡେଭିଡ୍ ୱାର୍ନର ୨୪ ରନ କରିଛନ୍ତି।


ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ହ୍ୟାରି ବ୍ରୁକ୍।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ୫୪.୪ ଓଭରରେ ୨୮୩/୧୦ (ହ୍ୟାରୀ ବ୍ରୁକ୍-୮୫, ବେନ୍ ଡକେଟ୍-୪୧,କ୍ରିସ୍ ୱକ୍ସ-୩୬, ମିଚେଲ୍ ଷ୍ଟାର୍କ-୪/୮୨, ଟଡ ମର୍ଫି-୨/୨୨, ଜୋଶ ହାଜେଲଉଡ୍-୨/୫୪)। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୬୧/୧।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ